# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ' ୧୪/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 14/2023 Page 16 ₹ 7.00

୪୯ଶ ଭାଗ ୧୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 168 ମୂଲ୍ୟ₹୭/-



DSPL - 41

5

ଓଡିଶା ସରକାର

ଅନୁଗୋଳ, ବଲାଙ୍ଗିର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼,
ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା,
ନୟାଗଡ଼ ଏବଂ ସମ୍ବଲପୁର ଜିଲ୍ଲା ରେ

ନୂତନ
ସ୍ୱତନ୍ତ୍ର ଉନ୍ନୟନ ପରିଷଦ





ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ନବୀନ ପଟ୍ଟନାୟକ ଙ୍କ ଦ୍ୱାରା
ଶୁଭାରମ୍ଭ

୧୪ ମେ ୨୦୨୩ | ସନ୍ଧ୍ୟା ୫.୩୦ ଘଟିକା
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଭୁବନେଶ୍ୱର

ଆୟୋଜକ
ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟସ୍ତରୀୟ ପ୍ରଶାସନିକ ୟୁନିଟ୍
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

OIPR-26070/13/0001/2324



ଝାରସୁଗୁଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଦୀପାଳି ଦାସଙ୍କ ବିପୁଳ ବିଜୟ ପରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖ ଭବନକୁ ଯାଉଛନ୍ତି।

# ଭାରତରେ କଂଗ୍ରେସର ଉତ୍ଥାନ, ଓଡ଼ିଶାରେ ପତନ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଝାରସୁଗୁଡ଼ାରେ କଂଗ୍ରେସର କେବଳ ପରାଜୟ ଘଟି ନାହିଁ ଦଳ ଏଠାରେ ଅମାନତ ହରାଇବା ଫଳରେ ସମ୍ପୂର୍ଣ୍ଣ ଭାବେ ତାହାର ମୂଳୋତ୍ପାଟନ ଘଟିଛି। ଓଡ଼ିଶାରେ କଂଗ୍ରେସ ଉଧେଇ ନ ପାରିବାର ଅନେକ କାରଣ ରହିଛି। ନେତୃତ୍ୱ ବିବାଦ କଂଗ୍ରେସକୁ ରସାତଳଗାମୀ କରିବାର ଏକ ମୁଖ୍ୟ କାରଣ ବୋଲି ସମସ୍ତେ ଜାଣିଛନ୍ତି। ଏବେ କଂଗ୍ରେସ ନେତୃତ୍ୱକୁ ନେଇ ପୁଣି ଥରେ ପୁରୁଣା ରୋଗ ଦେଖିବାକୁ ମିଳିଲାଣି। ୨୦୨୨ ମେ ୨୩ରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ହୋଇଥିବା ଶରତ ପଟ୍ଟନାୟକଙ୍କ ବିରୋଧରେ ଗୋଟିଏ ଗୋଷ୍ଠୀ ମେଳି ବାନ୍ଧିସାରିଲେଣି। ସଭାପତି ଦାୟିତ୍ୱ ନେବାର ବର୍ଷେ ନ ହେଉଣୁ ଉକ୍ତ ଗୋଷ୍ଠୀ ନୂଆଦିଲ୍ଲୀ ଗସ୍ତକରି ଦଳର ହାଇକମାଣ୍ଡଙ୍କ ପାଖରେ ଶରତଙ୍କ ବିରୋଧରେ ଫେରାଦ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଶରତ ଗଠନ କରିଥିବା ତାଙ୍କ ନୂତନ କମିଟିର ତାଲିକାକୁ ନେଇ ମଧ୍ୟ କଂଗ୍ରେସର ବହୁ ବରିଷ୍ଠ ନେତା ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରୁଛନ୍ତି। କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ତାରାପ୍ରସାଦ ବାହିନୀପତି ପିସିସି କମିଟିକୁ ନେଇ ସଭାପତିଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଦେଖିବାକୁ ଗଲେ ରାଜ୍ୟରେ ଶରତ ପଟ୍ଟନାୟକଙ୍କର ସେମିତି କିଛି ସ୍ୱତନ୍ତ୍ର ପ୍ରଭାବ ନାହିଁ। ଶରତ ପୂର୍ବରୁ ରାଜ୍ୟର ଯୁବକଂଗ୍ରେସ ସଭାପତି ରହିସାରିଥିଲେ ସୁଦ୍ଧା ତାଙ୍କର ସେଭଳି କିଛି ସ୍ୱତନ୍ତ୍ର ସଙ୍ଗଠନ ମଧ୍ୟ ଓଡ଼ିଶାରେ ନାହିଁ। ତେବେ ସେ ସଭାପତି ଭାବେ ଦାୟିତ୍ୱ ନେବାର କିଛିଦିନ ମଧ୍ୟରେ ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଇଙ୍ଗିତରେ କାର୍ଯ୍ୟକ୍ରମ ଚଳାଇଛନ୍ତି। ଏହାକୁ ନେଇ ଶରତ ଯେ କଂଗ୍ରେସ ସଙ୍ଗଠନକୁ ସଜାଡ଼ିବାରେ ସଫଳ ହୋଇପାରିବେ ନାହିଁ ସେଭଳି ଏକ ମାନସିକତା ଖୁବ୍ କମ୍‌ଦିନ ମଧ୍ୟରେ ଦଳୀୟ ନେତା ଏବଂ କର୍ମୀଙ୍କ ଭିତରେ ସୃଷ୍ଟି ହୋଇସାରିଲାଣି।

ଅନ୍ୟପଟେ ଦୀର୍ଘଦିନ ଧରି ପିସିସି ସଭାପତି ହେବା ଲାଗି ଉଦ୍ୟମ ଜାରି ରଖିଥିବା କଂଗ୍ରେସର କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ନିଷ୍ପତ୍ତିରେ ନିରାଶ ହେବାକୁ ପଡ଼ିଥିଲା। ଜଣେ ମୁସଲମାନ ନେତା ଭାବେ ରାଜ୍ୟରେ ତାଙ୍କ ଗ୍ରହଣୀୟତା ରହିବ କି ନାହିଁ ସେକଥା ଚିନ୍ତା କରି ଦଳର ଶୀର୍ଷ ନେତୃତ୍ୱ କୁଆଡ଼େ ତାଙ୍କୁ ଉକ୍ତ ପଦବୀ ଦେଇ ନ ଥିବା ଆଲୋଚନା ହୁଏ। ଏହି ଦୌଡ଼ରୁ ମୋକିମଙ୍କୁ ବାଦ୍‌ଦେବା ପରଠାରୁ ସେ ଦଳ ବିରୋଧରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହାପରେ ମୋକିମ ବିଜେଡିରେ ଯୋଗଦେବା ଲାଗି ସବୁ ପ୍ରୟାସ ଆରମ୍ଭ କରିଥିଲେ ବୋଲି ଗୁଜବ ହୋଇଥିଲା। ତାଙ୍କୁ ପ୍ରଥମେ ଗ୍ରୀନ୍ ସିଗ୍‌ନାଲ ମଧ୍ୟ ମିଳିଯାଇଥିଲା। ଏପରିକି ଗତ ରାଷ୍ଟ୍ରପତି ନିର୍ବାଚନରେ ମୋକିମ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ବିଜେଡି ସମର୍ଥିତ ଭାଜପା ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିଲେ। ହେଲେ କୋର୍ଟରେ ତାଙ୍କ ବିରୋଧରେ ରହିଥିବା ମାମଲା ସମ୍ପର୍କରେ ଜାଣିବା ପରେ ବିଜେଡି ସଭାପତି ତାଙ୍କୁ ଦଳରେ ମିଶାଇବା ଲାଗି ଅନିଚ୍ଛା ପ୍ରକାଶ କରିସାରିଛନ୍ତି। ଏହାପରଠାରୁ ମୋକିମ ଶାସକ ଦଳରେ ଯୋଗଦେବା କଥାରେ ବିରାମ ଲାଗି ସାରିଛି। ସେହିପରି ମୋକିମ ନିକଟରେ ପିସିସି ସଭାପତି ଘୋଷଣା କରିଥିବା ତାଙ୍କ ନୂଆ କମିଟି ବିରୋଧରେ ମଧ୍ୟ ଖୋଲାଖୋଲି ମତ ରଖିଥିଲେ। ମୋକିମଙ୍କ ପରିସ୍ଥିତି ଦେଖିଲେ ସେ ଏବେ ନା ପିସିସି ସଭାପତି ହେବାର ସମ୍ଭାବନା ଅଛି ନା ତାଙ୍କ ରାଜନୈତିକ ଭବିଷ୍ୟତ ଉଜ୍ଜ୍ୱଳ ଦିଶୁଛି।

ଏସବୁ ଭିତରେ ଗତ ୫ ଦିନ ତଳେ ରାଜଧାନୀ ସ୍ଥିତ ଜୟଦେବ ଭବନଠାରେ ଜାନକୀ-ବସନ୍ତ ଯୋଡ଼ି ସମ୍ପର୍କିତ ଏକ ଆଲୋଚନାଚକ୍ର ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଦଳର କେତେଜଣ ବରିଷ୍ଠ ନେତାଙ୍କ ପରାମର୍ଶକ୍ରମେ ଏହି ସଭାର ଆୟୋଜନ ହୋଇଥିଲା। ଏଥିରେ ବହୁ ବରିଷ୍ଠ ନେତା ଯୋଗଦେଇ ନିଜ ଦଳର ନେତୃତ୍ୱ ବିରୋଧରେ ବର୍ଷିଥିଲେ। ପୂର୍ବତନ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏହି ସଭାରେ ଭାଷଣ ଦେବା ଲାଗି ପାଇଥିବା ସୁଯୋଗକୁ ନିଜ ଦଳ ବିରୋଧରେ କହିବାରେ ହାତଛଡ଼ା କରି ନ ଥିଲେ। ଚିରଞ୍ଜୀବ ଦଳର ନେତୃତ୍ୱକୁ ଦୀର୍ଘ ସମୟ ଧରି ଟାର୍ଗେଟ କରିଥିଲେ। କ୍ରମାନୁଯାୟୀ ମୋକିମ ମଧ୍ୟ ଭାଷଣ ଦେବା ବେଳେ ପୁରୁଣା ଢଙ୍ଗରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସହ ନେତୃତ୍ୱ ଉପରେ ବର୍ଷିଥିଲେ। ଦଳର ସଙ୍ଗଠନ ସଜାଡ଼ିବାକୁ ଆଗ୍ରହ ରଖିଛନ୍ତି ବୋଲି କହୁଥିବା ଏହି ନେତାମାନେ ନିଜ ଭାଷଣ ଦ୍ୱାରା କଂଗ୍ରେସକୁ ଦୁର୍ବଳ କରିଦେବା ଭଳି ସୁଯୋଗକୁ ହାତଛଡ଼ା କରୁ ନ ଥିବା ସଭାକୁ ଯାଇଥିବା ବହୁ ବରିଷ୍ଠ ନେତୃମଣ୍ଡଳୀ କହିଥିଲେ। ଦେଖିବାକୁ ଗଲେ, ଯେଉଁଭଳି ଭାବେ କଂଗ୍ରେସର ରୂପରେଖ ଝାରସୁଗୁଡ଼ାରେ ଦେଖିବାକୁ ମିଳିଲା ଏବଂ ଉପରସ୍ତରରେ ତଥାକଥିତ ନେତା ବୋଲାଉଥିବା କେତେଜଣ ବ୍ୟକ୍ତି ଯେଉଁମାନେ ଦଳକୁ ତଳିତଳାନ୍ତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି ସେଥିରୁ ସ୍ପଷ୍ଟ ବୁଝାପଡୁଛି କଂଗ୍ରେସର ଦୁର୍ଦ୍ଦିନ ସମଗ୍ର ଦେଶରେ ସମାପ୍ତ ହେଉଥିବା ବେଳେ ଓଡ଼ିଶାରେ ଆରମ୍ଭ ମାତ୍ର ହେଉଛି।




# ବିଜେଡି, ଭାଜପାର ଭୋଟ ହାର ବଢ଼ିଲା

## ଝାରସୁଗୁଡ଼ା ଉପନିର୍ବାଚନ

## ୨୦୧୯ ତୁଳନାରେ କଂଗ୍ରେସର କମିଛି ୧୪,୩୨୭ ଖଣ୍ଡ ଭୋଟ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ୧ ଲକ୍ଷ ୦୭ ହଜାର ୧୯୮ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ୫୮ ହଜାର ୪୭୭ ଖଣ୍ଡ ଭୋଟ ପାଇଛନ୍ତି। ତେବେ ଦୀପାଳିଙ୍କଠାରୁ ଟଙ୍କଧର ୪୮,୭୨୧ ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ଏହି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ୪୪୯୬ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ୪୫, ୬୯୯ ଖଣ୍ଡ ଭୋଟରେ ହାରିଥିବା ବେଳେ ଏଥର ୪୮,୭୨୧ ଖଣ୍ଡ ଭୋଟରେ ବିଜେଡିଠାରୁ ପରାଜିତ ହୋଇଛନ୍ତି। ସେହିପରି କଂଗ୍ରେସ ୨୦୧୯ ନିର୍ବାଚନ ତୁଳନାରେ ବହୁ କମ୍ ଭୋଟ ପାଇଛି। ଏବେ କଂଗ୍ରେସ ନେତୃତ୍ୱକୁ ନେଇ ପୁଣି ଦଳ ଭିତରେ ନେତାମାନେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି।

୨୦୧୯ ସାଧାରଣ ନିର୍ବାଚନରେ ସ୍ୱର୍ଗତ ନବ ଦାସ ବିଜେଡି ପ୍ରାର୍ଥୀ ହୋଇଥିଲେ। ଗତଥର ବିଜେଡି ନେତା ନବ ଦାସ ମୋଟ୍ ୯୮,୬୨୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଭାଜପା ପ୍ରାର୍ଥୀ ଦିନେଶ କୁମାର ଜୈନ୍ ୫୨,୯୨୧ ଭୋଟ ପାଇଥିବା ବେଳେ ତାଙ୍କଠାରୁ ୪୫,୬୯୯ ଅଧିକ ଭୋଟରେ ନବ ଦାସ ବିଜୟୀ ହୋଇଥିଲେ। ସେଥର କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ମହେନ୍ଦ୍ର ନାଏକ ମୋଟ ୧୮,୮୨୩ ଖଣ୍ଡ ଭୋଟ ପାଇଥିଲେ। ସେଥର ବିଜେଡି ମୋଟ୍ ୫୫.୯୭ ପ୍ରତିଶତ, ଭାଜପା ୩୦.୪ ଏବଂ କଂଗ୍ରେସ ୧୦.୬୮ ପ୍ରତିଶତ ଭୋଟ ପାଇଥିଲା। ହେଲେ ଏହି ଉପନିର୍ବାଚନରେ ବିଜେଡିକୁ ୬୦.୯୩ ପ୍ରତିଶତ ଭୋଟ ମିଳିଥିବା ବେଳେ ଭାଜପାକୁ ୩୩.୨୪ ପ୍ରତିଶତ ମିଳିଛି। କଂଗ୍ରେସ ୨.୫୬ ପ୍ରତିଶତ ଭୋଟ ପାଇଛି।

ଗତଥର ତୁଳନାରେ ଏଥର ବିଜେଡି ୪.୯୬ ପ୍ରତିଶତ ଅଧିକ ଭୋଟ୍ ପାଇଛି। ସେହିପରି ଭାଜପା ୨୦୧୯ ନିର୍ବାଚନ ତୁଳନାରେ ୨.୮୪ ପ୍ରତିଶତ ଅଧିକ ଭୋଟ୍ ପାଇଛି। ହେଲେ କଂଗ୍ରେସ ଗତ ନିର୍ବାଚନ ତୁଳନାରେ ୮.୧୨ ପ୍ରତିଶତ କମ୍ ଭୋଟ ପାଇଛି। କଂଗ୍ରେସର ଏଭଳି ପ୍ରଦର୍ଶନ ପରେ ଦଳର ସ୍ଥିତି ସଜାଡ଼ିବା ନେଇ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପାରଦର୍ଶିତାକୁ ନେଇ ରାଜନୀତି ଜୋର୍ ଧରିଛି। ସେହିପରି ବିଜେଡି ଗତ ନିର୍ବାଚନ ତୁଳନାରେ ୮୫୭୮ ଖଣ୍ଡ ଏବଂ ଭାଜପା ୫୫୫୬ ଖଣ୍ଡ ଅଧିକ ଭୋଟ ପାଇଛି। ହେଲେ କଂଗ୍ରେସ ଗତଥର ଅପେକ୍ଷା ୧୪,୩୨୭ ଖଣ୍ଡ କମ୍ ଭୋଟ ପାଇଛି। ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସରୁ ନବ ଦାସ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ମୋଟ୍ ୭୪,୪୯୯ ଖଣ୍ଡ ଭୋଟ ମିଳିଥିଲା। ତାଙ୍କ ବିରୋଧରେ ବିଜେଡିରୁ ପ୍ରାର୍ଥୀ ହୋଇ ସ୍ୱର୍ଗତ କିଶୋର କୁମାର ମହାନ୍ତି ୬୨,୯୩୬ ଖଣ୍ଡ ଭୋଟ ପାଇଥିଲେ। ସେଥରୁ ଭାଜପାରୁ ଆନନ୍ଦ ପ୍ରଧାନ ପ୍ରାର୍ଥୀ ହୋଇ ୨୧,୦୪୭ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସକୁ ମୋଟ୍ ୪୫.୧ ପ୍ରତିଶତ, ବିଜେଡିକୁ ୩୮.୧ ଏବଂ ଭାଜପାକୁ ୧୨.୭୪ ପ୍ରତିଶତ ଭୋଟ ମିଳିଥିଲା। ତେବେ ଏହି ଭୋଟ ପ୍ରତିଶତକୁ ଉପନିର୍ବାଚନ ଫଳାଫଳ ସହ ତୁଳନାକଲେ କଂଗ୍ରେସ ୨୦୧୪ ନିର୍ବାଚନ ତୁଳନାରେ ଏଥର ୪୨.୫୪ ପ୍ରତିଶତ କମ୍ ଭୋଟ ପାଇଛି। ବିଜେଡିକୁ ୨୨.୮୩ ଏବଂ ଭାଜପାକୁ ୨୦.୫ ପ୍ରତିଶତ ଅଧିକ ଭୋଟ ମିଳିଛି।

# ଭାଜପା ନେତା ଜାଣିପାରୁ ନାହାନ୍ତି

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଭାଜପା ସଭାପତି ଭାବେ ଗତ ମାର୍ଚ୍ଚ ୨୩ରେ ମନମୋହନ ସାମଲ ପଦ ଗ୍ରହଣ କଲେ। ସେତେବେଳେ ଭୁବନେଶ୍ୱର ରାମମନ୍ଦିର ନିକଟସ୍ଥ ଭାଜପା ଅଫିସ୍ ସମ୍ମୁଖରେ ଲାଗିଥିବା ଗାଡ଼ି ଏବଂ ବସ୍‌ର ଭିଡ଼ରୁ ମନେହେଲା ଯେପରି ବିଦାୟ ନେଇଥିବା ସଭାପତି ସମୀର ମହାନ୍ତିଙ୍କ ପରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ। ଦଳୀୟ କର୍ମୀଙ୍କ ମନରେ ଉତ୍ସାହ ଏବଂ ଉଲ୍ଲାସ ଦେଖି ହୃଦ୍‌ବୋଧ ହେଉଥିଲା ଯେ, ମନମୋହନ ସାମଲ ନିଜେ ଏକ ବିଧାନସଭା ଆସନ ଜିତିପାରି ନ ଥିବା ସତ୍ତ୍ୱେ ରାଜ୍ୟବ୍ୟାପୀ ଦଳୀୟ ସଙ୍ଗଠନରେ ନୂତନ ସମୀକରଣ କରାଇ ଦଳକୁ ଆଗେଇ ନେଇପାରିବେ। ଦୁଃଖର ବିଷୟ ଯେ, ତାଙ୍କର ଦଳୀୟ ସଭାପତି ପଦ ଗ୍ରହଣ ପରେ ତୁରନ୍ତ ଏକ ପରୀକ୍ଷାର ସମୟ ଆସିଗଲା। ନିଜର ଦକ୍ଷତା ପ୍ରମାଣ କରିବାକୁ ମିଳିଥିବା ସୁଯୋଗକୁ ମନମୋହନ ହୁଏତ ଭଲ ଭାବେ ଚିହ୍ନିପାରିଲେ ନାହିଁ। ଝାରସୁଗୁଡ଼ା ଉପନିର୍ବାଚନ ମାଧ୍ୟମରେ ତାଙ୍କର ସ୍ଥିତିକୁ ଦଳ ଭିତରେ ସୁଦୃଢ଼ କରିବାର ଯେଉଁ ସମୟ ଏବଂ ସୁଯୋଗ ମିଳିଥିଲା ସେଥିରେ ଅନେକ ସଫଳତା ହାସଲ କରାଯାଇପାରି ଥାଆନ୍ତା। କିନ୍ତୁ ଭାଜପାର ରାଜ୍ୟ ନେତାମାନେ ସବୁବେଳେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱର ପରିପ୍ରକାଶ କରିଦେଉଛନ୍ତି ବୋଲି ଦଳର କ୍ଷତି ବୃଦ୍ଧି ପାଉଛି। ଅନ୍ୟପଟେ ମନମୋହନଙ୍କ ସେଭଳି କୌଣସି ଆଖିଦୃଶିଆ ସାଙ୍ଗଠନିକ ଦକ୍ଷତା ନାହିଁ ବୋଲି ଦଳୀୟ କର୍ମୀମାନେ ରାଜ୍ୟ ଅଫିସରେ ଫୁସୁରୁଫାସର ହୋଇ କହୁଛନ୍ତି।

ଦଳର ଅନେକ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ନେତା ଯେଉଁମାନେ ବିଧାୟକ ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି ସେମାନେ ମଧ୍ୟ ଝାରସୁଗୁଡ଼ା ନିର୍ବାଚନ ପରେ ନିରାଶ ପ୍ରକାଶ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପରିଚିତ ଭାବି ବିଧାୟକ ପ୍ରାର୍ଥୀଙ୍କ କହିବାନୁଯାୟୀ, ଓଡ଼ିଶା ଭାଜପାର ନେତା ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖାଯାଉଛି। ଏହି ନେତା ଅନେକ ଯୁବ ସମର୍ଥକଙ୍କ ମତକୁ ପ୍ରକାଶକରି କହୁଛନ୍ତି, ଭାଜପାରେ "ନୂତନ ଯୁବ ମୁହଁ ଦିଆ ନ ଯିବା ପର୍ଯ୍ୟନ୍ତ ପରିବର୍ତ୍ତନ ଆସିପାରିବ ନାହିଁ"। ତାଙ୍କ କହିବାନୁଯାୟୀ, ନବୀନଙ୍କ ଗୋଟି ଚାଳନାକୁ ମନମୋହନଙ୍କ ଭଳି ବ୍ୟକ୍ତିତ୍ୱ ବୁଝିବା କଷ୍ଟକର। ନିକଟରେ ଉଭୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟି ଯେଉଁଭଳି ଭାବେ ନବୀନ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାଲିସ କରିଦେଲେ ତାହା ଫଳରେ ରାଜ୍ୟ ଭାଜପାର ମଙ୍ଗ ଧରିଥିବା ସମସ୍ତ ନେତା ବାଟବଣା ହୋଇପଡ଼ିଛନ୍ତି। ଏହାର ପ୍ରମାଣ ଝାରସୁଗୁଡ଼ା ନିର୍ବାଚନ ଫଳାଫଳ ସମ୍ପର୍କରେ ରାଜ୍ୟ ସଭାପତି ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ବୁଝାପଡୁଛି ବୋଲି ଏହି ଗୋଷ୍ଠୀ ମତ ଦେଇଛନ୍ତି। ମନମୋହନଙ୍କ ବିବୃତିରେ ଭାଜପାର ବର୍ଦ୍ଧିତ ଭୋଟ ସଂଖ୍ୟାକୁ ଦର୍ଶାଇ ବାହାବା ନେଉଥିବା ବେଳେ ପରାଜୟ କେଉଁଥି ପାଇଁ ଘଟିଲା ତାହାର କୌଣସି ବର୍ଣ୍ଣନା କରିବା ପାଇଁ ସକ୍ଷମ ନୁହେଁ ବୋଲି ଏହି ଯୁବ ଗୋଷ୍ଠୀର ମନ୍ତବ୍ୟ।

ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶା ଭାଜପାର ଆଭ୍ୟନ୍ତରୀଣ କନ୍ଦଳ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ମନ୍ତବ୍ୟ କେହି ଦେଉ ନ ଥିଲେ। ଏବେ ମନମୋହନଙ୍କ ଆସନ ଗ୍ରହଣ ପରେ, ଅନ୍ୟ ଦଳ ଭଳି, ଆଭ୍ୟନ୍ତରୀଣ ପରିସ୍ଥିତି ସମ୍ପର୍କରେ ମତାମତ ଦେବାକୁ ଅନେକ ନେତା ବାହାରିଲେଣି।

# ଭୋଟ ହାର ବଢ଼ିବା ଯୋଗୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୫(ବ୍ୟୁରୋ)



ଝାରସୁଗୁଡ଼ା ଉପନିର୍ବାଚନର ଫଳାଫଳକୁ ସ୍ୱୀକାର କରିବା ସହ ଭାଜପାର ଭୋଟ ହାର ବୃଦ୍ଧି ପାଇଁ ଝାରସୁଗୁଡ଼ାବାସୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଟୁଇଟ୍ ଯୋଗେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଝାରସୁଗୁଡ଼ା ଉପନିର୍ବାଚନର ଫଳାଫଳକୁ ତାଙ୍କ ଦଳ ସ୍ୱୀକାର କରୁଛି। ପୂର୍ବ ନିର୍ବାଚନ ଅପେକ୍ଷା ଚଳିତ ଉପନିର୍ବାଚନରେ ଭାଜପାର ଭୋଟ ହାର ବୃଦ୍ଧି ପାଇଥିବାରୁ ଝାରସୁଗୁଡ଼ାବାସୀଙ୍କୁ ଧନ୍ୟବାଦ। ଏହି ନିର୍ବାଚନରେ ଭାଜପାର କାର୍ଯ୍ୟକର୍ତ୍ତାମାନେ ଅକ୍ଲାନ୍ତ ପରିଶ୍ରମ କରି ଭୋଟ ହାର ବଢ଼ାଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଯୁବନେତା ଟଙ୍କଧର ତ୍ରିପାଠୀଙ୍କ ଉପରେ ଭରସା ରଖି ଝାରସୁଗୁଡ଼ାବାସୀ ଆଶୀର୍ବାଦ କରିଛନ୍ତି। ଆଗାମୀ ଦିନରେ ଟଙ୍କଧର ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବେ। ଦଳର ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ସମେତ ଲୋକସମ୍ପର୍କମାଧ୍ୟମରେ ଜନସାଧାରଣଙ୍କ ବିଶ୍ୱାସ ହାସଲ କରିବା ପାଇଁ ଚେଷ୍ଟା କରିବୁ। ବିଜୟୀ ହୋଇଥିବା ଦୀପାଳି ଦାସଙ୍କୁ ଧର୍ମେନ୍ଦ୍ର ଅଭିନନ୍ଦନ ଜଣାଇଛନ୍ତି।

# ଅନୁକମ୍ପା ଭୋଟ ନେଇ ବିଜୟୀ ହୋଇଥିବା ଦୀପାଳି ଦାସଙ୍କୁ ଶୁଭେଚ୍ଛା: ମନମୋହନ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନର ଜନାଦେଶକୁ ସମ୍ମାନ ଜଣାଇବା ସହ ଭାଜପା ପ୍ରତି ଆସ୍ଥା ଓ ବିଶ୍ୱାସ ରଖିଥିବା ସମସ୍ତ ଭୋଟରଙ୍କୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଛନ୍ତି। ଶାସକ ଦଳ ସପକ୍ଷରେ ଜନାଦେଶ ଯିବା ସତ୍ତ୍ୱେ ନିର୍ବାଚନ ଫଳାଫଳରୁ ରାଜ୍ୟ ସରକାରଙ୍କ ପ୍ରତି ବହୁ ମାତ୍ରାରେ ଜନ ଅସନ୍ତୋଷ ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଜନତାଙ୍କ ରାୟକୁ ସମ୍ମାନ ଜଣାଇ ଆଗାମୀ ଦିନରେ ଝାରସୁଗୁଡ଼ାବାସୀଙ୍କ ସ୍ୱାର୍ଥ ପାଇଁ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିବା ସହିତ ଆସ୍ଥାଭାଜନ ହେବା ପାଇଁ ପ୍ରୟାସ ଜାରି ରଖିବୁ। ଏହା ସହ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ଲଢ଼େଇ ଜାରି ରଖିବା ସହ ସେମାନଙ୍କର ସ୍ୱାର୍ଥ ଓ ହକ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବୁ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ଆମର ପ୍ରାଥମିକତା ବୋଲି ସାମଲ କହିଛନ୍ତି। ଏହି ଉପନିର୍ବାଚନରେ କଠିନ ପରିଶ୍ରମ କରିଥିବା ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଛନ୍ତି। ଅନୁକମ୍ପା ଭୋଟ ନିଜ ସପକ୍ଷରେ ନେଇ ବିଜୟୀ ହୋଇଥିବା ଦୀପାଳି ଦାସଙ୍କୁ ମନମୋହନ ଶୁଭେଚ୍ଛା ଜଣାଇଛନ୍ତି।



ଝାରସୁଗୁଡା ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ଭୁବନେଶ୍ୱରସ୍ଥିତ ଶଙ୍ଖଭବନରେ କଳାକାରଙ୍କ ଦ୍ୱାରା ଶଙ୍ଖ ବାଦନ କରାଯାଉଛି।

# ବିଜେଡି ବିଜୟ ଉତ୍ସବ ବେଳେ ଭାଜପା କର୍ମୀଙ୍କୁ ଛୁରାମାଡ଼

ସମ୍ବଲପୁର, ୧୩।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଦୀପାଳି ଦାସ ବିଜୟୀ ହେବା ପରେ ବିଭିନ୍ନ ସ୍ଥାନରେ ସମର୍ଥକ, ଦଳୀୟ କର୍ମୀମାନେ ବିଜୟ ଉତ୍ସବ ମନାଇଥିଲେ। ଝାରସୁଗୁଡ଼ା ଜିଲା ବଡମାଲ ଥାନା ଶ୍ରୀପୁରା ଗ୍ରାମରେ ଶନିବାର ବିଜୟ ଉତ୍ସବ ସମୟରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବିଜେଡି କର୍ମୀମାନେ ଭାଜପାର ଶ୍ରୀପୁରା ପଞ୍ଚାୟତ ସଭାପତି ସୁବ୍ରତ ପ୍ରଧାନଙ୍କୁ ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ଗୋଡାଇ ଗୋଡାଇ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ସୁବ୍ରତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ଆହତ ସୁବ୍ରତ ପ୍ରଧାନ।

ସୁବ୍ରତଙ୍କ କହିବା ଅନୁସାରେ, ବିଜେଡି କର୍ମୀମାନେ ବିଜୟ ଉତ୍ସବ ପାଳନ କରିବାରେ କୌଣସି ସମସ୍ୟା ନାହିଁ। ହେଲେ ଆମ ପଡାକୁ ଆସି ଘର ପାଖରେ ବାଣ ଫୁଟାଇବାକୁ ପଡ଼ାବାସୀ ବିରୋଧ କରିଥିଲେ। ଏଥିରେ ସେମାନେ ଉତ୍ତେଜିତ ହୋଇ ମାର୍‌ପିଟ କରିଥିଲେ। ଗଣ୍ଡଗୋଳ ଖବର ପାଇ ମୁଁ ସେଠାରେ ପହଞ୍ଚିଥିଲି। ପହଞ୍ଚିବା ମାତ୍ରେ ସେମାନେ ମୋତେ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରୋଶ ରଖି ସଂଘବଦ୍ଧ ଭାବେ ଏଭଳି କାଣ୍ଡ ଭିଆଇଥିଲେ। ଏହାକୁ ନେଇ ଥାନାରେ ଅଭିଯୋଗ କରିଥିବା କହିଥିଲେ। ଅନ୍ୟପଟେ ମାର୍‌ପିଟ ଓ ଛୁରାମାଡ କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଭିଡିଓରେ ଜଣେ ଯୁବକ ହାତରେ ଛୁରି ଧରି ସୁବ୍ରତଙ୍କୁ ଆକ୍ରମଣ କରୁଛନ୍ତି। ଅନେକ ମହିଳା ଓ ଯୁବକ ଉପସ୍ଥିତ ଥିବାବେଳେ କେତେଜଣ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଛନ୍ତି। ଅନ୍ୟ କେତେଜଣ ସମାଧାନ କରୁଥିବା ଭିଡିଓରେ ରେକର୍ଡ ରହିଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହାକୁ ନେଇ ବଡମାଲ ଥାନାରେ ମାମଲା ରୁଜୁ ହୋଇଛି। ବିଜେଡି କର୍ମୀଙ୍କ ପାଲଟା ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି ବୋଲି ସେ କହିଥିଲେ। ବଡମାଲ ଥାନା ଅଧିକାରୀ ରାଜେନ୍ଦ୍ର ସିଆଲ କହିଛନ୍ତି, ବିଜୟ ଉତ୍ସବ ସମୟରେ ଗଣ୍ଡାଗୋଳ ହୋଇଥିଲା। ଗ୍ରାମର ଅମିତ ପାଣିଗ୍ରାହୀଙ୍କ ଅଭିଯୋଗ କ୍ରମେ ସୁବ୍ରତ ପ୍ରଧାନ ଓ ଲଳିତ ରୋହିଦାସଙ୍କ ନାମରେ ଥାନାରେ ମାମଲା (ନଂ.୧୪୪/୨୩) ରୁଜୁ ହୋଇଛି। ସେହିପରି ରମାକାନ୍ତ ରୋହିଦାସଙ୍କ ଅଭିଯୋଗ କ୍ରମେ ଭୂବେନ୍ଦ୍ର ତ୍ରିପାଠୀ ଓ ରାଜା ପାଣିଗ୍ରାହୀଙ୍କ ନାମରେ ମାମଲା (ନଂ.୧୪୫/୨୩) ରୁଜୁ ହୋଇଛି ବୋଲି ସେ କହିଛନ୍ତି।



କର୍ଣ୍ଣାଟକରେ କଂଗ୍ରେସର ବିଜୟ ପରେ ରାଜ୍ୟ କଂଗ୍ରେସ ଭବନ ପରିସରରେ ବିଧାୟକ ସୁରେଶ ରାଉତରାୟ ଢୋଲ ବଜାଇ ଖୁସି ମନାଉଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ' ୧୪/୨୦୨୩ | Bhubaneswar, Sunday, May 14/2023 | ପୃଷ୍ଠା-୧




## ପ୍ରଭସିମରନ ସିଂଙ୍କ ଶତକ

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ପଞ୍ଜାବ କିଙ୍ଗ୍ସର ପ୍ରଭସିମରନ ସିଂ ଶତକ ହାସଲ କରିଛନ୍ତି।

୧୪

୧୧

## ଦୀପିକାଙ୍କ ଡ୍ରେସ୍ କପି କରି ଆଲିଆ ଟ୍ରୋଲ୍

ଅଭିନେତ୍ରୀ ଆଲିଆ ଭଟ୍ଟ ନିକଟରେ ଏକ ମାଗାଜିନ୍ ପାଇଁ ଫଟୋଶୁଟ ବେଳେ ୨୦୧୯ କାନ୍ସରେ ଦୀପିକା ପିନ୍ଧିଥିବା ଡ୍ରେସ୍ କପି କରି ପିନ୍ଧିଥିବା ନେଇ ଟ୍ରୋଲ୍ ହୋଇଛନ୍ତି।



# କର୍ଣ୍ଣାଟକରେ କଂଗ୍ରେସ



କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବେଙ୍ଗାଲୁରୁରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ (ମଝି), ପିସିସି ସଭାପତି ଡି.କେ.ଶିବକୁମାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ସହ କଂଗ୍ରେସ ନେତୃବୃନ୍ଦ।

- **କାମ ଦେଲାନି ମୋଦି ମ୍ୟାଜିକ୍**
- **ରାହୁଲଙ୍କ 'ଭାରତ ଯୋଡ଼ୋ ଯାତ୍ରା'ର ପ୍ରବଳ ପ୍ରଭାବ**
- **ବୋମାଇଙ୍କ ୧୪ ମନ୍ତ୍ରୀ ଧରାଶାୟୀ**

**ବେଙ୍ଗାଲୁରୁ,୧୩।୫**

ଯାହା ଅନୁମାନ କରାଯାଉଥିଲା ତାହା ସତ ହେଲା। ଦକ୍ଷିଣ ଭାରତୀୟ ରାଜ୍ୟ କର୍ଣ୍ଣାଟକରେ ୧୦ ବର୍ଷର ବ୍ୟବଧାନ ପରେ ପୁଣି କ୍ଷମତାକୁ ଫେରିଛି କଂଗ୍ରେସ। ୨୨୪ ଆସନ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ମ୍ୟାଜିକ୍ ନମ୍ବର ୧୧୩ ହୋଇଥିବାବେଳେ କଂଗ୍ରେସ ଏହାକୁ ଅତିକ୍ରମ କରି ୧୩୬ ଆସନରେ ସଫଳତା ହାସଲ କରିଛି। ଦଳ ସ୍ପଷ୍ଟ ବହୁମତ ସହ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା', ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପ୍ରଚାର, ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ପିସିସି ସଭାପତି ଡି.କେ. ଶିବକୁମାରଙ୍କ ସଫଳ ରଣନୀତି ଏଠାରେ ଦଳ ପାଇଁ ଐତିହାସିକ ବିଜୟ ଆଣିଦେଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ଅନ୍ୟପକ୍ଷେ କର୍ଣ୍ଣାଟକ ଭୋଟର ଭାରତୀୟ ଜନତା ପାର୍ଟି (ଭାଜପା)କୁ ପ୍ରତ୍ୟାଖ୍ୟାନ



| ଦଳ | ଆସନ |
|---|---|
| କଂଗ୍ରେସ | ୧୩୬ |
| ଭାଜପା | ୬୫ |
| ଜେଡିଏସ୍ | ୧୯ |
| ସ୍ୱାଧୀନ | ୨ |
| କେଆର୍‌ପିପି | ୧ |
| ଏସ୍‌କେପି | ୧ |

କରିଛନ୍ତି। ଶାସକ ଦଳ ମାତ୍ର ୬୪ ଆସନରେ ସୀମିତ ରହିଛି, ଯାହାକି ୨୦୧୮ ନିର୍ବାଚନର ୧୦୪ ତୁଳନାରେ ୪୦




କମ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜିକରି ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ନିଜ ସରକାର ବିପକ୍ଷରେ ବହୁଥିବା କ୍ଷମତା ବିରୋଧୀ ହାୱାକୁ ପ୍ରତିହତ କରିବାରେ ବିଫଳ ହୋଇଛନ୍ତି। ଫଳାଫଳ ଆସିବା ପରେ ଭାଜପାର ପରାଜୟକୁ ବୋମାଇ ସ୍ୱୀକାର କରିଛନ୍ତି। ସେହିପରି 'କିଙ୍ଗ୍ ମେକର'ରୁ 'କିଙ୍ଗ୍' ଭୂମିକାରେ ଅବତୀର୍ଣ୍ଣ ହେବାକୁ ଆଶାବାଦୀ ଥିବା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)କୁ ଏଥର ମାତ୍ର ୨୦ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି, ଯାହାକି ପୂର୍ବାପେକ୍ଷା ୧୭ କମ୍। କର୍ଣ୍ଣାଟକରେ କଂଗ୍ରେସର ଆଶାତୀତ ସଫଳତାକୁ ନେଇ ବେଙ୍ଗାଲୁରୁରୁ ବିକାନେର ଏବଂ ରାଞ୍ଚିରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ସବୁଠି ଦଳୀୟ ନେତା ଓ କର୍ମୀ ଉତ୍ସବ ମନାଇବାରେ ଲାଗିଛନ୍ତି। କଂଗ୍ରେସ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରେ ନାଚି ନାଚି ବାଣ ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରୁଥିବାବେଳେ ନୈରାଶ୍ୟରେ ଭାଜପା ଶିବିର ଖାଁ ଖାଁ ଲାଗୁଛି। ୨୦୨୪ ☞ପୃଷ୍ଠା-୨

## ରାଜସ୍ୱ ମନ୍ତ୍ରୀଙ୍କୁ ସ୍କୁଲ, ଶ୍ରମ ବିଭାଗ ଦାୟିତ୍ୱ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଶନିବାର ଆଉ ୨ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏବଂ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଇସ୍ତଫା ଦେବା ପରେ ଉକ୍ତ ଦୁଇ ବିଭାଗର ଅତିରିକ୍ତ ଦାୟିତ୍ୱ ରାଜସ୍ୱ ମନ୍ତ୍ରୀଙ୍କୁ ମିଳିଛି। ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପାଖରେ ରହିଛି। ନୂଆ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ବିଳମ୍ବ ହେବାକୁ ଥିବାରୁ ଉକ୍ତ ବିଭାଗଗୁଡ଼ିକୁ ରାଜସ୍ୱ ମନ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ମେ' ୧୧ ତାରିଖରୁ ନିଜ ଗ୍ରାମ ହରିୟାଣାକୁ ଯାଇଛନ୍ତି। ରାଜ୍ୟପାଳ ଫେରିବା ପରେ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଆହୁରି କେତେଜଣ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ। ମୁଖ୍ୟମନ୍ତ୍ରୀ ଶନିବାର ନୂଆଦିଲ୍ଲୀରୁ ଫେରିବା ପରେ ଶଙ୍ଖ ଭବନରେ ଅନୁଷ୍ଠିତ ବିଜୟ ଉତ୍ସବରେ ଯୋଗ ଦେଇଥିଲେ।

## ଆଜି ଆଇସିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

କାଉନ୍‌ସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ବୋର୍ଡ ପରିଚାଳିତ ଆଇସିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ରବିବାର ଅପରାହ୍ନ ୩ଟାରେ ପ୍ରକାଶ ପାଇବ। ଏନେଇ ଶନିବାର ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ର cisce.org and results.cisce.org. ୱେବ୍‌ସାଇଟ୍ ମାଧ୍ୟମରେ ସେମାନଙ୍କ ପରୀକ୍ଷାଫଳ ଦେଖିପାରିବେ। ଆଇସିଏସ୍‌ଇ ଦଶମ ପରୀକ୍ଷା ଫେବୃୟାରୀ ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ରେ ସରିଥିଲା। ସେହିପରି ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୩ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିଥିଲା। ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ତେବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରି ନ ଥିବା ଛାତ୍ରୀଛାତ୍ର କମ୍ପାର୍ଟମେଣ୍ଟାଲରେ ପରୀକ୍ଷା ଦେଇପାରିବେ। ସେମାନେ ବାଧ୍ୟତାମୂଳକ ବିଷୟ ଇଂଲିଶ ଓ ଅନ୍ୟ ଯେକୌଣସି ୩ଟି ବିଷୟରେ ପାସ୍ ମାର୍କ ରଖିଥିବା ଆବଶ୍ୟକ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆଇସିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ଜାଣିବାକୁ ବୋର୍ଡ ପକ୍ଷରୁ କେତେକ ସୂଚନା ଦିଆଯାଇଛି। ଯଦି ଅଫିସିଆଲ ପୋର୍ଟାଲ ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ଫଳାଫଳକୁ ପ୍ରବେଶ କରିବା ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ସେମାନଙ୍କର ଡିଜିଟାଲ ମାର୍କଶିଟ ଡିଜି ଲକର ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରିବେ। ଅନ୍‌ଲାଇନରେ ସେମାନଙ୍କ ପରୀକ୍ଷାଫଳ ପାଇବା ପୂର୍ବରୁ ଛାତ୍ରୀଛାତ୍ର ଡିଜିଲକରରେ ସେମାନଙ୍କ ଆକାଉଣ୍ଟ ଆକ୍ଟିଭେଶନ ☞ପୃଷ୍ଠା-୨


**ଭିତର ପୃଷ୍ଠାରେ**

**ଆଜି ଲାଣ୍ଡଫଲ୍ କରିବ ବାତ୍ୟା 'ମୋଚା': ବାଂଲାଦେଶରେ ହାଇଆଲର୍ଟ**

**ବାର୍ଷିକ, କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ମାର୍କ ଆଧାରରେ ଯୁକ୍ତ୨ ଫଳ ପ୍ରକାଶ ପାଇବ**

**ଆଜିର ସମ୍ପାଦକୀୟ**

**ପରାଜୟ**







# ବିଜେଡି ହାତରେ ଝାରସୁଗୁଡ଼ା

- **ଦୀପାଳି ବିଜୟୀ, ଭାଜପା ପ୍ରାର୍ଥୀଙ୍କୁ ୪୮ ହଜାର ଭୋଟରେ ହରାଇଲେ**
- **ଅମାନତ ହରାଇଲା କଂଗ୍ରେସ**




**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ୪୮ ହଜାର ୭୨୧ ଭୋଟରେ ପରାଜିତ କରିଛନ୍ତି। ଶନିବାର ଭୋଟ ଗଣତି ଆରମ୍ଭରୁ ଶେଷ ରାଉଣ୍ଡ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ଆଗରେ ରହିଥିଲେ। ୧୯ ରାଉଣ୍ଡ ଗଣତି ଶେଷ ବେଳକୁ ବିଜେଡି ପ୍ରାର୍ଥୀ ୧ ଲକ୍ଷ ୭ ହଜାର ୧୯୮ ☞ପୃଷ୍ଠା-୨



ବିଜୟୀ ବିଜେଡି ପ୍ରାର୍ଥିନୀ ଦୀପାଳି ଦାସ।

## ଡବଲ ଇଞ୍ଜିନ ନୁହେଁ, ଗୁଡ୍ ଗଭର୍ନାନ୍ସ ଗୁରୁତ୍ୱପୂର୍ଣ୍ଣ: ନବୀନ

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**



ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡିର ବିଜୟ ପରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଭୁବନେଶ୍ୱର ଶଙ୍ଖ ଭବନରେ ଶନିବାର ଝାରସୁଗୁଡ଼ା ବିଜୟ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଙ୍ଗଲ୍ କିମ୍ବା ଡବଲ ଇଞ୍ଜିନ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଲୋକଙ୍କ ଦୃଷ୍ଟିରେ ସରକାର ଗୁରୁତ୍ୱପୂର୍ଣ୍ଣ। ଗୁଡ୍ ଗଭର୍ନାନ୍ସ ଓ ପ୍ରୋ ପିପୁଲ ଗଭର୍ନାନ୍ସ ସବୁବେଳେ ଜରୁରୀ। ଯେଉଁମାନେ ଓଡ଼ିଶାର ଲୋକଙ୍କୁ ଅସମ୍ମାନ କରିବେ ସେମାନଙ୍କୁ ଆଇନ ବିରୋଧୀ କୁହାଯିବ। ସେମାନେ ଆମ ରାଜ୍ୟ ବିରୋଧରେ ☞ପୃଷ୍ଠା-୨

# ଏଆଇ ଜରିଆରେ ହଜାରେଙ୍କୁ ଡେଟ୍ କରୁଛନ୍ତି ମଡେଲ

ଟିବିଲିସି, ୧୩।୫: ଆଗାମୀ ଦିନରେ ମନୁଷ୍ୟର ଏକ ବଡ଼ ବିକଳ୍ପ ହେବାକୁଯାଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ। ମଣିଷ ଯେଉଁସବୁ କାମ କରୁଛି ତାକୁ ଅତି ସହଜରେ ବିନା ବାଧାରେ ଏଆଇ ମାଧ୍ୟମରେ କରାଯାଇପାରୁଛି। ଏହାର ବ୍ୟବହାର କରି ଜର୍ଜିଆର କାରିନ୍ ମାର୍ଜୋରି ବିପୁଳ ପରିମାଣର ଅର୍ଥ ରୋଜଗାର କରୁଛନ୍ତି। ଜଣେ ମଡେଲ ହେବା ସହ କାରିନ୍ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର। ତାଙ୍କର ଏକାସାଙ୍ଗରେ ହଜାରେରୁ ଊର୍ଦ୍ଧ୍ୱ ବୟଫ୍ରେଣ୍ଡ ଅଛନ୍ତି। ସେମାନଙ୍କ ସହ ଡେଟ୍‌ରେ ଯିବା କାରିନ୍‌ଙ୍କ ପକ୍ଷେ ଅସମ୍ଭବ ହୋଇ ପଡ଼ିଥିବାବେଳେ ସେ ଏହାର ଉପାୟ ଏଆଇ ଜରିଆରେ ବାହାର କରିଛନ୍ତି। କାରିନ୍ (୨୩) ନିଜର ଏକ ଏଆଇ କ୍ଲୋନ୍ କରିଛନ୍ତି, ଏହା ସାହାଯ୍ୟରେ ସେ ବର୍ତ୍ତମାନ ତାଙ୍କର ଏକାଧିକ ବୟଫ୍ରେଣ୍ଡଙ୍କ ସହ ଡେଟ୍‌ରେ ଯିବା ସହ ଅର୍ଥ ମଧ୍ୟ ଉପାର୍ଜନ କରୁଛନ୍ତି। କାରିନ୍ ଡେଟ୍‌ରେ ଯିବାବେଳେ ଗୋଟିଏ ମିନିଟ୍ ପାଇଁ ୧ ଡଲାର ଡିମାଣ୍ଡ କରନ୍ତି। ଗୋଟିଏ ଘଣ୍ଟା ପାଇଁ



କାରିନ୍ ମାର୍ଜୋରି

ଡେଟ୍‌ରେ ଗଲେ ସେ ୫ ହଜାର ଟଙ୍କା ନେଉଛନ୍ତି। ଯେ କୌଣସି ମୁହୂର୍ତ୍ତରେ ଯେକେହି ବି କାରିନ୍ ଏଆଇ ସହିତ କଥା ହୋଇ ସମୟ ବିତାଇ ପାରିବ। ବର୍ତ୍ତମାନର ଯୁବପିଢ଼ିଙ୍କ ଦ୍ୱାରା ବହୁଳ ଭାବେ ବ୍ୟବହାର ହେଉଥିବା ସ୍ନାପ୍‌ଚାଟ୍‌ରେ କାରିନ୍‌ଙ୍କର ୧.୮ ନିୟୁତ ଫଲୋର୍ସ ରହିଛନ୍ତି। ଡେଟ୍‌ରୁ କାରିନ୍ ୭୧,୬୧୦ ଡଲାର (ପାଖାପାଖି ୫୮.୭ ଲକ୍ଷ ଟଙ୍କା) ରୋଜଗାର କରୁଥିବାବେଳେ ମାସକୁ ତାଙ୍କ ଆୟ ୫ ନିୟୁତ ଡଲାର। ଫରଏଭର ଭଏସେସ୍‌କୁ ବ୍ୟବହାର କରି କାରିନ୍ ନିଜ ଏଆଇ ତିଆରି କରିଛନ୍ତି। ଫରଏଭର କମ୍ପାନୀ ପ୍ରତିଷ୍ଠାତା ପ୍ରଥମ କରି ତାଙ୍କ ବାପାଙ୍କ ଏଆଇ ତିଆରି କରିଥିଲେ। ଏଆଇ ସହିତ କାଟିଥିବା ସମୟ ସମ୍ପର୍କରେ ସେ ନିଜର ଭଲ ଅନୁଭୂତି ଥିବା କହିଥିଲେ। ମଣିଷ ଜୀବନକୁ ଏଆଇ ପ୍ରଭାବିତ କରୁଥିବାବେଳେ ଏ ସମ୍ପର୍କରେ ଗଭୀର ଚିନ୍ତା କରିବାର ଆବଶ୍ୟକତା ରହିଥିବା ଜର୍ଜିଆର ଟେକ୍ ଏକ୍ସପର୍ଟ ଡ. ଜସୋନ ବୋରେନ୍‌ଷ୍ଟେନ୍ କହିଛନ୍ତି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରମ ଗୁଣେ କରମଙ୍ଗା ଫଳେ,**
**ଲାଉ ଲଗେଇଲେ ଚଲଣା ଫଳେ।**

ମଣିଷ ନିଜ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଏ। ତେବେ ଭାଗ୍ୟ ମନ୍ଦ ପଡ଼ିଲେ କର୍ମ ଫଳ ମଧ୍ୟ ମନ୍ଦ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କାଣ୍ଡଗଦା ମନେଇ ସାହୁ,**
**ତଣ୍ଟିର ମାଛ କଣ୍ଟା ଖସେଇ ନେଉ।**

ସାକ୍ଷୀଗୋପାଳ ଅନ୍ତର୍ଗତ ଅଳଗୁମ୍ ଅଞ୍ଚଳର ଏହା ଏକ ପ୍ରବାଦ। ଏହାକୁ ଉଚ୍ଚାରଣ କଲେ ତଣ୍ଟିରେ ମାଛ କଣ୍ଟା ଲାଖିଥିଲେ କଣ୍ଟା ଖସିଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୫ରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର, ୧୩ା୫(ବ୍ୟୁରୋ)**

ଆସନ୍ତା ୧୫ ତାରିଖରୁ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ। ଉପକୂଳରୁ ଉପାନ୍ତ ସବୁଠି ତାତିର ପ୍ରକୋପ ହନ୍ତସନ୍ତ କରିବ । ପଦାକୁ ବାହାରିବା ମୁସ୍କିଲ ହୋଇ ପଡ଼ିବ। ପାରଦ ୪୫ ଡିଗ୍ରୀକୁ ଛୁଇଁବ। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେବ। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିବ । କେତେକ ସ୍ଥାନରେ ପାରଦ ୪୪ରୁ ୪୫ ଡିଗ୍ରୀ ସେଲ୍‌ସିୟସ ହେବ। ଏ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୫ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ସୋନପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୨୨ ତାରିଖ ଯାଏ ରାଜ୍ୟରେ ତାତି ଉପରମୁହାଁ ରହିବ। ଅନ୍ୟପକ୍ଷରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ‘ମୋଚା’ ଭୟଙ୍କର ରୂପ ଧାରଣ କରି ଦକ୍ଷିଣ–ଦକ୍ଷିଣ ପୂର୍ବ ଦିଗରେ ଘଣ୍ଟା ପ୍ରତି ୮ କିଲୋମିଟର ବେଗରେ ଗତି କରୁଛି। ରବିବାର ମଧ୍ୟାହ୍ନରେ ଏହି ସାମୁଦ୍ରିକ ଝଡ଼ ଦକ୍ଷିଣ ବାଂଲାଦେଶ ଏବଂ ଉତ୍ତର ମ୍ୟାନ୍‌ମାର ଉପକୂଳରେ ସ୍ଥଳଭାଗ ଛୁଇଁବ। ସ୍ଥଳଭାଗ ଛୁଇଁବା ବେଳେ ବାତ୍ୟାର ବେଗ ଘଣ୍ଟା ପ୍ରତି ୧୭୫ରୁ ୨୦୦ କିମି ବେଗରେ ବହିବ। ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ଆକାଶ ମେଘୁଆ ରହିବା ସହ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବ। ଅନ୍ୟପକ୍ଷରେ ରାଜ୍ୟରେ ତାତିର ପରିମାଣ ବଢ଼ିବାରେ ଲାଗିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ଼ରେ ସର୍ବାଧିକ ୪୧.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୪୦.୧, ଟିଟିଲାଗଡ଼ ୪୦, ବୌଦ୍ଧ ୪୦ ଏବଂ ବରଗଡ଼ରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।




# ୧୫,୮୨୭ ମାମଲା ଫଇସଲା

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

### ୯୮,୨୮,୧୮,୬୯୮ ଟଙ୍କା କ୍ଷତିପୂରଣ ଆଦାୟ

**କଟକ ଅଫିସ, ୧୩ା୫**

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ) ପକ୍ଷରୁ ରାଜ୍ୟର ପ୍ରତ୍ୟେକ ଜିଲା ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଏସ୍‌ଏଲ୍‌ଏସ୍‌ଏ ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର ଏବଂ ଓଏସ୍‌ଏଲ୍‌ଏସ୍‌ଏ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ମୋଟ ୧୫,୮୨୭ ମାମଲା ଫଇସଲା କରାଯାଇଥିଲା। ଏଥିରେ ଜିଲା ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ସମେତ ଅନ୍ୟ ଟ୍ରିବ୍ୟୁନାଲ/କଞ୍ଜ୍ୟୁମର କୋର୍ଟର ବିଚାରାଧୀନ ୧୧,୮୬୫ ମାମଲା ରହିଥିଲା। ଏଥିସହ ୩,୯୬୨ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦ ଥିଲା। ଏହାପରେ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦ ଓ ବିଚାରାଧୀନ ମାମଲାର ଫଇସଲା ବାବଦରେ ୯୮ କୋଟି ୨୮ ଲକ୍ଷ ୧୮ହଜାର ୬୯୮ ଟଙ୍କା ଆଦାୟ କରାଯାଇଥିଲା। ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରେ ଫୌଜଦାରି ସାଲିସ୍‌ଯୋଗ୍ୟ ମାମଲା ୨୯୯, ଚେକ୍ ବାଉନ୍ସ ୧୦୨୭, ବ୍ୟାଙ୍କରଣ ୬୨୦, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ୭୫୫, ବୈବାହିକ ବିବାଦ ୫୩୧, ଭୂମି ଅଧିଗ୍ରହଣ ୪୪, ବିଦ୍ୟୁତ୍ ଓ ଜଳ ସମ୍ବନ୍ଧୀୟ ୨୧, ଶ୍ରମ ବିବାଦ ୫୬, ଚାକିରି ସମ୍ବନ୍ଧୀୟ ୭, ଉପଭୋକ୍ତା ସମ୍ବନ୍ଧୀୟ ୧୪୩, ଡିଆର୍‌ଟି ମାମଲା ୧୫, ଷ୍ଟେଟ୍ ଏଜୁକେଶନାଲ ଟ୍ରିବ୍ୟୁନାଲ୍ ମାମଲା ୬, ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ମାମଲା ୧, ଅନ୍ୟାନ୍ୟ ଦେୱାନି ମାମଲା ୧୫୫୫ ଓ ଅନ୍ୟାନ୍ୟ ଫୌଜଦାରି ମାମଲା ୬୭୮୫ ରହିଥିଲା। ସୂଚନାଯୋଗ୍ୟ, ଜାତୀୟ ଆଇନସେବା ପ୍ରାଧିକରଣ(ଏନ୍‌ଏଲ୍‌ଏସ୍‌ଏ)ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଅଦାଲତରେ ବିଭିନ୍ନ ବିବାଦ କିମ୍ବା ମକଦ୍ଦମାର ସହଜ ଏବଂ ଆପୋଷ ସହମତିରେ ସମାଧାନ କରାଯାଇଥିଲା। ବିଚାରାଧୀନ ମକଦ୍ଦମା ସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ମଧ୍ୟ ସମାଧାନ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଚନ୍ଦ୍ରଯୁକ୍ତ ଶନିଜନିତ ଦୂରଦର୍ଶିତା ଅଭାବରୁ କେତେକ ଭୁଲ୍ କାମକୁ ପ୍ରଶ୍ରୟ ଦେଇପାରନ୍ତି। ବନ୍ଧୁଙ୍କ ଭୁଲ୍ ବୁଝାମଣା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହେବାର ସୂଚନା ରହିଛି। ଦ୍ୱିଜା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଯୋଗୁ ମନକୁ ବୁଝାଇବାରେ ସମର୍ଥ ହେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଉଚିତ।

**ବୃଷ** ଧନ ସ୍ଥାନରେ ଶୁକ୍ର ହେତୁ ଅର୍ଥ ପାଇବା ସହ ବନ୍ଧୁଙ୍କ ସ୍ନେହ, ଶ୍ରଦ୍ଧା ଲାଭ କରିପାରନ୍ତି। ସାମାଜିକ ସ୍ତରରେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ମୃଗଶିରା ନକ୍ଷତ୍ରର ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ। ଅବଶ୍ୟ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** ଧନ ଓ ଭାଗ୍ୟାଧିପ ଏକତ୍ର ନବମସ୍ଥ ହେତୁ କାର୍ଯ୍ୟସିଦ୍ଧି ସହ ଅଭିଳାଷ ପୂରଣ ହେବ। ଋଣ ପରିଶୋଧ ସକାଶେ ବ୍ୟଗ୍ରତା ପ୍ରକାଶ ପାଇପାରେ। ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। କର୍ମକ୍ଷେତ୍ରରେ, ବ୍ୟବସାୟରେ, ପାରିବାରିକ ସମସ୍ୟା ସମାଧାନରେ ସଫଳତା ପାଇବେ।

**କର୍କଟ** ଭାବପ୍ରବଣତା ସହ ସ୍ୱାଭିମାନୀ ଯୋଗୁ କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ ଆକାରରେ ଗ୍ରହଣକରି ଚିନ୍ତାଗ୍ରସ୍ତ ହେବେ। ପରକ୍ଷଣରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆପଣଙ୍କ ଯଶ ଓ ପ୍ରତିଷ୍ଠା ଅନ୍ୟମାନଙ୍କ ଗାତ୍ରଦାହ ଜନିତ ପରୋକ୍ଷଶତ୍ରୁତା ବୃଦ୍ଧି ପାଇବ। ଅନ୍ୟକୁ ଆପଣାର କରିବାରେ କୌଶଳ ଅବଲମ୍ବନ କରିପାରନ୍ତି।

**ସିଂହ** ଶନିଙ୍କ ଦୃଷ୍ଟିରେ ରବି ଯୋଗୁ ସମସ୍ୟା ଲାଗି ରହିଥିଲେ ମଧ୍ୟ ସଫଳତା ପାଇବେ। ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ସାହାଯ୍ୟ ସହଯୋଗ ଲାଭ କରିବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଏକା ସଙ୍ଗରେ ଅନେକ କାମ ହାତକୁ ନେଇ ବିବ୍ରତ ହୋଇ ପାରନ୍ତି। ଘରେ ବନ୍ଧୁ ମିଳନଜନିତ ସୁନ୍ଦର ପରିବେଶ ସୃଷ୍ଟି ସୂଚନା ରହିଛି।

**କନ୍ୟା** ଅଷ୍ଟମସ୍ଥ ଏକାଧିକ ଗ୍ରହ ହେତୁ ବିଭିନ୍ନ ସମସ୍ୟା ଭିତର ଦେଇ ଗତି କରିବାକୁ ପଡ଼ିବ। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନକୁ ଭାରାକ୍ରାନ୍ତ କରିପାରେ। ଦୂରସ୍ଥ ସନ୍ତାନଙ୍କ ଖୁସିରେ ଖୁସୀ ହେବେ।

**ତୁଳା** ରାଶି ପ୍ରତି ଏକାଧିକ ଗ୍ରହଙ୍କ ସମ୍ପର୍କ ପ୍ରତ୍ୟେକ କ୍ଷେତ୍ରରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିପାରନ୍ତି। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଦ୍ୱାଦଶ ଭାବକୁ ଗ୍ରହମାନଙ୍କ ଦୃଷ୍ଟି ପ୍ରଭାବରେ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଢ଼ିଯିବ। ଅଭାବ ଦୂରେଇବାର ପ୍ରୟାସ କଲେ ଧାରକରଜ କରିବାକୁ ବାଧ ହୋଇପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି।

**ଧନୁ** ଅଷ୍ଟମସ୍ଥ ମଙ୍ଗଳ ହେତୁ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବା ପାଇଁ ବାଧ ହେବେ। ମନ ଭଲ ନଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପରିବାରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଅବଶ୍ୟ ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ସ୍ୱ ସ୍ୱ ସ୍ଥାନରେ ଖୁସି ରହିବେ।

**ମକର** ଆଜି ଦିନରେ ଯାହା କରିବା ସକାଶେ ମନସ୍ଥ କରିଛନ୍ତି, ତାହା ନିର୍ବିଘ୍ନରେ ସମାପନ କରିପାରିବେ। କର୍ମ ସ୍ଥାନକୁ ଗ୍ରହମାନଙ୍କ ଦୃଷ୍ଟି ହେତୁ ସମସ୍ୟା ଆସିଲେ ମଧ୍ୟ ସେଥିରୁ ମୁକୁଳି ଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହେବେ। ଆକସ୍ମିକ ପରିଜନଙ୍କ ସହ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କୁମ୍ଭ** ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁ, ସବୁ ସୁବିଧାରେ ସମ୍ପନ୍ନ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିଶେଷକିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ଅନୁଭବ କରିପାରନ୍ତି।

**ମୀନ** ଖର୍ଚ୍ଚ ବୃଦ୍ଧି ପାଇବାରୁ ଆର୍ଥିକ ଦୁରବସ୍ଥା ଭୋଗିବାକୁ ପଡ଼ିପାରେ। ଆଜିର କର୍ମକ୍ଷେତ୍ରରେ ସହକର୍ମୀ ସହ ବିବାଦ ସୂଚନା ରହିଛି। ସ୍ୱାସ୍ଥ୍ୟ ମଧ୍ୟ ବିଶେଷ ଭଲ ରହି ନପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଙ୍ଗଠନ, ଲେଖାପଢ଼ା ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ଜ୍ୟେଷ୍ଠ କୃଷ୍ଣପକ୍ଷ ଦଶମୀ ରବିବାର, ମାସାନ୍ତ, ମେ ୧୪ ତାରିଖ, ବିଶ୍ୱ ମାତୃଦିବସ, (ମେ ଦ୍ୱିତୀୟ ରବିବାର), ରାଶି ନକ୍ଷତ୍ର–ଦିବା ଘ.୧୦।୧୬ ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୫ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୩ ଗତେ ଘ.୦୬।୧୦ ମଧ୍ୟେ ରାହୁକାଳ ।।

## ପ୍ରଥମ ପୃଷ୍ଠାରୁ...

### କର୍ନାଟକରେ କଂଗ୍ରେସ...

ଲୋକ ସଭା ଭୋଟ ପୂର୍ବରୁ କର୍ନାଟକରୁ ଆସିଥିବା ସଦ୍ୟ ଜନାଦେଶ ସଙ୍କେତ ଦେଇଛି ଯେ, ପ୍ରଧାନମନ୍ତ୍ରୀ ମୋଦି ଅପରାଜେୟ ନୁହନ୍ତି।

କର୍ନାଟକ ବିଧାନସଭାର ୨୨୪ ଆସନ ପାଇଁ ମେ’ ୧୦ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୭୩.୧୯% ରେକର୍ଡ ମତଦାନ କ୍ଷମତା ପରିବର୍ତ୍ତନର ଏକପ୍ରକାର ସଙ୍କେତ ଦେଇସାରିଥିଲା। ଏକ୍‌ଜିଟ୍ ପୋଲ୍‌ଗୁଡ଼ିକ କଂଗ୍ରେସ ଅଧିକ ଆସନ ଆଣିପାରେ ବୋଲି ଅନୁମାନ କରିଥିଲେ ସୁଦ୍ଧା ଝୁଲା ବିଧାନସଭା ଗଠନର ଭବିଷ୍ୟବାଣୀ ମଧ୍ୟ କରିଥିଲେ। ତେବେ କଂଗ୍ରେସ ଏହାଠୁ ଅଧିକ ଭଲ ପ୍ରଦର୍ଶନ କରି ୧୩୬ ଆସନ ହାତେଇବାରେ ସଫଳ ହୋଇଛି। ବିରୋଧୀ ଦଳ ନେତା ତଥା କଂଗ୍ରେସ ଷ୍ଟଲୱାର୍ଟ ସିଦ୍ଧାରାମାୟା ହାଇପ୍ରୋଫାଇଲ ବରୁଣ ଆସନରୁ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ତଥା ରାଜ୍ୟ ଗୃହନିର୍ମାଣ ମନ୍ତ୍ରୀ ଭି. ସୋମନ୍ନାଙ୍କଠାରୁ ୪୬,୧୬୩ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଭୋକାଲିଙ୍ଗା ଷ୍ଟ୍ରଙ୍ଗମ୍ୟାନ୍ ଡି.କେ. ଶିବକୁମାର କନକପୁରା ଆସନରୁ କ୍ରମାଗତ ଅଷ୍ଟମ ଥର ପାଇଁ ବିଜୟୀ ହୋଇଛନ୍ତି। ଏଥର ଶିବକୁମାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜେଡିଏସ୍‌ର ବି. ନାଗରାଜୁଙ୍କଠାରୁ ୧,୨୧,୫୯୫ ଭୋଟ ବ୍ୟବଧାନରେ ଜିତିଛନ୍ତି। ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ ପ୍ରିୟଙ୍କ ଖାର୍ଗେ ଚିତ୍ତପୁର ଆସନରେ ଭାଜପା ପ୍ରାର୍ଥୀ ମଣିକାନ୍ତ ରାଠୋରଙ୍କୁ ୧୩,୬୩୮ ଭୋଟରେ ହରାଇଛନ୍ତି। ବୋମାଇ ଶିଗଗାଓଁ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ୟାସିର ଅହମଦ ଖାନ୍ ପଠାନଙ୍କୁ ୩୫,୯୭୮ ଭୋଟ ବ୍ୟବଧାନରେ ହରାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ପୁଅ ବି.ୱାଇ. ବିଜୟେନ୍ଦ୍ର ଶିକାରୀପୁରା ଆସନରେ ସ୍ୱାଧୀନ ପ୍ରାର୍ଥୀ ଏସ୍.ପି. ନାଗରାଜ ଗୌଡ଼ାଙ୍କଠାରୁ ୧୧,୦୦୮ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପା ଟିକେଟ ନ ପାଇ କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସାୱଦି ଅଠାନି ଆସନରେ ଗୈରିକ ଦଳର ପ୍ରାର୍ଥୀ ମହେଶ କୁମାଥାଲ୍ଲିଙ୍କୁ ୭୬,୧୨୨ ଭୋଟରେ ପରାସ୍ତ କରିଛନ୍ତି। ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀ ଚନ୍ନାପାଟନା ଆସନରେ ଭାଜପା ପ୍ରାର୍ଥୀ ଯୋଗେଶ୍ୱରଙ୍କଠାରୁ ୧୬,୫୯୨ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। କିନ୍ତୁ ତାଙ୍କ ପୁଅ ନିଖିଲ କୁମାରସ୍ୱାମୀ ରାମନଗରମ ଆସନରେ କଂଗ୍ରେସର ଏଚ୍.ଏ. ଇକ୍‌ବାଲ ହୁସେନଙ୍କଠାରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି।

ତିନି ପ୍ରମୁଖ ଦଳର ଭୋଟ ହାରକୁ ଦେଖିଲେ କଂଗ୍ରେସ ୪୨.୯୩% ପାଇଥିବାବେଳେ ଭାଜପାକୁ ୩୫.୯୫% ମତଦାତା ପସନ୍ଦ କରିଛନ୍ତି। ଜେଡିଏସ୍‌କୁ ୧୩.୩୨% ଭୋଟ ମିଳିଛି। ପ୍ରଧାନମନ୍ତ୍ରୀ ମୋଦି, ତାଙ୍କ କ୍ୟାବିନେଟ ସହଯୋଗୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ଧୂଆଁଧାର ପ୍ରଚାର ଓ ମାସାଧିକ କାଳ କସରତ କର୍ନାଟକରେ କାମ କରିନାହିଁ ବୋଲି ଏଥିରୁ ବୁଝାପଡୁଛି। ଅନ୍ୟପକ୍ଷେ ୨୦୧୯ ଲୋକ ସଭା ନିର୍ବାଚନ ପରେ କଂଗ୍ରେସକୁ ଏତେ ବଡ଼ ରାଜ୍ୟରେ ସଫଳତା ମିଳି ନ ଥିଲା। ଆଗାମୀ କିଛି ମାସ ମଧ୍ୟରେ ହେବାକୁ ଥିବା ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ବିଧାନସଭା ଭୋଟ ସହ ୨୦୨୪ର ଲୋକ ସଭା ନିର୍ବାଚନ ଉପରେ ମଧ୍ୟ ଏହି ଫଳାଫଳ ବିଶେଷ ପ୍ରଭାବ ପକାଇବ ବୋଲି କୁହାଯାଉଛି। କର୍ନାଟକରେ କଂଗ୍ରେସର ହାତମୁଠା ଟାଣ ହୋଇଥିବାରୁ ଆଗାମୀ ଲୋକ ସଭା ନିର୍ବାଚନରେ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହା ସହ ମେଣ୍ଟ କରିବା ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି।

କର୍ନାଟକ ବିଧାନସଭା ନିର୍ବାଚନରେ ଭାଜପା ଅନେକ ବରିଷ୍ଠ ନେତାଙ୍କୁ ବାଦ୍ ଦେଇ ୭୨ ନୂଆମୁହଁଙ୍କୁ ପ୍ରାର୍ଥୀ କରିଥିଲା। ହୁବଲି–ସେଣ୍ଟ୍ରାଲ ଧରୱାଡରୁ ୬ ଥର ବିଧାୟକ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାରଙ୍କୁ ଭାଜପା ଏଥର ଟିକେଟ ନ ଦେବାରୁ ସେ କଂଗ୍ରେସରେ ଯୋଗଦେଇ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ଶେଟ୍ଟାର ୩୪ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଭାଜପା ପ୍ରାର୍ଥୀ ମହେଶ ଟେଙ୍ଗିନ୍‌କାଇଙ୍କଠାରୁ ହାରିଯାଇଛନ୍ତି। ଭାଜପାର ଗଡ଼ ଭାବେ ପରିଚିତ ଉତ୍ତର କର୍ନାଟକରେ ଦଳକୁ ଶୋଚନୀୟ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ଏହି ଅଞ୍ଚଳର ଅନେକ ଆସନରେ ଭାଜପା ବିଦ୍ରୋହୀ ପ୍ରାର୍ଥୀମାନେ ବିଜୟୀ ହୋଇଥିବାବେଳେ ଆଉ କେତେକ ନିର୍ବାଚନମଣ୍ଡଳୀରେ ଲିଙ୍ଗାୟତ ସମ୍ପ୍ରଦାୟର କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟର ଜିତାଇଛନ୍ତି।

ଏହି ନିର୍ବାଚନରେ ମୁଦ୍ରାସ୍ଫୀତି ଓ ବେକାରି ସମସ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଭାଜପା ଅଣଦେଖା କରି ଉତ୍ତର ଭାରତୀୟ ରାଜ୍ୟ ଭଳି କର୍ନାଟକରେ ମଧ୍ୟ ଭୋଟ ଧ୍ରୁବୀକରଣକୁ ଗୁରୁତ୍ୱ ଦେଇଥିଲା। ମୁସଲମାନ ସମ୍ପ୍ରଦାୟକୁ ପୂର୍ବ ସରକାର ଅମଳରେ ନିଯୁକ୍ତି ଓ ଶିକ୍ଷାରେ ମିଳୁଥିବା ୪% ସଂରକ୍ଷଣକୁ ହଟାଇ ଭୋକାଲିଙ୍ଗା ଓ ଲିଙ୍ଗାୟତ ସମ୍ପ୍ରଦାୟକୁ ଅଧିକ ୨% ଲେଖାଏ ରିଜର୍ଭେଶନ ସୁବିଧା ବୃଦ୍ଧି କରିଥିଲା, ଯାହାକୁ ସଂଖ୍ୟାଲଘୁ ଭୋଟର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କଂଗ୍ରେସ ଇସ୍ତାହାରରେ ବଜରଙ୍ଗ ଦଳ ଓ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଭଳି ମୌଳବାଦୀ ସଙ୍ଗଠନ ଉପରେ ନିଷିଦ୍ଧାଦେଶ ଜାରି କରିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଓ ଭାଜପା ନେତାମାନେ ଏହାକୁ ପ୍ରସଙ୍ଗ କରି କଂଗ୍ରେସକୁ ଆତଙ୍କବାଦୀଙ୍କ ସମର୍ଥନକାରୀ ଦଳ ଭାବେ ଅଭିହିତ କରିଥିଲେ। ଫଳରେ ପ୍ରଚାରର ଶେଷ ପର୍ଯ୍ୟାୟରେ ସବୁ ପ୍ରସଙ୍ଗ ଉପରେ ‘ବଜରଙ୍ଗବଳୀ’ ସ୍ଲୋଗାନ ଭାରି ପଡ଼ିଥିଲା। କିନ୍ତୁ ଭାଜପାକୁ ଏହାର ଓଲଟା ଫଳ ମିଳିଥିବା କୁହାଯାଉଛି। ପ୍ରଚାର ମଇଦାନରେ କଂଗ୍ରେସ ନେତାମାନେ ବୋମାଇ ସରକାରଙ୍କ ୪୦% କମିଶନ ପ୍ରସଙ୍ଗ ଉଠାଇ ଭାଜପାକୁ ଘେରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପାଙ୍କ ରାଜନୈତିକ ଅବସର ପରେ ରାଜ୍ୟ ଭାଜପାରେ ସୃଷ୍ଟି ହୋଇଥିବା ନେତୃତ୍ୱ ଶୂନ୍ୟତାକୁ ତାଙ୍କ ଉତ୍ତରାଧିକାରୀ ବୋମାଇ ପୂରଣ କରିପାରି ନ ଥିଲେ। ବୋମାଇ ସରକାରଙ୍କ ଅମଳରେ ହୋଇଥିବା ଦୁର୍ନୀତି ଶେଷରେ ଭାଜପା ପାଇଁ ପରାଜୟକୁ ଡାକିଆଣିଲା। ଏହାର ପ୍ରଭାବରେ ବୋମାଇ ମନ୍ତ୍ରିମଣ୍ଡଳର ୧୪ ବିଦାୟୀ ମନ୍ତ୍ରୀ ପରାଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୋବିନ୍ଦ କାରଜୋଲ(ମୁଧୋଲ), ଜେ.ସି. ମଧୁସ୍ୱାମୀ(ଚିକାନାୟକନାହାଲ୍ଲି), ବି.ସି. ପାଟିଲ(ହିରେକେରୁର), ଶଙ୍କର ପାଟିଲ ମୁନେରା କୋପ୍ପା(ନାଭଲଗୁଣ୍ଡ) ଏବଂ ହଲପ୍ପା ଆଚାର(ୟେଲବୁର୍ଗା) ପ୍ରମୁଖ।

### ବିଜେଡି ହାତରେ ...

ଖଣ୍ଡ ଭୋଟ୍ (୬୦.୯୩%) ପାଇଥିବା ବେଳେ ଭାଜପା ପ୍ରାର୍ଥୀ ଟଙ୍କଧର ୫୮,୪୭୭ ଖଣ୍ଡ ଭୋଟ (୩୩.୨୪%) ପାଇଛନ୍ତି। ଅନ୍ୟପକ୍ଷରେ ଏହି ନିର୍ବାଚନରେ କଂଗ୍ରେସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ମାତ୍ର ୪,୪୯୬ ଖଣ୍ଡ ଭୋଟ (୨.୫୬%) ପାଇ ଅମାନତ ହରାଇଛନ୍ତି। ଲୋକ ପ୍ରତିନିଧି ଆଇନ–୧୯୫୧ର ଧାରା ୧୫୮(୪)ର ବ୍ୟବସ୍ଥା ଅନୁଯାୟୀ ଯଦି କୌଣସି ବିଧାୟକ ପ୍ରାର୍ଥୀ ମୋଟ ମତଦାନର ଏକ ଷଷ୍ଠାଂଶ ଭୋଟ ନିଜ ସପକ୍ଷରେ ପାଇ ନ ଥିବେ ତା’ହେଲେ ସମ୍ପୃକ୍ତ ପ୍ରାର୍ଥୀଙ୍କ ଅମାନତ ରାଶି ବାଜ୍ୟାପ୍ତି ହେବ। କୌଣସି ପ୍ରାର୍ଥୀଙ୍କ ଅମାନତ ରାଶି ବାଜ୍ୟାପ୍ତି ହେବା ସମ୍ପୃକ୍ତ ଦଳ ଓ ପ୍ରାର୍ଥୀଙ୍କ ପାଇଁ ଲଜ୍ଜାଜନକ ହୋଇଥାଏ। ଚଳିତ ଉପନିର୍ବାଚନରେ ମୋଟ ୧,୭୫,୯୩୨ (୭୯.୨୧%) ଭୋଟର ମତାଧିକାର ସାବ୍ୟସ୍ତ କରିଥିବାବେଳେ କଂଗ୍ରେସ ପ୍ରାର୍ଥୀଙ୍କୁ ମାତ୍ର ୪,୪୯୬ ଖଣ୍ଡ ଭୋଟ ମିଳିଛି। ସେହିପରି ଏହି ନିର୍ବାଚନରେ ନୋଟାରେ ୨ ହଜାର ୭୪ ଖଣ୍ଡ (୧.୧୮%) ଭୋଟ ପଡ଼ିଛି।

ବିରୋଧୀଙ୍କ ନବ ଦାସଙ୍କ ହତ୍ୟା ମାମଲା ଫର୍ମୁଲା ଉପନିର୍ବାଚନରେ କାମ ଦେଲା ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚାର ପରେ ବିରୋଧୀଙ୍କ ସବୁ ଅଙ୍କ ଗୋଳମାଳିଆ ହୋଇଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହି ନିର୍ବାଚନ ଗୁରୁତ୍ୱ ବହନ କରୁଥିବାରୁ ଉଭୟ ବିଜେଡି ଓ ଭାଜପା ବିଜୟୀ ହେବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଆଗରେ ବିରୋଧୀ ପୁଣି ଚିତ୍‌ପଟାଙ୍ଗ ମାରିଛନ୍ତି। ଝାରସୁଗୁଡ଼ା ଫଳାଫଳ ଉଭୟ କଂଗ୍ରେସ ଓ ଭାଜପା ପାଇଁ ସତର୍କଘଣ୍ଟି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

### ଦୀପାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସହ ଫୋନ ଯୋଗେ କଥା ହୋଇ ଅଭିନନ୍ଦନ ଜଣାଇଛନ୍ତି। ଏହି ବିଜୟ ସହ ଝାରସୁଗୁଡ଼ାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଛନ୍ତି। ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇଥିବାରୁ ଝାରସୁଗୁଡ଼ାବାସୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି ।

### ଡବଲ ଇଞ୍ଜିନ ନୁହେଁ, ...

କାମ କରୁଛନ୍ତି ବୋଲି ବୁଝିବାକୁ ହେବ। ଯେଉଁମାନେ ମା’ ଭଉଣୀ ଓ ଝିଅମାନଙ୍କୁ ଅସମ୍ମାନ କରୁଛନ୍ତି, ସେମାନେ ଲୋକଙ୍କ ବିରୋଧରେ କାମ କରୁଛନ୍ତି। ସେମାନଙ୍କୁ ଓଡ଼ିଶାର ଲୋକେ କ୍ଷମା ଦେବେନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପଦ୍ମପୁର ନିର୍ବାଚନ ବେଳେ ବିରୋଧୀ ଦଳ ମା’ମାନଙ୍କୁ ଅସମ୍ମାନ କରିଥିଲେ। ପଦ୍ମପୁରରେ ମହିଳା ପ୍ରାର୍ଥୀଙ୍କୁ ଖରାପ ଭାଷାରେ ଗାଳି କରିଥିଲେ। ପଦ୍ମପୁର ହେଉ ବା ଝାରସୁଗୁଡ଼ା, ସେମାନେ ବାପାଙ୍କୁ ହରାଇଥିବା ଝିଅମାନଙ୍କୁ ଗାଳି କରିଛନ୍ତି। ସେମାନେ ମିଶନ ଶକ୍ତିର ନେତ୍ରୀ ତଥା ତୃଣମୂଳ ସ୍ତରରେ କାମ କରୁଥିବା ମହିଳାଙ୍କୁ ସବୁବେଳେ ସମାଲୋଚନା କରି ଆସୁଛନ୍ତି। ମା’ମାନଙ୍କୁ ଏଭଳି ଅସମ୍ମାନକୁ ଓଡ଼ିଶାବାସୀ ବରଦାସ୍ତ କରିନାହାନ୍ତି। ଝିଅମାନେ ଆମର ଗର୍ବ। ବିଜେଡି ସବୁବେଳେ ସାଧାରଣ ଜୀବନରେ ମା’ମାନଙ୍କ ଯୋଗଦାନକୁ ଉତ୍ସାହିତ କରିଆସିଛି। ସେମାନଙ୍କ ଅଧିକାରର ଦ୍ରୁତ ବିକାଶ ପାଇଁ ମିଶନ ଶକ୍ତି ଭଳି ପ୍ଲାଟ୍‌ଫର୍ମ ଯୋଗାଇ ଦେଇଛି। ହାଣ୍ଡିଶାଳ ଚାରିକାନ୍ଥରୁ ବାହାରକୁ ଆଣି ମିଶନ ଶକ୍ତି ସେମାନଙ୍କୁ ସଶକ୍ତ କରିଛି। ବିରୋଧୀ ଦଳ ସବୁବେଳେ ମା’ମାନଙ୍କୁ ବିରୋଧ କରି ଆସିଛି। ଏହା ଏକ ବିପଜ୍ଜନକ ଟ୍ରେଣ୍ଡ। ଓଡ଼ିଶାବାସୀ ଏଭଳି ବ୍ୟବହାରକୁ ସବୁବେଳ ନାପସନ୍ଦ କରିବା ସହ ଏହାକୁ ପ୍ରତ୍ୟାଖ୍ୟାନ କରି ଆସିଛନ୍ତି। ଓଡ଼ିଶାର ଉନ୍ନତି, ଗଣତନ୍ତ୍ରର ସୁରକ୍ଷା, ସଂସ୍କୃତିର ବିକାଶ, ମା’ମାନଙ୍କର ସମ୍ମାନ ଓ ଅଧିକାରର ସୁରକ୍ଷା ପାଇଁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ କରିଛନ୍ତି।

ଅଭିଭାଷଣ ଆରମ୍ଭରେ ମୁଖ୍ୟମନ୍ତ୍ରୀ କହିଥିଲେ, ସମସ୍ତଙ୍କୁ ନମସ୍କାର ଓ ଜୁହାର। ଏହି ବିଜୟ ଝାରସୁଗୁଡ଼ାବାସୀଙ୍କ ବିଜୟ। ମହିଳା ଶକ୍ତିର ବିଜୟ। ଏଥିପାଇଁ ଝାରସୁଗୁଡ଼ାବାସୀଙ୍କ ନିକଟରେ ସେ ଓ ବିଜେଡି ଋଣୀ। ଏ ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଦଳର ଲକ୍ଷ ଲକ୍ଷ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଚଣ୍ଡ ଖରା ଓ ଗରମରେ କର୍ମୀଙ୍କ ପରିଶ୍ରମ ଓ ତ୍ୟାଗକୁ ସମ୍ମାନ ଜଣାଉଛି ବୋଲି ସେ କହିଛନ୍ତି। ଝାରସୁଗୁଡ଼ା ଅଞ୍ଚଳର ଉନ୍ନତି ପାଇଁ ବିଜୁ ଜନତା ଦଳ ତା’ର ଉଦ୍ୟମକୁ ଆହୁରି ଜୋରଦାର କରିବ ବୋଲି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ବାସୀଙ୍କୁ କଥା ଦେଇଛନ୍ତି।

ବିଜୟ ଉତ୍ସବରେ ଯୋଗଦେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଉପରେ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଅଜାଡ଼ି ହୋଇ ରହିଛି। ନେଗେଟିଭ ରାଜନୀତି ଉପରେ ପଜିଟିଭର ବିଜୟ ହୋଇଛି। ପଜିଟିଭ ରାଜନୀତି କିପରି କରାଯାଏ, ଲୋକମାନଙ୍କ ପାଇଁ କିପରି କାମ କରାଯାଏ ତାହା ମୁଖ୍ୟମନ୍ତ୍ରୀ ଦେଖାଇଛନ୍ତି। ଝାରସୁଗୁଡ଼ାରେ ନେଗେଟିଭ ରାଜନୀତିକୁ ଲୋକମାନେ ସମୁଦ୍ରକୁ ଫୋପାଡ଼ିଛନ୍ତି। ମହିଳା ସଶକ୍ତୀକରଣକୁ ମୁଖ୍ୟମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି ବୋଲି ଦାସ କହିଛନ୍ତି।

ବିଜେଡି ଉପସଭାପତି ତଥା ଝାରସୁଗୁଡ଼ା ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବିରୋଧୀ ଦଳ ଝାରସୁଗୁଡ଼ା ଉପନିର୍ବାଚନକୁ ସେମିଫାଇନାଲ ବୋଲି ଆକ୍ଷେପ କରିଥିଲେ। ଫାଇନାଲ ଆସନ୍ତା ୨୦୨୪ରେ ବାକି ଅଛି। ବିରୋଧୀ ଦଳ ଯେଉଁ ଅପପ୍ରଚାର କରିଥିଲେ ତାହାକୁ ଝାରସୁଗୁଡ଼ାବାସୀ ପରାହତ କରିଛନ୍ତି। ଭାରତର ରାଜନୈତିକ ପର୍ଯ୍ୟବେକ୍ଷକ ଆଶ୍ଚର୍ଯ୍ୟ ହେଉଛନ୍ତି ଯେ ନବୀନବାବୁଙ୍କ ବିରୋଧରେ ଜନବିରୋଧୀ ମତ ସୃଷ୍ଟି ହେଉ ନାହିଁ। ତାହା କେବଳ ବିକାଶର ରାଜନୀତି ପାଇଁ ସମ୍ଭବ ହୋଇଛି ବୋଲି ମିଶ୍ର କହିଛନ୍ତି।

ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଝାରସୁଗୁଡ଼ାରେ ବିଜେଡିର ବିଜୟ ହୋଇ ନାହିଁ, ଅସତ୍ୟ ଉପରେ ସତ୍ୟର ବିଜୟ ହୋଇଛି। ଦିଲ୍ଲୀରେ କ୍ଷମତାରେ ରହି ଅହଙ୍କାରରେ ଫାଟି ପଡୁଛନ୍ତି। ଏଭଳି ଅହଙ୍କାର ଉପରେ ନମ୍ରତାର ବିଜୟ ହୋଇଛି। ଆସନ୍ତା ୨୦୨୪ରେ ଏହାର ପ୍ରତିଫଳନ ହେବ। ପଶ୍ଚିମ ଓଡ଼ିଶାରେ ୫ଟି ବିଧାନସଭା ସେଗ୍‌ମେଣ୍ଟରେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ମହିଳା ସଶକ୍ତୀକରଣର ଉଦାହରଣ ଦେଇଛନ୍ତି। ଝାରସୁଗୁଡ଼ା ବିଜୟରେ ଉତ୍ସାହିତ ହୋଇ କରତାଳି ଦେବାର ଆବଶ୍ୟକତା ନାହିଁ। ନବୀନବାବୁଙ୍କ ନେତୃତ୍ୱ ଆଗକୁ ନେବା ପାଇଁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ଆଚାର୍ଯ୍ୟ କହିଛନ୍ତି।

ଭିଡିଓ କନ୍‌ଫରେନ୍ସ ଜରିଆରେ ବିଜୟୀ ପ୍ରାର୍ଥୀ ଦୀପାଳି କହିଛନ୍ତି, ମୋ ଉପରେ ବିଶ୍ୱାସ କରି ଆଗକୁ ପଠାଇଥିବାରୁ ଝାରସୁଗୁଡ଼ାବାସୀଙ୍କୁ ମୁଁ ଧନ୍ୟବାଦ ଦେଉଛି। ମୁଖ୍ୟମନ୍ତ୍ରୀଙ୍କ ବିନା ସମର୍ଥନରେ, ଭଲ ପାଇବା ଓ ଆଶୀର୍ବାଦ ନ ଥିଲେ ଏ ବିଜୟ ହୋଇ ନ ଥାଆନ୍ତା। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଗର୍ବିତ କରିବା ସହ ଝାରସୁଗୁଡ଼ାବାସୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବି। ଏହି ବିଜୟ ପାଇଁ ସେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପର୍ଯ୍ୟବେକ୍ଷକ ଓ କର୍ମୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇଥିଲେ।

### ଆଜି ଆଇସିଏସ୍‌ଇ ଦଶମ, ...

ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ଦରକାର। ଏଥିପାଇଁ ପରୀକ୍ଷାର୍ଥୀମାନେ digilocker.gov.inକୁ ଲଗ୍‌ଇନ୍ କରି ଆକାଉଣ୍ଟ ଖୋଲିବେ। ଏହାପରେ ବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ୬ଅଙ୍କବିଶିଷ୍ଟ ପିନ୍ ଦେବାକୁ ପଡ଼ିବ। ଏଥିରେ ପରୀକ୍ଷାର୍ଥୀ ସବିଶେଷ ତଥ୍ୟ ଦେବା ପରେ ମୋବାଇଲ ନମ୍ବର ପ୍ରଦାନ କରିବେ। ମୋବାଇଲକୁ ଏକ ଓଟିପି ଆସିବା ପରେ ଡିଜି ଲକର୍ ଆକାଉଣ୍ଟ ସକ୍ରିୟ ହୋଇପାରିବ। ତେବେ ଫଳ ଘୋଷଣା ପରେ ପରୀକ୍ଷାର୍ଥୀ ଡିଜି ଲକର ୱେବ୍‌ସାଇଟ କିମ୍ବା ଆପ୍‌କୁ ଉପଲବ୍ଧ ଲିଙ୍କ୍‌ରେ କ୍ଲିକ୍ କରିବାକୁ ପଡ଼ିବ। ଲଗଇନ୍ ବିବରଣୀ ପ୍ରଦାନ ପରେ ପରୀକ୍ଷାର୍ଥୀ ନିଜ ପରୀକ୍ଷାଫଳ ଦେଖିପାରିବେ।

# ଦେଶର ବୃହତ୍ ବନ୍ଦର କ୍ଷେତ୍ରରେ ପାରାଦୀପ ୧ ନମ୍ବର



କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କଠାରୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଆୱାର୍ଡ ଗ୍ରହଣ କରୁଛନ୍ତି।

## ସାଗରଶ୍ରେଷ୍ଠ କାର୍ଯ୍ୟକ୍ରମରେ ପିପିଏକୁ ୩ ଆୱାର୍ଡ

**ପାରାଦୀପ,୧୩।୫(ସ୍ୱ.ପ୍ର.)**

କେନ୍ଦ୍ର ବନ୍ଦର ଜାହାଜ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)କୁ ସାଗରଶ୍ରେଷ୍ଠ କାର୍ଯ୍ୟକ୍ରମରେ ୩ ଆୱାର୍ଡ ମିଳିଛି। ଏ ନେଇ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଶନିବାର ପ୍ରଶାସନିକ ଭବନ ବୋର୍ଡ ରୁମ୍‌ରେ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଗତ ୧୦ ତାରିଖରେ ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପିପିଏକୁ କାର୍ଗୋ ହ୍ୟାଣ୍ଡ୍‌ଲିଂ କ୍ଷେତ୍ର, ଓଭରଅଲ ପରଫର୍ମାନ୍ସ ଏବଂ ସିପ୍ ବର୍ଥ ଡେ' ଆଉଟ୍‌ପୁଟରେ ୧ ନମ୍ବର ସମ୍ମାନ ମିଳିଛି। ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କଠାରୁ ହାରାନ୍ଧ ଏହି ପୁରସ୍କାର ଗ୍ରହଣ କରିଥିବା ନେଇ ସୂଚନା ଦେଇଛନ୍ତି। ଏନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସୋନୋୱାଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ପାରାଦୀପର ବନ୍ଦର ପରିବାର(ରେଲ୍‌ୱେ, କଷ୍ଟମ୍ସ, କୋଷ୍ଟଗାର୍ଡ, ସିଆଇଏସ୍ଏଫ, ଓଡ଼ିଶା ସରକାର, ବନ୍ଦର ବ୍ୟବହାରକାରୀ ସଂସ୍ଥା, ଆମଦାନି ଓ ରପ୍ତାନିକାରୀ ସଂସ୍ଥା, କର୍ମଚାରୀ, ଶ୍ରମିକ ଆଦି)ଙ୍କୁ ହାରାନ୍ଧ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦେଶର ସମସ୍ତ ବୃହତ୍ ବନ୍ଦର ଓ ଘରୋଇ ବନ୍ଦର ମଧ୍ୟରେ ପାରାଦୀପ ୨୦୨୨-୨୩ ଆର୍ଥିକ ବର୍ଷରେ ସର୍ବାଧିକ ସଫଳତା ହାସଲ କରିଛି। ଫଳରେ ଦେଶର ବୃହତ୍ ବନ୍ଦର କ୍ଷେତ୍ରରେ ୧ ନଂ. ହୋଇପାରିଛି। ଏହା ପାରାଦୀପ, ଓଡ଼ିଶା ଓ ଭାରତ ପାଇଁ ଐତିହାସିକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ୨ୟ ସ୍ଥାନରେ ଗୁଜରାଟର କାନ୍ଦଲା ପୋର୍ଟ ଓ ତୃତୀୟ ସ୍ଥାନରେ ତାମିଲନାଡୁର ଟୁଟିକୁରିନ୍ ପୋର୍ଟ ରହିଛି ବୋଲି ସେ କହିଛନ୍ତି। ହାରାନ୍ଧ ଆହୁରି କହିଛନ୍ତି, ଆତ୍ମନିର୍ଭର ଭାରତ ଯୋଜନାରେ ଅନେକ ବର୍ଦ୍ଧିତ ପ୍ରକଳ୍ପ କରାଯାଉଛି। ୬୭୪୩ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ବର୍ଥ, ରେଲ୍‌ୱେ ଭିତ୍ତିଭୂମି, ଡିଜିଟାଲ ବ୍ୟବସ୍ଥା, ଗ୍ରୀନ୍ ପୋର୍ଟ, ସୋଲାର ପ୍ରକଳ୍ପ, ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ପଣ୍ୟ ବୋଝେଇ ଖଲାସ, ଡ୍ରେଜିଂ ଜରିଆରେ ଉଦ୍‌ବୃତ୍ତ ବାଲିକୁ ପୁନଃ ବିନିଯୋଗ ବ୍ୟବସ୍ଥା ଆଦି ଭିତ୍ତିଭୂମିର ବିକାଶ କରାଯାଉଛି। ଏସବୁ ଆସନ୍ତା ୨୦୨୬ ସୁଦ୍ଧା କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ରହିଛି। ନୂତନ ଭିତ୍ତିଭୂମି କାର୍ଯ୍ୟକାରୀ ହେଲେ ପାରାଦୀପ ବନ୍ଦର ବିଶ୍ୱସ୍ତରୀୟ ବନ୍ଦରର ମାନ୍ୟତା ପାଇବ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ନୀଳଭ୍ର ଦାସଗୁପ୍ତା ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ବାର୍ଷିକ, କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ମାର୍କ ଆଧାରରେ ଯୁକ୍ତ୨ ଫଳ ପ୍ରକାଶ ପାଇବ

**ଭୁବନେଶ୍ୱର,୧୩।୫(ବ୍ୟୁରୋ):** ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ବାର୍ଷିକ ପରୀକ୍ଷା ଓ କ୍ୱାର୍ଟର ଏଣ୍ଡ୍ ପରୀକ୍ଷାର ମାର୍କ ଆଧାରରେ ଫାଇନାଲ ରେଜଲ୍ଟ ପ୍ରକାଶ ପାଇବ। ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ବାର୍ଷିକ ପରୀକ୍ଷାରୁ ୮୦ ପ୍ରତିଶତ ମାର୍କ ଏବଂ କ୍ୱାର୍ଟର ଏଣ୍ଡ୍ ପରୀକ୍ଷାର ୨୦ ପ୍ରତିଶତ ମିଶିବ। ଅର୍ଥାତ୍ ପୂର୍ବରୁ ଦେଇଥିବା ୩ଟି କ୍ୱାର୍ଟର ଏଣ୍ଡ୍ ପରୀକ୍ଷାର ଶ୍ରେଷ୍ଠ ଦୁଇଟି ପରୀକ୍ଷା

## ଦ୍ୱନ୍ଦ୍ୱ ଦୂରକଲା ସିଏଚ୍ଏସ୍ଇ

ମାର୍କରୁ ୨୦ ପ୍ରତିଶତ ମାର୍କ ମିଶାଇ ରେଜଲ୍ଟ ପ୍ରକାଶ କରିବାକୁ ସିଏଚ୍ଏସ୍ଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ଯେଉଁ ଛାତ୍ରୀଛାତ୍ର କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ଦେଇ ନାହାନ୍ତି ସେମାନଙ୍କୁ ବାର୍ଷିକ ପରୀକ୍ଷା ପ୍ରଦର୍ଶନ ଆଧାରରେ ମାର୍କ ମିଳିବ। ସେହିପରି ପରୀକ୍ଷାର୍ଥୀ କୌଣସି କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ନ ଦେଇ କେବଳ ବାର୍ଷିକ ପରୀକ୍ଷା ଦେଇଥିଲେ, ସେମାନେ ବାର୍ଷିକ ପରୀକ୍ଷାରେ ରଖିଥିବା ମାର୍କ ହିଁ ଚୂଡ଼ାନ୍ତ ହେବ। ସେହିପରି ପରୀକ୍ଷାରେ ଏକ ବା ଏକାଧିକ ବିଷୟରେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ କିମ୍ବା ପାସ୍ ମାର୍କ ରଖିଥିଲେ ପରୀକ୍ଷାର୍ଥୀ ଫେଲ୍ ହେବେ। ତେବେ ଉଭୟ ବାର୍ଷିକ ଓ କ୍ୱାର୍ଟର ଏଣ୍ଡ୍ ମାର୍କ ଆଧାରରେ ହିସାବ କରାଯାଇଥିବା ମାର୍କ ବାର୍ଷିକ କିମ୍ବା କ୍ୱାର୍ଟର ଏଣ୍ଡରେ ପାଇଥିବା ମାର୍କଠାରୁ କମ୍ ହେଲେ ଅଧିକ ପାଇଥିବା ମାର୍କକୁ ବିଚାରକୁ ନିଆଯିବ। ତେବେ ମାର୍କ ଭଗ୍ନାଂଶରେ ବାହାରୁଥିବା ମାର୍କକୁ ରାଉଣ୍ଡ ଅପ୍ କରି ପୂର୍ଣ୍ଣ ସଂଖ୍ୟାକ ମାର୍କ ପ୍ରଦାନ କରାଯିବ ବୋଲି ସିଏଚ୍ଏସ୍ଇ ଦର୍ଶାଇଛି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ଟିଗିରିଆ,୧୩।୫(ଡି.ଏନ୍.ଏ.):** କଟକ ଜିଲା ଟିଗିରିଆ ଥାନା ଭୋଗଡ଼ା ପଞ୍ଚାୟତ ଅନ୍ତର୍ଗତ ଭେଜିଆ ନିକଟସ୍ଥ ଏକ ଆମ୍ବ ତୋଟାରେ ଶନିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋକର୍ଣ୍ଣଖାଲ ଗ୍ରାମର କରୁଣାକର ରାଉତ। ସେ ଭୋର୍ ସମୟରେ ଭେଜିଆ ନିକଟସ୍ଥ ବାରଘରିଆ ଆମ୍ବତୋଟାକୁ ପାଚିଲା ଆମ୍ବ ଗୋଟାଇବାକୁ ଯାଇଥିଲେ। ସେଠାରେ ଆମ୍ବ ଖାଇବା ପାଇଁ ପୂର୍ବରୁ ଏକ ହାତୀ ଥିଲା। କରୁଣାକର ଏହା ଜାଣି ନ ପାରି କିଛି ଆମ୍ବ ଗୋଟାଇ ତୋଟା ଭିତରକୁ ଯିବା ବେଳେ ହାତୀଟି ତାଙ୍କୁ ତଡ଼ିଆଣି ଦଳି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଭୋଗଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅରୁଣ ନାୟକ ଟିଗିରିଆ ପୋଲିସ ଓ ବନପାଳଙ୍କୁ ଖବର ଦେଇଥିଲେ। ଏହାପରେ ପୋଲିସ ଓ ଆଠଗଡ଼ ବନାଞ୍ଚଳ ରେଞ୍ଜର ରବୀନ୍ଦ୍ର ନାୟକ ପହଞ୍ଚି ମୃତଦେହ ଜବତ କରିଛନ୍ତି।






ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥଳଦର୍ଶିତା । ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ । ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ । –ଶ୍ରୀଅରବିନ୍ଦ

# ପରାଜୟ



ଆକାର ପଟେଲ

ଏଭଳି ସବୁ ପ୍ରଶ୍ନ ଅଛି ଯାହା ବିରୋଧୀଙ୍କୁ ପଚାରିବା ଉଚିତ । ମୁଁ ମଧ୍ୟ ନିଶ୍ଚିତ ଯେ, ଅନ୍ୟମାନେ ବି ସେମାନଙ୍କୁ ପଚାରିବା ଦରକାର । ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ଦଳ ଉତ୍ତରଦାୟୀ ହେବ କି? ଏମିତିକା ପ୍ରଶ୍ନ ଦଳକୁ ଓ ଦଳର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ପଚାରିବା ଆବଶ୍ୟକ । ଏବେ ଏକ ନିର୍ବାଚନ ଶେଷ ହୋଇଛି । ସେହି ନିର୍ବାଚନରେ ପ୍ରଧାନମନ୍ତ୍ରୀ କହିଥିଲେ, ବଜରଙ୍ଗ ଦଳ ଉପରେ ପ୍ରତିବନ୍ଧକ ଅର୍ଥ ହନୁମାନଙ୍କ ଉପରେ ଆକ୍ରମଣ । ଆଉ ଏକ ଶୀର୍ଷକ 'ପ୍ରଥମେ ସେମାନେ ରାମଙ୍କୁ ବନ୍ଦୀ କରିଦେଲେ, ଏବେ ହନୁମାନ...' ଖବର ପ୍ରକାଶ ପାଇଥିଲା । କଂଗ୍ରେସ ବଜରଙ୍ଗ ଦଳକୁ ନିଷେଧ କରିବା ଲାଗି ତା' ନିର୍ବାଚନ ଇସ୍ତାହାରରେ ସ୍ଥାନ ଦେବା ପରେ ମୋଦି ଏଭଳି କହିଛନ୍ତି । ସେ କହିଥିଲେ, ଭାରତରୁ କର୍ନାଟକକୁ ଅଲଗା କରିବାକୁ କଂଗ୍ରେସ ଚେଷ୍ଟା କରୁଛି । ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ପ୍ରକାଶିତ ଖବରରେ ମୋଦି କହିଥିଲେ, କଂଗ୍ରେସର ରାଜକୀୟ ପରିବାର ବିଦେଶ ସରକାରଗୁଡ଼ିକର ଦୃଷ୍ଟାନ୍ତ ଦେଇ କର୍ନାଟକ ପୃଥକୀକରଣ ପାଇଁ ଦାବି କରୁଛି । ଏବେ କର୍ନାଟକ ନିର୍ବାଚନ ଶେଷ ହୋଇଛି ଓ କଂଗ୍ରେସ ଜିତିଛି । ତେବେ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସକୁ ନେଇ କେନ୍ଦ୍ର କାମ କରିବ କି? ଏହି ପ୍ରଥମ ବିଷୟ ଉପରେ ଆମକୁ ବିଚାର କରିବାକୁ ପଡ଼ିବ । କଂଗ୍ରେସ କର୍ନାଟକର ପୃଥକୀକରଣ ପାଇଁ କହୁଥିଲା ବୋଲି କେତେଜଣ ଭୋଟର ଭାବୁଥିଲେ ଏବଂ ଏହି କାରଣ ପାଇଁ ସେମାନେ କିଭଳି ଭୋଟ ଦେଲେ ? ପ୍ରଧାନମନ୍ତ୍ରୀ ଯେଉଁ କଥା କହିଛନ୍ତି ତା' ଉପରେ ତାଙ୍କର ବିଶ୍ୱାସ ଅଛି କି? ଭୋଟରମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ସେମାନଙ୍କୁ ସେ ଏହା କହୁଥିଲେ କି? ପ୍ରଧାନମନ୍ତ୍ରୀ ବାସ୍ତବରେ କଂଗ୍ରେସକୁ ବିରୋଧୀ ଭାବେ ନ ନେଇ ଶତ୍ରୁ ଭାବେ ବ୍ୟବହାର କରିଛନ୍ତି । ଏସବୁ ଘଟଣାକୁ ଏଡ଼ାଇଯିବା ଉଚିତ ନୁହେଁ ଏବଂ ଆମେ ନିଜକୁ ପ୍ରଶ୍ନ କରିବା ଦରକାର ଯେ ସେ ଯାହା କହିଲେ ତାହା ଗ୍ରହଣୀୟ ଥିଲା କି ? ମୋ ମତରେ ଏହା ଏକ ପ୍ରହସନ ବା ଜୁମ୍‌ଲା ଥିଲା ।

ଦ୍ୱିତୀୟ ବିଷୟ ହେଉଛି, କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦ୍ଦୁରପ୍ପା ଓ ଶେଟ୍ଟାରଙ୍କ ଭଳି ନେତାମାନେ କର୍ନାଟକରେ ଦଳ ଗଢ଼ିଥିଲେ । କିନ୍ତୁ ନିର୍ବାଚନ ପୂର୍ବରୁ ସେମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଗଲା । ସେମାନଙ୍କ ଦୃଷ୍ଟିକୋଣକୁ ବି ଗ୍ରହଣ କରାଗଲା ନାହିଁ । ୟେଦ୍ଦୁରପ୍ପା ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ହିଜାବ, ଲଭ୍ ଜିହାଦ ଏବଂ ଆଉ କିଛି ବିଷୟରେ ସେ ଭାଜପା ସପକ୍ଷରେ ନ ଥିଲେ । ଏହିସବୁ ବିଷୟ ସରକାରଙ୍କର ବିଷୟ ଥିଲା ଓ ସେ ବ୍ୟକ୍ତିଗତ ଭାବେ ବିରୋଧ କରୁଥିବାରୁ କିଛି କହି ନ ଥିଲେ, ଯଦିଓ ସେ ଏହା କରିପାରିଥାଆନ୍ତେ । ଜଣେ ଗଣନେତା ଭାବେ ଗୁରୁତ୍ୱପୂର୍ଣ୍ଣ ତଥା ବାସ୍ତବ ବିଷୟଗୁଡ଼ିକ ଉପରେ ଧ୍ୟାନ ଦେବାକୁ ତାଙ୍କ ଦଳକୁ ସେ କହୁଥିଲେ । ପ୍ରଥମ ପିଢ଼ିର ନେତାମାନଙ୍କ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଜଣେ ଅତ୍ୟନ୍ତ ଆକ୍ରାମକ ସ୍ୱଭାବର ନୂଆ ନେତାଙ୍କୁ ଆଗକୁ ଆଣିଲେ, ଯିଏ ଉତ୍ତରଭାରତର ଭାଜପାର ସଂଖ୍ୟାବହୁଳବାଦ ରାଜନୀତିକୁ ବଢ଼ାଇଥିଲେ । ତାହାର ପରିଣାମ ଏବେ ଆମ ସାମ୍ନାରେ । ପ୍ରଶ୍ନ ହେଉଛି, ଭାଜପା ଦ୍ୱାରା ପ୍ରସ୍ତୁତ ଏହିସବୁ ଅଭିଯାନ ମୋଦିଙ୍କ ଦ୍ୱାରା ପରୋକ୍ଷରେ ସ୍ୱୀକୃତ ହୋଇଥିଲା କି ? ସେ ଦଳର ପରାଜୟକୁ ସ୍ୱୀକାର କରିବା ଉଚିତ କି? ଆମେ କର୍ନାଟକରୁ ଏବେ ନିର୍ବାଚନ ପରିଣାମ ପାଇଥିବାରୁ ଏହି ବିଷୟ ଉପରେ ବିଚାର କରିବାକୁ ହେବ । ଏହି ସ୍ଥିତିରେ ଦେଖିବାକୁ ଗଲେ, ଏକ ଐତିହାସିକ ଘଟଣା ସାମ୍ନାକୁ ଆସିଛି । ସହରାଞ୍ଚଳର ଭୋଟରମାନେ ଗ୍ରାମାଞ୍ଚଳ ତୁଳନାରେ କମ୍ ଭୋଟ ଦେଇଛନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ଜୋର୍‌ଦାର ନିର୍ବାଚନ ପ୍ରଚାର ଓ ରୋଡ ଶୋ କରିଥିବା ବେଙ୍ଗାଲୁରୁରେ ରାଜ୍ୟ ତୁଳନାରେ ୧୫ ପଏଣ୍ଟ କମ୍ ଭୋଟ ହୋଇଛି । କନ୍ନଡ଼ଭାଷୀ ଗୃହିଣୀ ଏବଂ ଶ୍ରମିକମାନେ ପରିବାର ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବୃଦ୍ଧିରେ କେବଳ ପ୍ରଭାବିତ ହୋଇନାହାନ୍ତି, ବରଂ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧିର ଯାତନା ସହୁଛନ୍ତି । ଏହି ମୂଲ୍ୟକୁ ଦେଖିଲେ ଅହମଦାବାଦ, ପାଟନା ଏବଂ ଶ୍ରୀନଗର ତୁଳନାରେ ମହୀଶୂର ଓ ମାଙ୍ଗାଲୁରୁରେ କିଛି ପାର୍ଥକ୍ୟ ନାହିଁ । ବେରାଜଗାର ୨୦୧୮ ଶେଷରୁ ୬%ରୁ ଅଧିକ ରହି ଆସିଛି । ବିଶେଷକରି ଏ କ୍ଷେତ୍ରରେ ଉତ୍ତରପ୍ରଦେଶ ଓ କର୍ନାଟକ ମଧ୍ୟରେ ବି କିଛି ପ୍ରଭେଦ ନାହିଁ । କର୍ନାଟକରେ ଶାସନ ବିରୋଧୀ ହାୱା କେବଳ ଦଳ ପାଇଁ ଏକ ବୋଝ ନୁହେଁ । ରାଜ୍ୟ ଭାଜପା ବିରୋଧରେ ଦୁର୍ନୀତି ଅଭିଯୋଗ ଦଳ ଉପରେ ଯେ ପଡ଼ି ନ ଥିବ ତାହା କହିବା କଷ୍ଟକର । କାରଣ ଏହି ସମୟରେ ଆଦାନୀ ମାମଲା କୋର୍ଟର ବିଚାରାଧୀନ ଅଛି, ପାର୍ଲାମେଣ୍ଟରେ ମଧ୍ୟ ଉଠୁଛି । ତୃତୀୟ ବିଷୟ ହେଉଛି, କର୍ନାଟକର ସହର ଓ ଗାଁଗୁଡ଼ିକୁ ଆସନ୍ତା ବର୍ଷ ପୁନର୍ବାର ଏକ ଦଳ ଚୟନ କରିବାକୁ ଯଦି କୁହାଯାଏ ତେବେ ଭାଜପା ବିରୋଧରେ ଯାଇଥିବା ସବୁବିଷୟ ରହିବ ନା ଆପଣାଛାଏଁ ଅଦୃଶ୍ୟ ହୋଇଯିବ ଏ ସମ୍ପର୍କରେ ପ୍ରଶ୍ନ କରିବା ସହ ବୁଝିବାକୁ ପଡ଼ିବ ।

ଶେଷ ବିଷୟ ହେଉଛି, ଆମେ ନିଜକୁ କିଛି ପ୍ରଶ୍ନ କରିବା ଦରକାର । ମନେକରିବାକୁ ହେବ ଯେ, ବିଭାଜନ ଓ ଧ୍ରୁବୀକରଣ ସହ ସମ୍ପର୍କ ନ ଥିବା ଘଟଣାଗୁଡ଼ିକ ଲୋକମାନଙ୍କ ଭିତରେ ଆଗରେ ରହିଥିଲା ଓ ସେମାନେ କିଭଳି ଭୋଟ ଦେବେ ତାହା ନିର୍ଦ୍ଧାରଣ କରିଥିଲେ । ବିଭାଜନ ଓ ଧ୍ରୁବୀକରଣ ପ୍ରସଙ୍ଗ ସାମାନ୍ୟ ଥିଲା ନା ଲୋକେ ତାହାକୁ ନକାରାତ୍ମକ ଦୃଷ୍ଟିକୋଣରୁ ଦେଖିଥିଲେ ତାହା ଦେଖିବାକୁ ପଡ଼ିବ । ଯଦି ଏହା ଘଟିଥାଏ ତେବେ ଏଭଳି ବିଷୟଗୁଡ଼ିକ ଆମ ମିଡିଆରେ, ଆମ ରାଜନୈତିକ କ୍ଷେତ୍ରରେ, ଆମ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଏବଂ ଆମ ଡାଇନିଂ ଟେବୁଲ ଆଲୋଚନାରେ ଏହା ପ୍ରକାଶ ପାଇଛି ବୋଲି ଆମେ କେମିତି ନିଶ୍ଚିତ ହୋଇପାରିବା । ଗୋଟିଏ ଦେଶ କହିଲେ କେବଳ ରାଜନୈତିକ ଦଳ ସବୁ କିମ୍ବା ଏହାର ନେତାମାନଙ୍କୁ ବୁଝାଏ ନାହିଁ । ଏହା ତାହାର ଲୋକଙ୍କୁ ହିଁ ବୁଝାଏ । ଅଳ୍ପ କେତେ ଜଣ ଲୋକ ଯେଉଁ ରାଜନୀତି କରୁଛନ୍ତି ତାହା ବାସ୍ତବ ରାଜନୀତି ନୁହେଁ । ଲୋକେ ରାଜନୀତିକୁ କିଭଳି ଗ୍ରହଣ କରୁଛନ୍ତି ତାହା ହିଁ ପ୍ରକୃତ ରାଜନୀତି ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | 8 | 6 | 2 | |
| 7 | | | | | | | | |
| 4 | | | 3 | 1 | | | | |
| | | | | | | | | |
| | | 3 | | 8 | 6 | 1 | | |
| 8 | 7 | | | 4 | 3 | | | |
| | | 8 | | 7 | 2 | 9 | | |
| | 5 | | | | 4 | | | |
| | 2 | | | 3 | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 6 | 7 | 4 | 3 | 5 | 2 | 1 |
| 1 | 7 | 4 | 5 | 6 | 2 | 9 | 8 | 3 |
| 5 | 3 | 2 | 8 | 1 | 9 | 7 | 4 | 6 |
| 4 | 2 | 1 | 3 | 8 | 7 | 6 | 9 | 5 |
| 7 | 9 | 8 | 4 | 5 | 6 | 3 | 1 | 2 |
| 6 | 5 | 3 | 2 | 9 | 1 | 8 | 7 | 4 |
| 3 | 1 | 5 | 9 | 2 | 8 | 4 | 6 | 7 |
| 8 | 6 | 7 | 1 | 3 | 4 | 2 | 5 | 9 |
| 2 | 4 | 9 | 6 | 7 | 5 | 1 | 3 | 8 |

ଗତ କାଲିର ଉତ୍ତର

# ସଂସ୍କାର ଫଂସ୍କାର ବାଜେକଥା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଶୀର୍ଷକର ଏହି ଅବାଞ୍ଛିତ ମନ୍ତବ୍ୟଟି ଶୁଣିବାକୁ ମିଳିଲା ମୁକ୍ତ ଚେତନା ସପକ୍ଷରେ କୁହାଟ ଛାଡୁଥିବା ଜଣେ ଯୁବକଙ୍କଠାରୁ, ଯିଏ ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଅପେକ୍ଷା କରୁଥିବା ଏକ ବିବାଦୀୟ ପ୍ରସଙ୍ଗ ସପକ୍ଷରେ ପ୍ରଗଲ୍‌ଭ ହୋଇ ଉଠୁଥିଲେ । ପ୍ରସଙ୍ଗଟି ଥିଲା ସମଲିଙ୍ଗୀ ବିବାହକୁ ନେଇ । ସଂସାରରେ ସୃଷ୍ଟି ହୋଇଥିବା ପ୍ରତ୍ୟେକ ପ୍ରାଣୀଙ୍କ ବଂଶ ବିସ୍ତାର ପାଇଁ ଦୁଇ ବିପରୀତ ଲିଙ୍ଗୀଙ୍କ ସଂସର୍ଗ ଏକ ଜୈବିକ ଆବଶ୍ୟକତା । ବିଶେଷତଃ ସୃଷ୍ଟିର ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବଡ଼ପଣ୍ଡା ବୋଲାଉଥିବା ମଣିଷ ନିଜର ନିମ୍ନତମ ସଂସ୍କାର ବିରୋଧରେ ଯାଇ ପୁଅଟିଏ ପୁଅକୁ ବା ଝିଅଟିଏ ଅନ୍ୟ ଜଣେ ଝିଅକୁ ବିବାହ କରିବା ଅତ୍ୟନ୍ତ ଅକଳ୍ପନୀୟ ବୋଲି ପ୍ରତିପକ୍ଷ ମତ ଦେବାରୁ ଅତ୍ୟନ୍ତ କ୍ରୋଧିତ ହୋଇ ସେ କହିଲେ– ''ସଂସ୍କାର ଫଂସ୍କାର ସବୁ ବାଜେକଥା । ସଂସ୍କାର ନାମ ନେଇ ମଣିଷର ମୁକ୍ତ ଚେତନାକୁ ବହୁଭାବେ ଅବଦମିତ କରାଯାଇଛି । ତା'ର ସ୍ୱାଧୀନ ଚିନ୍ତାକୁ ଡଷ୍ଟବିନ୍‌ରେ ଫିଙ୍ଗି ଦିଆଯାଇଛି । ଆଉ ନୁହେଁ । ଅତୀତରେ ସହବାସ ସମ୍ପର୍କ ବା ଲିଭ-ଇନ୍-ରିଲେଶନକୁ ସୁପ୍ରିମକୋର୍ଟର ଅନୁମୋଦନ ମିଳିଲା ଭଳି ଏବେ ସମଲିଙ୍ଗୀ ବିବାହ ମଧ୍ୟ ବୈଧ ବିବେଚିତ ହେବ । ସଂସ୍କାର ନାମରେ ମଣିଷ ଆଉ ଶୋଷଣର ଶିକାର ହେବନାହିଁ ।''

ପ୍ରକୃତରେ ସଂସ୍କାର ଶୋଷଣ କରେ ନା ଶୋଷଣରୁ ରକ୍ଷା କରେ, ସେ ସମ୍ପର୍କରେ ଛୋଟ ଏକ ଘଟଣା । ଘଟଣାଟି ସମ୍ପର୍କରେ ଶୁଣିବାକୁ ମିଳିଥିଲା ଜଣେ ବନ୍ଧୁଙ୍କଠାରୁ, ଯିଏ ଘଟଣାର ଦ୍ୱିତୀୟ ଭାଗ ଶୁଣାଇଲା ପରେ ଅତି ଦୁଃଖରେ କହିଥିଲେ, ମଣିଷ ସଂସ୍କାରଦ୍ରୋହୀ ହେଲେ ତା'ର ଶେଷବାଣୀ ଏୟା ହିଁ ହୁଏ । କଥାଟି ଥିଲା ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ତରୁଣୀ କନ୍ୟାକୁ ନେଇ । ଝିଅଟି ଚାରିବର୍ଷ ତଳେ ବାଙ୍ଗାଲୋରରେ ରହି ଚାକିରି କରୁଥିଲା । ସେଠାରେ ଜଣେ ଅଣଓଡ଼ିଆ ସହକର୍ମୀ ଯୁବକ ସହ ସହବାସୀ ସମ୍ପର୍କରେ ରହିଲା । ନିଜ ମା'ବାପାଙ୍କଠାରୁ ଏ ସମ୍ପର୍କ ଲୁଚାଇ ରଖିଲା ପରେ ଅନ୍ୟ ଏକ ସୂତ୍ରରୁ ଏ ସମ୍ପର୍କରେ ଜାଣି ମା'ବାପା ଦୁହେଁ ଦୁଃଖରେ ଭାଙ୍ଗିପଡ଼ିଲେ ଓ ଝିଅକୁ ଏପରି ଅନୈତିକ ସମ୍ପର୍କ ସଂସ୍କାରର ପରିପନ୍ଥୀ ବୋଲି ବହୁଭାବେ ବୁଝାଇଲେ । ଝିଅଟି ବୁଝିଲା ନାହିଁ । ବୋଧହୁଏ ପୂର୍ବୋକ୍ତ ଯୁବକ ପରି କହିଥିବ– ''ସଂସ୍କାର ଫଂସ୍କାର ସବୁ ପୁରୁଣା କଥା । ତୁମ ଦୃଷ୍ଟିରେ ଯାହା ଅନୈତିକ ଆଇନ ଦୃଷ୍ଟିରେ ତାହା ଅବୈଧ ନୁହେଁ । ସୁତରାଂ ବିବାହ ନ କରି ସ୍ୱାମୀ-ସ୍ତ୍ରୀ ଭଳି ସାଙ୍ଗରେ ରହିବା କିଛି ଦୋଷାବହ ନୁହେଁ ।''

ସଂସ୍କାରସମ୍ପନ୍ନ ମା'ବାପାଙ୍କୁ ପିଠି କରି ସଂସ୍କାର ବିରୋଧୀ ଝିଅଟି ଚାଲି ଯାଇଥିଲା ତା' କର୍ମସ୍ଥଳକୁ, ତା' ସହକର୍ମୀକୁ ଜୀବନସାଥୀ କରି ସହବାସୀ ସମ୍ପର୍କରେ ରହିବା ପାଇଁ । ମାତ୍ର ବର୍ଷଟିଏ ଯାଇନି, ସେ ପୁଣି ଫେରି ଆସିଲା । ସହବାସୀ ସମ୍ପର୍କର ଅପମୃତ୍ୟୁ ଘଟାଇ, ତା' ତଥାକଥିତ ଜୀବନସାଥୀ ସହ ସମ୍ପର୍କ ତୁଟାଇ । ମା'ବାପା ଖୁସି ହେଲେ ନାହିଁ କି ଦୁଃଖ କଲେ ନାହିଁ । ତିନି ମାସ ବିତିଗଲା ପରେ



ଝିଅକୁ ବାଙ୍ଗାଲୋର ନ ଫେରିବା ଦେଖି ଜାଣିଲେ ଯେ ସେ ଚାକିରି ଛାଡ଼ି ଚାଲିଆସିଛି । ଏହାର କିଛିଦିନ ପରେ ଝିଅଟି ଭୁବନେଶ୍ୱରରେ ଏକ ସରକାରୀ ଚାକିରି ପାଇଗଲା । ବୟସରେ ତାରୁଣ୍ୟର ରଙ୍ଗ ଲିଭିବା ପୂର୍ବରୁ ଝିଅକୁ ନିଃସଙ୍ଗ ଜୀବନ ବିତାଉଥିବାର ଦେଖି ମା'ବାପା ଦୁହେଁ ଦୁଃଖରେ ଭାଙ୍ଗିପଡୁଥିବା ବେଳେ ତା' ପାଖରୁ ଜାଣିଲେ ଯେ ସେ ଏଥର ଏକ ମୁସଲମାନ ଯୁବକକୁ ଭଲ ପାଇ ବସିଛି ଓ ତାକୁ ବିବାହ କରିବାକୁ ଚାହୁଁଛି । ପୁଣି ସଂସ୍କାର କଥା ଉଠାଇ ମା'ବାପା ଅରାଜି ହେଲେ ସିନା ଝିଅ କିନ୍ତୁ ସଂସ୍କାର ଭଳି ପୁରୁଣା ବିଚାରକୁ ଗୋଟିଏ ଫୁତ୍‌କାରରେ ଉଡ଼ାଇ ଦେଇ ଦ୍ୱିତୀୟ ସାଥୀ ସହ ସହବାସୀ ସମ୍ପର୍କରେ ରହିଲା । ଛଅମାସ ଯାଇନାହିଁ ସେଇ ପ୍ରତ୍ୟାଶିତ ଅଘଟଣଟି ଘଟିଗଲା । ଝିଅଟି ଗର୍ଭବତୀ ହେଲାରୁ ତା' ସାଥୀକୁ ବିବାହ କରିବାକୁ ଜୋରଦେଲା । ପୁଅଟି ତା' ଧର୍ମର ବିଧି ବ୍ୟବସ୍ଥା ଅନୁଯାୟୀ ଝିଅଟିକୁ ନିଜ ଧର୍ମକୁ ନେବା ପାଇଁ ବାଧ୍ୟ କଲା । ଝିଅ ଅରାଜି ହେଲାରୁ ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ । ହତ୍ୟା ହେଉ କି ଆତ୍ମହତ୍ୟା, ଅକାଳରେ ଅବସାନ ଘଟିଲା ଗୋଟିଏ ତରୁଣୀ ଜୀବନର । ଦୁଇ ଦୁଇ ଥର ସେମାନଙ୍କୁ ଅବଜ୍ଞା କରିଥିବା ଝିଅ ପାଇଁ କାନ୍ଦିବାକୁ ମା'ବାପାଙ୍କ ଆଖିରେ ଲୁହ ନ ଥିଲା ।

ଏ କେବଳ ଗୋଟିଏ ଘଟଣା ନୁହେଁ । ଭାରତୀୟ ସଂସ୍କାର ଓ ସଂସ୍କୃତି ସୂତ୍ରରେ ଅନୈତିକ ବିବେଚିତ ହେଉଥିବା ସହବାସୀ ସମ୍ପର୍କ ଅବୈଧ ନୁହେଁ ବୋଲି ସୁପ୍ରିମକୋର୍ଟ କହିଲା ପରେ ବିବାହ ନ କରି ବହୁ ଯୁବତୀ ଯୁବକ ଅଘୋଷିତ ଦାମ୍ପତ୍ୟ ଉପଭୋଗ କରୁଛନ୍ତି ଓ ମୁକ୍ତ ଚେତନା ନାଁରେ ପୁଣି କିଛିଦିନ ପରେ ପରସ୍ପରଠୁ ବିଚ୍ଛିନ୍ନ ହୋଇ ଯାଉଛନ୍ତି । ଏ ସବୁ ସଂସ୍କାର ବିବର୍ଜିତ କାର୍ଯ୍ୟ ପ୍ରତି ଆଇନର ସମର୍ଥନ ଦେଖି ସମାଜ ନୀରବ ରହିବାକୁ ବାଧ୍ୟ ହେଉଛି । ଏକ ନୀତିନିଷ୍ଠ ସମାଜର ସଂସ୍କାର ଉପରେ ଆଇନର ଏହି ହାତୁଡ଼ି ପ୍ରହାର ଯଥେଷ୍ଟ ନ ହେଲା ଭଳି ଏବେ ପୁଣି ଆଉ ଯେଉଁ ବିଚିତ୍ର ଦାବିଟିଏ ମୁଣ୍ଡ ଟେକି ଉଚ୍ଚତମ ନ୍ୟାୟାଳୟର ସିଦ୍ଧାନ୍ତକୁ ଅପେକ୍ଷା କରି ରହିଛି, ତାହା ହେଉଛି 'ସମଲିଙ୍ଗୀ ବିବାହ' । ବଡ଼ ବିଚିତ୍ର ଏହି ବିବାହ! ସଚରାଚର ବିବାହ ପରେ ନାରୀପୁରୁଷ ଜାୟା ଓ ପତି ରୂପରେ ଦମ୍ପତି ବୋଲାଉଥିବା ବେଳେ ଏ କ୍ଷେତ୍ରରେ ଦୁଇଟି ପୁରୁଷ ବା ଦୁଇଜଣ ନାରୀଙ୍କ ମଧ୍ୟରୁ କିଏ ଜାୟା ଓ କିଏ ପତିର ମାନ୍ୟତା ପାଇବ; ତାହା ବୋଧହୁଏ ଅଦାଲତର ବିଚାର ପରିସରକୁ ଆସି ନ ଥିବ! ବହୁବର୍ଷ ତଳେ ଅବିବାହିତା ନାରୀଙ୍କ ମାତୃତ୍ୱ ଲାଭ ସପକ୍ଷରେ ଦୃଢ଼ ଯୁକ୍ତି ବଢ଼ାଯାଇଥିଲା । ତା' ସହ ଅନ୍ୟାନ୍ୟ କର୍ମଜୀବୀ ବିବାହିତା ମହିଳାଙ୍କ ପରି ଏହି ଅବିବାହିତା କର୍ମଜୀବୀମାନଙ୍କୁ ପ୍ରସବକାଳୀନ ଛୁଟି ମଞ୍ଜୁର ପାଇଁ ଦାବି ଉଠିଥିଲା । ମାତ୍ର ଧନ୍ୟ କହିବ, ନୀତିରୁ ଜନ୍ମ ନେଇଥିବା ଆମ ଦେଶର ନ୍ୟାୟ ବ୍ୟବସ୍ଥାକୁ, ସେତେବେଳେ ଏ ପ୍ରକାର ଏକ ଅଯୌକ୍ତିକ ତଥା ଅନୈତିକ ଦାବିକୁ ପ୍ରତ୍ୟାଖ୍ୟାନ କରି ଭାରତ ସରକାର ଅବିବାହିତାମାନଙ୍କ ପ୍ରସବକୁ ଏକ 'ନୈତିକ ସ୍ଖଳନ' ବୋଲି ମନ୍ତବ୍ୟ ଦେଇଥିଲେ । ମଣିଷ ଯେ ଇତର ପ୍ରାଣୀମାନଙ୍କଠୁଁ ଏକ ଉନ୍ନତ ଜୀବନର ଅଧିକାରୀ, ସମାଜ ଆଚରିତ ନୈତିକତାବୋଧ ନିକଟରେ ଏହାର ଆଚରଣ ଯେ ଉତ୍ତରଦାୟୀ, ଏହା ପ୍ରଶାସନିକ ସ୍ତରରେ ପ୍ରମାଣିତ ହୋଇଯାଇଥିଲା ।

ଅଥଚ ଏହା ମଧ୍ୟରେ ଉଭୟ ମଣିଷ ଓ ସମାଜର ଚେତନାରେ କ'ଣ ଏମିତି ପରିବର୍ତ୍ତନ ହୋଇଗଲା ଯେ ଏବେ ଚିତ୍ର ନଗରୀର ଜଣେ ଅଭିନେତ୍ରୀ ଅତି ନିର୍ଲଜ୍ଜ ଭାବେ କହିପାରୁଛି– ''ବିବାହ କଥା ପରେ, ମାତ୍ର ତା' ପୂର୍ବରୁ ମୁଁ ମାଆ ହେବାକୁ ଚାହେଁ ।'' ଆଧୁନିକତାର ଅନ୍ଧ ଔଜ୍ଜ୍ୱଲ୍ୟ ସହ ମୁକ୍ତ ଚେତନାର ଅବାଞ୍ଛିତ ଆକର୍ଷଣ ଯେତେବେଳେ ଏକ ସଂସ୍କାରନିଷ୍ଠ ସମାଜ ଉପରେ ଭାରି ପଡ଼ିଯାଏ, ସେତେବେଳେ କେବଳ ଅବିବାହିତା ତରୁଣୀଟିଏ ଗର୍ଭବତୀ ହେବାକୁ ଘୋଷଣା କରେ ନାହିଁ, ପୁରୁଷଟିଏ ଅନ୍ୟ ଏକ ପୁରୁଷକୁ ବା ନାରୀ ଜଣେ ଅନ୍ୟ ଏକ ନାରୀକୁ ବିବାହ କରିବାକୁ ନିଜ ଅଧିକାର ବୋଲି ଦାବି କରେ । କେବଳ ପରସ୍ପରର ସଙ୍ଗ ଲୋଡ଼ିବା ବ୍ୟତିରେକେ ସନ୍ତାନ ଉତ୍ପାଦନ କରିବା ଯେ ବିବାହର ମୁଖ୍ୟ ଲକ୍ଷ୍ୟ, ଭବିଷ୍ୟତ ବିଶ୍ୱକୁ ପ୍ରାଣମୟ କରି ଗଢ଼ି ତୋଳିବାକୁ ବିପରୀତ ଲିଙ୍ଗୀ ଦମ୍ପତିଙ୍କର ଯେ ଏକ ଜୈବିକ ଆବଶ୍ୟକତା ରହିଛି, ଏମିତି ଏକ ସ୍ୱଚ୍ଛ ସତ୍ୟକୁ ସେ ଅସ୍ୱୀକାର କରେ ।

ଭୁଲିଗଲେ ଚଳିବ ନାହିଁ ଯେ ସମଲିଙ୍ଗୀ ବିବାହ ପ୍ରକୃତି ବିରୋଧରେ ଏକ ଖୋଲା ବିଦ୍ରୋହ । ଇତିହାସ ସାକ୍ଷୀ ଅଛି, ମଣିଷର ଜ୍ଞାନ, ବିଜ୍ଞାନ, ବିଦ୍ୟା ବିଦ୍‌ବତ୍ତା ବା ଉଗ୍ର ଆଧୁନିକତା ଯେତେବେଳେ ପ୍ରକୃତି ବିରୋଧରେ ଆହ୍ୱାନ ହୋଇ ଛିଡ଼ା ହୋଇଛି, ସେତେବେଳେ ପ୍ରକୃତି ଅତ୍ୟନ୍ତ ନିର୍ମମ ଭାବେ ତାହାର ପ୍ରତିଶୋଧ ନେଇଛି । ଆଉ ପ୍ରକୃତିର କ୍ରୋଧକୁ ପ୍ରଶମିତ କରିବା ପାଇଁ କେବଳ ଭାରତରେ କାହିଁକି, ସମଗ୍ର ବିଶ୍ୱରେ ବି କୌଣସି ଆଇନର ସାମର୍ଥ୍ୟ ନାହିଁ । ସୁତରାଂ, ସାଧୁ ସାବଧାନ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ସଫଳ ରଣନୀତିକାର

ବ୍ୟକ୍ତିତ୍ୱ



ସୁନୀଲ କାନୁଗୋଲୁ

କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ଭାରତୀୟ ଜନତା ପାର୍ଟି (ଭାଜପା)କୁ ଆଚମ୍ବିତ କରିଛି । ଦେଶର ବିଭିନ୍ନ ଭାଗରେ କ୍ଷୀଣ ଦେଖାଯାଉଥିବା କଂଗ୍ରେସକୁ ଭାଜପା ଅତି ନ୍ୟୂନ ଦୃଷ୍ଟିରେ ଦେଖୁଥିବା ବେଳେ ଅଚାନକ ଏହି ପୁରାତନ ଜାତୀୟ ଦଳର ବିଜୟ ଏହାର ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଦେଇଛି । ଏହାର ଶ୍ରେୟ ନେବାକୁ ବଡ଼ ନେତାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । କିନ୍ତୁ ତାରକା ପ୍ରଚାରକ ନ ଥାଇ ଯିଏ ସମାନ ସ୍ତରର ଶ୍ରେୟ ପାଇବାର ହକ୍‌ଦାର ହୋଇଛନ୍ତି, ସେ ହେଉଛନ୍ତି ସୁନୀଲ କାନୁଗୋଲୁ । କଂଗ୍ରେସ ତାଙ୍କୁ ଗତବର୍ଷ ମାର୍ଚ୍ଚରେ ପୋଲ୍ ଷ୍ଟ୍ରାଟେଜିଷ୍ଟ ଭାବେ ନିଯୁକ୍ତ କରିଥିଲା । ସ୍ୱଳ୍ପଭାଷୀ ଏହି ବ୍ୟକ୍ତି ଅନ୍ୟତମ ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ସହ ମିଶି ମଧ୍ୟ କାମ କରିଥିଲେ । କିନ୍ତୁ ଏକାକୀ ନିଜ କମ୍ପାନୀ 'ମାଇଣ୍ଡଶେୟାର ଆନାଲିଟିକ୍ସ ସର୍ଭିସ' ଜରିଆରେ କର୍ନାଟକରେ କଂଗ୍ରେସକୁ ବିପୁଳ ବିଜୟ ଦେଇଥିବାରୁ ତାଙ୍କ ପରାମର୍ଶ ନେବାକୁ ଅନ୍ୟ ରାଜନୈତିକ ଦଳଗୁଡ଼ିକ ହାଇଁପାଇଁ ହେଲେଣି ।

କର୍ନାଟକର ବାଲାରି (ପୂର୍ବରୁ ବେଲାରି) ଜିଲାରେ ଏହି ୪୦ ବର୍ଷୀୟ ଯୁବପ୍ରତିଭାଙ୍କ ଜନ୍ମ । ସ୍ଥାନୀୟ ଅଞ୍ଚଳରୁ ପ୍ରାରମ୍ଭିକ ଶିକ୍ଷା ଶେଷ କରିବା ପରେ ସେ ଚେନ୍ନାଇରେ ପାଠ ପଢ଼ିଥିଲେ । ଇଞ୍ଜିନିୟରିଂ ପଢ଼ିବା ପରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇ ଏମ୍‌ଏସ୍ ଇନ୍ ଫାଇନାନ୍ସ ଏବଂ ଏମ୍‌ବିଏରେ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ । ୨୦୦୯ରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ । ତାଙ୍କ ବିଷୟରେ କର୍ପୋରେଟ୍ ଆଫାୟାର୍ସ ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ ସୁନୀଲ ଏସ୍‌ଆର୍ ଇଣ୍ଡିପେଣ୍ଡେଣ୍ଟ ଫିସରିଜ୍ ପ୍ରାଇଭେଟ୍ ଲିମିଟେଡ୍, ଏସ୍‌ଆର୍ ନାଚୁରୋ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ବ୍ରେନ୍‌ଷ୍ଟର୍ମ ଇନୋଭେଶନ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ୍ ନାମକ ୩ଟି କମ୍ପାନୀରେ ନିର୍ଦ୍ଦେଶକ ପଦରେ ରହି କାମ କରିଥିଲେ । ପରବର୍ତ୍ତୀ ସମୟରେ ସେଗୁଡ଼ିକ ବନ୍ଦ ହୋଇଯାଇଥିଲା । ସେ ମଧ୍ୟ ମ୍ୟାକିନ୍‌ସେ ପାଇଁ ପରାମର୍ଶଦାତା ଭାବେ କାର୍ଯ୍ୟ ତୁଲାଇଥିଲେ । ସମ୍ଭବତଃ ସେହିଠାରେ ସେ ଲୋକଲୋଚନଠାରୁ ଦୂରେଇ ରହିବାର ଅଭ୍ୟାସ କରି ନିଜ ବ୍ୟକ୍ତିଗତ ମତ ଦେବାକୁ ଉଚିତ ମଣି ନ ଥିଲେ । ତେବେ ସୁନୀଲଙ୍କ ରାଜନୈତିକ ବ୍ୟାପାର ସହ ସମ୍ବନ୍ଧର ସମୟକୁ ଦେଖିଲେ ୨୦୧୪ ପୂର୍ବରୁ ସେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଶି କାମ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ପ୍ରଶାନ୍ତ କିଶୋର ୨୦୧୪ରେ ନିର୍ବାଚନ ଅଭିଯାନ ସଂକ୍ରାନ୍ତ ଦାୟିତ୍ୱ ହାତକୁ ନେଇଥିଲେ । ସଂଯୋଗବଶତଃ ଉଭୟ ପୁଣି ମିଶିଯାଇ ନିର୍ବାଚନ ସକାଶେ ବିଭିନ୍ନ ପ୍ରକାର ରଣନୀତି ତିଆରି କରିଥିଲେ । ପରବର୍ତ୍ତୀ ସମୟରେ ପ୍ରଶାନ୍ତ ଭାଜପାଠାରୁ ଛିନ୍ନ ହୋଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଇଁ କାମ କରିଥିଲେ ମଧ୍ୟ ସୁନୀଲ ଭାଜପା ସହିତ ରହିଥିଲେ । ୨୦୧୭ ଉତ୍ତର ପ୍ରଦେଶ ନିର୍ବାଚନ ପୂର୍ବରୁ ୨୦୧୬ ଅକ୍ଟୋବରରେ ପ୍ରଶାନ୍ତ କିଶୋରଙ୍କୁ ଟକ୍କର ଦେବା ଭଳି ଏକ ପରାମର୍ଶ କମ୍ପାନୀ ଗଠନ ଲାଗି ଭାଜପା ତାଙ୍କୁ ଦାୟିତ୍ୱ ଦେଇଥିଲା । ଏହା ପରେ ସେ ସହଯୋଗୀ ରଣନୀତିକାର ହିମାଂଶୁ ସିଂ ଓ ଜଣେ ଗୁଜରାଟୀ ବ୍ୟବସାୟୀଙ୍କ ସହ ମିଶି ଆସୋସିଏଶନ ଅଫ୍ ବ୍ରିଲିଆଣ୍ଟ ମାଇଣ୍ଡସ୍ (ଏବିଏମ୍) ଗଢ଼ିଥିଲେ । ସୁନୀଲ କାନୁଗୋଲୁ ମଧ୍ୟ ୨୦୧୬ରେ ଡିଏମ୍‌କେ ପାଇଁ 'ନାମାକୁ ନାମି' ଅଭିଯାନର ନକ୍ସା ଆଙ୍କିଥିଲେ । କିନ୍ତୁ ତାହା ଡିଏମ୍‌କେ ପାଇଁ ବିଜୟ ଆଣିଦେଇ ନ ଥିଲା । ଫେବୃୟାରୀ ୨୦୧୮ ଯାଏ ସେ ମଧ୍ୟ ଭାଜପା ନେତା ଅମିତ ଶାହାଙ୍କ ଘନିଷ୍ଠ ଥିଲେ ଏବଂ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ କର୍ନାଟକ ବିଧାନସଭା ନିର୍ବାଚନ କାର୍ଯ୍ୟରେ ସାହାଯ୍ୟ କରିଥିଲେ । ଆକସ୍ମିକ ଭାବେ ୨୦୧୮ରେ ଦକ୍ଷିଣ ଭାରତ ରାଜ୍ୟରେ ଭାଜପାର ବିଜୟରେ ତାଙ୍କ ରଣନୀତି କାମ କରିଥିଲା ବୋଲି କୁହାଯାଇଥିଲା ।

ରାଜନୀତି ରଣନୀତିକାର କାହା ପାଖରେ ସର୍ବକାଳୀନ ରହି ନ ଥିବା ଭଳି ମନେ ହୋଇଥାଏ । ପ୍ରଶାନ୍ତ କିଶୋରଙ୍କ କ୍ଷେତ୍ରରେ ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ସେହି କ୍ରମରେ ଲକ୍ଷ୍ୟ କଲେ ୨୦୨୧ରେ ସୁନୀଲଙ୍କୁ କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଭେଟି ତାଙ୍କ ଦ୍ୱାରା ଗଠିତ ମାଇଣ୍ଡଶେୟାର ଆନାଲିଟିକ୍ସ ସେବାର ସହାୟତା ମାଗିଥିଲେ । ମେ' ୨୦୨୨ରେ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୨୦୨୪ ନିର୍ବାଚନ ସକାଶେ ଗଢ଼ିଥିବା ନିର୍ବାଚନୀ ଟାସ୍କଫୋର୍ସରେ ତାଙ୍କୁ ଜଣେ ସଦସ୍ୟ ରଖିଥିଲେ । ଏହି ଟାସ୍କଫୋର୍ସରେ ବରିଷ୍ଠ ନେତା ପି. ଚିଦାମ୍ବରମ୍, ମୁକୁଲ ୱାସନିକ୍, ଜୟରାମ ରମେଶ, କେ.ସି. ବେଣୁଗୋପାଳ, ଅଜୟ ମାକେନ୍, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ରଣଦୀପ ସିଂ ସୁର୍ଯ୍ୟେୱାଲା ଅନ୍ୟ ସଦସ୍ୟ ଥିଲେ । ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ କର୍ନାଟକ ବିଧାନସଭା ନିର୍ବାଚନ ବିଜୟ ଲାଗି କରାଯାଇଥିବା ରଣନୀତି ବିଷୟରେ ସୁନୀଲ କେବଳ କଂଗ୍ରେସର ସାଧାରଣ ସମ୍ପାଦକ (ସଙ୍ଗଠନ) କେ. ସି. ବେନୁଗୋପାଳ ଓ କର୍ନାଟକ ଦାୟିତ୍ୱରେ ଥିବା ରାଜ୍ୟ ସଭା ସଦସ୍ୟ ରଣଦୀପ ସୁର୍ଯ୍ୟେୱାଲାଙ୍କ ସହ ମତ ବିନିମୟ କରୁଥିଲେ । ଅତି ନୀରବତାର ସହ ସେ ତୃଣମୂଳସ୍ତରରୁ ମିଳୁଥିବା ମନ୍ତବ୍ୟକୁ ଶୁଣିବା ସହ ସର୍ଭେ କାମରେ ମନପ୍ରାଣ ଦେଇଥିଲେ । ଭାଜପାର ଗତିରୋଧ କରିବା ଲାଗି ସେ ଦିନକୁ ୨୦ ଘଣ୍ଟା କାମ କରୁଥିଲେ ବୋଲି କୁହାଯାଉଛି । କର୍ନାଟକରେ କଂଗ୍ରେସର ବିଜୟ ପାଇଁ ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା'ର ଅବଦାନ ରହିଛି । ତେବେ ଏହି ଯାତ୍ରା ଲାଗି ରାହୁଲଙ୍କୁ କୌଶଳ ଦେଇଥିବା ବ୍ୟକ୍ତି ମଧ୍ୟ ଥିଲେ ସୁନୀଲ । କର୍ନାଟକରେ ପଦଯାତ୍ରା ବେଳେ ମୃତ ସାମ୍ବାଦିକା ତଥା ସାମାଜିକ କର୍ମୀ ଗୌରୀ ଲଙ୍କେଶଙ୍କ ମାତାଙ୍କୁ ରାହୁଲ ଭେଟିବା ଥିଲା ସୁନୀଲଙ୍କ ମାନସସନ୍ତାନ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ନିଜର କୌଣସି ବ୍ୟକ୍ତିଗତ ସୋସିଆଲ ମିଡିଆ ଆକାଉଣ୍ଟ ନ ଥିଲେ ମଧ୍ୟ ଅନ୍‌ଲାଇନ୍‌ରେ ଲୋକଙ୍କ ନିକଟରେ କିଭଳି ପହଞ୍ଚି ହେବ ତାହାର ବାଟ ସେ ତିଆରି କରିଥିଲେ ।

ସୁନୀଲଙ୍କ ଭଲ ଗୁଣ ହେଲା ସେ ତାଙ୍କ ବନ୍ଧୁମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିବାକୁ ଆଗେଇ ଆସିଥାଆନ୍ତି । ଅନ୍ୟପକ୍ଷରେ ସାଙ୍ଗମାନେ ତାଙ୍କୁ ଜଣେ 'ଫୁଡି' ବୋଲି ଅଭିହିତ କରି 'ମିଲିଟାଣ୍ଟ ମିଟ୍ ଇଟର' ଭାବେ ଆଖ୍ୟା ଦେଇଛନ୍ତି ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସବୁଜଗୃହ ବାଷ୍ପ ନିର୍ଗମନ ବିଶ୍ୱତାପନର ଏକ ବଡ଼ କାରଣ ପାଲଟିଛି । ଏହି ବାଷ୍ପ ଗାଡିମୋଟର, କଳକାରଖାନା ଓ କୃଷି ଆଦି କ୍ଷେତ୍ରରୁ ଅଧିକ ନିର୍ଗମନ ହେଉଛି । ଏହାକୁ ଲକ୍ଷ୍ୟ କରି ଆନ୍ଧ୍ରପ୍ରଦେଶର ସତ୍ୟ ରଘୁ ମୋକ୍କାପତି 'ଗ୍ରୀନ୍‌ହାଉସ-ଇନ୍ ଏ-ବକ୍ସ' ଆବିଷ୍କାର କରିଛନ୍ତି । କ୍ଷତି ଷ୍ଟାର୍ଟଅପ୍ ମାଧ୍ୟମରେ ସେ ଏହା କରିଛନ୍ତି । ଗ୍ରୀନ୍‌ହାଉସ-ଇନ୍ ଏ-ବକ୍ସକୁ ସେ ୨୦୧୫ରେ ପ୍ରତିଷ୍ଠା କରିଥିଲେ । ଏହା ବକ୍ସ ନୁହେଁ, ଏହା ଏକପ୍ରକାର ଟେଣ୍ଟ । ଏଥିରେ ଚାଷ କଲେ କମ୍ ସବୁଜଗୃହ ବାଷ୍ପ ନିର୍ଗମନ ହେଉଛି । ବଡ଼ କଥା ହେଉଛି, ଏଥିରେ ଚାଷ କଲେ ୯୮% ପାଣି ବଞ୍ଚାଯାଇପାରୁଛି । ଏଥିରେ କୀଟପତଙ୍ଗ ଦାଉରୁ ଫସଲକୁ ରକ୍ଷା କରାଯିବା ସହ ୯୦ ପ୍ରତିଶତ କୀଟନାଶକ ବ୍ୟବହାର କମ୍ ହେଉଛି । ଏହି ବକ୍ସରେ ଚାଷ କରି କୃଷକମାନେ ଅଧିକ ଲାଭ ପାଉଛନ୍ତି । ସତ୍ୟ ଦୁଇପ୍ରକାର ବକ୍ସ ତିଆରି କରିଛନ୍ତି । ଏସବୁର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ୩.୩୫ ଟଙ୍କା ଭିତରେ ରହୁଛି । ଏଥିରେ ଚାଷ କରିବା ଲାଗି କୃଷକମାନଙ୍କୁ ସେ ପ୍ରଶିକ୍ଷଣ ଦେଉଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମେ ୧୯୯୮

- ମାରିଟାନିଆର ଦକ୍ଷିଣକୁ ନେମାଠାରେ ଦେଶର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୧ ଜଣ ଯାତ୍ରୀଙ୍କ ମୃତ୍ୟୁ ।
- ଆନ୍ତର୍ଜାତିକ ସମୁଦାୟର ଇଚ୍ଛା ଓ ଆମେରିକାର କଟକଣାକୁ ଖାତିର ନ କରି ରାଜସ୍ଥାନର ପୋଖରାନ ରେଞ୍ଜରେ ଭୂମି ତଳେ ଆଉ ୨ଟି ଆଣବିକ ବୋମାର ସଫଳ ପରୀକ୍ଷଣ ।
- କଂଗ୍ରେସ ଦଳର ପୁନର୍ବିନ୍ୟାସ ପ୍ରକ୍ରିୟାର ଅଂଶ ସ୍ୱରୂପ ଅମ୍ବିକା ସୋନୀ ମହିଳା କଂଗ୍ରେସର ସଭାନେତ୍ରୀ ଓ ମନୀଷ ତିୱାରୀ ଯୁବକଂଗ୍ରେସ ସଭାପତି ନିଯୁକ୍ତ ।

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀ କଥା କିଏ ବୁଝୁଛି

ମହାଶୟ,

ଚାଷ କାମ ଲାଗି ଶ୍ରମିକ ଅଭାବ ସାଙ୍ଗକୁ ସାର, କୀଟନାଶକ ଦର ବୃଦ୍ଧି ଯୋଗୁ ଚାଷୀ ହତାଶ ହେଉଛି । ଧାନ ଚାଷ କଲେ ଶ୍ରମିକ ଏକ ବଡ ସମସ୍ୟା ହୋଇ ଉଭା ହେଉଛି । ଧାନ ଚାଷରେ ଲାଭ ଟିକିଏ ହେଲେ ନାହିଁ । ଚଳିତବର୍ଷ ମଣ୍ଡିରେ ମୋର ୫୦ କୁଇଣ୍ଟାଲ ଖରିଫ ଧାନର ଟୋକନ୍ ଥାଇ ବି ବିକ୍ରି କରିପାରି ନାହିଁ । ଘର ପାଖ ମଣ୍ଡିରେ ଧାନ କ୍ରୟ ବନ୍ଦ ହୋଇଯିବାରୁ ଚନ୍ଦନପୁରରେ ୯ କୁଇଣ୍ଟାଲ ଧାନ ବିକ୍ରୟ କଲି । ୪୫ କେଜି କାଟ ସାଙ୍ଗକୁ ଶ୍ରୀରାମଚନ୍ଦ୍ରପୁରରୁ ଚନ୍ଦନପୁରକୁ ଗାଡି ଭଡା ବାବଦ ୩୦୦ ଟଙ୍କା ଦେବାକୁ ପଡିଲା । ମୋ ପରି ଶହ ଶହ ଚାଷୀ ମଣ୍ଡି ବନ୍ଦ ହୋଇଯିବା ପରେ ମୁଣ୍ଡରେ ହାତପାତି ବସିରହିଛନ୍ତି । କୃଷି ଓ ଉଦ୍ୟାନ କୃଷି ବିଭାଗର ଅଧିକାରୀ ଓ କୃଷକମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଆମ ପରି ଚାଷୀ ଚାଷ କରିବାକୁ ଆଗଭର ହେଉନାହାନ୍ତି । ୧୦ ମାଣ ଜମିରେ ଯେତିକି ଶ୍ରମିକ ଲାଗୁଛନ୍ତି ସେହି ଅନୁପାତରେ ଧାନ ମିଳୁନି । ଯେତିକି ବି ଧାନ ମିଳୁଛି ମଣ୍ଡିକୁ ନେଇ ସେଠାରେ ବିକ୍ରି କରିବା ଆହୁରି କଷ୍ଟକର ।

– ଦେବଭକ୍ତ ମିଶ୍ର, ବରିଷ୍ଠ ନାଗରିକ, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ଯେ ତବ ଶ୍ରେଷ୍ଠ ଆତ୍ମା, ତବ
ଅନ୍ତିମର ଶେଷଯାତ୍ରୀ
ମରଣର ପରପାରେ ସେ ଯେ ତବ
ଜୀବନର ସାଥୀ ।

(ପ୍ରାଚୀନ ଓ ନବୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ଜାତୀୟ ଅଭିଲେଖାଗାରର ଅଭିଲେଖା ଅଧିକାରୀ ଡ. ସତ୍ୟନାରାୟଣ ମିଶ୍ର ତାଙ୍କ ଦ୍ୱାରା ଲିଖିତ 'ସତ୍ୟାର୍ଥ ଦର୍ପଣ'କୁ ଶନିବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି।

# 'ଓଡ଼ିଶାର ଆଞ୍ଚଳିକ ଜୁଡିସିଆଲ ଏକାଡେମୀ ଦେଶ ପାଇଁ ଉଦାହରଣ'

## ରାଜ୍ୟରେ ସ୍ଥାପନ ହେଲା ୫ଟି ଆଞ୍ଚଳିକ ଜୁଡିସିଆଲ ଏକାଡେମୀ

**କଟକ ଅଫିସ,୧୩।୫**

ରାଜ୍ୟର ଅନୁଗୋଳ, ବାଲେଶ୍ୱର, କୋରାପୁଟ, ଗଞ୍ଜାମ, ସମ୍ବଲପୁର ଜିଲାରେ ଆଞ୍ଚଳିକ ଜୁଡିସିଆଲ ଏକାଡେମୀ କାର୍ଯ୍ୟକ୍ଷମ ହୋଇଛି। ବିଚାର ବିଭାଗୀୟ ଅଧିକାରୀ, କୋର୍ଟ କର୍ମଚାରୀ, ଆଇନଜୀବୀଙ୍କ ଦକ୍ଷତା ବିକାଶ ପାଇଁ ଏହି ଏକାଡେମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଅନୁଗୋଳଠାରେ ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, କେନ୍ଦୁଝର ଜିଲା, ବାଲେଶ୍ୱରଠାରେ ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, ଭଦ୍ରକ ଜିଲା, କୋରାପୁଟଠାରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଜିଲା, ଗଞ୍ଜାମଠାରେ ଗଞ୍ଜାମ, ଗଜପତି, ନୟାଗଡ଼, କନ୍ଧମାଳ ଏବଂ ସମ୍ବଲପୁରଠାରେ ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା ଜିଲା କୋର୍ଟଗୁଡ଼ିକ ଉପକୃତ ହେବ ବୋଲି ହାଇକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି।

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ବିଚାରପତି ସୂର୍ଯ୍ୟ କାନ୍ତ ଆଭାସୀ ମାଧ୍ୟମରେ ୫ଟି ଆଞ୍ଚଳିକ ଜୁଡିସିଆଲ ଏକାଡେମୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଓଡ଼ିଶାର ଆଞ୍ଚଳିକ ଜୁଡିସିଆଲ ଏକାଡେମୀଗୁଡ଼ିକ ଦେଶ ପାଇଁ ଉଦାହରଣ ହୋଇଛି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ଜିଲାକୋର୍ଟଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଲାକୋର୍ଟଗୁଡ଼ିକର କାର୍ଯ୍ୟକାରିତାରେ ଜୁଡିସିଆଲ ଏକେଡେମୀ ବହୁ ଭାବେ ସହାୟକ ହୋଇପାରିବ। ଓଡ଼ିଶା ହାଇକୋର୍ଟ ଏବଂ ରାଜ୍ୟ ସରକାରଙ୍କର ଏହା ଏକ ମହତ୍ ଉଦ୍ୟମ ବୋଲି ସେ କହିଥିଲେ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଜୁଡିସିଆଲ ଏକାଡେମୀଗୁଡ଼ିକର ପ୍ରତିଷ୍ଠା ପାଇଁ ହାଇକୋର୍ଟ ଓ ଜିଲାକୋର୍ଟ ବିଚାରପତିମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏଥିସହ ସେ କହିଥିଲେ, ରାଜ୍ୟର ଭୌଗୋଳିକ ଅବସ୍ଥିତିକୁ ବିଚାର କରାଯାଇ ଜୁଡିସିଆଲ ଏକାଡେମୀଗୁଡ଼ିକୁ ନିକଟତମ ଜିଲାଗୁଡ଼ିକର କ୍ଲଷ୍ଟର ଭାବେ ଚୟନ କରାଯାଇଛି। ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ବିଭିନ୍ନ ତାଲିମ କାର୍ଯ୍ୟକ୍ରମ କରାଇବା ପୂର୍ବାପେକ୍ଷା ସହଜ ହେବ। ଏହାଦ୍ୱାରା ସମୟ ଓ ଅର୍ଥ ନଷ୍ଟ ହେବ ନାହିଁ ବୋଲି ସେ କହିଥିଲେ।

ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇ ଗତ ୫ ବର୍ଷ ମଧ୍ୟରେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ୩୦୦ ତାଲିମ କାର୍ଯ୍ୟକ୍ରମ ହୋଇଥିବା ସୂଚନା ଦେଇଥିଲେ। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବହୁ ବିଚାରପତି ଉପସ୍ଥିତ ଥିଲେ। ସେହିପରି ଆଭାସୀ ମାଧ୍ୟମରେ ଜିଲାକୋର୍ଟଗୁଡ଼ିକରେ ବିଚାର ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।




କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ବିଚାରପତି ସୂର୍ଯ୍ୟ କାନ୍ତ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ।

# ଆମ୍ବ ତୋଳିବାକୁ ଆସିଥିବା ବେଳେ ଭାଲୁ ମାରିଦେଲା

**କେନ୍ଦୁଝର,୧୩।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ରେଞ୍ଜ୍ ତିହାଡ଼ିପଶି ଗ୍ରାମରେ ଭାଲୁ ଆକ୍ରମଣରେ ବିଦ୍ୟାଧର ନାଏକ(୫୫)ଙ୍କ ମୃତ୍ୟୁ ହୋଇଛି। କ୍ଷେତରେ ତାଙ୍କ ରକ୍ତାକ୍ତ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିଥଲେ। ମୃତକଙ୍କ ହାତରେ ଏକ ଆମ୍ବ ଥିବା ଦେଖିବାକୁ ମିଳିଛି। ସକାଳେ ସେ ଆମ୍ବ ତୋଳିବାକୁ ଆସିଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ଭାଲୁଟି ମୁହଁ ଓ ମୁଣ୍ଡକୁ କାମୁଡ଼ି କ୍ଷତବିକ୍ଷତ କରି ଛାଡ଼ିଦେଇ ପଳାଇଥିବା ବନ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ପୋଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ କରୁଛି। ଏ ନେଇ ସଦର ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, ସରକାରୀ ନିୟମାନୁଯାୟୀ ମୃତକଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ମିଳିବ। ଭାଲୁ ଆମ୍ବ ଖାଇବା ପାଇଁ ଗାଁ ଗଣ୍ଡାକୁ ଚାଲି ଆସୁଥିବାରୁ ଲୋକେ ସଚେତନ ରହିବାକୁ ସେ କହିଥିଲେ।



ମୃତଦେହ ନିକଟରେ ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ।

# ୧୬ ନମ୍ବର ଜାତୀୟ ରାଜପଥରେ ଗଲା ୫ ଜୀବନ

**ଚଣ୍ଡିଖୋଲ,(ଡି.ଏନ.ଏ.) /ଭଦ୍ରକ ଅଫିସ,୧୩।୫**

■ଅଧୁରା ରହିଲା କାଳିଆ ଦର୍ଶନ, ୩ ସାଙ୍ଗଙ୍କ ମୃତ୍ୟୁ

■ଭଦ୍ରକରୁ ଢେଙ୍କାନାଳ ଫେରୁଥିବା ୨ ଯୁବକ ମୃତ

୧୬ନଂ. ଜାତୀୟ ରାଜପଥର ଯାଜପୁର ଓ ଭଦ୍ରକ ଜିଲାରେ ୨ ଦୁର୍ଘଟଣା ଘଟି ୫ ଯୁବକଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଯାଜପୁର ଜିଲାର ୩ ଯୁବକ ହୋଇଥିବାବେଳେ ଢେଙ୍କାନାଳ ଜିଲାର ୨ ଯୁବକ ରହିଛନ୍ତି। ଯାଜପୁର ଜିଲାର ୩ ସାଙ୍ଗ ପ୍ରାତଃ ସମୟରେ ପୁରୀରେ ପହଞ୍ଚି କାଳିଆ ଦର୍ଶନ କରିବାକୁ ଶୁକ୍ରବାର ରାତି ପ୍ରାୟ ୨ଟା୩୦ରେ ଘରୁ ବାହାରିଥିଲେ। ମାତ୍ର ୨୦ କିଲୋମିଟର ଆସିବା ପରେ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଡ଼େଇ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ଯାଜପୁର ଜିଲା ବାରବାଟୀ ନିକଟ ମାନତିରା ଗ୍ରାମର ଅଭିଷେକ ସର(୨୨), ଧର୍ମଶାଳା ଥାନା ଚଢ଼େଇଧରା ଗ୍ରାମର ଅଞ୍ଚଳ କୁମାର ସାହୁ (୨୬) ଓ କଟକ ଜିଲା ଜଗତପୁର ଥାନା ଅନ୍ତର୍ଗତ ବୈକୁଣ୍ଠ ପାଲି ଗ୍ରାମର ଦେବାଶିଷ ନାୟକ(୨୪)। ଏକ ପଲ୍‌ସରରେ ୩ ସାଙ୍ଗ ଯାଉଥିବାବେଳେ ରାତି ପ୍ରାୟ ୩ଟାରେ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ୩ ସାଙ୍ଗ ରାତିରେ ଏକ ଭୋଜିରେ ସାଥି ହୋଇ ଖାଇବା ପରେ ପୁରୀଯିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସେମାନେ ଭୋର ୫ଟାରେ ପୁରୀଠାରେ ପହଞ୍ଚିହେବ ବୋଲି ଆକଳନ କରି ବାହାରି ଆସିବାପରେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବର ପାଇ ବଡ଼ଚଣା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ସମସ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ି ଫେରାଇ ହୋଇଯାଇଛି। ସେଠାରେ ପଡ଼ିଥିବା ଏକ ନମ୍ବର ପ୍ଲେଟକୁ ପୋଲିସ ଜବତ କରି ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ତଦନ୍ତ ଚଳାଇଛି। ସେମାନଙ୍କ କାଳିଆ ଦର୍ଶନ ଅଧୁରା ହୋଇ ରହିଯାଇଛି।

ସେହିପରି ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ନଳାଙ୍ଗ ଛକ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଶନିବାର ସକାଳେ ଅଜଣା ଗାଡ଼ି ଧକ୍କାରେ ୨ ଯୁବକ ଢେଙ୍କାନାଳ ଜିଲା ପର୍ବତିଆ ଗ୍ରାମର ବିଶ୍ୱଜିତ ରାଉତ(୨୦) ଓ ସାନୁ ସ୍ୱାଇଁ(୧୯)ଙ୍କ ମୃତ୍ୟୁ ହୋଇଛି। ସେମାନେ ବାଲେଶ୍ୱର ଜିଲା ଜଳେଶ୍ୱରରୁ ଏକ ବାଇକ୍‌ରେ ଢେଙ୍କାନାଳ ଫେରୁଥିଲେ। ନଳାଙ୍ଗ ଛକ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଅଜଣା ଗାଡ଼ି ପଛପଟୁ ଧକ୍କା ଦେବାରୁ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗ୍ରାମାଞ୍ଚଳ ପୋଲିସ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।



କଡ଼େଇ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ବାଇକ୍।

# ବାଘଛାଲ ଜବତ, ୨ ଗିରଫ




ଜବତ ବାଘ ଛାଲ ଓ ଗିରଫ ଅଭିଯୁକ୍ତମାନଙ୍କ ସହିତ ବନବିଭାଗ ଅଧିକାରୀ।

**ଫୁଲବାଣୀ ଅଫିସ, ୧୩।୫:** କନ୍ଧମାଳ ଜିଲା ଚକାପାଦ ବ୍ଲକ ପସରା ପଞ୍ଚାୟତ ପଖାଳଖିଆ ଗ୍ରାମ ନିକଟରେ ଫୁଲବାଣୀ ବନ ବିଭାଗ ଚଢ଼ାଉ କରି ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଏକ କଲରାପତରିଆ ବାଘ ଛାଲକୁ ଜବତ କରିଛି । ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଲୋକ କହଁର ଏବଂ ଯଶୋବନ୍ତ କହଁର। ବାଘ ଛାଲ କେଉଁଠୁ ଆସିଲା ତାହାର ତଦନ୍ତ ଚାଲିଥିବା ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ କହିଛନ୍ତି।

ପ୍ରକାଶ ଯେ, ଆଲୋକ ଓ ଯଶୋବନ୍ତ ଏକ ବାଘ ଛାଲକୁ ବାହାର ଜିଲାରେ ବିକ୍ରି କରିବା ପାଇଁ ଯୋଜନା କରୁଥିବା ସମ୍ପର୍କରେ ବନ ବିଭାଗକୁ ଖବର ମିଳିଥିଲା। ଡିଏଫଓ ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ମଳୟ ରଞ୍ଜନ କାଲୋ, ଫୁଲବାଣୀ ରେଞ୍ଜର ଶିଶିର କୁମାର ଝାଙ୍କରଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଖଜୁରୀପଡ଼ା ଅଞ୍ଚଳରେ ଚଢାଉ କରାଯାଇଥିଲା। ବାଘ ଛାଲକୁ ନେଇ ଯୁବକ ଦ୍ୱୟ କେଉଁ ସ୍ଥାନକୁ ଯାଉଥିଲେ, ସେମାନେ ବାଘ ଶିକାର କରନ୍ତି କି ନାହିଁ ଏବଂ ସେମାନେ କେଉଁ ରାକେଟ ସହିତ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ଚାଲିଛି। ଆବଶ୍ୟକ ପଡ଼ିଲେ ଦୁଇ ଜଣଙ୍କୁ କୋର୍ଟରୁ ରିମାଣ୍ଡରେ ଅଣାଯିବ ବୋଲି ଡିଏଫଓ ପଟେଲ ପ୍ରକାଶ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTGSUBBSeOT 022023, ତା.08.05.2023ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (MCL), ତାଳଚେର ଠାରେ ସ୍ୱର 7-8 ଏବଂ 9-10 ମଧ୍ୟରେ ଅଟୋମେଟିକ୍ ବ୍ଲକ୍ ସିଗ୍‌ନାଲିଙ୍ଗ ସିଷ୍ଟମ୍‌ର ବ୍ୟବସ୍ଥା ଏବଂ ଦେଉଳବେଡ଼ା ସାଇଡିଙ୍ଗ୍-1 (DB-1) ଏବଂ ଲିଙ୍ଗରାଜ ସ୍ୱର ସାଇଡିଙ୍ଗ୍-3 (DB-2) ଠାରେ ନୂଆ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ୍‌ର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ।

କାର୍ଯ୍ୟର ମୂଲ୍ୟ : ₹ 6,40,28,078/-, EMD : ₹ 4,70,200/-, କାର୍ଯ୍ୟ ଶେଷ ହେବା ଅବଧି: 06 (ଛଅ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.05.2023ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚେକ୍ ଲିଷ୍ଟ ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ GSU/ଭୁବନେଶ୍ୱର

PR-22/CG/23-24

# ମାଓବାଦୀଙ୍କୁ ନଜର ରଖିବ ଡ୍ରୋନ୍

## ଫୁଲବାଣୀରେ ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା

**ଫୁଲବାଣୀ ଅଫିସ/ ସୁନାବେଡ଼ା (ସ୍ୱ.ପ୍ର.) ୧୩।୫**

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ ବଂଶଲ ଶନିବାର କୋରାପୁଟ ଓ କନ୍ଧମାଳ ଜିଲା ଗସ୍ତରେ ଆସି ବିଭିନ୍ନ ସ୍ଥାନ ବୁଲିବା ସହ ମାଓବାଦୀଙ୍କ ଗତିବିଧି ଉପରେ ସମୀକ୍ଷା କରିଛନ୍ତି। ପ୍ରଥମେ କୋରାପୁଟ ଜିଲା ସୁନାବେଡ଼ା ହାଲ୍ ହେଲିପ୍ୟାଡରେ ପହଞ୍ଚି ଜିଲାର ବରିଷ୍ଠ ପୋଲିସ ଅଧିକାରୀ ଓ ବିଏସ୍ଏଫ୍ ଅଧିକାରୀଙ୍କ ସହ ମାଓବାଦୀଙ୍କ ଦମନ ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ କନ୍ଧମାଳ ଜିଲା ଗସ୍ତ କରି ପ୍ରଥମେ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଭଣ୍ଡରଙ୍ଗିରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପ ପରିଦର୍ଶନ କରିଛନ୍ତି। ସେଠାରୁ ଫୁଲବାଣୀ ରିଜର୍ଭ ପୋଲିସ କାର୍ଯ୍ୟାଳୟ ଯାଇ ୬ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବିଏସ୍ଏଫ କ୍ୟାମ୍ପ ଉଦ୍‌ଘାଟନ କରିଥିଲେ। ମାଓବାଦୀଙ୍କ ଗତିବିଧି ଉପରେ ୬ଟି ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରୋନ୍ ନଜର ରଖିବ ବୋଲି ଡିଜିପି ବଂଶଲ କହିଛନ୍ତି। ଏହାପରେ ଜିଲା ପୋଲିସ କାର୍ଯ୍ୟାଳୟକୁ ଯାଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହିଂସା ଛାଡ଼ି ମାଓବାଦୀମାନେ ତୁରନ୍ତ ମୁଖ୍ୟସ୍ରୋତରେ ସାମିଲ ହେବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନାର ଲାଭ ଉଠାନ୍ତୁ, ନଚେତ ବିଏସ୍ଏଫ୍ ପକ୍ଷରୁ କଡ଼ା ଜବାବ ଦିଆଯିବ ବୋଲି ବିଏସ୍ଏଫ ଆଇ.ଜି ଦୀନେଶ କୁମାର ଶର୍ମା କହିଛନ୍ତି। ଏହି ଗସ୍ତରେ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଆଇ.ଜି ଅପେରେଶନ ଅମିତାଭ ଠାକୁର, ଦକ୍ଷିଣାଞ୍ଚଳ ଆଇ.ଜି ସତ୍ୟବ୍ରତ ଭୋଇ, ସିଆରପିଏଫ କମାଣ୍ଡାଣ୍ଟ ସଞ୍ଜୀବ କୁମାର, ବିଏସ୍ଏଫ୍ ଆଇ.ଜି ଦୀନେଶ କୁମାର ଶର୍ମା, ଏସ୍‌ପି ପ୍ରମୁଖ ସାମିଲ ହୋଇଥିଲେ।

WANTED

ଧରିତ୍ରୀ DHARITRI Oriya daily is looking for

MARKETING EXECUTIVES

Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective communication skills & punctuality.

Apply immediately to : recruitment@dharitri.com

Attractive salary commensurate with experience

# ବନ୍ଦ ଘରୁ ମା' ଓ ଝିଅପୁଅଙ୍କ ମୃତଦେହ ଠାବ

■ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଙ୍ଗାହେଲା ତାଲା

■ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ

**ସମ୍ବଲପୁର,୧୩।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ଗଅନ୍ତିଆପଡ଼ାରେ ଶନିବାର ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି। ବନ୍ଦ ଘରୁ ପୋଲିସ ମା' ସହ ପୁଅ ଓ ଝିଅଙ୍କ ମୃତଦେହ ଠାବ କରିଛି। ମୃତକମାନେ ହେଲେ ମାଆ ସାଜିଆ ପରବିନ (୩୫), ପୁଅ ଅବଦୁଲ ରହମାନ (୮) ଓ ଝିଅ ହୁମେୟା ତୟାଇନ (୬)। ଘର ବନ୍ଦ ଥିବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଭଙ୍ଗାଯାଇଥିଲା। ଶୋଇବା କୋଠରି ଖଟ ଉପରେ ବେଡ୍‌ଶିଟ୍ ଘୋଡାଯାଇଥିବା ଅବସ୍ଥାରେ ମୃତଦେହ ଠାବ କରାଯାଇଥିଲା। ପରବିନଙ୍କ ଭାଇ ମହମ୍ମଦ ଇନ୍ତିଆଜଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ପରବିନ ତାଙ୍କ ଦୁଇପିଲା ଓ ସ୍ୱାମୀ ଅବଦୁଲ ମଲିକଙ୍କ ସହ ଗଅନ୍ତିଆପଡ଼ାରେ ରହୁଥିଲେ। ଅବଦୁଲ ଜଡିବୁଟି ଓ ଆୟୁର୍ବେଦିକ ଔଷଧ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ଏପରିସ୍ଥଳେ ପ୍ରାୟ ୨ବର୍ଷ ତଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ପିଲାମାନଙ୍କ ସହ ପରବିନ ରହୁଥିବାବେଳେ କିଛିଦିନ ହେଲା ଜଣେ ଯୁବକ ତାଙ୍କ ଘରେ ଭଡାରେ ରହୁଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା ଉକ୍ତ ଯୁବକଙ୍କ ସହ ପରବିନଙ୍କ ଅଧିକାଂଶ ସମୟରେ ଝଗଡା ହୋଇଥାଏ। ଅନ୍ୟପଟେ ପ୍ରାୟ ୫ଦିନ ହେଲା ଘର ସମ୍ମୁଖ ଗେଟ୍‌ରେ ତାଲା ପଡିଥିଲା। ପରିବାରର କୌଣସି ସଦସ୍ୟ ବାହାରକୁ ଯିବାଆସିବା କରୁ ନ ଥିଲେ। ଚକ୍ରଧରପୁରରେ ରହୁଥିବା ପରବିନଙ୍କ ପରିବାର ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ କେହି ଫୋନ ରିସିଭ କରି ନ ଥିଲେ। ଏଥିରେ ସେମାନେ ଭୟଭୀତ ହୋଇ ଶନିବାର ସମ୍ବଲପୁର ଆସିଥିଲେ। ଘର ବାହାରୁ ତାଲା ପଡିଥିବା ଦେଖି ପରିବାର ବର୍ଗ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ମାଜିଷ୍ଟ୍ରେଟ ପହଞ୍ଚି ଘର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ ମୃତଦେହ ପଡି ରହିଥିବାବେଳେ ବିଭିନ୍ନ ସାମଗ୍ରୀ ବିଛାଡିହୋଇ ପଡିରହିଥିଲା। ତେଣୁ କେହି ଚୋରି କରିବାକୁ ଆସି ଏଭଳି କାଣ୍ଡ ଭିଆଇଛନ୍ତି କିମ୍ବା ଭଡାଟିଆ ଯୁବକ ହତ୍ୟା କରି ଫେରାର ହୋଇଯାଇଛନ୍ତି ତାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।



ଘର ଭିତରେ ଘୋଡାଇହୋଇ ପଡିରହିଥିବା ମୃତଦେହ।

केन्द्रीय पेट्रोरसायन अभियांत्रिकी एवं प्रौद्योगिकी संस्थान (सिपेट)

CENTRAL INSTITUTE OF PETROCHEMICALS ENGINEERING AND TECHNOLOGY

(Dept. Of Chemicals & Petrochemicals, Ministry of Chemical and Fertilizers, Govt. of India)
Head office, T.V.K, Industrial Estate, Guindy, Chennai-600 032,
Email:academics@cipet.gov.com, www.cipet.gov.in

CIPET-ADMISSION IN DIPLOMA LEVEL PROGRAM FOR THE ACADEMIC YEAR-2023-24

AICTE Approved

CIPET ADMISSION TEST (CAT-2023)

APPLY NOW : https://cipet23.onlineregistrationform.org/CIPET/

Excellent Placement Record

| SL. No. | Course | Duration | Eligibility |
|---|---|---|---|
| 1. | Diploma in Plastics Mould Technology (DPMT) | 03 Years | 10th Passed or Appeared |

Age No Bar | Eligible for Govt. Scholarship | Separate Hostel Accommodations for Boys & Girls

| महत्वपूर्ण तिथियां IMPORTANT DATES | | |
|---|---|---|
| | Date of opening for CAT online application submission | 24.02.2023 |
| | Date of closure for CAT Application submission | 28.05.2023 |
| | Date of CAT all over India | 11.06.2023 |
| | Date of commencement of courses | 1st Week of Aug.2023 |

(Further Enquiry Contact: 9337784008 / 9937632279 / 7008441267)

CIPET: CSTS, BHUBANESWAR

S-3/79, Sec-A, Zone-B, Mancheswar Industrial Estate, Bhubaneswar – 751010,
Email: mcti@cipet.gov.in, cipetsat@gmail.com, www.cipet.gov.in

**ସଂକ୍ଷେପରେ**

## ସଙ୍କେତ ୯୮.୫ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର



ରାଜନଗର, ୧୩।୫(ଡି.ଏନ୍.ଏ.): ସିବିଏସ୍‌ଇ ଦଶମ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପୁଅ ସଙ୍କେତ ସୌରଭ ୯୮.୫ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସଙ୍କେତ ଭୁବନେଶ୍ୱରସ୍ଥିତ ବିକାଶ ରେସିଡେନ୍ସିଆଲ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ତାଙ୍କ ମା' ସ୍ମିତା ପରିଡ଼ା ଶିକ୍ଷୟିତ୍ରୀ ରହିଛନ୍ତି। ଖବର ଜଣାପଡ଼ିବା ପରେ ସଙ୍କେତଙ୍କ ଗାଁ ବେଲପାଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

## ୧୪ରେ କଣ୍ଡିଆ ଫାଣ୍ଡି ଘେରିବେ ଏତଲାକାରୀଙ୍କ ସାଥୀ ଯୁବକ

### ହାଟସାହି ସରପଞ୍ଚଙ୍କ ନାମରେ ଏତଲାକୁ ମାସେ ବିତିଲା, କାର୍ଯ୍ୟାନୁଷ୍ଠାନ ଶୂନ

**ରାଜକନିକା, ୧୩।୫(ଡି.ଏନ୍.ଏ.) :** କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ହାଟସାହି ସରପଞ୍ଚଙ୍କ ନାମରେ ହାଟସାହି ଗ୍ରାମର ମନୋଜ କୁମାର ଦାସ ଏପ୍ରିଲ ୩ରେ ତାଙ୍କୁ ଭାଷା ଅଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ କଣ୍ଡିଆ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ ପୋଲିସ ୨୩୩/୨୩ରେ ମାମଲା ରୁଜୁ କରିଥିଲା। ୧ମାସ ୧୦ଦିନ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏ ନେଇ ହାଟସାହି ଗ୍ରାମର ଅଧିବାସୀ ସନ୍ତୋଷ ବେଉରିଆ, ରବୀନ୍ଦ୍ର ସାମଲ, ପ୍ରଭାତ କୁମାର ଦାସ, ଅଜୟ ପଡ଼ିହାରୀ, ଶୁଭକାନ୍ତ ବେଉରିଆ, ପ୍ରତାପ ରାଉତ, ପରମାନନ୍ଦ ରାଉତ, ବିପିନ୍ ନାୟକ, ଡମ୍ବରୁଧର ଜେନା, ଜନ୍ମେଜୟ ନାୟକ, ରୋହିତାଶ୍ୱ ଦାସ, ରମାକାନ୍ତ ନାୟକ, ସୁବାସ ଲେଙ୍କା, ନାରାୟଣ ବେଉରିଆ, ନରୋତ୍ତମ ବଳ, ପରମାନନ୍ଦ ନାୟକ ଓ ବିଜୟ କୁମାର ନାୟକ ପ୍ରମୁଖ ରବିବାର କଣ୍ଡିଆ ଫାଣ୍ଡି ଘେରାଉ କରିବା ନେଇ ଜିଲାପାଳ, ଏସ୍‌ପିଙ୍କ ସମେତ ରାଜକନିକା ଥାନା ଅଧିକାରୀଙ୍କୁ ୧୨ ତାରିଖରେ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏ ନେଇ ହାଟସାହି ସରପଞ୍ଚ ସୀତାରାଣୀ ଦାସଙ୍କୁ ପଚାରିବାରେ ସତ୍ୟର ଯୁଗେ ଯୁଗେ ଜୟ ହୋଇଛି, ମୁଁ ସତ୍ୟ ଓ ନ୍ୟାୟରେ ଅଛି। ମୋ ବିରୋଧରେ ଏହା ସମ୍ପୂର୍ଣ୍ଣ ମିଥ୍ୟା ମାମଲା, କପୋଳକଳ୍ପିତ, ମନଗଢ଼ା କାହାଣୀ ରଚନା କରାଯାଇଛି। ତେବେ ଆମ ମହିଳା ସଙ୍ଗଠନର ନିଷ୍ପତ୍ତି ଅନୁଯାୟୀ ସମିତି ପକ୍ଷରୁ ରବିବାର ବିଶ୍ୱ ମାତୃ ଦିବସ ପାଳନ ରେ ବହୁସଂଖ୍ୟାରେ ମହିଳା ଫାଣ୍ଡି ଘେରାଉ କରିବେ ବୋଲି ସେ କହିଛନ୍ତି।

# ମିଶନ ଶକ୍ତିର ଆଦେଶନାମାକୁ ଉଲ୍ଲଂଘନ

■ ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର ଚୟନରେ ଅନିୟମିତତା ଅଭିଯୋଗ
■ ଏମ୍‌ବିକେ ପ୍ରାର୍ଥୀ ଚୟନ କମିଟିରେ ଆବେଦନକାରୀ ସାମିଲ

**ଡେରାବିଶ, ୧୩।୫(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକରେ ଥିବା ମିଶନ ଶକ୍ତିର ଅନିୟମିତତା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ବିଭାଗୀୟ ଆଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ବ୍ଲକ ଅଧୀନ ୨୬ ପଞ୍ଚାୟତ ମଧ୍ୟରୁ ୧୩ଟି ପଞ୍ଚାୟତର ଏମ୍‌ବିକେ ପ୍ରାର୍ଥୀ ପୂର୍ବରୁ ଚୟନ ହୋଇସାରିଥିବା ବେଳେ ଅବଶିଷ୍ଟ ୧୩ଟି ପଞ୍ଚାୟତ ପାଇଁ ଏମ୍‌ବିକେ ଓ ଖାଲି ପଡ଼ିଥିବା ପଞ୍ଚାୟତଗୁଡ଼ିକରେ ୧୫୧ ସିଆରପି ଓ ୯ ବ୍ୟାଙ୍କମିତ୍ର ପଦବୀ ପାଇଁ ବିଭାଗ ପକ୍ଷରୁ ବିଜ୍ଞାପନ ଜରିଆରେ ମାର୍ଚ୍ଚ ୧ରୁ ଆବେଦନକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତେବେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ପଦ ପାଇଁ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ମାର୍ଚ୍ଚ ୧୫ ଶେଷ ତାରିଖ ମଧ୍ୟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ପ୍ରମାଣପତ୍ର ଭୁଲ୍ କି ଠିକ୍ ସେ ବିଷୟରେ ଅଭିଯୋଗ ପାଇଁ ମାର୍ଚ୍ଚ ୩୦ ଯାଏ ଦିନ ଧାର୍ଯ୍ୟ କରାଯାଇଥିଲା। ଏ ସମ୍ବନ୍ଧରେ ପ୍ରାର୍ଥୀଙ୍କ ତାଲିକା ଓ ଅଭିଯୋଗ ପ୍ରଦାନର ସମୟସୀମା ସମ୍ପର୍କରେ ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ୍ ଲଗା ଯାଇଥିଲା। ଅଭିଯୋଗର ସମୟସୀମା ଶେଷ ପରେ ପ୍ରାର୍ଥୀଙ୍କୁ ଚୟନ କରିବାକୁ ବ୍ଲକ ଲେଭୁଲ୍ ଫେଡେରେଶନ୍‌ର କର୍ମକର୍ତ୍ତାଙ୍କ ମଧ୍ୟରୁ ୨ଜଣ ଓ ସହଯୋଗୀ ଭାବେ ବ୍ଲକ ମିଶନ ଶକ୍ତିର ମ୍ୟାନେଜର ଏବଂ ଜୀବିକା ମିଶନର ବ୍ଲକ ମ୍ୟାନେଜର ଚୟନ କମିଟିରେ ସହଯୋଗୀ ଭାବେ ରହିବାକୁ ବିଭାଗୀୟ ନିର୍ଦ୍ଦେଶନାମା ରହିଛି। ତେବେ ଏ ସମସ୍ତ ପ୍ରକ୍ରିୟା ଆବେଦନର ଶେଷ ତାରିଖଠାରୁ ୫୩ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ନିର୍ଦ୍ଦେଶନାମା ରହିଛି। ଅବଧି ସରିବା ପରେ ଏ ସମ୍ପର୍କିତ ଚୟନ କାର୍ଯ୍ୟ ଶେଷ ହୋଇ ନ ଥିବା ଜଣାପଡ଼ିଛି। ବିଭାଗୀୟ ନିର୍ଦ୍ଦେଶନାମାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଏହି ପଦବୀଗୁଡ଼ିକ ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନେ ଚୟନ କମିଟିରେ ରହିପାରିବେ ନାହିଁ। ମାତ୍ର ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଯିବା ସହ ବିଭାଗୀୟ ନିର୍ଦ୍ଦେଶନାମାକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଇ ପ୍ରାର୍ଥୀ ଚୟନ କାର୍ଯ୍ୟ କରାଯାଉଛି। ଆବେଦନ କରିଥିବା ଏମ୍‌ବିକେ ପ୍ରାର୍ଥୀ ଚୟନ କମିଟିରେ ରହୁଛନ୍ତି। ଫଳରେ ଏମ୍‌ବିକେଙ୍କୁ ଚୟନ କରିବାର ବିଭାଗୀୟ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବରିଷ୍ଠ କଂଗ୍ରେସ ନେତା ରଘୁନାଥ ଶତପଥୀ କହିଛନ୍ତି, ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର ଚୟନ ନାମରେ ବ୍ଲକ ଅଞ୍ଚଳର ନିରୀହ ମହିଳାଙ୍କୁ କେବଳ ଭୁଆଁ ବୁଲାଯାଉଛି। ମହିଳା ସଶକ୍ତୀକରଣ ନାମରେ ଏହି ଯୋଜନାକୁ କେବଳ ବାଟବଣା କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଆବେଦନକାରୀ ନ୍ୟାୟ ପାଇପାରନ୍ତେ। ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ଏ ସମ୍ପର୍କିତ କାର୍ଯ୍ୟକ୍ରମକୁ ଅଧିକ ସ୍ୱଚ୍ଛ କରିବାକୁ ମାର୍ଚ୍ଚ ୧୬ରେ ବ୍ଲକ ଫେଡେରେଶନ୍ ପକ୍ଷରୁ ରିଜୋଲ୍ୟୁଶନ୍ କରାଯାଇଥିଲା। ଏଥିରେ ଥିବା ସର୍ତ୍ତାବଳୀ କାର୍ଯ୍ୟକାରୀ ହେଲାନାହିଁ କି ସରକାରୀ ନିର୍ଦ୍ଦେଶନାମାକୁ ମଧ୍ୟ ପାଳନ କରା ନ ଯିବା ଯୋଗୁ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ବିଭାଗୀୟ ନିର୍ଦ୍ଦେଶନାମାରେ ଥିବା ଶିକ୍ଷାଗତ ଓ ଅଭିଜ୍ଞତା ଭିତ୍ତିରେ ପ୍ରାର୍ଥୀଙ୍କୁ ନମ୍ବର ଦେବାର ବ୍ୟବସ୍ଥା ଥିଲା। ଚୟନ ସମୟରେ ପ୍ରାର୍ଥୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଠିକ୍ କି ଭୁଲ ସେଥିପାଇଁ ଓରିଜିନାଲକୁ ମଧ୍ୟ ଯାଞ୍ଚ କରା ନ ଯିବା ବିଭାଗୀୟ ଦୁର୍ବଳତାକୁ ପଦାରେ ପକାଇଛି। ଏଥିସହ ଅନ୍ୟ ପ୍ରମାଣପତ୍ରକୁ ମଧ୍ୟ ଠିକ୍ ଭାବେ ଯାଞ୍ଚ କରା ନ ଯିବା ନେଇ ପ୍ରାର୍ଥୀ ଚୟନରେ ଅନିୟମିତତା ହେଉଛି ବୋଲି ମିଶନ ଶକ୍ତିର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଦାବି ଜଣାଇଛନ୍ତି। ଭାଜପା ଜିଲା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ କହିଛନ୍ତି, ମିଶନ ଶକ୍ତିର ଏହି ଯୋଜନାକୁ ଡେରାବିଶ ବ୍ଲକରେ ଦିଗହରା କରାଯାଉଛି। ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ଚୟନ ପ୍ରକ୍ରିୟା କାର୍ଯ୍ୟରେ ହେଉଥିବା ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଜିଲା ଅଧିକାରୀ କୈଳାସ ଚନ୍ଦ୍ର ସେନାପତିଙ୍କୁ ପଚାରିବାରେ ବିଭାଗୀୟ ନିର୍ଦ୍ଦେଶନାମା ଅନୁଯାୟୀ କୌଣସି ପ୍ରାର୍ଥୀ ଚୟନ କମିଟିରେ ସଦସ୍ୟ ରହିପାରିବେ ନାହିଁ। ଡେରାବିଶରେ ଏଭଳି ଅନିୟମିତତା ସମ୍ପର୍କରେ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି ସେ କହିଛନ୍ତି। ଏ ନେଇ ବ୍ଲକ ଜୀବିକା ମିଶନର ମ୍ୟାନେଜର ହିମାଂଶୁ ଭଦ୍ରଙ୍କୁ ପଚାରିବାରେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ପଦ ପାଇଁ ଆବେଦନ କରିଥିବା ପ୍ରାର୍ଥୀ କେବଳ ନିଜ ପଞ୍ଚାୟତର ପ୍ରାର୍ଥୀ ଚୟନ ସମୟରେ ଯାଞ୍ଚ କମିଟିରେ ରହିପାରିବେ ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ଏହି ପଦବୀଗୁଡ଼ିକ ପାଇଁ ଚୟନ ସମୟରେ ସବୁ ସ୍ୱଚ୍ଛତାକୁ ଅବଲମ୍ବନ କରାଯାଉଛି ବୋଲି ସେ କହିଛନ୍ତି।



ପ୍ରଶାସନିକ ଅଧିକାରୀମାନେ ଏମ୍‌ବିକେ ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ନିଜକୁ ନ ଚିହ୍ନାଇଲେ କେହି ତମକୁ ଚିହ୍ନିବେ ନାହିଁ




ମନ୍ତ୍ରୀ ପ୍ରତାପ ଦେବ ଓ ଅତିଥିମାନେ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ କରୁଛନ୍ତି।

### ସ୍ୱୟଂସିଦ୍ଧ ସମ୍ମାନ ସମାରୋହ

**ରାଜକନିକା, ୧୩।୫(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ରାମନାରାୟଣ ନାୟକ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ 'ସ୍ୱୟଂସିଦ୍ଧ ସମ୍ମାନ ସମାରୋହ-୨୦୨୩' ଶୁକ୍ରବାର ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଦାମୋଦର ଧଳଙ୍କ ସଭାପତିତ୍ୱ ଓ ପ୍ରବଚକ ତଥା ଅଧ୍ୟାପକ ପ୍ରଦୀପ ଜେନାଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ନିଜେ ନିଜକୁ ନ ଚିହ୍ନାଇଲେ କେହି ତମକୁ ଚିହ୍ନିବେ ନାହିଁ। ଆଜି ଯାହା ଓଡ଼ିଶାରେ ଅଛି ତାହା ଭାରତ ବର୍ଷରେ ନାହିଁ। କିନ୍ତୁ ଭାରତ ଇତିହାସରେ ସବୁକଥା ବର୍ଣ୍ଣିତ ଅଛି କି, ଏହା ନାଗରିକ ହିସାବରେ ଆମ ସମସ୍ତଙ୍କର କର୍ତ୍ତବ୍ୟ, କେମିତି ଭାରତ ଇତିହାସରେ ଆମ କୀର୍ତ୍ତି ସ୍ଥାନ ପାଇବ ବୋଲି ମତବ୍ୟକ୍ତ କରିଥିଲେ। ଆହୁରି ମଧ୍ୟ ସଂସ୍କୃତି, କଳା ଓ ସାହିତ୍ୟକୁ ଜନମାନସରେ ବଞ୍ଚାଇ ପ୍ରତିଭାମାନଙ୍କୁ ସମ୍ମାନ କରୁଥିବା ଓ ପ୍ରତିଭା ପୂଜାର ପରମ୍ପରାକୁ ଏହି ଅନୁଷ୍ଠାନ ଉଜ୍ଜୀବିତ କରି ରଖିଥିବାରୁ ସାଧୁବାଦ ଜଣାଇଥିଲେ। ଅତିଥି ଭାବେ ଭେଟେରାନ୍ ଅଭିନେତା ବୀରେନ୍ ମିଶ୍ର, ସାହିତ୍ୟିକ ତଥା ନାଟ୍ୟକାର ଡ. ଅଭିମନ୍ୟୁ ଜେନା ଓ ସାମାଜିକ କର୍ମୀ ମନୋଜ ସାହୁ ଭାରତୀୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ସଂଯୋଜକ ଇନ୍ସପେକ୍ଟର ଶରତ କୁମାର ନାୟକ ପ୍ରତିଭାମାନଙ୍କ ପାଇଁ ମଞ୍ଚ ସୃଷ୍ଟି କରିବା ଆବଶ୍ୟକତାକୁ ନେଇ ଗୁରୁତ୍ୱାରୋପ କରିଥିଲେ। ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ଉଦ୍ଦେଶ୍ୟରେ ମରଣୋତ୍ତର 'ସ୍ୱୟଂସିଦ୍ଧ ସମ୍ମାନ' ତାଙ୍କ ପୁତ୍ର ଅଶୋକ କୁମାର ବଳ ଓ ଝିଅ କଳ୍ପନା ବଳଙ୍କୁ ଏବଂ ସମାଜସେବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ୍-ଉତ୍ଥାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାଶ ଓ କୃଷକର ବନ୍ଧୁ ଭାବେ ଦ୍ୱାରିକାନାଥ ରାଉତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁପ ଶତପଥୀ ନିଜର କୌତୂହଳ ଯାଦୁ ପ୍ରଦର୍ଶନ କରି ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ତାରକା ହାସ୍ୟ ଅଭିନେତା ବ୍ରଜ ସିଂ ହାସ୍ୟରସ ପରିବେଷଣ କରିଥିଲେ। ଗୁରୁ ରବୀନ୍ଦ୍ରନାଥ ମିଶ୍ର ଏବଂ ସାଥୀମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ମଞ୍ଚ କଳାକାର ତଥା ଟେଲି ତାରକା ସୌମ୍ୟକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଟ୍ରଷ୍ଟର ସଂଯୋଜକ ନାୟକଙ୍କ ସମେତ ସ୍ୱେଚ୍ଛାସେବୀମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମନୀନ୍ଦ୍ର ଥିଲେ ଅଞ୍ଚଳର ସମସ୍ତଙ୍କ ମୁରବି

**ପାଟକୁରା, ୧୩।୫(ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳର ଟାଣୁଆ ରାଜନେତା ମନୀନ୍ଦ୍ର କାନୁନ୍‌ଗୋ ଥିଲେ ଅଞ୍ଚଳବାସୀଙ୍କ ମୁରବି। ତାଙ୍କୁ ହରାଇ ଅଞ୍ଚଳବାସୀ ମର୍ମାହତ ବୋଲି ବକ୍ତାମାନେ ତାଙ୍କ ଦ୍ୱାଦଶାହ ଅବସରରେ ଅନୁଷ୍ଠିତ ଶୋକସଭାରେ ମତବ୍ୟକ୍ତ କରିଛନ୍ତି। ନିଜ ଗ୍ରାମ ଚଅଁପୁର ବାସଭବନରେ ଜଗନ୍ନାଥ ଗବେଷକ ହରିହର କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର, ବରିଷ୍ଠ ବିଜେଡି ନେତା ରବି ସାମଲ, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ସୁବାସ ସାମଲ, ମାନସ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁନାଥ ଶତପଥୀ, ସନ୍ତୋଷ ଜେନା, କମଳ ଲୋଚନ ସେଠୀ, ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ମଦନମୋହନ ସାମଲଙ୍କ ସମେତ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ମନୀନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। କାନୁନ୍‌ଗୋ ବଙ୍ଗାଳପୁର ପଞ୍ଚାୟତର ୨ଥର ସରପଞ୍ଚ ହେବା ସହ ଭାଜପା ପକ୍ଷରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ତେବେ ସେ ରାଜନେତା ଥିଲେ ହେଁ ଦଳମତ ନିର୍ବିଶେଷରେ ଜଣେ ସରଳ ଓ ଅମାୟିକ ବ୍ୟକ୍ତି। ବିଭିନ୍ନ ସମସ୍ୟାକୁ ସରଳ ଭାବେ ସମାଧାନ କରିବାରେ ସେ ସିଦ୍ଧହସ୍ତ ଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ବୋଲି ତାଙ୍କର ଶୁଭେଚ୍ଛୁ ଓ ଅନୁଗତମାନେ ମତପ୍ରକାଶ କରିଛନ୍ତି। ଶେଷରେ ପ୍ରିୟବ୍ରତ କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ।

# ପାଟକୁରାରେ କଂଗ୍ରେସର ବିଜୟ ଉତ୍ସବ

### କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ



ପାଟକୁରା କଂଗ୍ରେସ କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

**ପାଟକୁରା, ୧୩।୫(ଡି.ଏନ.ଏ.)**

କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ ପରେ ପାଟକୁରା କଂଗ୍ରେସ ପକ୍ଷରୁ ଶନିବାର ନିର୍ବାଚନ ମଣ୍ଡଳୀ ସ୍ତରୀୟ କାର୍ଯ୍ୟାଳୟ ବନ୍ଧାସାହିଠାରେ ବିଜୟ ଉତ୍ସବ ପାଳନ କରିଛି।

ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି ବାଣ ଓ ବାଜା ବଜାଇବା ସହ ଖୁସିରେ ନାଚିଥିଲେ। ଏହି ଅବସରରେ ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, ପୂର୍ବତନ ଜିଲାପରିଷଦ ସଭ୍ୟ ରଘୁନାଥ ଶତପଥୀ, ପୂର୍ବତନ ଡେରାବିଶ ବ୍ଲକ ସଭାପତି ଅନନ୍ତ ପାତ୍ର, ସୁବାସ ସାମଲ, ଜୟଦେବ ପରିଡ଼ା, ନିରଞ୍ଜନ ରାଉତ, ଫକୀର ଲେଙ୍କା, ମାନସ ମଲ୍ଲିକ, ଗୋଲକ ଚନ୍ଦ୍ର ସ୍ୱାଇଁ, ସୁଦାମ ବାରିକ, କେଶବ ରାଉଳ, ରଞ୍ଜନ ପରିଜା, ଜ୍ୟୋତି ରଞ୍ଜନ ନାୟକ, କୁମାର ପାଣି, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, କୃପାସିନ୍ଧୁ ସେନାପତି, ଗୋପାଳ ଚନ୍ଦ୍ର ସାହୁ, ଚିନ୍ମୟ ଦାସ, ସୁଶାନ୍ତ ସାହାଣୀ, ଅମୂଲ୍ୟ ତ୍ରିପାଠୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି ବିଜୟ ନିଶ୍ଚୟ ପାଟକୁରା କଂଗ୍ରେସକୁ ଅଧିକ କ୍ରିୟାଶୀଳ କରିବା ସହ ଆଗାମୀ ନିର୍ବାଚନରେ କଂଗ୍ରେସ ବିଜୟ ହେବ ବୋଲି କର୍ମୀ ମହଲରେ ଉତ୍ସାହ ସୃଷ୍ଟି ହୋଇଛି।

# ସମାଜ ବିକାଶରେ ଶିକ୍ଷାର ମୌଳିକତା ଶୀର୍ଷକ ଆଲୋଚନା

**ରାଜନଗର, ୧୩।୫(ଡି.ଏନ୍.ଏ.)**

ରାଜନଗରସ୍ଥିତ ରେଣୁକା ମଣ୍ଡପଠାରେ ସମାଜ ବିକାଶରେ ଶିକ୍ଷାର ମୌଳିକତା ଶୀର୍ଷକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଦନପୁରସ୍ଥିତ ୟୁ.କେ. ମହାବୀର ମହାବିଦ୍ୟାଳୟର ଯୁକ୍ତ ୩ ଶିକ୍ଷାବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅତୁଳ କୁମାର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଆଜିର ବ୍ୟସ୍ତବହୁଳ ଦୁନିଆରେ ସ୍ୱପ୍ନ ସଂକଳ୍ପର ଆଧାର ଛାତ୍ର ସମାଜ ବିକାଶର କର୍ଣ୍ଣଧାର ସଦୃଶ। ସମାଜ ବିକାଶରେ ଶିକ୍ଷାର ମୌଳିକତାକୁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଷ୍ଠାର ସହ ହୃଦୟଙ୍ଗମ କରିବା ଦରକାର। ପିଲାମାନେ ଶୃଙ୍ଖଳିତ, ସଙ୍ଗଠିତ, ସୁଚରିତ୍ରବାନ୍ ହୋଇପାରିଲେ ସମାଜ ବିକାଶରେ କେହି ବାଧା ଦେଇପାରିବେ ନାହିଁ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପକ ବିଚିତ୍ର ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଦନପୁର ମହାବିଦ୍ୟାଳୟ ଅଧ୍ୟାପିକା ଦୀପ୍ତିମୟୀ ସ୍ୱାଇଁ, ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷବର୍ଷ ଓ ଯୁକ୍ତ ୨ୟ ବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ମଦନପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ କୁମାର କୁଣ୍ଡଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଦନପୁର ଓ ରାଜନଗର ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ଜାନୁୟାରୀ, ଫେବୃୟାରୀର ଚାଉଳ ଏବେ ମିଳୁଛି

**ରାଜନଗର, ୧୩।୫(ଡି.ଏନ.ଏ.)**

ରାଜନଗର ବ୍ଲକ କେରେଡାଗଡ଼ ଗାଁର ୨୧୨ ପରିବାର ବଳଭଦ୍ରପ୍ରସାଦ ଗାଁର ରିଟେଲର ପ୍ରକାଶ ଚନ୍ଦ୍ର ବଳଙ୍କଠାରୁ ରାଶନ ସାମଗ୍ରୀ ଆଣିଥାନ୍ତି। ରିଟେଲର କେରେଡାଗଡ଼ ବଜାର ଉପରେ ଏକ ପଏଣ୍ଟ ଖୋଲି ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦେଇଥାନ୍ତି। ମାର୍ଚ୍ଚ ୧୫ରୁ ୨୦ ତାରିଖ ମଧ୍ୟରେ ୨୧୨ଜଣ ହିତାଧିକାରୀଙ୍କୁ ୩ ମାସର ଚାଉଳ ଦେବା ପାଇଁ ଫିଙ୍ଗର ପ୍ରିଣ୍ଟ/ଆଇ ସ୍କାନ କରି ରସିଦ ଦେଇଥିଲେ। ଦିନେ ଦୁଇଦିନ ଭିତରେ ଚାଉଳ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜିକାଲି କହି ଦିନ ଗଡ଼ାଇ ଚାଲିଥିଲେ। ଗତ ୭ ତାରିଖରୁ ଜାନୁୟାରୀ ଓ ଫେବୃୟାରୀର ଚାଉଳ ହିତାଧିକାରୀଙ୍କୁ କେରେଡାଗଡ଼ ପଏଣ୍ଟରେ ରିଟେଲର ବଣ୍ଟନ କରୁଛନ୍ତି। ୩ ମାସର ଚାଉଳ ଦେବାକୁ ୨ ମାସ ତଳୁ ରସିଦ ଦେଇଥିଲେ। ମାତ୍ର ଏବେ ୩ ମାସର ଚାଉଳ ବଦଳରେ ୨ ମାସର ଚାଉଳ ବଣ୍ଟନ କରୁଛନ୍ତି। ଏ ସମ୍ପର୍କରେ ହିତାଧିକାରୀମାନେ ଅଭିଯୋଗ କଲେ, ଉପରୁ ଚାଉଳ ଆସିନି କହି ଭୁଆଁ ବୁଲାଇ ଚାଲିଛନ୍ତି। କେରେଡାଗଡ଼ ଗାଁର ନିରଞ୍ଜନ ରାଉତଙ୍କ ଅଭିଯୋଗ ହେଲା ମାର୍ଚ୍ଚରେ ଆମକୁ ୩ ମାସର ଚାଉଳ ଦେବେ କହି ଫିଙ୍ଗର ପ୍ରିଣ୍ଟ ନେଇ ରସିଦ ଦେଇଥିଲେ। ଚଳିତମାସ ୮ ତାରିଖରେ ଆମକୁ ୨ ମାସର ଚାଉଳ ୪୦ କେଜି ଦେଇଛନ୍ତି। ଆମ ରସିଦରେ ୨ମାସ ଚାଉଳ ଦେଇଥିବା ଠିକ୍ ମାରିବା ସହ ଆମ ଖାତାରେ ୨ ମାସର ଚାଉଳ ଦେଇଥିବା ଲେଖି ଦେଇଛନ୍ତି। ବ୍ଲକ ସାରା ଏବେ ଏପ୍ରିଲ, ମେ, ଜୁନ ମାସର ଚାଉଳ ବଣ୍ଟା ଯାଉଥିବା ବେଳେ ଆମେ ଏଯାଏଁ ମାର୍ଚ୍ଚ ମାସର ଚାଉଳ ପାଇନୁ। କେବଳ ନିରଞ୍ଜନ ନୁହଁନ୍ତି, ଗାଁର ଝରଣା ସେଠୀ, ସାବିତ୍ରୀ ମଲ୍ଲିକ, ଘନଶ୍ୟାମ ମଲ୍ଲିକ, ଜାନକୀ ମଲ୍ଲିକ, ଭାରତୀ ମଲ୍ଲିକ, ଧନେଶ୍ୱର ସେଠୀ ପ୍ରମୁଖ ସମାନ ଅଭିଯୋଗ କରିଛନ୍ତି। ଆମଠାରୁ ମାର୍ଚ୍ଚରେ ଟିପ ନେଇ ଏବେ ୩ ମାସ ବଦଳରେ ୨ ମାସର ଚାଉଳ ଦେଉଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କେରେଡାଗଡ଼ଠାରେ ରିଟେଲରଙ୍କ ପକ୍ଷରୁ ଚାଉଳ ବାଣ୍ଟୁଥିବା ସନାତନ ନାୟକଙ୍କୁ ପଚାରିବାରୁ ମୁଁ କିଛି ନୁହେଁ, ରିଟେଲର ବଳଙ୍କ ପକ୍ଷରୁ ଏଠାରେ ରାଶନ ସାମଗ୍ରୀ ବାଣ୍ଟୁଛି। ଉପରୁ ମାର୍ଚ୍ଚ ମାସର ଚାଉଳ ଆସିନାହିଁ ବୋଲି ରିଟେଲର କହୁଛନ୍ତି। ସେଥିପାଇଁ ମୁଁ ହିତାଧିକାରୀଙ୍କୁ ଦେଇଥିବା ରସିଦରେ ଜାନୁୟାରୀ ଓ ଫେବୃୟାରୀ ମାସର ଚାଉଳ ଦେଉଛି ବୋଲି ଲେଖିକି ଦେଉଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରିଟେଲର ପ୍ରକାଶ ଚନ୍ଦ୍ର ବଳଙ୍କୁ ପଚାରିବାରୁ ପୂର୍ବରୁ ଆମେ ସବୁ ବାଣ୍ଟି ସାରିଛୁ। ଏବେ ଜାନୁୟାରୀ, ଫେବୃୟାରୀର ରାଶନ ବଣ୍ଟା ଯାଉଛି। ମାର୍ଚ୍ଚ ମାସର ଚାଉଳ ଆସିନି ବୋଲି ସେ କହିଛନ୍ତି।

### ଯୋଗାଣ ବିଭାଗରେ କେଳେଙ୍କାରୀ




ରିଟେଲର ପଏଣ୍ଟରେ ହିତାଧିକାରୀମାନେ ରସିଦ ଦେଖାଉଛନ୍ତି।

## ସଂକ୍ଷେପରେ

### ଚୋରି ଯାଇଥିବା ୨ ଟ୍ରାକ୍ଟର ଡାଲା ଜବତ, ୨ ଗିରଫ



**ରଘୁନାଥପୁର,୧୩।୫(ଡି.ଏନ.ଏ.) :** ରଘୁନାଥପୁର ଥାନା ପୋଲିସ ଚଢାଉ କରି ଚୋରି ଯାଇଥିବା ୨ଟି ଟ୍ରାକ୍ଟର ଡାଲାକୁ ଜବତ କରିବା ସହ ଏଥିରେ ସଂଶ୍ଲିଷ୍ଟ ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାର୍ଶାଘାଇ ଥାନା ଜୟଚନ୍ଦ୍ରପୁର ଗ୍ରାମର ଗୌତମ ଲେଙ୍କା ଓ ସରୋଜ ସ୍ୱାଇଁ। ଏ ନେଇ ଥାନାରେ ନଂ. ୧୨୮/୨୩ ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି। ୫ ତାରିଖରେ ଏହି ଥାନା ଅନ୍ତର୍ଗତ ହରିଶପୁର ଗାଁର ସରୋଜ କୁମାର ଦାସଙ୍କ ଦୀର୍ଘଦିନରୁ ଥୁଆ ହୋଇଥିବା ଏକ ଟ୍ରାକ୍ଟର ଡାଲା ନଂ. ଓଡି ୨୧ ଡି ୬୩୪୦କୁ କେହି ଦୁର୍ବୃତ୍ତ ମଧରାତ୍ରିରେ ଚୋରି କରି ନେଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଏସ୍ଆଇ ଅନିଲ କୁମାର ସାହୁ ଏହାର ତଦନ୍ତ ଜାରି ରଖିଥିଲେ। ଗତ ୯ ତାରିଖ ମଙ୍ଗଳବାର ପୋଲିସ କୌଣସି ସୂତ୍ରରୁ ଖବରପାଇ ତାରପୁର ନାରାୟଣୀ ମନ୍ଦିର ନଦୀବନ୍ଧ ଉପରୁ ଏକ ଟାଟା ଏସି ଗାଡ଼ିରେ ବନ୍ଧା ହୋଇ ଯାଉଥିବା ଏକ ଟ୍ରାକ୍ଟର ଡାଲାକୁ ଜବତ କରି ୨ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲେ। ସରୋଜଙ୍କ ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତକାରୀ ଅଧିକାରୀ ସାହୁ ମାର୍ଶାଘାଇ ଥାନା ଜୟଚନ୍ଦ୍ରପୁର ଗ୍ରାମରୁ ଟ୍ରାକ୍ଟର ଡାଲାଟିକୁ ଜବତ କରିବାରେ ସକ୍ଷମ ହୋଇଥିଲେ। ଏଥିରେ ବ୍ୟବହୃତ ଟାଟା ଏସ୍ସି ନଂ. ଓଡି ୦୫ ବିଏଫ ୮୮୪୯ରେ ମାଲିକ ଉକ୍ତ ଗ୍ରାମର ସରୋଜ କୁମାର ମଲ୍ଲିକଙ୍କ ହୋଇଥିବାବେଳେ ସେ ମାସିକ ଚୁକ୍ତିରେ ନିଜ ଗ୍ରାମର ଗୌତମଙ୍କୁ ଚଳାଇବାକୁ ଦେଇଥିବା ପୋଲିସ ଆଗରେ କହିଥିଲେ। ଅଭିଯୁକ୍ତ ଦ୍ୱୟ କେବଳ ୨ଟି ଡାଲା ଚୋରି କରିଥିବା ସମ୍ପର୍କରେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

### ଗାୟତ୍ରୀ ମହାଯଜ୍ଞ ଉଦ୍ଯାପିତ

**ପାରାଦୀପ,୧୩। ୫(ସ୍ୱ.ପ୍ର.):** ପାରାଦୀପ ବିଜୟଚନ୍ଦ୍ରପୁର ଗାୟତ୍ରୀ ନଗରରେ ଗତ ୧୦ ତାରିଖରୁ ଚାଲିଥିବା ଗାୟତ୍ରୀ ମହାଯଜ୍ଞ ଓ ମହାକାଳ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଶନିବାର ଉଦ୍ଯାପିତ ହୋଇଯାଇଛି। ୪ ଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ହରିଦ୍ୱାର ଶାନ୍ତିକୁଞ୍ଜ ଅନୁଷ୍ଠାନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ହୋଇଥିଲା। ଏହି ଅବସରରେ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ କରାଯାଇ ଆଧାତ୍ମିକ ଆଲୋଚନା କରାଯାଇଥିଲା ବୋଲି ଅନୁଷ୍ଠାନର ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଶେଷ ଦିନରେ ସ୍ଥାନୀୟ ଅଞ୍ଚଳର ଶାସକ, ପ୍ରଶାସକ, କମ୍ପାନୀ ପ୍ରତିନିଧି ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ।

# ଗୋଚର ଜମି, ନାଳ ବନ୍ଧ ତଡ଼ା ଚାଲିଛି: ଚାଷୀ ଅସନ୍ତୁଷ୍ଟ

■ ଚାଷ ଜମିରୁ ପାଣି ନାଳକୁ ଚାଲିଯିବା ନେଇ ଆଶଙ୍କା
■ ଗୃହପାଳିତ ପ୍ରାଣୀମାନେ ଅସୁବିଧାରେ ପଡ଼ୁଛନ୍ତି

**ନାଉଗାଁ,୧୩।୫(ସ୍ୱ.ପ୍ର.)**

ନନାଉଗାଁ ତହସିଲ ଅନ୍ତର୍ଗତ ନାଉଗାଁ-ଡାବର, ବାଲିକୁଦା-ଗଙ୍ଗଦାହାଟ, ଇଚ୍ଛାପୁର-ଗୋଠଦାକୁ ସଂଯୋଗୀକରଣ ରାସ୍ତା ରହିଛି। ଏହି ରାସ୍ତାଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଉକ୍ତ ରାସ୍ତାକୁ ବିଭାଗ ପକ୍ଷରୁ ପୁନଃ ସମ୍ପ୍ରସାରଣ ଓ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରାସ୍ତା ସମ୍ପ୍ରସାରଣ ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଠିକାଦାର ମନମୁଖିଭାବେ ମାଟି ତାଡି ନେଉଛନ୍ତି। ଏହାସତ୍ତ୍ୱେ ରାଜସ୍ୱ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସି ରହିଛି। ସୂଚନାଯୋଗ୍ୟ, ଜାମୁଗାଁ, ତିରୁଣା ଡାବର ପଞ୍ଚାୟତ ଦେଇ ବାଉଁଶ ଯୋରି ନାଳ ପ୍ରବାହିତ ହେଉଛି। ଏହି ପଞ୍ଚାୟତରେ ଚାଷୀମାନଙ୍କ ପାଇଁ ଜଳ ସେଚନ ସୁବିଧା ନାହିଁ। ସେମାନେ ବର୍ଷା ଜଳ ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି। ନିକଟରେ ପ୍ରବାହିତ ବାଉଁଶ ଯୋରିଦୀର୍ଘ ଦିନ ହେବ ସଫେଇ ନ ହେବା ଓ ନାଳର ଉଭୟ ପାର୍ଶ୍ୱରେ ବନ୍ଧ ନ ଥିବାରୁ ଉକ୍ତ ପଞ୍ଚାୟତର ଅଧିକାଂଶ ଚାଷ ଜମିରେ ଥିବା ବର୍ଷା ଜଳ ଅବାଧରେ ଯୋରି ମଧ୍ୟକୁ ପ୍ରବେଶ



ରାସ୍ତା ପାଇଁ ଗୋଚର ଜମିରେ ଖନନ କରାଯାଉଛି।

କରିଥାଏ। ଫଳରେ ଚାଷ କାର୍ଯ୍ୟରେ ବାଧା ଉପୁଜିଥାଏ। ୨୦୨୦-୨୧ ଆର୍ଥିକ ବର୍ଷରେ ଜଳ ସମ୍ପଦ ବିଭାଗ ପକ୍ଷରୁ ୧ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଉକ୍ତ ନାଳକୁ ସଫେଇ କରାଯାଇଥିଲା। ଏହାର ୨ ପାର୍ଶ୍ୱରେ ବନ୍ଧ ନିର୍ମାଣ କରାଯାଇଥିଲା। ଏହାଦ୍ୱାରା ବର୍ଷା ଜଳ ଚାଷ ଜମିରେ ମହଜୁଦ ହୋଇ ରହିପାରିବ ବୋଲି କୁହାଯାଇଥିଲା। ମାତ୍ର ଏବେ ରାସ୍ତା କାର୍ଯ୍ୟ ପାଇଁ ତିରୁଣା-ଦେଓପଡା ରାସ୍ତା ନିକଟରେ ଥିବା ଏହି ବନ୍ଧ ଓ ନାଳପଠାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କାର୍ଯ୍ୟ କରୁଥିବା ଠିକାଦାର ସମ୍ପୂର୍ଣ୍ଣ ତାଡିନେଉଛନ୍ତି। ଫଳରେ ଜମିରୁ ସମସ୍ତ ପାଣି ନାଳକୁ ଚାଲିଯିବାର ଆଶଙ୍କା ରହିଛି। ଏନେଇ ଚାଷୀମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ସେହିପରି ତିରୁଣା ଓ ଶାଳପଦା ମୌଜାର ଗୋଡ଼ିଡିହ ନିକଟରେ ଥିବା ଗୋଚର ଜମିକୁ ଗୃହପାଳିତ ପ୍ରାଣୀ ଚାରଣ ଭୂଇଁ ଭାବେ ବ୍ୟବହାର କରନ୍ତି। ମାତ୍ର ଉକ୍ତ ଭୂମିରୁ ମଧ ମାଟି ତାଡି ନିଆଯାଉଛି। ଫଳରେ ବର୍ଷା ଦିନେ ଗୃହପାଳିତ ପ୍ରାଣୀମାନେ ଅସୁବିଧାରେ ସମ୍ମୁଖୀନ ହେବାର ଆଶଙ୍କା ରହିଛି।

ଏ ସମ୍ପର୍କରେ ଡେରିକି ରାଜସ୍ୱ ନିରୀକ୍ଷକ ରାଜେଶ ସାହୁ କହିଛନ୍ତି, ନିୟମ ମୁତାବକ ଠିକାଦାରଙ୍କୁ ୬ଇଞ୍ଚର ମାଟି ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଅଧିକ ମାଟି ଖୋଳା ହୋଇଥିବାରୁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଯାଇଛି। ସେହିପରି ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହରେକୃଷ୍ଣ ବେହେରା କୁହନ୍ତି, ନାଳର ତଦାରଖ କରିବା ଆମ ଦାୟିତ୍ୱ। କିନ୍ତୁ ମାଟି ତାଡିବା ସମ୍ପର୍କରେ ସ୍ଥାନୀୟ ତହସିଲଦାର ପଦକ୍ଷେପ ନେବେ ବୋଲି କହିଛନ୍ତି। ତହସିଲଦାର ଜେ.କଳ୍ପନାଙ୍କୁ ଏସଂକ୍ରାନ୍ତରେ ପଚାରିବାରେ କେତେ ମାଟି ତଡା ଯାଇଛି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତଦେଇଛନ୍ତି।

### ୨ ଫେରାର ଅଭିଯୁକ୍ତ ଗିରଫ

**ବାଲିକୁଦା,୧୩।୫(ସ୍ୱ.ପ୍ର.)**

ବାଲିକୁଦା ଥାନା ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ଭିତରୁ ଜଣେ ଆମ୍ବଶାଳ ଗାଁର କୈଳାସ ପଣ୍ଡା ହୋଇଥିବା ବେଳେ ଅନ୍ୟ ଜଣେ ହେଉଛନ୍ତି ଖଣ୍ଡପସା ଗାଁର ଆଲୋକ ଦାସ। କୈଳାସଙ୍କ ନାମରେ ଏଏସ୍ଜେଡବ୍ଲ୍ୟୁ କୋର୍ଟରେ ଡିଭି ଅନୁଯାୟୀ ନଂ.୧୫୪/୨୨ରେ ମାମଲା ରୁଜୁ ହୋଇଥିଲା। କୈଳାସ ଅଭିଯୁକ୍ତ ଥାଇ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗରେ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ତାକୁ ଗିରଫ କରି କୋର୍ଟରେ ହାଜର କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅନ୍ୟତମ ଅଭିଯୁକ୍ତ କୁହାଯାଉଥିବା ଆଲୋକ ନାମରେ ଜଗତ୍ସିଂହପୁର ଏସ୍ଡିଜେଏମ୍ଙ୍କ କୋର୍ଟରେ ମାମଲା ରୁଜୁ ହୋଇଛି। ସେ ମଧ କୋର୍ଟଙ୍କୁ ଫାଙ୍କି ଫେରାର ଥିଲେ। ଉଭୟଙ୍କୁ କୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ଗିରଫ କରି ଅଦାଲତରେ ହାଜର କରିବାକୁ ଗିରଫ କରି କୋର୍ଟରେ ହାଜର କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅନ୍ୟତମ ଅଭିଯୁକ୍ତ କୁହାଯାଉଥିବା ଆଲୋକଙ୍କ ନାମରେ ଜଗତ୍ସିଂହପୁର ଏସ୍ଡିଜେଏମ୍ଙ୍କ କୋର୍ଟରେ ନଂ. ୧୮୪/୮ରେ ମାମଲା ରହିଛି। ଉଭୟଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ ବଳରେ ପୋଲିସ ଗିରଫ କରିଥିଲା।

# ୮୬୦ ମାମଲାରୁ ୧୮୬ ଫଇସଲା



ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲା ପରିଚାଳନା କରାଯାଉଛି।

**ଜଗତ୍ସିଂହପୁର ଅଫିସ, ୧୩।୫**

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**
■ ୧ କୋଟିରୁ ଅଧିକ ଟଙ୍କା ଆଦାୟ
■ ବ୍ୟାଙ୍କ ସମ୍ବନ୍ଧୀୟ ୪୩ ମାମଲାର ଫଇସଲା

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା କୋର୍ଟ ଓ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଅନୁଷ୍ଠିତ ଅଦାଲତରେ ଜିଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନ ପୌରୋହିତ୍ୟ କରିଥିଲେ। ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ, ରାଜସ୍ୱ ମାମଲା ଓ ଅନ୍ୟ ଦିୱାନୀ ମକଦ୍ଦମା ସହ ଜିଲାରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ ମକଦ୍ଦମା ଆଦିର ଫଇସଲା କରାଯାଇଥିଲା। ରାଜସ୍ୱ ଓ ବ୍ୟାଙ୍କ ସମ୍ବନ୍ଧୀୟ ମାମଲାକୁ ବାଦ୍ ଦେଇ ଜିଲାର ଅନ୍ୟାନ୍ୟ ୮୬୦ ମାମଲାରୁ ୧୮୬ଟି ଫଇସଲା ହୋଇଥିଲା। ଏଥିସହ ୧,୧୮,୯୦,୩୪୪ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ବ୍ୟାଙ୍କ ସମ୍ବନ୍ଧୀୟ ପ୍ରାକ୍ ମକଦ୍ଦମା ସଂଖ୍ୟା ୪୪୯୦ ଥିବାବେଳେ ସେଥିରୁ ୪୩ଟି ଫଏସଲା କରାଯାଇ ୭,୭୪,୩୭୨ ଟଙ୍କା ଋଣ ଆଦାୟ କରାଯାଇଥିଲା। ଏଥିସହ ୨୦୮୮ଟି ରାଜସ୍ୱ ମାମଲା ମଧ୍ୟରୁ ୧୮୩୯ଟି ଫଇସଲା କରାଯାଇ ୩,୬୮,୪୬୨ ଟଙ୍କା ଆଦାୟ କରାଯାଇଥିଲା। ଏହି ଅଦାଲତରେ ଜିଲା ଓ ଦୌରା ଜଜ୍ ଚନ୍ଦନଙ୍କ ସହ ଅତିରିକ୍ତ ଜିଲା ଜଜ୍ ରାଜଶ୍ରୀ ମହାପାତ୍ର, ପରିବାର ଅଦାଲତ ବିଚାରପତି ଭଗବାନ ପ୍ରଧାନ, ସିଜେଏମ୍ ନୀଳିମା ପଣ୍ଡା, ପ୍ରାଧିକରଣ ସଚିବ ସୁନନ୍ଦା ପାଢୀ, ସବ୍ଜଜ୍ ସୁଦୀପ୍ତା ଦେହୁରି, ମହିଳା କୋର୍ଟ ବିଚାରପତି ରଶ୍ମିତା ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପା ପାତ୍ର, ଏସ୍ଡିଜେଏମ୍ ନିରଞ୍ଜନ ଦାସ, ମୁନସଫ ଅନନ୍ୟା ଦାସ ଓ ଜେଏମ୍ଏଫ୍ସି ମଲ୍ଲିକା ଗୋଏଙ୍କା ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକୁ ପରିଚାଳନା କରିଥିଲେ। ଦୁର୍ଘଟଣାଜନିତ ମକଦ୍ଦମାଗୁଡିକର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ ପ୍ରସିକ୍ୟୁଟର (ପିପି) ନଳିନୀକାନ୍ତ ମହାରଣା, ସରକାରୀ ଓକିଲ ସଲିଲ ଘୋଷ, ଆଇନଜୀବୀ ଧୀରେନ୍ଦ୍ରନାଥ ଆଚାର୍ଯ୍ୟ, ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ ଓ ଶଲ୍ୟବିଭାଗ ଡା. ସିଦ୍ଧାର୍ଥ ଶଙ୍କର ମହାନ୍ତି ପ୍ରମୁଖ ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ। ଏହାବାଦ୍ ଜିଲାର କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଏବଂ ଏରସମା କୋର୍ଟ ପ୍ରାଙ୍ଗଣରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରପତିମାନଙ୍କ ଦ୍ୱାରା ମକଦ୍ଦମାଗୁଡିକର ଫଇସଲା କରାଯାଇ ଜରିମାନା ଆଦାୟ କରାଯାଇଥିଲା ।

### ବାପ, ପୁଅ ଜେଲ ଗଲେ
#### ବ୍ରାହ୍ମଣଡ଼ିହିରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

**ବାଲିକୁଦା,୧୩।୫(ସ୍ୱ.ପ୍ର.)**

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ବ୍ରାହ୍ମଣଡ଼ିହିରେ ଅବକାରୀ ପୋଲିସ ଓ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ଆକ୍ରମଣକାରୀ ବାପପୁଅଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଘଟଣା ଦିନ ବ୍ରାଉନ୍ସୁଗାର ବ୍ୟବସାୟୀ ପ୍ରଶାନ୍ତ ସେଠ୍ଙ୍କୁ ଗିରଫ କରିଥିଲା। ବ୍ରାଉନ୍ସୁଗାର ଜବତ ସମୟରେ ଅବକାରୀ ପୋଲିସ ଓ କର୍ମଚାରୀଙ୍କୁ ପ୍ରଶାନ୍ତ, ତାଙ୍କ ଭାଇ ସୁଶାନ୍ତ, ବାପା ସୁଦାମ ଆକ୍ରମଣ କରିଥିଲେ। ଗୁରୁବାର ବାପା ଗସୁଦାମଙ୍କୁ ପୋଲିସ ଗିରଫ କରିଥିଲା। ଶୁକ୍ରବାର ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ପ୍ରଶାନ୍ତଙ୍କ ଭାଇ ସୁଶାନ୍ତଙ୍କୁ ଗିରଫ କରଛି। ଉଭୟ ବାପପୁଅଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଯାଇଛି। ବାଲିକୁଦା ଅବକାରୀ ଟିମ୍ ବ୍ରାହ୍ମଣଡ଼ିହିକୁ ବ୍ରାଉନ୍ସୁଗାର ଜବତ କରିବାକୁ ଯାଇ ଆକ୍ରମଣରେ ଶିକାର ହୋଇଥିଲା। ଅବକାରୀ ଟିମ୍କୁ ଆକ୍ରମଣକାରୀଙ୍କ ଆକ୍ରମଣରୁ ଉଦ୍ଧାର କରିବାକୁ ଆସିଥିବା ଜଗତ୍ସିଂହପୁର ଅବକାରୀ କର୍ମଚାରୀ ମଧ ଛାଡ଼ ପାଇ ନ ଥିଲେ। ବାଲିକୁଦା ଅବକାରୀ ଏସ୍ଆଇ ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ଟିମ୍ ବ୍ରାହ୍ମଣଡ଼ିହିକୁ ଆସି ବ୍ରାଉନ୍ସୁଗାର ଜବତ କରିଥିଲା। ପ୍ରଶାନ୍ତ ଓ ଜଣେ ନିଶା ବେପାରୀଙ୍କୁ ପୋଲିସ କାବୁ କରିଥିଲା। ପ୍ରଶାନ୍ତ ଓ ତାଙ୍କ ବାପା, ଭାଇ ମିଶି ଉକ୍ତ ଟିମ୍କୁ ଆକ୍ରମଣ କରି ପ୍ରଶାନ୍ତଙ୍କୁ ଖସେଇନେବାକୁ ଚେଷ୍ଟା କରିଥିଲେ। ଏ ସମ୍ପର୍କରେ ଏସ୍ଆଇ ମଲ୍ଲିକ ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୧୧/୨୩ରେ ମାମଲା ରୁଜୁକରିଥିଲା।

### କୁଜଙ୍ଗରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**କୁଜଙ୍ଗ,୧୩।୫ (ଡି.ଏନ୍.ଏ.)**

କୁଜଙ୍ଗ ତାଲୁକ ଆଇନ୍ ସେବା କମିଟି ଆନୁକୂଲ୍ୟରେ ଶନିବାର ଦ୍ୱିତୀୟ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ୍ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରାର୍ଥସାରଥି ପଟ୍ଟନାୟକଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୋଟ୍ ୨୭୮ ମାମଲା ବିଚାର କରାଯାଇ ୪୮ଟି ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୂତନ ଭାବେ ଯୋଗଦେଇଥିବା ସବ୍ ଜଜ୍ ଅଭୟ କୁମାର ଦାସ, ମୁନସଫ୍ ଅନୁରାଧା ଶର୍ମା, ଜେଏମ୍ଏଫ୍ସି ସୁନିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ମାମଲାଗୁଡ଼ିକୁ ପରିଚାଳନା କରିଥିଲେ। ଏଥିରେ ବାର ଆସୋସିଏଶନ ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ସରକାରୀ ଓକିଲ କୈଳାସ ଚନ୍ଦ୍ର ପରିଡ଼ା ଉପସ୍ଥିତ ରହି ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ବିଭାଗୀୟ କର୍ମଚାରୀ ପ୍ରଦୀପ ମୁଦୁଲି, ଧନେଶ୍ୱର ମଲ୍ଲ ଏଥିରେ ସହାୟତା କରିଥିଲେ।

### ୪୫ ଜଣଙ୍କ ଚକ୍ଷୁ ପରୀକ୍ଷା



ଅତିଥି ଶିବିରକୁ ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

**ରାଜକନିକା, ୧୩।୫(ଡି.ଏନ୍.ଏ.)**

ରାଜକନିକା ବ୍ଲକର ହାବଲଗଣ୍ଡ ପାଟଣାଠାରେ ଥିବା ବିକେବି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ନିୟନ୍ତ୍ରଣ ଅଧିକାରୀଙ୍କ ସୌଜନ୍ୟରୁ ଅନୁଷ୍ଠିତ ଶିବିରରେ ଅଞ୍ଚଳର ୪୫ଜଣ ମହିଳା ପୁରୁଷଙ୍କ ଚକ୍ଷୁ ପରୀକ୍ଷା ସହକାରୀ ଚକ୍ଷୁ ପରୀକ୍ଷା ଅଧିକାରୀ ଶର୍ମିଷ୍ଠା ଯାଦବ କରିଥିଲେ। ବିକେବି ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରାହାସ ବିହାରୀ ମହାନ୍ତି ଏବଂ ଏବର ପ୍ରଧାନ ଶିକ୍ଷକ ମିହିର କୁମାର ବିଶ୍ୱାଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଠପାଟଣା ବୀଣାପାଣି ସାଂସ୍କୃତିକ ପରିଷଦର ସଭାପତି ରାହାସ ବିହାରୀ ପରିଡ଼ା, କୋଷ ପ୍ରମୁଖ ଦେବାନନ୍ଦ ପରିଡ଼ା, ଶିକ୍ଷାବିତ୍ ଚନ୍ଦନ କୁମାର ନାୟକ ଓ ବିଜୟ କୁମାର ବେହେରା, ସହକାରୀ ଶିକ୍ଷକ ଦିଲୀପ କୁମାର ରାଉତ, ବଟକୃଷ୍ଣ ରାଉତ, ସଞ୍ଜୟ କୁମାର ସାମଲ, ଅଭିମନ୍ୟୁ ବାରିକ, ପୀତାମ୍ବର ରାଉତ ଏବଂ ଅନୁପ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ମୋ କଲେଜ ଅଭିଯାନରୁ ମିଳିବ ୨୫ ଲକ୍ଷ

**ଜଗତ୍ସିଂହପୁର ଅଫିସ, ୧୩।୫**

**ଏସ୍ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ**
■ ଆକାଶ ଦାସ ନାୟକଙ୍କୁ ଭେଟିଲେ ଅଧାପକ, ପୁରାତନ ଛାତ୍ର

ଜଗତ୍ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପାଣ୍ଠିକୁ ମୋ କଲେଜ ଅଭିଯାନ ଦ୍ୱାରା ଆଉ ୧୨,୨୧,୩୬୩ ଟଙ୍କା ଆସିଛି। ଅଭିଯାନ ବ୍ୟବସ୍ଥା ଅନୁଯାୟୀ, ସଂଗୃହୀତ ଅର୍ଥ ରାଶିର ୨ ଗୁଣ ରାଜ୍ୟ ସରକାର ମହାବିଦ୍ୟାଳୟକୁ ଦେବେ। ଅର୍ଥାତ୍ ୨୪,୪୨,୭୨୬ ଟଙ୍କା ଏସ୍ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମିଳିବାର ଅଛି। ଏହି ରାଶି କିପରି ତ୍ୱରିତ ମିଳିପାରିବ ସେନେଇ ମହାବିଦ୍ୟାଳୟ ପକ୍ଷରୁ ଏକ ପ୍ରତିନିଧି ଦଳ ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଅର୍ଥରାଶି ମିଳିଲେ ସେଥିରେ ମହାବିଦ୍ୟାଳୟ ଲାଇବ୍ରେରିରେ ଅଧିକ ସଂଖ୍ୟକ ପୁସ୍ତକ ଗଚ୍ଛିତ ସହ ନୂଆ ବିଜ୍ଞାନ କକ୍ଷରେ ପରିସ୍ରାଗାର ଓ ଅନ୍ୟାନ୍ୟ ଗୃହ ନିର୍ମାଣ କରାଯିବ। ପାଠାଗାରରେ ଛାତ୍ରୀଛାତ୍ରଙ୍କ ପାଇଁ ପଠନ ଭବନ ନିର୍ମାଣ ହେବ। ଏହି ଅବସରରେ ମୋ କଲେଜ ଅଧ୍ୟକ୍ଷ ନାୟକ ଖୁବ୍ଶୀଘ୍ର ଅର୍ଥରାଶି ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ଆଲୋଚନାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପାତ୍ର, ପୁରାତନ ଛାତ୍ର ବଟକିଶୋର ରାୟ, ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଶୁଭେନ୍ଦୁମୌଳି ନନ୍ଦ ଓ ବିଜ୍ଞାନାଗାର ସହାୟକ ଚିତ୍ତରଞ୍ଜନ ଦାଶ ସାମିଲ ଥିଲେ । ଏହି ଅବସରରେ ମୋ କଲେଜ ଅଭିଯାନ ଦ୍ୱାରା ସଂଗୃହୀତ ରାଶି ଓ ତତ୍ସମ୍ବନ୍ଧୀୟ କାଗଜପତ୍ର ମୋ କଲେଜ ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା।




ମୋ କଲେଜ ଅଭିଯାନ ଦ୍ୱାରା ସଂଗୃହୀତ ରାଶିକୁ ଆକାଶ ଦାସ ନାୟକଙ୍କୁ ହସ୍ତାନ୍ତର କରାଯାଉଛି।

# ଗୋରେଖନାଥ ପୀଠରେ ଭକ୍ତ କମୁଛନ୍ତି

**ରଘୁନାଥପୁର,୧୩।୫(ଡି.ଏନ୍.ଏ.)**

■ ଚିନ୍ତାରେ ଟେଣ୍ଡର ଦୋକାନୀ, ସେବାୟତ
■ ପ୍ରଭୁଙ୍କ ଦାନ ଅର୍ଥରେ ହେଉଥିବା ଆୟରେ ପ୍ରଭୂତ କ୍ଷତି
■ ମାନସିକ ରୋଷେଇ, ପ୍ରସାଦ ସେବନ ବନ୍ଦ ପ୍ରମୁଖ କାରଣ

ଜଗତ୍ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠକୁ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଛି। ଗତ ବର୍ଷ ଶ୍ରାବଣ ମାସରେ ପୂର୍ବରୁ ଚାଲିଆସିଥିବା ମାନସିକ ରୋଷେଇ ଓ ପ୍ରସାଦ ସେବନ ବ୍ୟବସ୍ଥା ବନ୍ଦ କରି ଦିଆଯାଇଥିଲା। ଫଳରେ ଭକ୍ତଙ୍କ ମଧ୍ୟରେ ନୈରାଶ ଭାବ ସୃଷ୍ଟି ହୋଇଛି ବୋଲି ମନ୍ଦିର ପରିସରରେ ଟେଣ୍ଡର ନେଇ ଦୀପ, ଫୁଲ ଓ ଜାଆଁବାଳ ବ୍ୟବସାୟ କରୁଥିବା ଦୋକାନୀ ରମେଶ ଚନ୍ଦ୍ର ସାହୁ କହିଛନ୍ତି। ପୀଠକୁ ଯାତ୍ରୀଙ୍କ ଆଗମନ କମୁଥିବାରୁ ପ୍ରଭୁଙ୍କ ଦାନ ଅର୍ଥରେ ହେଉଥିବା ଆୟରେ ପ୍ରଭୂତ କ୍ଷତି ପହଞ୍ଚିଛି। ଏଥିସହ ଆଶାତୀତ ବେପାର ନ ହେଲେ ଟେଣ୍ଡର ଅର୍ଥ କିପରି ପରିଶୋଧ କରିବେ ବୋଲି ସାହୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପ୍ରଭୁଙ୍କ ସେବାନୀତି କାର୍ଯ୍ୟରେ ନିୟୋଜିତ ଥିବା ପୂଜକମାନେ ଭକ୍ତଙ୍କ ଦକ୍ଷିଣାଉପରେ ନିର୍ଭରଶୀଳ। ଭକ୍ତଙ୍କ ଆଗମନ କମିଥିବାରୁ ପରିବାର ପ୍ରତିପୋଷଣ ପାଇଁ ପୂଜକ ଦିଲୀପ କୁମାର ପଣ୍ଡା ଓ ଜ୍ଞାନରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟ ପୂଜକମାନେ ଚିନ୍ତା ପ୍ରକଟ କରିଛନ୍ତି। ଭକ୍ତଙ୍କ ସଂଖ୍ୟା କମିଥିବାରୁ ପୀଠ ଚତୁଃପାର୍ଶ୍ୱରେ



ଗଢି ଉଠିଥିବା ଦୋକାନ ଏକପ୍ରକାର ବନ୍ଦ ରହିଛି ବୋଲି କାହ୍ନା ଦାସ ଓ ପ୍ରଦୀପ୍ତ ପଣ୍ଡା କହିଛନ୍ତି। ମାନସିକ ରୋଷେଇ ଓ ପ୍ରସାଦ ବ୍ୟବସ୍ଥା ବନ୍ଦ କରାଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ନାରିଜଙ୍ଗର ଅଭିରାମ ଖୁଣ୍ଟିଆ, ଜଗତ୍ସିଂହପୁରର ଆର୍ତ୍ତତ୍ରାଣ ଦାସ, କନକପୁରର ବୁଲୁ ଲେଙ୍କା ଓ ଗନାଇଲୋର ରଜନୀକାନ୍ତ ରାୟ ପ୍ରମୁଖ ଯାତ୍ରୀ କହିଛନ୍ତି। ପୂର୍ବରୁ ଦୈନିକ ପୀଠରେ ମାନସିକ ରୋଷେଇ ସହ ସେବାୟତଙ୍କ ପକ୍ଷରୁ ସୁଲଭ ମୂଲ୍ୟରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହେଉଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀ ଏଠାରେ ପହଞ୍ଚି ଦର୍ଶନ କରିବା ସହ ପ୍ରସାଦ ସେବନ କରି ବାହୁଡୁଥିଲେ। ମାନସିକଧାରୀମାନେ ସେମାନଙ୍କ ଜ୍ଞାତିକୁଟୁମ୍ବ ଓ ସମ୍ପର୍କୀୟଙ୍କ ସହ ଆସି ମାନସିକ ରୋଷେଇ କରି ଆପ୍ୟାୟିତ ହେଉଥିଲେ। ଫଳରେ ପୀଠରେ ଗହଳି ବୃଦ୍ଧି ପାଉଥିଲା। ଏହାଦ୍ୱାରା ପୂଜକ, ଟେଣ୍ଡର ଦୋକାନୀ ଓ ଚତୁଃପାର୍ଶ୍ୱରେ ଥିବା ଦୋକାନୀମାନେ ଉପକୃତ ହେଉଥିଲେ। ଏସବୁ ବନ୍ଦ ହେବା ଦ୍ୱାରା ସମ୍ପୂର୍ଣ୍ଣ ଗ୍ରାମୀଣ ପରିବେଶରେ ଥିବା ପ୍ରଭୁଙ୍କ ପୀଠ ସମେତ ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ବିକାଶ ନିମ୍ନଗାମୀ ହେଉଛି ବୋଲି ପ୍ରଦୀପ୍ତ କୁମାର ମହାନ୍ତି ଓ ଦିଲୀପ କୁମାର ସ୍ୱାଇଁ କହିଛନ୍ତି। ଏଥିପ୍ରତି ଜିଲାପାଳ ଓ ଦେବୋତ୍ତର ଆୟୁକ୍ତ ଦୃଷ୍ଟି ନ ଦେଲେ ପ୍ରଭୁଙ୍କ ପୀଠ ଉପରେ ନିର୍ଭର କରି ପରିବାର ପୋଷଣ କରୁଥିବା ବହୁ ବ୍ୟକ୍ତି ଜୀବିକା ହରାଇବା ଆଶଙ୍କା ରହିଛି। ଏ ସମ୍ପର୍କରେ ଅତିରିକ୍ତ ଦେବୋତ୍ତର ଆୟୁକ୍ତ କଟକ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ କୁହନ୍ତି ଯେ, ସମସ୍ୟା ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଭକ୍ତମାନଙ୍କ ଭଗବାନଙ୍କ ପ୍ରତି ଥିବା ଭାବାବେଗ ଓ ସ୍ଥାନୀୟ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ।

## ସଂକ୍ଷେପରେ

### ଆକ୍ରମଣ ପ୍ରତି ଆକ୍ରମଣ ଘଟଣାରେ ୨ କୋର୍ଟ ଚାଲାଣ

ଗୋପାଳପୁର,୧୩ା୫(ଡି.ଏନ.ଏ.): ଗତ ୯ ତାରିଖରେ ଗୋପାଳପୁର ଥାନା ଅଧିନସ୍ଥ ପାର୍ବତୀପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛୁରା ମାଡ଼ ଘଟଣାରେ ପୋଲିସ ଶନିବାର ଦୁଇଟି ମାମଲାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଜୟ ଦାସ ଓ ନାରାୟଣ ଦାସ। ସୂଚନାନୁସାରେ ଗୋପାଳପୁର ଥାନା ଅଧିନସ୍ଥ ପାର୍ବତୀପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତା ଥିବା ବେଳେ ଗତ କିଛି ଦିନ ତଳେ ଏକ ଭୋଜିରେ ଝଗଡା ହୋଇଥିଲା। ଗତ ୯ ତାରିଖ ରାତିରେ ଅଜୟ ଓ ତାଙ୍କ ସାଙ୍ଗ ମିଶି ଏକ ବାଇକରେ ଗୋପାଳପୁର ଯାଉଥିବା ବେଳେ ଅନ୍ୟ ପରିବାରର ଯୁବକମାନେ ଅଜୟଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅଜୟଙ୍କ ମୁଣ୍ଡ ଫାଟିଥିଲା ଏବଂ ଛୁରା ମାଡ଼ରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା। ଏଥିରେ ନାରାୟଣ ଦାସ ମଧ ଆହତ ହୋଇଥିଲେ। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାବେଳେ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି।

### ଆମ ପୋଲିସ ସମିତି ବୈଠକ

ଧରାକୋଟ,୧୩ା୫(ଡି.ଏନ୍.ଏ.):ଧରାକୋଟ ଥାନା ମୁଣ୍ଡମରାଇ ପଞ୍ଚାୟତର ସୁନ୍ଦରାପଲି ଗ୍ରାମରେ ଥାନା ଅଧିକାରୀ ମମତା ସାମନ୍ତରାୟଙ୍କ ସଭାପତିତ୍ୱରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଡେନିସ୍ ବେହେରା, ଏସ୍ଆଇ ବାଲ୍ମୀକି ପ୍ରଧାନ, ସରପଞ୍ଚ ଅଭିମନ୍ୟୁ ସେଠୀ, ଝାଡ଼ବନ୍ଧ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ଗ୍ରାମ୍ୟ କମିଟି ସଭାପତି ପଦ୍ମ ଚରଣ ଦାସ, ସରଧାପୁର ସରପଞ୍ଚ ପ୍ରତିନିଧି ଅନିଲ ମହାନ୍ତି, ଝରପାରି ସରପଞ୍ଚ ପ୍ରତିନିଧି ଲିଟୁ ଭୂୟାଁ, ଜଗମୋହନ ସରପଞ୍ଚ ପ୍ରତିନିଧି ପ୍ରମୋଦ ମହାରଣା, ସାମାଜିକ କର୍ମୀ ଶିବଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସମ୍ପ୍ରତି ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ପଞ୍ଚାୟତର ସମସ୍ତ ଗ୍ରାମରେ ସିସିଟିଭି ଲଗାଇବା, ସାଇବର ଠକେଇ ଭିତରେ ବ୍ୟାଙ୍କ ଓ ଏଟିଏମ୍ ଠକଙ୍କ ପ୍ରତି ସତର୍କ ରହିବା, ବାଲ୍ୟବିବାହ ରୋକିବା, ଗୁଣି ଗାରେଡ଼ିଠାରୁ ଦୂରରେ ରହିବା, ନାରୀ ନିର୍ଯାତନା ରୋକିବା, ଟ୍ରାଫିକ ନିୟମ ମାନି ଚଳିବା ଆଦି ଉପରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଗ୍ରାମବାସୀଙ୍କ ତରଫରୁ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ବର୍ଣ୍ଣାଳୀ ତାଲିମ ଶିବିର

ଧରାକୋଟ,୧୩ା୫(ଡି.ଏନ୍.ଏ.):ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବ୍ଲକର ୫୦ଟି ସରକାରୀ ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ଜଣ ଶିକ୍ଷକଙ୍କୁ ନେଇ ବର୍ଣ୍ଣାଳୀ ତାଲିମ ଶିବିର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବରଡ଼ାବାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ବିଆର୍‌ସିସି ତଥା ଏବିଇଓ ପ୍ରଦୀପ କୁମାର ହୋତା, ଉମା ଚରଣ ପାଣିଗ୍ରାହୀ ଓ ପ୍ରଦୀପ କୁମାର ଶତପଥୀ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ବଳ ଶିକ୍ଷକ ଭାବରେ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଓ ପ୍ରଜ୍ଞା ପ୍ରକାସିନୀ ପଟ୍ଟନାୟକ ଲିଙ୍ଗ ସମ୍ବେଦନଶୀଳତା ଓ ପାଠ୍ୟକ୍ରମ ସହ ଏହାର ସଂଯୋଗୀକରଣ ପ୍ରସଙ୍ଗ ଉପରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାତ୍ର ଶିବିର ପରିଚାଳନା କରିଥିବା ବେଳେ ରୁଗୁମୁ ସିଆର୍‌ସିସି କାଳୁ ଚରଣ ଗୌଡ଼ ସମର୍ଥକ ଭାବେ ଯୋଗଦେଇଥିଲେ।

# ଅଙ୍ଗନୱାଡ଼ି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା

## ପାଣି ବାଲ୍‌ଟିଏ ପାଇଁ ଗାଁ ମୁଣ୍ଡକୁ ଯିବାକୁ ପଡୁଛି

**ଖଜୁରିପଡ଼ା,୧୩ା୫:**

ବୈଶାଖ ମାସର ପ୍ରବଳ ଖରା ସାଙ୍ଗକୁ ଜୋର୍ ତାତି। ପିଲାମାନଙ୍କ ପିଇବା ପାଇଁ ପାଣି ଆବଶ୍ୟକ ପଡୁଛି। ଏହିଭଳି ସ୍ଥଳେ ଅଙ୍ଗନୱାଡ଼ିରେ ଲାଗିରହିଛି ପିଇବା ପାଣି ସମସ୍ୟା। ନଳକୂପ ଖରାପ ହେବାର ବହୁ ଦିନ ବିତି ଯାଇଥିଲେ ସୁଦ୍ଧା ମରାମତି କରିବା ପାଇଁ କାହାର ନଜର ନାହିଁ। ଯାହା ଦ୍ୱାରା ଅଙ୍ଗନୱାଡ଼ି କର୍ମୀ ଗାଁ ମୁଣ୍ଡକୁ ଯାଇ ଦୁଇ ହାତରେ ଦୁଇ ବାଲଟି ପାଣି ଏବଂ ସାଙ୍ଗରେ କୋମଳମତି ଶିଶୁଙ୍କୁ ଧରି ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧିନସ୍ତ ଗେଡ୍ରୀ ପାଜୁ ଅଙ୍ଗନୱାଡ଼ି କେନ୍ଦ୍ରରେ। ଏହି କେନ୍ଦ୍ରରେ ୧୦ ଜଣ କୋମଳମତି ଶିଶୁ ପାଠ ପଢୁଛନ୍ତି। ଗାଁର ଜନ୍ମେଜୟ ମଲ୍ଲିକ ଏବଂ ମିନତୀ ମଲ୍ଲିକଙ୍କ କହିବା ଅନୁଯାୟୀ ଜଙ୍ଗଲର ପାଦଦେଶରେ ୨୦୧୨ରେ



ପାଣି ବାଲଟି ବୋହି ନେଉଛନ୍ତି ଅଙ୍ଗନୱାଡ଼ି କର୍ମୀ।

ନିର୍ମାଣ ହୋଇଛି ଏହି ଅଙ୍ଗନୱାଡ଼ି କେନ୍ଦ୍ର। ଅଙ୍ଗନୱାଡ଼ି ସମ୍ମୁଖରେ ଅଛି ବଡ ବଡ ପଥର ସାଙ୍ଗକୁ ବଡ ନାଳ ଏବଂ ପ୍ରଧାନମନ୍ତ୍ରୀ ରାସ୍ତା। ପାଚେରୀ ନିର୍ମାଣ ହୋଇନଥିବା ଯୋଗୁଁ ଜଙ୍ଗଲ ଜୀବଜନ୍ତୁର ଭୟ ରହୁଛି। ସେହିପରି କେତେବେଳେ ଖାଲ ଢିପରେ ଶିଶୁମାନେ ପଡ଼ିଯିବାର ଭୟ ରହୁଛି ତ ଆଉ କେତେବେଳେ ରାସ୍ତାରେ ଦୁର୍ଘଟଣା ଘଟିବାର ଭୟ ରହୁଛି। ଖାଲି ସେତିକି ନୁହେଁ, କେନ୍ଦ୍ରରେ ପିଇବା ପାଣିର ବ୍ୟବସ୍ଥା ନାହିଁ। ତେଣୁ ସରକାର ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟା ଦୂରୀକରଣ କରିବା ସହିତ ପାଚେରି ନିର୍ମାଣ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ସେହିପରି ସୁଡ୍ରେଙ୍ଗୁ ଗ୍ରାମ ପଞ୍ଚାୟତର ଆଡ଼ିମୁଣ୍ଡା ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ ଲାଗି ରହିଛି ପାନୀୟ ଜଳ ସମସ୍ୟା। ଏହି ମିନି ଅନଙ୍ଗୱାଡ଼ି କେନ୍ଦ୍ରରେ ପାଣି ପାଇଁ ଟାଙ୍କି ବ୍ୟବସ୍ଥା ଥିବା ବେଳେ ପାଣି ଟାଙ୍କିକୁ ପାଣି ଯୋଗାଣ ହେଉ ନଥିବା ଯୋଗୁଁ ଅଙ୍ଗନବାଡ଼ି କର୍ମୀ ବହୁ ଦୂର ଯାଇ ଦୁଇ ହାତରେ ବାଲଟି ଧରି ପାଣି ଆଣୁଛନ୍ତି। କୁନି କୁନି ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ପାନୀୟ ଜଳଯୋଗାଣ କରିବା ପାଇଁ ଦାବି ହେଉଛି।

# ନୟାଗଡ଼ ଜିଲା ଦୌରାଜଜଙ୍କୁ ସମ୍ବର୍ଦ୍ଧନା



ଆଇନଜୀବୀଙ୍କ ଗହଣରେ ବିଦାୟୀ ଜିଲାଜଜ୍।

**ଦଶପଲ୍ଲା,୧୩ା୫ (ଡି.ଏନ.ଏ.)**

ଶନିବାର ନୟାଗଡ଼ ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀଙ୍କୁ ଦଶପଲ୍ଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ନୟାଗଡ଼ ଜିଲା ଦୌରାଜଜ୍‌ଙ୍କ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଦୌରାଜଜଙ୍କ ସହ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ସିଜେଏମ୍ ସ୍ମୃତି ସ୍ନିଗ୍ଧା ଦାସ ଓ ରେଜିଷ୍ଟ୍ରାର ଡ଼. ନିଶାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଥର ପାଇଁ ଦଶପଲ୍ଲା ଓକିଲ ସଂଘ ପକ୍ଷରୁ ନୟାଗଡ଼ରେ ଜିଲାଜଜଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅନ୍ୟପକ୍ଷେ ଜିଲାଜଜ ଚୌଧୁରୀ ଦଶପଲ୍ଲା ତଥା ଦଶପଲ୍ଲା ଓକିଲ ସଂଘ ପ୍ରତି ଥିବା ତାଙ୍କର ଭଲପାଇବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଓକିଲ ସଂଘ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌର ଚନ୍ଦ୍ର ମିଶ୍ର,ସୁଶାନ୍ତ କୁମାର ପାତ୍ର, ଦିଲ୍ଲୀପ କୁମାର ପଣ୍ଡା, ଶରତ ଚନ୍ଦ୍ର ବେହେରା, କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ଜିଲାଦୌରା ଜଜ ଚୌଧୁରୀଙ୍କ ସମୟରେ ଦଶପଲ୍ଲା କୋର୍ଟରେ ହୋଇଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖି ଥିଲେ । ସମସ୍ତ ଆଇନଜୀବୀ ଏକତ୍ରିତ ହୋଇ କାମ କରିବାକୁ ବିଦାୟୀ ଜିଲା ଦୌରା ଜଜ ଚୌଧୁରୀ ପରାମର୍ଶ ଦେଇଥିଲେ ।

# ଶିକ୍ଷକ ତାଲିମ ଶିବିର ବର୍ଣ୍ଣାଳୀ ଉଦ୍‌ଯାପିତ

**ଦିଗପହଣ୍ଡି,୧୩ା୫(ଡି.ଏନ.ଏ.):**

ଦିଗପହଣ୍ଡିସ୍ଥିତ ସରକାରୀ ଗାର୍ଲ୍ସ ହାଇସ୍କୁଲ ଏବଂ ପଦ୍ମନାଭପୁରସ୍ଥିତ ରାଧା ଦାମୋଦର ସରକାରୀ ଗାର୍ଲ୍ସ ହାଇସ୍କୁଲ ପରିସରରେ ୩ ଦିନିଆ ଶିକ୍ଷକ ତାଲିମ ଶିବିର 'ବର୍ଣ୍ଣାଳୀ' ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କୁ ଲିଙ୍ଗ ସମ୍ବେଦନଶୀଳତା ଏବଂ ପାଠ୍ୟକ୍ରମ ସହ ସଂଯୋଗୀକରଣ ବର୍ଣ୍ଣାଳି ସମ୍ପର୍କରେ ୪ ଜଣ ପ୍ରଶିକ୍ଷକଙ୍କ ଦ୍ୱାରା ସମୁଦାୟ ୮୯ ଜଣ ଶିକ୍ଷୟତ୍ରୀ ଶିକ୍ଷକ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଦିଗପହଣ୍ଡି ଏନ୍‌ଏସିର ଆଞ୍ଚଳିକ ସାଧନ କର୍ମୀ ସିଆରସିସି ଅନିଲ କୁମାର ଦାସ, ସୁବ୍ରତ କୁମାର ପଣ୍ଡା, ବଳରାମ ବେହେରା, ଶଙ୍କର ସେଠୀଙ୍କ



ତାଲିମ କାର୍ଯ୍ୟକ୍ରମରେ ଜଣେ ଶିକ୍ଷୟିତ୍ରୀଙ୍କ ପ୍ରକଳ୍ପ ପ୍ରଦର୍ଶିତ।

ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ବ୍ଲକ ଗୋଷ୍ଠୀ ସାଧନ କର୍ମୀ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ରବା ପାଇକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଟ୍ରକ୍ ଚାପାରେ ନାବାଳକଙ୍କ ମୃତ୍ୟୁ, ରାସ୍ତାରୋକୋ

**ପାରଳାଖେମୁଣ୍ଡି, ୧୩ା୫ (ଡି.ଏନ୍.ଏ):**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମ ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ବାଇକକୁ ଟ୍ରକ ଧକ୍କା ଦେବାରୁ ନାବାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପ୍ରକାଶ ଯେ, ଶନିବାର ସକାଳେ ଗୁମ୍ମା ବ୍ଲକର ଗାଇବା ପଞ୍ଚାୟତର ବଡ଼ବାରଡ଼ା ଗ୍ରାମର ଯୋସେଫ ଗମାଙ୍ଗ ଓ ତାଙ୍କ ପୁଅ ଯଶୋମନ୍ତ ଗମାଙ୍ଗ ଏକ ବାଇକରେ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିଲେ। ରାଣୀପେଣ୍ଠ ଗ୍ରାମ ନିକଟରେ ତାଙ୍କ ପଛପଟରୁ ଏକ ଟ୍ରକ ଓଭରଟେକ କରିବା ସମୟରେ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ ପଛରେ ବସିଥିବା ଯଶୋବନ୍ତ ଟ୍ରକର ପଛ ଚକା ତଳେ ପଡ଼ିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟ୍ରକ ଡ୍ରାଇଭରଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଦୁଇଘଣ୍ଟା ଧରି ରାସ୍ତାରୋକ କରିଥଲେ। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବହୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

# ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ



ଗୀତାଯଜ୍ଞରେ ଭାଗ ନେଇଥିବା ଶ୍ରଦ୍ଧାଳୁ।

**ଗଣିଆ,୧୩ା୫(ଡି.ଏନ୍.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ କୁମ୍ଭୀରଖଣି ଗ୍ରାମର ଶ୍ରୀ ଚିନ୍ତାମଣୀଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଗତ ଗୁରବାର, ଶୁକ୍ରବାର ୨ଦିନ ଧରି ଶ୍ରୀମଦ୍ ଭାଗବତ ଗୀତା ଯଜ୍ଞ ଓ ସାମାଜିକ ମୂଲ୍ୟବୋଧ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗୁରବାର ସକାଳୁ ମନ୍ଦିର ପରିସରରେ ପୂଜାର୍ଚ୍ଚନା, ଆରତୀ ପରେ ନଗର ସଂକୀର୍ତ୍ତନ ,ସୂର୍ଯ୍ୟପୂଜା କରାଯାଇଥିଲା । ପୂର୍ବାହ୍ନ ୯ଟାରେ ଶ୍ରୀମଦ୍ ଭାଗବତ ଗୀତା ଯଜ୍ଞ ଓ ଭଜନକୀର୍ତ୍ତନ ଆରମ୍ଭ ହୋଇଥିଲା । ଅପରାହ୍ନରେ ପୂର୍ଣ୍ଣାହୁତି ପରେ ପ୍ରବଚକ ସନ୍ଥ ଭଗବାନ ସୋହମ ସ୍ୱାମୀ କୃପାପାତ୍ର ଅଖଣ୍ଡାନନ୍ଦସ୍ୱାମୀଙ୍କ ଦ୍ୱାରା ଶ୍ରୀମଦ୍‌ଭଗବତ ଗୀତାଜ୍ଞାନ ଓ ସାମାଜିକ ବାସ୍ତବତା, ଏକ ପୂର୍ଣ୍ଣାଙ୍ଗ ଅନୁଶୀଳନ ଶୀର୍ଷକ ଆଲୋଚନା ଚକ୍ର ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲୁରହିଥିଲା ।

## ସାମାଜିକ ମୂଲ୍ୟବୋଧ ଶିକ୍ଷା ସମ୍ମିଳନୀ

ସେହିପରି ଶୁକ୍ରବାର ସକାଳ ୮ଘଟିକାଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଶ୍ରୀମଦ୍ ଭଗବତ ଗୀତା ସମ୍ପର୍କୀତ ପ୍ରଶ୍ନୋତ୍ତର ଓ ଆଲୋଚନା ସଭା ଚାଲିଥିଲା । ଏହି ସଭାକୁ ଗିରିଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ । ସନ୍ଧ୍ୟାରେ ଶ୍ରୀମଦ୍ ଭଗବତ ଗୀତା ଜ୍ଞାନ ଓ ସାମାଜିକ ମୂଲ୍ୟବୋଧ ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଗଣିଆ, ରାସଙ୍ଗ, ଦଶପଲ୍ଲା ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଭଗବତପ୍ରେମୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚୈତନ୍ୟ ସାହୁ, ପ୍ରଫୁଲ୍ଲ ବେହେରା, ଅରବିନ୍ଦ ସାହୁଙ୍କ ସମେତ କୁମ୍ଭୀରଖଣି ଗ୍ରାମବାସୀ ପରିଚାଳନା କରିଥିଲେ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ପାରଳାଖେମୁଣ୍ଡି,୧୩ା୫(ଡି.ଏନ୍.ଏ.)**

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଆୟୋଜିତ ଏହି ଲୋକ ଅଦାଲତରେ ଗଜପତି ଜିଲା ତଥା ଦୌରା ଜଜ୍ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି ବିଭିନ୍ନ କୋର୍ଟ କାର୍ଯ୍ୟ ତଦାରଖ କରିଥିଲେ। ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରଦୀପ କୁମାର ସାମଲ, ବରିଷ୍ଠ ଦେୱାନି ବିଚାରପତି ସନ୍ତୋଷ କୁମାର ଅଗ୍ରୱାଲ, ଆଇନସେବା ପ୍ରାଧିକରଣ ସଚିବ ରବିନାରାୟଣ ବେହେରା, ଉପଖଣ୍ଡୀୟ ବିଚାରବିଭାଗୀୟ ଅଧିକାରିଣୀ ବର୍ଷା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଆର୍.ଉଦୟଗିରି କୋର୍ଟରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଦେୱାନି ବିଚାରପତି ତଥା ସବ୍‌ଜଜ୍ ପୁଣ୍ୟଶ୍ଲୋକ ରଥ



ମାମଲାର ବିଚାର ଚାଲିଛି।

ଓ ଜେଏମ୍‌ଏଫ୍‌ସି, ମୋହନା ଜେଏମ୍‌ଏଫ୍‌ସି ଶୁଭଜିତ ବେହେରା, କାଶୀନଗର ଜେଏମ୍‌ଏଫ୍‌ସି ଅଙ୍କିତା ଗୁରୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ସମୁଦାୟ ୧୨୧୩କେସ୍ ଦ୍ରୁତ ବିଚାରକୁ ନିଆଯାଇ ୭୪ର ଫଇସଲା ହୋଇ ସମୁଦାୟ ୯, ୭୨,୬୦୯ଟଙ୍କା ଆଦାୟ ହୋଇଥିଲା। ସେହିପରି ୧୧୭ କୋର୍ଟ ମାମଲାରୁ ୨୯ କେସ୍ ସମାଧାନ କରାଯାଇ ୧୦,୮୧,୮୫୫ ଟଙ୍କା ଆଦାୟ ହୋଇଛି। ଏପରି ଭାବେ ମୋଟ ୧୩୩୦ ମାମଲା ମଧ୍ୟରୁ ୧୦୩ ମାମଲାର ଫଇସଲା କରାଯାଇ ସର୍ବମୋଟ ୨୦,୨୪,୪୪୬ ଟଙ୍କା ଆଦାୟ କରାଯାଇଥିଲା ।

# କଳସଯାତ୍ରାରେ ଦୁଲୁକିଲା ସହର

**ଗଞ୍ଜାମ,୧୩ା୫(ଡି.ଏନ.ଏ.):**

ଗଞ୍ଜାମ ସହରର ଓଡ଼ିଆ ଢ଼ାମଣା ସାହିସ୍ଥିତ ବିଜେ ମା' ଗ୍ରାମ୍ୟଦେବୀଙ୍କର ପ୍ରଥମ ଥର ପାଇଁ ତିନିଦିନ ବ୍ୟାପୀ ହେବାକୁ ଥିବା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଶନିବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ କଳସ ଶୋଭଯାତ୍ରା, ଘଟ ପରିକ୍ରମା ଅନୁଷ୍ଠିତ ହୋଇଥିବା ବେଳେ ଅସ୍ଥାୟୀ ମଣ୍ଡପରେ ବିଜେ ହୋଇଛନ୍ତି ମା'। ଲୋକକଥା ଅନୁଯାୟୀ ପ୍ରାୟ ଦୁଇଶହ ବର୍ଷ ପୂର୍ବେ ଆଉଁସିଆ ସୁନାରାଣି ବଂଶଧର ମା'ଙ୍କୁ ସ୍ଥାପନ କରି ପୂଜା କରିଆସୁଛନ୍ତି। ପରେ ବିରିପୁର ଗ୍ରାମର ବିଷ୍ଣୁ ପଣ୍ଡା ଦୀର୍ଘବର୍ଷ ପୂଜାସେବା କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଆ ଢାମଣା ସାହିର ବାସିନ୍ଦାମାନେ ମନ୍ଦିର ଦାୟିତ୍ୱ ନେବା ସହ ବର୍ତ୍ତମାନ ସେମାନେ ହିଁ ପରିଚାଳନା କରି ଆସୁଛନ୍ତି। ମା'ଙ୍କର ରୀତିନୀତି ଅନୁସାରେ ପୂଜାପର୍ବାଣୀ ଅନୁଷ୍ଠିତ ହୋଇଆସୁଅଛି। ଏହି ଉପଲକ୍ଷେ ଶତାଧିକ ମହିଳା ଓ ପୁରୁଷ ଋଷିକୂଲ୍ୟା ନଦୀରୁ ପାଣି ଉଠାଇ ଏକ କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରି ମା'ଙ୍କ ପୀଠ ପର୍ଯ୍ୟନ୍ତ ଆସିଥିଲେ।

# ସାମୟିକ ବନ୍ଦ ହେଲା କଲଭର୍ଟ ନିର୍ମାଣ କାର୍ଯ୍ୟ



ଟିପିସର ନାଳ ଉପରେ ପୁରୁଣା କଲଭର୍ଟ

**ଆସିକା ୧୩ା୫(ଡି.ଏନ୍.ଏ):**

ଆସିକା ସହରାଞ୍ଚଳକୁ ବସଷ୍ଟାଣ୍ଡ ସହ ସଂଯୋଗ କରୁଥିବା ବିନାୟକ ବଜାର–ଲକ୍ଷ୍ମୀ ବଜାର ମଧ୍ୟରେ ଥିବା ଟିପିସର ନାଳର କଲଭର୍ଟକୁ ନୂତନ ଭାବେ ନିର୍ମାଣ କରିବା ଲାଗି ଏନ୍‌ଏସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ରାତିରୁ ଏହି କଲଭର୍ଟକୁ ଭାଙ୍ଗି ନୂତନ କଲଭର୍ଟ ନିର୍ମାଣ ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିଲା। ତେବେ ସହରର ଏକ ମୁଖ୍ୟ ରାସ୍ତାରେ ଥିବା ଏହି କଲଭର୍ଟ ଭାଙ୍ଗିବା ପୂର୍ବରୁ ଜନସାଧାରଣଙ୍କ ଯାତାୟତ ଲାଗି କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏତଦ୍ ପରିସ୍ଥିତିରେ ଏନ୍‌ଏସି କର୍ତ୍ତୃପକ୍ଷ ଶୁକ୍ରବାର ରାତିରୁ କଲଭର୍ଟ ଭାଙ୍ଗିବା ଲାଗି କରିଥିବା ଯୋଜନାକୁ ସାମୟିକ ଭାବେ ବନ୍ଦ କରିଥିବା ଜଣାଯାଇଛି। ୪/୫ ଦିନ ମଧ୍ୟରେ ଅନ୍ତତଃ ପକ୍ଷେ ଜନସାଧାରଣଙ୍କ ଲାଗି ଏକ ପାଦଚଲା ରାସ୍ତା ଓ ଦୁଇ ଚକିଆ ଯାନ ଯାତାୟତ ଲାଗି ଆବଶ୍ୟକ ବ୍ୟବସ୍ଥା ପରେ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ୧୯୬୯ରେ ଟିପିସର ନାଳ ଉପରେ ନିର୍ମାଣ କରାଯାଇଥିବା ଏହି କଲଭର୍ଟ ଭାଙ୍ଗିରୁଜି ଯାଇଥିବା ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଏନ୍‌ଏସି ପକ୍ଷରୁ ୯୫ ଲକ୍ଷ ୫୪ହଜାର ଟଙ୍କା ବ୍ୟୟ ବରାଦରେ ଏହି କଲଭର୍ଟ ନିର୍ମାଣ ଲାଗି ପଦକ୍ଷେପ ନିଆଯାଇଛି । ପୂର୍ବରୁ ଏହାର ଚଉଡ଼ା ୯ ମିଟର ରହିଥିଲା ବେଳେ ନୂତନ କଲଭର୍ଟ ୧୪ ମିଟର ଚଉଡ଼ାରେ ହେବ ଓ ସହରାଞ୍ଚଳର ଜନସାଧାରଣଙ୍କ ଗମନାଗମନରେ ଏହା ଅଧିକ ଉପଯୋଗୀ ହେବ ବୋଲି କୁହାଯାଇଛି ।

# ଗରା, ବାଲ୍‌ଟି ରଖି ମହିଳାଙ୍କ ପ୍ରତିବାଦ

**ଗଞ୍ଜାମ,୧୩ା୫(ଡି.ଏନ.ଏ.)**

ଦିନକୁ ଦିନ ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି। ଖରାର ଉତ୍ତାପ ଏତେ ପ୍ରଖର ଯେ ଲୋକେ ଘରୁ ବାହାରି ପାରୁନାହାନ୍ତି। ଏଭଳି ପରିସ୍ଥିତିରେ ପାନୀୟଜଳ ସମସ୍ୟା ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଏନ୍‌ଏସି ୱାର୍ଡ ନଂ.୩ ବଜାର ଗୌଡ଼ସାହିରେ। ଗତ ୭ ଦିନ ହେଲା ଉକ୍ତ ସାହିକୁ ଠିକ୍ ଭାବେ ପାଇପ୍‌ରେ ପିଇବା ପାଣି ଆସୁନାହିଁ। ଫଳରେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ସାହିବାସିନ୍ଦା। ବାଧହୋଇ ଶନିବାର ସାହିର ପଚାଶରୁ ଊର୍ଦ୍ଧ୍ୱ ମହିଳା ଗରାମାଠିଆ, ହାଣ୍ଡି ଆଦି ଧରି ଏହାର ପ୍ରତିବାଦ କରିଥିଲେ। ଠିକ୍ ଭାବେ ପାଣି ନ ଆସିବାରୁ ଉକ୍ତ ସାହି ମହିଳାମାନେ ଖରାରେ କୂଅପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ମହିଳାମାନେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରୁଥିଲେ ମଧ୍ୟ



ମହିଳାମାନେ ପାଣି ପାଇଁ ପ୍ରତିବାଦ କରୁଛନ୍ତି।

- ୭ ଦିନ ହେଲା ଆସୁନି ପାଣି
- ବଜାର ଗୌଡ଼ସାହିରେ ଜଳ ସଙ୍କଟ

କିଛି ଫଳପ୍ରଦ ହେଉନାହିଁ। ଶନିବାର ଏନ୍‌ଏସି କାର୍ଯ୍ୟାଳୟ ଛୁଟି ଥିବା ଯୋଗୁ ଫୋନ୍ ଯୋଗେ ଏନ୍‌ଏସି ଇଓ ଅବିନାଶ ମିଶ୍ରଙ୍କୁ ସମସ୍ୟା ସମ୍ପର୍କରେ ସାହିବାସୀ ଜଣାଇଥିଲେ। ଅଭିଯୋଗ ପାଇବା ପରେ ଇଓ ମିଶ୍ର ସଙ୍ଗେସଙ୍ଗେ ଜନସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଉକ୍ତ ସମସ୍ୟା ସମାଧାନ ହୋଇଯିବ ବୋଲି ସାହିବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ସ୍ଥାୟୀ ସମାଧାନ ନ ହେଲେ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ସାହିବାସୀ ଗଣମାଧ୍ୟମକୁ କହିଛନ୍ତି।

**ଚଣ୍ଡିଖୋଲ ଛକ ନିକଟରୁ ଯୁବତୀ ନିଖୋଜ**

ବଡ଼ଚଣା,(ଡି.ଏନ୍.ଏ.): ଚଣ୍ଡିଖୋଲ ଛକକୁ କମ୍ପ୍ୟୁଟର କ୍ଲାସ କରିବାକୁ ଆସିଥିବା ଜଣେ ଯୁବତୀ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଚଣ୍ଡିଖୋଲ ସନ୍ନିକଟ ସୁଭଦ୍ରାପୁର ଗ୍ରାମର ରମେଶ ଚନ୍ଦ୍ର ଦାସଙ୍କ ଝିଅ ରୋଜାଲିନ୍ ପ୍ରିୟଦର୍ଶିନୀ(୨୨)। ରୋଜାଲିନ ଚଣ୍ଡିଖୋଲ ଛକରେ ଥିବା ଏକ କମ୍ପ୍ୟୁଟର ସେଣ୍ଟରରେ କ୍ଲାସ କରିବା ପରେ ଆଉ ଘରକୁ ଫେରି ନଥିଲେ। ତାଙ୍କ ବାପା ସବୁଆଡ଼େ ଖୋଜି ନିରାଶ ହେବାପରେ ବଡ଼ଚଣା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଧର୍ମଶାଳା,୧୩।୫(ଡି.ଏନ.ଏ.): ଧର୍ମଶାଳା ଥାନା ଶଙ୍ଖାରୀଡ଼ିହସ୍ଥିତ ନିର୍ମାଣାଧୀନ ଏକ ଦୋମାହାଲା କୋଠାଘରେ ଜଣେ ଯୁବକ ଶୁକ୍ରବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ହେଲେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ମୃତକ ହେଲେ ରସୁଲପୁର ବ୍ଲକ ଚିତ୍ରକୁଳ ଗ୍ରାମର କୈଳାସ ଚନ୍ଦ୍ର କୁଣ୍ଡୁଙ୍କ ପୁଅ ଶିବଶଙ୍କର କୁଣ୍ଡୁ (୨୨)। ସେ ଶଙ୍ଖାରୀଡ଼ିହସ୍ଥିତ ମୟୂର ଟ୍ରେଡ଼ିଂ ଏଜେନ୍ସିରେ କର୍ମଚାରୀ ଭାବେ କାମ କରୁଥିଲେ। ମୟୂର ଟ୍ରେଡ଼ିଂର ଉପରମହଲା କାମ ଚାଲିଥିବାବେଳେ ଯୁବକ ଜଣକ ସେଠାରେ ଆତ୍ମହତ୍ୟା କରିଥିବା ଶନିବାର ଜଣାପଡ଼ିଥିଲା। ଖବର ପାଇ ଜାରକା ବିଟ ହାଉସ ଅଧିକାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଖବରଦାତାଙ୍କୁ ନ୍ୟାୟ ଦାବିରେ ଧାରଣା

ବରୀ,୧୩।୫(ଡି.ଏନ.ଏ.): ବରୀ ବ୍ଲକ୍ ଅଞ୍ଚଳର ଖବରଦାତା ସୁରେଶ ଚନ୍ଦ୍ର କରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶନିବାର ବରୀ-ରାମଚନ୍ଦ୍ରପୁର ଥାନା ଘେରାଉ କରାଯାଇଛି। ବରୀ ବ୍ଲକ୍ ଅଧୀନ ବାଇଁଶିରିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ଜଣେ ବ୍ୟକ୍ତି ସୁରେଶଙ୍କୁ ଆକ୍ରମଣ କରିବା ସହ ଘରେ ଅଟକ ରଖିଥିଲେ। ଏନେଇ ସେ ପୋଲିସକୁ ଖବର ଦେବା ସହିତ ବରୀ ସାମ୍ବାଦିକ ସଂଘ କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ। ପରେ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଅନୁସନ୍ଧାନ କରୁଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏହାକୁ ନେଇ ଶୁକ୍ରବାର ସାମ୍ବାଦିକମାନେ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଆଗରେ ଧାରଣାରେ ବସିବେ ବୋଲି ଲିଖିତ ଭାବେ ଅବଗତ କରିଥିଲେ। ତେଣୁ ଶନିବାର ଅପରାହ୍ନରୁ ସାମ୍ବାଦିକମାନେ ଥାନା ଆଗରେ ବସି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ବ୍ୟାସନଗର କେଭିରେ ପାସ୍ ହାର ଶତପ୍ରତିଶତ

ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାଫଳ

ଯାଜପୁର ରୋଡ,୧୩।୫(ଡି.ଏନ.ଏ.) : ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟର (କେଭି) ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ଦେଇଥିବା ୪୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ୯୦%ରୁ ଅଧିକ ଏବଂ ୧୯ ଜଣ ପରୀକ୍ଷାର୍ଥୀ ୭୫%ରୁ ଅଧିକ ମାର୍କ ରଖି ପାସ୍ କରିଛନ୍ତି। ଋତୁରାଜ ମଲ୍ଲିକ, ପାୟଲ ପାତ୍ର ଓ ପିୟୁଷ କୁମାର ପତି ବିଦ୍ୟାଳୟସ୍ତରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରାଚାର୍ଯ୍ୟ ସିଦ୍ଧାର୍ଥ ଚନ୍ଦନ ପଟ୍ଟନାୟକ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସିବିଏସ୍‌ଇ ଦଶମ ପରୀକ୍ଷା
### ଡ୍ୟୁ ପବ୍ଲିକ୍ ସ୍କୁଲର ଶତପ୍ରତିଶତ ସଫଳତା

ବଡ଼ଚଣା,୧୩।୫(ଡି.ଏନ୍.ଏ.): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୧୦ମ ଶ୍ରେଣୀ ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଚଣ୍ଡିଖୋଲ ଛକସ୍ଥିତ ଡ୍ୟୁ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସ୍କୁଲ୍‌ର ମୋଟ୍ ୫୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪ଜଣ ଶତକଡ଼ା ୯୦ ଓ ୮୦ରୁ ୯୦ ପ୍ରତିଶତ ମଧ୍ୟରେ ୧୫ ଜଣ କୃତିତ୍ୱ ହାସଲ କରିଛନ୍ତି। ଆର୍‌ବି ଶୁଭମ୍ ସର୍ବାଧିକ ୯୬.୪%, ଆଦ୍ୟା ଅଭିପ୍ସା ମହାପାତ୍ର ୯୫.୮%, ରବ୍ୟାକୌସର ୯୫.୬% ଓ ପ୍ରିୟାଂଶୁ ପ୍ରିୟଜିତ୍ ନାୟକ ୯୫.୦୨% ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ପିଲାମାନଙ୍କ ଏହି ସଫଳତା ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରି ଖେଳାଇ ଦେଇଛି। ଏହି ସଫଳତା ପାଇଁ ବିଦ୍ୟାଳୟ ଅଧକ୍ଷା ସୁଜାତା ମହାପାତ୍ର, ନିର୍ଦ୍ଦେଶକ ଇଂ. ଧନେଶ୍ୱର ମହାପାତ୍ର, ଡ. ବିଶ୍ୱଜିତ୍ ମହାପାତ୍ର ଓ ଡ. ରଞ୍ଜିତ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଜଙ୍ଗଲ ଜମିରୁ ମୋରମ ଲୁଟ

ଜେନାପୁର,୧୩।୫(ଡି.ଏନ.ଏ.):

ଯାଜପୁର ଜିଲା ଧର୍ମଶାଳା ତହସିଲ ତଥା ଡାଳିଯୋଡ଼ା ଫରେଷ୍ଟ ରେଞ୍ଜ ଅଞ୍ଜିରା ପଞ୍ଚାୟତ ଅଧୀନ ଗମ୍ଭାରିଆ ଗ୍ରାମ ନିକଟରୁ ଜଙ୍ଗଲ ଓ ରାଜସ୍ୱ ବିଭାଗ ଜମିରୁ ବେଧଡ଼କ ଭାବେ ମୋରମ ଲୁଟ କରାଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ଏହି ଚୋରା କାରବାର ଚାଲିଛି। ପ୍ରତ୍ୟେକ ରାତି ୧୦ଟାଠାରୁ ବଡ଼ବଡ଼ ମେଶିନ ସାହାଯ୍ୟରେ ମୋରମ ଖୋଳାଯାଇ ହାଇୱା ଯୋଗେ ବିଭିନ୍ନ ରେଲୱେ ସାଇଡ୍‌କୁ ଚାଲାଣ କରାଯାଉଛି। ପ୍ରତିଦିନ ଏଠାରୁ ପ୍ରାକୃତିକ ସମ୍ପଦ ଲୁଟ ହେଉଥିବାବେଳେ ଜଙ୍ଗଲ ଓ ରାଜସ୍ୱ ବିଭାଗ ବିପୁଳ ଟଙ୍କା ହରାଉଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଉକ୍ତ ଅଞ୍ଚଳରୁ ମୋରମ ଚାଲାଣ କରି ବ୍ୟବସାୟୀ ମାଲାମାଲ ହେଉଛନ୍ତି। ମୋରମ ଖୋଳା ଯାଇଥିବା ସ୍ଥାନ ଗୋଟିଏ ଗୋଟିଏ ପୋଖରୀ ହୋଇଯାଉଛି। ଅନେକ ସମୟରେ ସେଠାରେ ପଡ଼ି ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଉଛି। ମୋରମ ଚୋରା ଚାଲାଣ ସଲା ସୁତରାରେ ଚାଲିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ତହସିଲଦାର ସ୍ୱାଗତ ଦାସଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। କଟକ ବନଖଣ୍ଡ ଡିଏଫ୍‌ଓ ଅଜିତ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ମୋରମ୍ ଲୁଟ୍ ହୋଇଥିବା ସ୍ଥାନ।

## ରାଜ୍ୟସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ଆରମ୍ଭ


ଚେସ୍ ଟୁର୍ନାମେଣ୍ଟରେ ଯୋଗଦେଇଥିବା ପ୍ରତିଯୋଗୀମାନେ।

ବଡ଼ଚଣା,୧୩।୫(ଡି.ଏନ୍.ଏ.):

ଯାଜପୁର ୟୁନାଇଟେଡ୍ ଚେସ୍ ଆସୋସିଏଶନ ଓ ମହାବିନାୟକ ଚେସ୍ ଏକାଡେମୀ ମିଳିତ ଆନୁକୂଲ୍ୟରେ ଚଣ୍ଡିଖୋଲ ଛକ ସନ୍ନିକଟ ଗୁରୁକୁଳ ପବ୍ଲିକ ସ୍କୁଲଠାରେ ୨ଦିନିଆ ରାଜ୍ୟସ୍ତରୀୟ ଖଗେଶ୍ୱର ବେଉରିଆ ସ୍ମାରକୀ ଚେସ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ୧୭ ଜିଲାରୁ ୧୫୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୪ ବାଳିକା, ୧୩୨ଜଣ ବାଳକ ରହିଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ଏହି ଖେଳରେ ୫୪ ଅନ୍ତର୍ଜାତୀୟ ଖେଳାଳି ଭାଗ ନେଇଛନ୍ତି। ଯାଜପୁର ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୁରୁକୁଳ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ପ୍ରଦୀପ କୁମାର କର ଯୋଗ ଦେଇଥିଲେ। ଅତିଥିଭାବେ ଅଧକ୍ଷ ଅଶୋକ କୁମାର ପରିଡ଼ା, ଯାଜପୁର ଜିଲା ଚେସ୍ ଆସୋସିଏଶନ୍ ସଭାପତି ବିଶ୍ୱଜିତ୍ ରାୟ ଓ ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଦ୍ୟାଳୟ ଉପାଧକ୍ଷ ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆପେକ୍ସ ଇଂଲିଶ ମିଡିୟମ ସ୍କୁଲର ଶତପ୍ରତିଶତ ସଫଳତା


ଅଙ୍କିତା ପ୍ରିୟଦର୍ଶିନୀ ମଲ୍ଲିକ୍


ଆରିସ୍ ଖାନ୍


ଖାଜେ ମହମ୍ମଦ ସୁଲତାନ


ପ୍ରତୀକ ରାଉତରାୟ

ଯାଜପୁର ଟାଉନ,୧୩।୫(ଡି.ଏନ.ଏ.):

**ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ସ୍ଥାନୀୟ ଆପେକ୍ସ ଇଲିଂଶ୍ ମିଡିୟମ୍ ସ୍କୁଲ ଶତପ୍ରତିଶତ ସଫଳତା ଲାଭ କରିଛି। ସ୍କୁଲର ୧୧୧ଜଣ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୨ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ସଫଳତା ହାସଲ କରିଛନ୍ତି। ସ୍କୁଲର ଅଙ୍କିତା ପ୍ରିୟଦର୍ଶିନୀ ମଲ୍ଲିକ, ଖାଜେ ମହମ୍ମଦ ସୁଲତାନ, ଆରିସ ଖାନ୍, ପ୍ରତୀକ ରାଉତରାୟ ୯୫ ପ୍ରତିଶତ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଦ୍ୱାଦଶରେ ଉକ୍ତ ସ୍କୁଲର ୩୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪ଜଣ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୨ଜଣ ୯୫ ପ୍ରତିଶତ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ ସ୍କୁଲ ଚେୟାରମ୍ୟାନ ଅନିଲ ରାୟ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସିଂହପୁର ପଞ୍ଚାୟତରେ କଂଗ୍ରେସର ସାଙ୍ଗଠନିକ ବୈଠକ


ବୈଠକରେ ଯୋଗଦେଇଥିବା ନେତା ଓ କର୍ମୀ।

ସିଂହପୁର,୧୩।୫(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପଞ୍ଚାୟତରେ ଶନିବାର ସନ୍ଧ୍ୟାରେ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ତଥା ପିସିସି ସଦସ୍ୟା କନକଲତା ମଲିକ ଓ ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ ବୈଠକରେ ଯୋଗ ଦେଇଥିଲେ। ଲୋଭର ବଶବର୍ତ୍ତୀ ନ ହୋଇ କାମକଲେ କଂଗ୍ରେସ ତାର ପୂର୍ବ ଗାରିମା ଫେରିପାଇବ ବୋଲି ନେତୃମଣ୍ଡଳୀ ବକ୍ତବ୍ୟରେ କହିଥିଲେ। ପରେ ସିଂହପୁର ପଞ୍ଚାୟତର ସଭାପତି ଭାବେ ସର୍ବସମ୍ମତି କ୍ରମେ ସତ୍ୟରଞ୍ଜନ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ବରିଷ୍ଠ ସଂଗଠକ ସୁଦାମ ଚରଣ ସାମଲ, ଅଭୟ ମଲିକ, ବାବୁ ମହାଲିକ, ଜ୍ଞାନେନ୍ଦ୍ର ବେଉରିଆ, ସନ୍ତୋଷ ମଲିକ, ଅଶ୍ୱିନୀ ସାମଲ, ବାବୁ ରାଉତ, ଶରତ ମଲିକ, ନକୁଳ ଚରଣ ମହାଲିକ, ବ୍ରହ୍ମାନନ୍ଦ ଜେନା, ଅଶୋକ ଜେନା ଓ ମହେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମଶାଳା କଂଗ୍ରେସ କର୍ମୀଙ୍କ ମହଲରେ ଉତ୍ସାହ

ଧର୍ମଶାଳା,୧୩।୫(ଡି.ଏନ.ଏ.):

କର୍ନାଟକ ବିଧାନସଭା ନିର୍ବାଚନର ଶନିବାର ଫଳାଫଳ ପ୍ରକାଶ ପାଇଛି। ଏଥିରେ କଂଗ୍ରେସ ବିପୁଳ ପରିମାଣରେ ଭୋଟ ପାଇ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଢ଼ିବାକୁ ଯାଉଛି। ତେବେ କର୍ନାଟକ ଜନତା କଂଗ୍ରେସକୁ ବିପୁଳ ଭୋଟ ଦେଇଥିବାରୁ ଧର୍ମଶାଳା କଂଗ୍ରେସ କର୍ମୀଙ୍କ ମହଲରେ ଉତ୍ସାହ ଦେଖାଦେଇଛି। ଏନେଇ କର୍ମୀମାନେ ଜାରକାଠାରେ ବାଣ ଫୁଟାଇ ଉତ୍ସବ ମନାଇଛନ୍ତି। ଏଥିସହିତ ସନ୍ଧ୍ୟାରେ ଧର୍ମଶାଳା କଂଗ୍ରେସ ପକ୍ଷରୁ କିଷାନ ପଣ୍ଡାଙ୍କ ଅଧକ୍ଷତାରେ ଏକ କର୍ମୀ ସମ୍ମିଳନୀ କରାଯାଇ କର୍ନାଟକ ଭୋଟରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଦେଶର ବିଭିନ୍ନ ଏକ୍‌ଜିଟ ପୋଲ ଯାହା ପୂର୍ବାନୁମାନ କରିଥିଲେ ତା'ଠାରୁ ଅଧିକ ଭୋଟରେ କଂଗ୍ରେସ ବିଜୟୀ ହୋଇଛି ବୋଲି ସମ୍ମିଳନୀରେ କୁହାଯାଇଛି। ସମ୍ମିଳନୀରେ କୃଷକ ନେତା ବସନ୍ତ ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ସେକ୍ ମୁକ୍ତାର ଖାଁ, କାର୍ତ୍ତିକ ସାହୁ, ଦୀପକ ବଳ, ନରୋତ୍ତମ ନାୟକ, ଦେବାଶିଷ ପରିଡ଼ା, ଗଙ୍ଗାଧର ମଲିକ, ନକୁଳ ଜେନା, ନିତ୍ୟାନନ୍ଦ ବିଶ୍ୱାଳ, ଶୁଭରଞ୍ଜନ ଦାସ, ଆଶାଲତା ପରିଡ଼ା, ସେକ୍ ଚାନ୍ଦ, ସେକ୍ ସଲାଉଦ୍ଦିନ, ବାବୁଲି ମଲିକ ଓ ସିପ୍ରା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ୨ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା ଖବରକାଗଜ ବିତରକ ସଂଘ ଦ୍ୱାରା ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୧୩।୫(ଡି.ଏନ.ଏ.):

ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ଓଡ଼ିଆ ସାହିତ୍ୟ ଏକାଡେମୀ ସାରସ୍ୱତ ସମ୍ମାନପ୍ରାପ୍ତ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଓ ସାହିତ୍ୟିକ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କୁ ଜାରକାସ୍ଥିତ ପ୍ରେସ୍ କ୍ଲବ ପରିସରରେ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାପତି ପ୍ରମୋଦ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ସମାଜର ବରିଷ୍ଠ ଖବରଦାତା ମହେଶ୍ୱର ବଳ ଯୋଗଦେଇ ରାଜନୀତି ବ୍ୟାଧିଗୁଡ଼ିକର ମହୌଷଧି ସାହିତ୍ୟ ବୋଲି କହିଥିଲେ। ସଂଘ ଉପଦେଷ୍ଟା ତଥା ସମାଜର ୫୦ ବର୍ଷର ବିତରକ ବସନ୍ତ ବାରିକ ଯୋଗଦେଇ ଉଭୟ ସାରସ୍ୱତ ସାଧକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ହରିନାରାୟଣ ଦାସ ସୂଚନା ଦେଇଥିବାବେଳେ ପ୍ରେସ୍ କ୍ଲବ ସମ୍ପାଦକ ଅବିନେଶ୍ୱର ଶତପଥୀ, ଅଖିଳ କୁମାର ସ୍ୱାଇଁ, ବିନୋଦ ବିହାରୀ ସାହୁ ସମ୍ବର୍ଦ୍ଧିତ ପ୍ରତିଭା ଦ୍ୱୟଙ୍କ ସାହିତ୍ୟ କୃତୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିତରକ ସଂଘ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଅମୂଲ୍ୟ ମଲିକ, ତରୁଣ ବେହେରା, କାହ୍ନୁଚରଣ ରଣା, ପରମେଶ୍ୱର ଜେନା, ଦେବପ୍ରସାଦ ରାୟ, ଧୀରେନ୍ଦ୍ର ମହାନ୍ତି, ଉମେଶ ମଲିକ, ଗଜପତି ମହାପାତ୍ର, କମଳାକାନ୍ତ ଦାସ ଓ ପୁରୁଷୋତ୍ତମ ସେଠୀ ପ୍ରମୁଖ ଯୋଗଦେଇ ସାହିତ୍ୟିକ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂର୍ଯ୍ୟାସ୍ତ ସମ୍ପାଦକ ବିବେକାନନ୍ଦ ରାୟ ଧନ୍ୟବାଦ ଦେଇଥିଲେ।

### ଚୋରା ବାଇକ୍ ଜବତ, ୨ ଯୁବକ କୋର୍ଟଚାଲାଣ

କଳିଙ୍ଗନଗର,୧୩।୫(ଡି.ଏନ.ଏ.):

ଯାଜପୁର ରୋଡ୍ ପୋଲିସ ବାଇକ୍ ଚୋରି ଘଟଣାରେ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକଦ୍ୱୟ ହେଲେ ଦାନଗଦି ପାତ୍ର ସାହିର କାହ୍ନୁ ଓରଫ୍ ପ୍ରଶାନ୍ତ ପାତ୍ର (୨୪) ଓ ନାଣ୍ଟୁ ଓରଫ୍ ଶିବ ପାତ୍ର (୨୦)। ସେମାନଙ୍କ ନିକଟରୁ ଏକ ଥଣ୍ଡର ବାର୍ଡ ବାଇକ୍ ନଂ.ଓଡି-୨୨-ସି-୩୧୧୧ ଜବତ କରାଯାଇଛି। ଗତ ୧।୪।୨୦୨୩ରେ ଯାଜପୁର ରୋଡ୍ ନୀଳାଚଳ କଲୋନୀରୁ ବାଇକକ୍ ଚୋରି ହୋଇଥିବା ଯାଜପୁର ରୋଡ୍ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନମ୍ବର ୧୩୧ / ୨୩ରେ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ବାଇକ ସନ୍ଧାନ ପାଇ ନ ଥିଲା। ଶନିବାର ପୋଲିସ ଖବର ପାଇ ଚଢ଼ାଉ କରି କାହ୍ନୁଙ୍କ ନିକଟରୁ ବାଇକ ଜବତ କରିଥିଲା। ନାଣ୍ଟୁ ବାଇକ୍‌ଟିକୁ ଚୋରି କରି ଆଣି କାହ୍ନୁଙ୍କୁ ବିକ୍ରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

### ମହିଳାଙ୍କୁ ଆକ୍ରମଣ କରି ଟଙ୍କା, ସୁନା ଲୁଟ୍

ଚଣ୍ଡିଖୋଲ,୧୩।୫(ଡି.ଏନ.ଏ.): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଣିଆରି(ତାଲୁଆ) ଗ୍ରାମର ସନାତନ ବେହେରାଙ୍କ ଘରୁ ଲୁଟ୍ ହୋଇଛି। ପରିବାରର ପୁରୁଷ ଲୋକମାନେ ବାହାରେ ରହୁଥିବା ବେଳେ ୨ ଜଣ ମହିଳା ଓ ପିଲାମାନେ ଘରେ ରହୁଛନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଶୁକ୍ରବାର ରାତିରେ ଘରେ ପଶି ଟଙ୍କା ଓ ସୁନା ଲୁଟ୍ କରିଛନ୍ତି। ଗରମ ହେଉଥିବାରୁ ପରିବାରର ମହିଳା ସୁଜାତା ବେହେରା କବାଟ ଖୋଲି ଶୋଇଥିଲେ। ଏହି ସମୟରେ ଦୁର୍ବୃତ୍ତ ଘରେ ପଶି ତାଙ୍କୁ ଆକ୍ରମଣ କରିବା ସହ ୩୦ ହଜାର ଟଙ୍କା ଓ ୨୮ ଗ୍ରାମର ସୁନା ଅଳଙ୍କାର ଲୁଟ କରି ନେଇଛନ୍ତି। ଆକ୍ରମଣରେ ସୁଜାତା ଗୁରୁତର ହୋଇଛନ୍ତି। ତାଙ୍କୁ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୧୬୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଟିଏସ୍‌ଏଫ୍ ପକ୍ଷରୁ ଶ୍ରେଣୀଗୃହ, ପୋଖରୀ ଲୋକାର୍ପିତ

କଳିଙ୍ଗନଗର,୧୩।୫(ଡି.ଏନ.ଏ.):

- ଗୋଷ୍ଠୀ ପୋଖରୀର ପୁନରୁଦ୍ଧାର
- ଶ୍ରେଣୀଗୃହରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ

ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ଯାଜପୁର ଜିଲାର କଳିଙ୍ଗନଗରସ୍ଥିତ ବାରଗଡ଼ିଆ ପଞ୍ଚାୟତରେ ୫ଟି ନୂଆ ଶ୍ରେଣୀ ଗୃହ ଓ ଏକ ଗୋଷ୍ଠୀ ପୋଖରୀ ସମେତ ୨ ପ୍ରମୁଖ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଛି। ଶନିବାର ଗ୍ରାମୀଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୁକିନ୍ଦା ବ୍ଲକ୍ ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ସୁକିନ୍ଦା ବ୍ଲକ୍‌ର ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବାରଗଡ଼ିଆ ପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ଦେଓ, ବାରଗଡ଼ିଆ ପଞ୍ଚାୟତର ସମିତି ସଭ୍ୟ ମୃତ୍ୟୁଞ୍ଜୟ ଦେଓ, ଟାଟା ଷ୍ଟିଲ୍ ଫାଉଣ୍ଡେଶନର ୟୁନିଟ୍ ମୁଖ୍ୟ ଆଲେନ୍ ଜୋସେଫ୍ ଓ ଗୋଷ୍ଠୀର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବାରଗଡ଼ିଆର ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟରେ ୫ ଟି ଅତିରିକ୍ତ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରାଯାଇଛି। ଟିଏସ୍‌ଏଫ୍ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ସମ୍ପୂର୍ଣ୍ଣ ଫର୍ଣ୍ଣିସଡ୍ ଶ୍ରେଣୀଗୃହଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାସ୍ତରରେ ଉନ୍ନତି ଆଣିବ। ଏହି ଶ୍ରେଣୀ ଗୃହ କଳିଙ୍ଗନଗର ଅଧୀନରେ ଥିବା ଆଖପାଖ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ପୂରଣ କରିବ। ନୂଆ ଶ୍ରେଣୀଗୃହଗୁଡ଼ିକୁ ସ୍କୁଲ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ସେହିପରି ଟିଏସ୍‌ଏଫ୍ ଦ୍ୱାରା ସ୍ଥାନୀୟ ପୋଖରୀର ପୁନରୁଦ୍ଧାର କରାଯାଇଛି। ଯାହାଦ୍ୱାରା ଜଳ ସମ୍ପଦରେ ଉନ୍ନତି ହୋଇଥିବା ବେଳେ ଜଳ ଧାରଣ କ୍ଷମତା ୦.୪୧ ଏମ୍‌ସିଏଫ୍‌ଟିକୁ ବୃଦ୍ଧି ପାଇଛି। ଫଳରେ ଏହି ପ୍ରକଳ୍ପ ଦ୍ୱାରା ବାରଗଡ଼ିଆ ପଞ୍ଚାୟତର ଗ୍ରାମବାସୀ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି।


ଅତିଥି ଶ୍ରେଣୀଗୃହ ଉଦ୍‌ଘାଟନ କରୁଛନ୍ତି।

## ଶ୍ରୀକ୍ଷେତ୍ରରୁ ଆସିଲା ଆଜ୍ଞାମାଳ

ଯାଜପୁରରୋଡ୍.୧୩।୫(ଡି.ଏନ.ଏ.):

ଆସନ୍ତା ୨୧ ତାରିଖରେ ଚୋରଦା କାଳୀମେଳଣ ପଡ଼ିଆରେ ହେବାକୁ ଥିବା ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଓ ସନ୍ଥ ସମ୍ମିଳନୀ ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର ପୁରୀରୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଶନିବାର ଆସି ବ୍ୟାସନଗରରେ ପହଞ୍ଚିଛି। ଚୋରଦା ବାଇପାସ୍‌ଠାରେ ଥିବା ମା'ତାରିଣୀ ମନ୍ଦିରରୁ ଚୋରଦା ଗ୍ରାମ କମିଟି ଓ କୀର୍ତ୍ତନମଣ୍ଡଳୀ ଦ୍ୱାରା ଗୌରଭକ୍ତମାନେ ଶୋଭାଯାତ୍ରା କରି ମେଳଣ ପଡ଼ିଆରେ ଥିବା ଦୁର୍ଗାମନ୍ଦିରଠାରେ ଆଜ୍ଞାମାଳକୁ ନେଇ ସ୍ଥାପନ କରିଛନ୍ତି।

ବ୍ୟସଭୂମି ସଂକୀର୍ତ୍ତନ ପରିଷଦର ସଂଯୋଜକ ବିବେକାନନ୍ଦ ମହାନ୍ତି, ମୁଖ୍ୟକର୍ତ୍ତା ରବିନାରାୟଣ ପୁହାଣ, ଗ୍ରାମ କମିଟି ସଭାପତି ବିଦ୍ୟାଧର ମହାନ୍ତି, ମୁଖ୍ୟ ପରିଚାଳକ ଗଦାଧର ମହାନ୍ତି, ହୃଦାନନ୍ଦ ସାମଲ, ପବିତ୍ର ରଞ୍ଜନ ମହାନ୍ତି, ଧନେଶ୍ୱର ନାଥ, ବାଇଧର ସାହୁ, ସନ୍ତୋଷ କୁମାର ମହାନ୍ତି, ଲକ୍ଷ୍ମୀଧର ଅଧିକାରୀ, ଅରୁଣ କୁମାର ରାଉତ, କେଶବ ଚରଣ ସାହୁ ପ୍ରମୁଖ ଶ୍ରୀମନ୍ଦିର ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ନୀଳଗିରି ରାଣୀ ମା' ମନୋଜ ମଞ୍ଜରୀ ଦେବୀ ଓ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଉପସ୍ଥିତରେ ମହାପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ଗ୍ରହଣ କରିଥିଲେ। ଆସନ୍ତା ୧୬ତାରିଖଠାରୁ ସଙ୍କୀର୍ତ୍ତନ ମହୋତ୍ସବ ଓ ସନ୍ଥ ସମ୍ମିଳନୀର ପ୍ରଚାର ଶୁଭାରମ୍ଭ ହେବ ବୋଲି ମୁଖ୍ୟ ପରିଚାଳକ ଗଦାଧର ମହାନ୍ତି ସୂଚନା ଦେଇଛନ୍ତି।


ପୁରୀ ଶ୍ରୀମନ୍ଦିରରୁ ଆସିଥିବା ଆଜ୍ଞାମାଳ ଗ୍ରହଣ କରାଯାଉଛି।

## ସଂକ୍ଷେପରେ

### ସଙ୍କେତ ୯୮.୫ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର



ରାଜନଗର, ୧୩।୫(ଡି.ଏନ୍.ଏ.): ସିବିଏସ୍‌ଇ ଦଶମ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପୁଅ ସଙ୍କେତ ସୌରଭ ୯୮.୫ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସଙ୍କେତ ଭୁବନେଶ୍ୱରସ୍ଥିତ ବିକାଶ ରେସିଡେନ୍ସିଆଲ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ତାଙ୍କ ମା’ ସ୍ମିତା ପରିଡ଼ା ଶିକ୍ଷୟିତ୍ରୀ ରହିଛନ୍ତି। ଖବର ଜଣାପଡ଼ିବା ପରେ ସଙ୍କେତଙ୍କ ଗାଁ ବେଲପାଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

### ୧୪ରେ କଣ୍ଡିଆ ଫାଣ୍ଡି ଘେରିବେ ଏତଲାକାରୀଙ୍କ ସାଥୀ ଯୁବକ

#### ହାଟସାହି ସରପଞ୍ଚଙ୍କ ନାମରେ ଏତଲାକୁ ମାସେ ବିତିଲା, କାର୍ଯ୍ୟାନୁଷ୍ଠାନ ଶୂନ

ରାଜକନିକା, ୧୩।୫(ଡି.ଏନ୍.ଏ.) : କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ହାଟସାହି ସରପଞ୍ଚଙ୍କ ନାମରେ ହାଟସାହି ଗ୍ରାମର ମନୋଜ କୁମାର ଦାସ ଏପ୍ରିଲ ୩ରେ ତାଙ୍କୁ ଭାଷା ଅଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ କଣ୍ଡିଆ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ ପୋଲିସ ୨୩୩/୨୩ରେ ମାମଲା ରୁଜୁ କରିଥିଲା। ୧ମାସ ୧୦ଦିନ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏ ନେଇ ହାଟସାହି ଗ୍ରାମର ଅଧିବାସୀ ସନ୍ତୋଷ ବେଉରିଅ, ରବୀନ୍ଦ୍ର ସାମଲ, ପ୍ରଭାତ କୁମାର ଦାସ, ଅଜୟ ପଡ଼ିହାରୀ, ଶୁଭକାନ୍ତ ବେଉରିଆ, ପ୍ରତାପ ରାଉତ, ପରମାନନ୍ଦ ରାଉତ, ବିପିନ୍ ନାୟକ, ଡମ୍ବରୁଧର ଜେନା, ଜନ୍ମେଜୟ ନାୟକ, ରୋହିତାଶ୍ୱ ଦାସ, ରମାକାନ୍ତ ନାୟକ, ସୁବାସ ଲେଙ୍କା, ନାରାୟଣ ବେଉରିଆ, ନରୋତ୍ତମ ବଳ, ପରମାନନ୍ଦ ନାୟକ ଓ ବିଜୟ କୁମାର ନାୟକ ପ୍ରମୁଖ ରବିବାର କଣ୍ଡିଆ ଫାଣ୍ଡି ଘେରାଉ କରିବା ନେଇ ଜିଲାପାଳ, ଏସ୍‌ପିଙ୍କ ସମେତ ରାଜକନିକା ଥାନା ଅଧିକାରୀଙ୍କୁ ୧୨ ତାରିଖରେ ପତ୍ର ମାଧମରେ ଅବଗତ କରାଇଛନ୍ତି। ଏ ନେଇ ହାଟସାହି ସରପଞ୍ଚ ସୀତାରାଣୀ ଦାସଙ୍କୁ ପଚାରିବାରେ ସତ୍ୟର ଯୁଗେ ଯୁଗେ ଜୟ ହୋଇଛି, ମୁଁ ସତ୍ୟ ଓ ନ୍ୟାୟରେ ଅଛି। ମୋ ବିରୋଧରେ ଏହା ସମ୍ପୂର୍ଣ୍ଣ ମିଥ୍ୟା ମାମଲା, କପୋଳକଳ୍ପିତ, ମନଗଢ଼ା କାହାଣୀ ରଚନା କରାଯାଇଛି। ତେବେ ଆମ ମହିଳା ସଙ୍ଗଠନର ନିଷ୍ପତ୍ତି ଅନୁଯାୟୀ ସମିତି ପକ୍ଷରୁ ରବିବାର ବିଶ୍ୱ ମାତୃ ଦିବସ ପାଳନ ରେ ବହୁସଂଖ୍ୟାରେ ମହିଳା ଫାଣ୍ଡି ଘେରାଉ କରିବେ ବୋଲି ସେ କହିଛନ୍ତି।

# ମିଶନ ଶକ୍ତିର ଆଦେଶନାମାକୁ ଉଲ୍ଲଂଘନ

■ ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର ଚୟନରେ ଅନିୟମିତତା ଅଭିଯୋଗ

■ ଏମ୍‌ବିକେ ପ୍ରାର୍ଥୀ ଚୟନ କମିଟିରେ ଆବେଦନକାରୀ ସାମିଲ

ଡେରାବିଶ, ୧୩।୫(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକରେ ଥିବା ମିଶନ ଶକ୍ତିର ଅନିୟମିତତା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ବିଭାଗୀୟ ଆଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ବ୍ଲକ ଅଧୀନ ୨୬ ପଞ୍ଚାୟତ ମଧ୍ୟରୁ ୧୩ଟି ପଞ୍ଚାୟତର ଏମ୍‌ବିକେ ପ୍ରାର୍ଥୀ ପୂର୍ବରୁ ଚୟନ ହୋଇସାରିଥିବା ବେଳେ ଅବଶିଷ୍ଟ ୧୩ଟି ପଞ୍ଚାୟତ ପାଇଁ ଏମ୍‌ବିକେ ଓ ଖାଲି ପଡ଼ିଥିବା ପଞ୍ଚାୟତଗୁଡ଼ିକରେ ୧୫୧ ସିଆରପି ଓ ୯ ବ୍ୟାଙ୍କମିତ୍ର ପଦବୀ ପାଇଁ ବିଭାଗ ପକ୍ଷରୁ ବିଜ୍ଞାପନ ଜରିଆରେ ମାର୍ଚ୍ଚ ୧ରୁ ଆବେଦନକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତେବେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ପଦ ପାଇଁ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ମାର୍ଚ୍ଚ ୧୫ ଶେଷ ତାରିଖ ମଧ୍ୟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ପ୍ରମାଣପତ୍ର ଭୁଲ୍ କି ଠିକ୍ ସେ ବିଷୟରେ ଅଭିଯୋଗ ପାଇଁ ମାର୍ଚ୍ଚ ୩୦ ଯାଏ ଦିନ ଧାର୍ଯ୍ୟ କରାଯାଇଥିଲା। ଏ ସମ୍ବନ୍ଧରେ ପ୍ରାର୍ଥୀଙ୍କ ତାଲିକା ଓ ଅଭିଯୋଗ ପ୍ରଦାନର ସମୟସୀମା ସମ୍ପର୍କରେ ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ୍ ଲଗା ଯାଇଥିଲା। ଅଭିଯୋଗର ସମୟସୀମା ଶେଷ ପରେ ପ୍ରାର୍ଥୀଙ୍କୁ ଚୟନ କରିବାକୁ ବ୍ଲକ ଲେଭୁଲ୍ ଫେଡେରେଶନ୍‌ର କର୍ମକର୍ତ୍ତାଙ୍କ ମଧ୍ୟରୁ ୨ଜଣ ଓ ସହଯୋଗୀ ଭାବେ ବ୍ଲକ ମିଶନ ଶକ୍ତିର ମ୍ୟାନେଜର ଏବଂ ଜୀବିକା ମିଶନର ବ୍ଲକ ମ୍ୟାନେଜର ଚୟନ କମିଟିରେ ସହଯୋଗୀ ଭାବେ ରହିବାକୁ ବିଭାଗୀୟ ନିର୍ଦ୍ଦେଶନାମା ରହିଛି। ତେବେ ଏ ସମସ୍ତ ପ୍ରକ୍ରିୟା ଆବେଦନର ଶେଷ ତାରିଖଠାରୁ ୫୩ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ନିର୍ଦ୍ଦେଶନାମା ରହିଛି। ଅବଧି ସରିବା ପରେ ଏ ସମ୍ପର୍କିତ ଚୟନ କାର୍ଯ୍ୟ ଶେଷ ହୋଇ ନ ଥିବା ଜଣାପଡ଼ିଛି। ବିଭାଗୀୟ ନିର୍ଦ୍ଦେଶନାମାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଏହି ପଦବୀଗୁଡ଼ିକ ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନେ ଚୟନ କମିଟିରେ ରହିପାରିବେ ନାହିଁ। ମାତ୍ର ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଯିବା ସହ ବିଭାଗୀୟ ନିର୍ଦ୍ଦେଶନାମାକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଇ ପ୍ରାର୍ଥୀ ଚୟନ କାର୍ଯ୍ୟ କରାଯାଉଛି। ଆବେଦନ କରିଥିବା ଏମ୍‌ବିକେ ପ୍ରାର୍ଥୀ ଚୟନ କମିଟିରେ ରହୁଛନ୍ତି। ଫଳରେ ଏମ୍‌ବିକେଙ୍କୁ ଚୟନ କରିବାର ବିଭାଗୀୟ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବରିଷ୍ଠ କଂଗ୍ରେସ ନେତା ରଘୁନାଥ ଶତପଥୀ କହିଛନ୍ତି, ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର ଚୟନ ନାମରେ ବ୍ଲକ ଅଞ୍ଚଳର ନିରୀହ ମହିଳାଙ୍କୁ କେବଳ ଭୁଆଁ ବୁଲାଯାଉଛି। ମହିଳା ସଶକ୍ତୀକରଣ ନାମରେ ଏହି ଯୋଜନାକୁ କେବଳ ବାଟବଣା କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଆବେଦନକାରୀ ନ୍ୟାୟ ପାଇପାରନ୍ତେ। ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ଏ ସମ୍ପର୍କିତ କାର୍ଯ୍ୟକ୍ରମକୁ ଅଧିକ ସ୍ୱଚ୍ଛ କରିବାକୁ ମାର୍ଚ୍ଚ ୧୬ରେ ବ୍ଲକ ଫେଡେରେଶନ୍ ପକ୍ଷରୁ ରିଜୋଲ୍ୟୁଶନ୍ କରାଯାଇଥିଲା। ଏଥିରେ ଥିବା ସର୍ତ୍ତାବଳୀ କାର୍ଯ୍ୟକାରୀ ହେଲାନାହିଁ କି ସରକାରୀ ନିର୍ଦ୍ଦେଶନାମାକୁ ମଧ୍ୟ ପାଳନ କରା ନ ଯିବା ଯୋଗୁ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ବିଭାଗୀୟ ନିର୍ଦ୍ଦେଶନାମାରେ ଥିବା ଶିକ୍ଷାଗତ ଓ ଅଭିଜ୍ଞତା ଭିତ୍ତିରେ ପ୍ରାର୍ଥୀଙ୍କୁ ନମ୍ବର ଦେବାର ବ୍ୟବସ୍ଥା ଥିଲା। ଚୟନ ସମୟରେ ପ୍ରାର୍ଥୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଠିକ୍ କି ଭୁଲ ସେଥିପାଇଁ ଓରିଜିନାଲକୁ ମଧ୍ୟ ଯାଞ୍ଚ କରା ନ ଯିବା ବିଭାଗୀୟ ଦୁର୍ବଳତାକୁ ପଦାରେ ପକାଇଛି। ଏଥିସହ ଅନ୍ୟ ପ୍ରମାଣପତ୍ରକୁ ମଧ୍ୟ ଠିକ୍ ଭାବେ ଯାଞ୍ଚ କରା ନ ଯିବା ନେଇ ପ୍ରାର୍ଥୀ ଚୟନରେ ଅନିୟମିତତା ହେଉଛି ବୋଲି ମିଶନ ଶକ୍ତିର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଦାବି ଜଣାଇଛନ୍ତି। ଭାଜପା ଜିଲା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ କହିଛନ୍ତି, ମିଶନ ଶକ୍ତିର ଏହି ଯୋଜନାକୁ ଡେରାବିଶ ବ୍ଲକରେ ଦିଗହରା କରାଯାଉଛି। ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ଚୟନ ପ୍ରକ୍ରିୟା କାର୍ଯ୍ୟରେ ହେଉଥିବା ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଜିଲା ଅଧିକାରୀ କୈଳାସ ଚନ୍ଦ୍ର ସେନାପତିଙ୍କୁ ପଚାରିବାରେ ବିଭାଗୀୟ ନିର୍ଦ୍ଦେଶନାମା ଅନୁଯାୟୀ କୌଣସି ପ୍ରାର୍ଥୀ ଚୟନ କମିଟିରେ ସଦସ୍ୟ ରହିପାରିବେ ନାହିଁ। ଡେରାବିଶରେ ଏଭଳି ଅନିୟମିତତା ସମ୍ପର୍କରେ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନାହିଁ ବୋଲି ସେ କହିଛନ୍ତି। ଏ ନେଇ ବ୍ଲକ ଜୀବିକା ମିଶନର ମ୍ୟାନେଜର ହିମାଂଶୁ ଭଦ୍ରଙ୍କୁ ପଚାରିବାରେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ପଦ ପାଇଁ ଆବେଦନ କରିଥିବା ପ୍ରାର୍ଥୀ କେବଳ ନିଜ ପଞ୍ଚାୟତର ପ୍ରାର୍ଥୀ ଚୟନ ସମୟରେ ଯାଞ୍ଚ କମିଟିରେ ରହିପାରିବେ ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ଏହି ପଦବୀଗୁଡ଼ିକ ପାଇଁ ଚୟନ ସମୟରେ ସବୁ ସ୍ୱଚ୍ଛତାକୁ ଅବଲମ୍ବନ କରାଯାଉଛି ବୋଲି ସେ କହିଛନ୍ତି।



ପ୍ରଶାସନିକ ଅଧିକାରୀମାନେ ଏମ୍‌ବିକେ ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ନିଜକୁ ନ ଚିହ୍ନାଇଲେ କେହି ତମକୁ ଚିହ୍ନିବେ ନାହିଁ




ମନ୍ତ୍ରୀ ପ୍ରତାପ ଦେବ ଓ ଅତିଥିମାନେ ସ୍ୱୟଂସିଦ୍ଧ ସମ୍ମାନ ପ୍ରଦାନ କରୁଛନ୍ତି।

ରାଜକନିକା, ୧୩।୫(ଡି.ଏନ୍.ଏ.)

**ସ୍ୱୟଂସିଦ୍ଧ ସମ୍ମାନ ସମାରୋହ**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ରାମନାରାୟଣ ନାୟକ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ‘ସ୍ୱୟଂସିଦ୍ଧ ସମ୍ମାନ ସମାରୋହ-୨୦୨୩’ ଶୁକ୍ରବାର ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ୍ ଦାମୋଦର ଧଳଙ୍କ ସଭାପତିତ୍ୱ ଓ ପ୍ରବଚକ ତଥା ଅଧ୍ୟାପକ ପ୍ରଦୀପ ଜେନାଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ନିଜେ ନିଜକୁ ନ ଚିହ୍ନାଇଲେ କେହି ତମକୁ ଚିହ୍ନିବେ ନାହିଁ। ଆଜି ଯାହା ଓଡ଼ିଶାରେ ଅଛି ତାହା ଭାରତ ବର୍ଷରେ ନାହିଁ। କିନ୍ତୁ ଭାରତ ଇତିହାସରେ ସବୁକଥା ବର୍ଣ୍ଣିତ ଅଛି କି, ଏହା ନାଗରିକ ହିସାବରେ ଆମ ସମସ୍ତଙ୍କର କର୍ତ୍ତବ୍ୟ, କେମିତି ଭାରତ ଇତିହାସରେ ଆମ କୀର୍ତ୍ତି ସ୍ଥାନ ପାଇବ ବୋଲି ମତବ୍ୟକ୍ତ କରିଥିଲେ। ଆହୁରି ମଧ୍ୟ ସଂସ୍କୃତି, କଳା ଓ ସାହିତ୍ୟକୁ ଜନମାନସରେ ବଞ୍ଚାଇ ପ୍ରତିଭାମାନଙ୍କୁ ସମ୍ମାନ କରୁଥିବା ଓ ପ୍ରତିଭା ପୂଜାର ପରମ୍ପରାକୁ ଏହି ଅନୁଷ୍ଠାନ ଉଜ୍ଜୀବିତ କରି ରଖିଥିବାରୁ ସାଧୁବାଦ ଜଣାଇଥିଲେ। ଅତିଥି ଭାବେ ଭେଟେରାନ୍ ଅଭିନେତା ବୀରେନ୍ ମିଶ୍ର, ସାହିତ୍ୟିକ ତଥା ନାଟ୍ୟକାର ଡ. ଅଭିମନ୍ୟୁ ଜେନା ଓ ସାମାଜିକ କର୍ମୀ ମନୋଜ ସାହୁ ଭାରତୀୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ସଂଯୋଜକ ଇନ୍ସପେକ୍ଟର ଶରତ କୁମାର ନାୟକ ପ୍ରତିଭାମାନଙ୍କ ପାଇଁ ମଞ୍ଚ ସୃଷ୍ଟି କରିବା ଆବଶ୍ୟକତାକୁ ନେଇ ଗୁରୁତ୍ୱାରୋପ କରିଥିଲେ। ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ଉଦ୍ଦେଶ୍ୟରେ ମରଣୋତ୍ତର ‘ସ୍ୱୟଂସିଦ୍ଧ ସମ୍ମାନ’ ତାଙ୍କ ପୁତ୍ର ଅଶୋକ କୁମାର ବଳ ଓ ଝିଅ କଳ୍ପନା ବଳଙ୍କୁ ଏବଂ ସମାଜସେବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ୍-ଉତ୍‌ଥାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାଶ ଓ କୃଷକର ବନ୍ଧୁ ଭାବେ ଦ୍ୱାରିକାନାଥ ରାଉତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁପ ଶତପଥୀ ନିଜର କୌତୂହଳ ଯାଦୁ ପ୍ରଦର୍ଶନ କରି ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ତାରକା ହାସ୍ୟ ଅଭିନେତା ବ୍ରଜ ସିଂ ହାସ୍ୟରସ ପରିବେଷଣ କରିଥିଲେ। ଗୁରୁ ରବୀନ୍ଦ୍ରନାଥ ମିଶ୍ର ଏବଂ ସାଥୀମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ମଞ୍ଚ କଳାକାର ତଥା ଟେଲି ତାରକା ସୌମ୍ୟକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଟ୍ରଷ୍ଟର ସଂଯୋଜକ ନାୟକଙ୍କ ସମେତ ସ୍ୱେଚ୍ଛାସେବୀମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମନୀନ୍ଦ୍ର ଥିଲେ ଅଞ୍ଚଳର ସମସ୍ତଙ୍କ ମୁରବି

ପାଟକୁରା, ୧୩।୫(ଡି.ଏନ୍.ଏ.)

ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳର ଟାଣୁଆ ରାଜନେତା ମନୀନ୍ଦ୍ର କାନୁନ୍‌ଗୋ ଥିଲେ ଅଞ୍ଚଳବାସୀଙ୍କ ମୁରବି। ତାଙ୍କୁ ହରାଇ ଅଞ୍ଚଳବାସୀ ମର୍ମାହତ ବୋଲି ବକ୍ତାମାନେ ତାଙ୍କ ଦ୍ୱାଦଶାହ ଅବସରରେ ଅନୁଷ୍ଠିତ ଶୋକସଭାରେ ମତବ୍ୟକ୍ତ କରିଛନ୍ତି। ନିଜ ଗ୍ରାମ ଚଅଁପୁର ବାସଭବନରେ ଜଗନ୍ନାଥ ଗବେଷକ ହରିହର କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର, ବରିଷ୍ଠ ବିଜେଡି ନେତା ରବି ସାମଲ, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ସୁବାସ ସାମଲ, ମାନସ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁନାଥ ଶତପଥୀ, ସନ୍ତୋଷ ଜେନା, କମଳ ଲୋଚନ ସେଠୀ, ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ମଦନମୋହନ ସାମଲଙ୍କ ସମେତ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ମନୀନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। କାନୁନ୍‌ଗୋ ବଙ୍ଗାଳପୁର ପଞ୍ଚାୟତର ୨ଥର ସରପଞ୍ଚ ହେବା ସହ ଭାଜପା ପକ୍ଷରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ତେବେ ସେ ରାଜନେତା ଥିଲେ ହେଁ ଦଳମତ ନିର୍ବିଶେଷରେ ଜଣେ ସରଳ ଓ ଅମାୟିକ ବ୍ୟକ୍ତି। ବିଭିନ୍ନ ସମସ୍ୟାକୁ ସରଳ ଭାବେ ସମାଧାନ କରିବାରେ ସେ ସିଦ୍ଧହସ୍ତ ଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ବୋଲି ତାଙ୍କର ଶୁଭେଚ୍ଛୁ ଓ ଅନୁଗତମାନେ ମତପ୍ରକାଶ କରିଛନ୍ତି। ଶେଷରେ ପ୍ରିୟବ୍ରତ କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ।

# ପାଟକୁରାରେ କଂଗ୍ରେସର ବିଜୟ ଉତ୍ସବ

### କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ



ପାଟକୁରା କଂଗ୍ରେସ କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

ପାଟକୁରା, ୧୩।୫(ଡି.ଏନ.ଏ.)

କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ ପରେ ପାଟକୁରା କଂଗ୍ରେସ ପକ୍ଷରୁ ଶନିବାର ନିର୍ବାଚନ ମଣ୍ଡଳୀ ସ୍ତରୀୟ କାର୍ଯ୍ୟାଳୟ ବନ୍ଧାସାହିଠାରେ ବିଜୟ ଉତ୍ସବ ପାଳନ କରିଛି।

ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି ବାଣ ଓ ବାଜା ବଜାଇବା ସହ ଖୁସିରେ ନାଚିଥିଲେ। ଏହି ଅବସରରେ ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡା, ପୂର୍ବତନ ଜିଲାପରିଷଦ ସଭ୍ୟ ରଘୁନାଥ ଶତପଥୀ, ପୂର୍ବତନ ଡେରାବିଶ ବ୍ଲକ ସଭାପତି ଅନନ୍ତ ପାତ୍ର, ସୁବାସ ସାମଲ, ଜୟଦେବ ପରିଡା, ନିରଞ୍ଜନ ରାଉତ, ଫକୀର ଲେଙ୍କା, ମାନସ ମଲ୍ଲିକ, ଗୋଲକ ଚନ୍ଦ୍ର ସ୍ୱାଇଁ, ସୁଦାମ ବାରିକ, କେଶବ ରାଉଳ, ରଞ୍ଜନ ପରିଜା, ଜ୍ୟୋତି ରଞ୍ଜନ ନାୟକ, କୁମାର ପାଣି, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, କୃପାସିନ୍ଧୁ ସେନାପତି, ଗୋପାଳ ଚନ୍ଦ୍ର ସାହୁ, ଚିନ୍ମୟ ଦାସ, ସୁଶାନ୍ତ ସାହାଣୀ, ଅମୂଲ୍ୟ ତ୍ରିପାଠୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି ବିଜୟ ନିଶ୍ଚୟ ପାଟକୁରା କଂଗ୍ରେସକୁ ଅଧିକ କ୍ରିୟାଶୀଳ କରିବା ସହ ଆଗାମୀ ନିର୍ବାଚନରେ କଂଗ୍ରେସ ବିଜୟ ହେବ ବୋଲି କର୍ମୀ ମହଲରେ ଉତ୍ସାହ ସୃଷ୍ଟି ହୋଇଛି।

# ସମାଜ ବିକାଶରେ ଶିକ୍ଷାର ମୌଳିକତା ଶୀର୍ଷକ ଆଲୋଚନା

ରାଜନଗର, ୧୩।୫(ଡି.ଏନ୍.ଏ.)

ରାଜନଗରସ୍ଥିତ ରେଣୁକା ମଣ୍ଡପଠାରେ ସମାଜ ବିକାଶରେ ଶିକ୍ଷାର ମୌଳିକତା ଶୀର୍ଷକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଦନପୁରସ୍ଥିତ ୟୁ.କେ. ମହାବୀର ମହାବିଦ୍ୟାଳୟର ଯୁକ୍ତ ୩ ଶିକ୍ଷାବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅତୁଳ କୁମାର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଆଜିର ବ୍ୟସ୍ତବହୁଳ ଦୁନିଆରେ ସ୍ୱପ୍ନ ସଂକଳ୍ପର ଆଧାର ଛାତ୍ର ସମାଜ ବିକାଶର କର୍ଣ୍ଣଧାର ସଦୃଶ। ସମାଜ ବିକାଶରେ ଶିକ୍ଷାର ମୌଳିକତାକୁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଷ୍ଠାର ସହ ହୃଦୟଙ୍ଗମ କରିବା ଦରକାର। ପିଲାମାନେ ଶୃଙ୍ଖଳିତ, ସଙ୍ଗଠିତ, ସୁଚରିତ୍ରବାନ୍ ହୋଇପାରିଲେ ସମାଜ ବିକାଶରେ କେହି ବାଧା ଦେଇପାରିବେ ନାହିଁ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପକ ବିଚିତ୍ର ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଦନପୁର ମହାବିଦ୍ୟାଳୟ ଅଧ୍ୟାପିକା ଦୀପ୍ତିମୟୀ ସ୍ୱାଇଁ, ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷବର୍ଷ ଓ ଯୁକ୍ତ ୨ୟ ବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ମଦନପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ କୁମାର କୁଣ୍ଡଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଦନପୁର ଓ ରାଜନଗର ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ଜାନୁୟାରୀ, ଫେବୃୟାରୀର ଚାଉଳ ଏବେ ମିଳୁଛି

ରାଜନଗର, ୧୩।୫(ଡି.ଏନ.ଏ.)

ରାଜନଗର ବ୍ଲକ କେରେଡାଗଡ଼ ଗାଁର ୨୧୨ ପରିବାର ବଳଭଦ୍ରପ୍ରସାଦ ଗାଁର ରିଟେଲର ପ୍ରକାଶ ଚନ୍ଦ୍ର ବଳଙ୍କଠାରୁ ରାଶନ ସାମଗ୍ରୀ ଆଣିଥାନ୍ତି। ରିଟେଲର କେରେଡାଗଡ଼ ବଜାର ଉପରେ ଏକ ପଏଣ୍ଟ ଖୋଲି ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦେଇଥାନ୍ତି। ମାର୍ଚ୍ଚ ୧୫ରୁ ୨୦ ତାରିଖ ମଧ୍ୟରେ ୨୧୨ଜଣ ହିତାଧିକାରୀଙ୍କୁ ୩ ମାସର ଚାଉଳ ଦେବା ପାଇଁ ଫିଙ୍ଗର ପ୍ରିଣ୍ଟ/ଆଇ ସ୍କାନ କରି ରସିଦ ଦେଇଥିଲେ। ଦିନେ ଦୁଇଦିନ ଭିତରେ ଚାଉଳ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜିକାଲି କହି ଦିନ ଗଡ଼ାଇ ଚାଲିଥିଲେ। ଗତ ୭ ତାରିଖରୁ ଜାନୁୟାରୀ ଓ ଫେବୃୟାରୀର ଚାଉଳ ହିତାଧିକାରୀଙ୍କୁ କେରେଡାଗଡ଼ ପଏଣ୍ଟରେ ରିଟେଲର ବଣ୍ଟନ କରୁଛନ୍ତି। ୩ ମାସର ଚାଉଳ ଦେବାକୁ ୨ ମାସ ତଳୁ ରସିଦ ଦେଇଥିଲେ। ମାତ୍ର ଏବେ ୩ ମାସର ଚାଉଳ ବଦଳରେ ୨ ମାସର ଚାଉଳ ବଣ୍ଟନ କରୁଛନ୍ତି। ଏ ସମ୍ପର୍କରେ ହିତାଧିକାରୀମାନେ ଅଭିଯୋଗ କଲେ, ଉପରୁ ଚାଉଳ ଆସିନି କହି ଭୁଆଁ ବୁଲାଇ ଚାଲିଛନ୍ତି।

କେରେଡାଗଡ଼ ଗାଁର ନିରଞ୍ଜନ ରାଉତଙ୍କ ଅଭିଯୋଗ ହେଲା ମାର୍ଚ୍ଚରେ ଆମକୁ ୩ ମାସର ଚାଉଳ ଦେବେ କହି ଫିଙ୍ଗର ପ୍ରିଣ୍ଟ ନେଇ ରସିଦ ଦେଇଥିଲେ। ଚଳିତମାସ ୮ ତାରିଖରେ ଆମକୁ ୨ ମାସର ଚାଉଳ ୪୦ କେଜି ଦେଇଛନ୍ତି। ଆମ ରସିଦରେ ୨ମାସ ଚାଉଳ ଦେଇଥିବା ଠିକ୍ ମାରିବା ସହ ଆମ ଖାତାରେ ୨ ମାସର ଚାଉଳ ଦେଇଥିବା ଲେଖି ଦେଇଛନ୍ତି। ବ୍ଲକ ସାରା ଏବେ ଏପ୍ରିଲ, ମେ, ଜୁନ ମାସର ଚାଉଳ ବଣ୍ଟା ଯାଉଥିବା ବେଳେ ଆମେ ଏଯାଏଁ ମାର୍ଚ୍ଚ ମାସର ଚାଉଳ ପାଇନୁ। କେବଳ ନିରଞ୍ଜନ ନୁହଁନ୍ତି, ଗାଁର ଝରଣା ସେଠୀ, ସାବିତ୍ରୀ ମଲିକ, ଘନଶ୍ୟାମ ମଲିକ, ଜାନକୀ ମଲିକ, ଭାରତୀ ମଲିକ, ଧନେଶ୍ୱର ସେଠୀ ପ୍ରମୁଖ ସମାନ ଅଭିଯୋଗ କରିଛନ୍ତି। ଆମଠାରୁ ମାର୍ଚ୍ଚରେ ଟିପ ନେଇ ଏବେ ୩ ମାସ ବଦଳରେ ୨ ମାସର ଚାଉଳ ଦେଉଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କେରେଡାଗଡ଼ଠାରେ ରିଟେଲରଙ୍କ ପକ୍ଷରୁ ଚାଉଳ ବାଣ୍ଟୁଥିବା ସନାତନ ନାୟକଙ୍କୁ ପଚାରିବାରୁ ମୁଁ କିଛି ନୁହେଁ, ରିଟେଲର ବଳଙ୍କ ପକ୍ଷରୁ ଏଠାରେ ରାଶନ ସାମଗ୍ରୀ ବାଣ୍ଟୁଛି। ଉପରୁ ମାର୍ଚ୍ଚ ମାସର ଚାଉଳ ଆସିନାହିଁ ବୋଲି ରିଟେଲର କହୁଛନ୍ତି। ସେଥିପାଇଁ ମୁଁ ହିତାଧିକାରୀଙ୍କୁ ଦେଇଥିବା ରସିଦରେ ଜାନୁୟାରୀ ଓ ଫେବୃୟାରୀ ମାସର ଚାଉଳ ଦେଉଛି ବୋଲି ଲେଖିକି ଦେଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରିଟେଲର ପ୍ରକାଶ ଚନ୍ଦ୍ର ବଳଙ୍କୁ ପଚାରିବାରୁ ପୂର୍ବରୁ ଆମେ ସବୁ ବାଣ୍ଟି ସାରିଛୁ। ଏବେ ଜାନୁୟାରୀ, ଫେବୃୟାରୀର ରାଶନ ବଣ୍ଟା ଯାଉଛି। ମାର୍ଚ୍ଚ ମାସର ଚାଉଳ ଆସିନି ବୋଲି ସେ କହିଛନ୍ତି।

**ଯୋଗାଣ ବିଭାଗରେ କେଳେଙ୍କାରୀ**



ରିଟେଲର ପଏଣ୍ଟରେ ହିତାଧିକାରୀମାନେ ରସିଦ ଦେଖାଉଛନ୍ତି।

## ସଂକ୍ଷେପରେ

### ଋଷିକୁଲ୍ୟାରେ ବୁଡ଼ି ନାବାଳକ ମୃତ

**ପୁରୁଷୋତ୍ତମପୁର,୧୩।୫(ଡି.ଏନ.ଏ.):** ପୁରୁଷୋତ୍ତମ ପୁର ସହର ଦେଇ ଯାଇଥିବା ଋଷିକୁଲ୍ୟାନଦୀରେ ଶନିବାର ଗାଧୋଇବା ବେଳେ ପାଣିରେ ବୁଡିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରମ୍ଭା ଥାନା ଅନ୍ତର୍ଗତ ଟିକରପଡା ଗ୍ରାମର ଶୁଶାନ୍ତ ସେଠୀଙ୍କ ପୁଅ ପବିତ୍ର (୯)। ପବିତ୍ର ପୁରୁଷୋତ୍ତମପୁର ନନ୍ଦିକ ସାହି ରେ ଥିବା ମାମୁ ଘରକୁ ବୁଲିବାକୁ ଆସିଥିଲେ। ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସହ ନଦୀକୁ ଯାଇଦେଖି ପାଣି ମଧ୍ୟରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ଏସ୍ ଆଇ ଶୁଶାନ୍ତ କୁମାର ମିଶ୍ର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମୃତ ଦେହକୁ ଜବତ କରି ନଂ. ୧୨/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

### ବ୍ରେକ୍ ଡ୍ୟାନ୍ସ ଖେଳରେ ଅଘଟଣ, ଜଣେ ମୃତ

**ବୁଗୁଡ଼ା,୧୩।୫(ଡି.ଏନ.ଏ.):** ବୁଗୁଡ଼ା ଠାକୁରାଣୀ ଯାତ୍ରାର ଶେଷ ଦିନରେ ବ୍ରେକ୍ ଡ୍ୟାନ୍ସ ଖେଳ ଚାଲିଥିବା ବେଳେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମୟୁରଭଞ୍ଜ ଜିଲାର କୁନୁ ମୁଣ୍ଡା(୨୦)। ଠାକୁରାଣୀ ଯାତ୍ରା କାଳରେ ମୀନାବଜାର ଓ ଅନ୍ୟାନ୍ୟ ଖେଳ ସାଙ୍ଗକୁ ବ୍ରେକ୍ ଡ୍ୟାନ୍ସ ଖେଳ ମଧ୍ୟ ପଡିଥିଲା। ଦୋଳିଖେଳ ପକାଇ ଥିବା ସଂସ୍ଥାର କର୍ମଚାରୀ କୁନୁ ବ୍ରେକ୍ ଡ୍ୟାନ୍ସ ଖେଳ ଦାୟିତ୍ୱରେ ଥିଲେ। ଖେଳ ଚାଲିଥିଲା ସମୟରେ ସେ ଅସାବଧାନତା ବଶତଃ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା।

### ଚନ୍ଦନଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ରମ୍ଭା,୧୩।୫:** ରମ୍ଭା ଚନ୍ଦନ ଯାତ୍ରା ଅନ୍ତିମ ଦିନରେ ଭଉଁରୀ ଯାତ୍ରା ମହାଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ମଦନମୋହନ ଓ ଚନ୍ଦ୍ରଶେଖରଙ୍କୁ ପାରମ୍ପରିକ ସହକାରେ ଜଗନ୍ନାଥ ମନ୍ଦିର ପାଲିଙ୍କିରେ ଉଭୟଙ୍କୁ କାନ୍ଧେଇ ଚନ୍ଦନ ପୋଖରୀକୁ ଅଣାଯାଇ ୨୧ ଥର ଚାପ ଖେଳ ପରେ ଶେଷ ହୋଇଛି। ସ୍ନାନ ଯାତ୍ରା ଦେଖିବା ପାଇଁ ସଂଖ୍ୟାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା। ସାହି ବସ୍ତି ପରିଭ୍ରମଣ ସମୟରେ ଶ୍ରୀ ଜୀଉଙ୍କୁ ପୂଜା ସାମଗ୍ରୀ ବଢ଼ାଯାଇ ପୂଜାର୍ଚ୍ଚନା ସାଙ୍ଗକୁ ସ୍ଥାନେ ସ୍ଥାନେ ହୁଳହୁଳିରେ ସହର କମ୍ପି ଉଠୁଥିଲା। ଶିଶୁ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ, ବାରମାସୀ ଦଣ୍ଡ, ଗାହାଣି, ଭାରତ ଲୀଳା, ଘୁଡୁକି, ଅପେରା, ବାଡ଼ିଖେଲ, ଗୋଟିପୁଅ ନାଚ, ଛକ ଜାଗାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ପହଣ୍ଡି ସମୟରେ ମାନସିକ ବେଶଧାରୀ ହନୁମାନ, ରାଧାକୃଷ୍ଣମୂର୍ତ୍ତି , ଭୀମ ଦୁଃଶାସନ ଯୁଦ୍ଧ, କର୍ଣ୍ଣର୍ଜୁନ ଯୁଦ୍ଧ, ଦାନବୀର ହରିଶ୍ଚନ୍ଦ୍ର, କାଳୀ ଜ୍ୱାଳା କାଳୀ ମୁଖ୍ୟ ଆକର୍ଷଣ ପାଲଟିଥିଲା। ନେତାଜୀ ଯୁବ ପରିଷଦ ପକ୍ଷରୁ ସଦାନନ୍ଦ ନାୟକଙ୍କ ନେତୃତ୍ୱରେ ରାଜୁପାତ୍ର, ଅଧୀର ନାୟକ, ସିଦ୍ଧାର୍ଥ ଶଙ୍କର, କ୍ଷେତ୍ର ମୋହନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ରମ୍ଭା ସହର ଜନ ସମୁଦ୍ର ଭିତରେ ବୁଡି ରହିଥିଲା।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାସ୍ ହାର ୯୨.୨୭%

**ବୁଗୁଡ଼ା,୧୩।୫( ଡି.ଏନ.ଏ.):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ( ସିବିଏସଇ) ଦ୍ୱାରା



ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ବୁଗୁଡା ବ୍ଲକର ଗୋଲିଆ ଗ୍ରାମସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୭୨ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲା ବେଳେ ୯୨.୨୭% ପାସ ହାର ରହିଛି ଏବଂ ଛାତ୍ରୀ ଜି.ଶ୍ରଦ୍ଧାସୁମନ ଦୋରା ୪୫୭(୯୧.୪%) ନମ୍ବର ରଖି ବିଦ୍ୟାଳୟ ଟପ୍ପର ରୂପେ ବିବେଚିତ ହୋଇଛନ୍ତି। ବିଦ୍ୟାଳୟର ଅଧକ୍ଷ ସିଦ୍ଧାର୍ଥ ପ୍ରସାଦ ଜେନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶ୍ରଦ୍ଧାସୁମନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନୂଆ ୩ ସୋସାଇଟି ପଞ୍ଜୀକରଣରେ ଜାଲିଆତି

- ରଣପୁର ବିଧାୟକଙ୍କ ଅଭିଯୋଗ ପରେ ତଦନ୍ତ
- ନୟାଗଡ଼ ଜିଲାରେ ୧୮ଟି ନୂଆ ସୋସାଇଟି
- ୧୯ ପଞ୍ଚାୟତରେ ସୋସାଇଟି ନାହିଁ
- ପ୍ରତି ପଞ୍ଚାୟତରେ ସୋସାଇଟି ପାଇଁ ସରକାରଙ୍କ ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୧୨।୫**

ପ୍ରତି ପଞ୍ଚାୟତରେ ସୋସାଇଟି କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ନୟାଗଡ଼ ଜିଲାରେ ନୂଆ ସୋସାଇଟି ପଞ୍ଜୀକରଣ କରାଯାଇଛି। ଜିଲାରେ ୧୮ଟି ନୂଆ ସୋସାଇଟି ପଞ୍ଜୀକରଣ ହୋଇଛି । ତେବେ ଏଥିରୁ ରଣପୁର ବ୍ଲକର ଚମ୍ପାପେଡି, ଚମ୍ପାଗଡ଼ ଓ ଜଙ୍କିଆ ସୋସାଇଟି ପଞ୍ଜୀକରଣରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି । ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏନେଇ ରାଜ୍ୟ ସମବାୟ ନିବନ୍ଧକ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି । ନୟାଗଡ଼ ଉପସମବାୟ ନିବନ୍ଧକ ଏହାର ପ୍ରାଥମିକ ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି । ଅନ୍ୟପକ୍ଷେ ପ୍ରତି ପଞ୍ଚାୟତରେ ସୋସାଇଟି କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିବାବେଳେ ନୂଆ ସୋସାଇଟି ବିଜ୍ଞପ୍ତି ପରେ ବି ଜିଲାର ୧୯ ପଞ୍ଚାୟତରେ ଆଦୌ ସୋସାଇଟି ନ ଥିବା ଜଣାପଡିଛି । ଜିଲାର ୮ଟି ବ୍ଲକରେ ୧୯୪ ପଞ୍ଚାୟତ ରହିଛି । ତେବେ ୧୯୪ ପଞ୍ଚାୟତରେ ପୂର୍ବରୁ ୧୫୭ ସୋସାଇଟି ରହିଥିଲା । ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ସୋସାଇଟି କରିବା ପାଇଁ ଘୋଷଣା କରିବା ପରେ ନୟାଗଡ଼ ଜିଲାର ରଣପୁର ବ୍ଲକରେ ୧୧, ଖଣ୍ଡପଡ଼ା ବ୍ଲକରେ ୧, ଦଶପଲ୍ଲା ବ୍ଲକରେ ୧, ନୂଆଗାଁ ବ୍ଲକରେ ୧, ଓଡ଼ଗାଁ ବ୍ଲକରେ ୨, ନୟାଗଡ଼ ବ୍ଲକରେ ୨ ଏପରି ୧୮ ସୋସାଇଟି ପଞ୍ଜୀକରଣ ହୋଇଛି । ଜିଲାରେ ୧୮ ନୂଆ ସୋସାଇଟି ହେବା ପରେ ଜିଲାରେ ସୋସାଇଟି ସଂଖ୍ୟା ୧୭୫ରେ ପହଞ୍ଚିଛି ।

**ଜିଲା ନୟାଗଡ଼, ସୋସାଇଟି ଖୋର୍ଦ୍ଧାରେ:** ନୟାଗଡ଼ ଜିଲାର ରଣପୁର ବ୍ଲକରେ ୨୧ ସୋସାଇଟି ରହିଥିବାବେଳେ ଏଥିରୁ ୧୮ ସୋସାଇଟି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି । ଏବେ ୧୧ଟି ନୂଆ ସୋସାଇଟି ପରେ ୨୯ ସୋସାଇଟି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିବ । ତେବେ ପ୍ରଶ୍ନ ଉଠୁଛି ନୟାଗଡ଼ ଜିଲା ପୁରୀଠାରୁ ଅଲଗା ହେବା ପରେ ଧିରେ ଧିରେ ସବୁ ଅଫିସ ନୟାଗଡ଼କୁ ଫେରୁଛି । ତେବେ ନୟାଗଡ଼ ଜିଲା ରଣପୁର ବ୍ଲକର ସୋସାଇଟି କାହିଁକି ଖୋର୍ଦ୍ଧା ଜିଲାରେ ରହିବ । କେତେଦିନ ଧରି ଗୋଟିଏ ଜିଲାରେ ଦୁଇ ଜିଲା ପ୍ରଶାସନର ଦ୍ୱୈତ୍ୟ ଶାସନ ଚାଲିବ। ଚାଷୀମାନେ କାହିଁକି ଅଯଥାରେ ହଇରାଣ ହେବେ। ସରକାର ରଣପୁରର ସୋସାଇଟିକୁ କାହିଁକି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରଖୁ ନାହାନ୍ତି । ଏନେଇ ପ୍ରୟାସ ହେବାରେ ଅସୁବିଧା କେଉଁଠି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**ରଣପୁରର ୩ ସୋସାଇଟି ନୟାଗଡ଼ରେ:** ରଣପୁରର ଦର୍ପନାରାୟଣପୁର, ଡମସାହି, ରଙ୍ଗଦେଉଳି ପରି ୩ ସୋସାଇଟି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି। ରଣପୁର ବ୍ଲକର ସ୍ଥିତିକୁ ଅନୁଧ୍ୟାନ କଲେ ଏଠାରେ କି ପ୍ରକାରର ଶାସନ ଚାଲିଛି ବୁଝା ପଡୁନାହିଁ । ନୂଆ ସୋସାଇଟି ପରେ ରଣପୁର ବ୍ଲକରେ ସୋସାଇଟି ସଂଖ୍ୟା ୩୨ରେ ପହଞ୍ଚିଛି । ଏନେଇ ସହକାରୀ ସମବାୟ ନିବନ୍ଧକ(ଏଆରସିଏସ୍) ହାଡୁବନ୍ଧୁ ମହାକୁଡ଼ କୁହନ୍ତି, ରଣପୁରର ୩ ସୋସାଇଟି ଉପରେ ରଣପୁର ବିଧାୟକ ଅଭିଯୋଗ କରିବା ପରେ ରାଜ୍ୟ ସମବାୟ ନିବନ୍ଧକଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଛି । ନୟାଗଡ଼ର ଉପସମବାୟ ନିବନ୍ଧକ ଭାସ୍କର ପାଣିଗ୍ରାହୀ ଏହାର ତଦନ୍ତ କରୁଛନ୍ତି । ନୂଆ ସୋସାଇଟି ପରେ ଜିଲାରେ ସୋସାଇଟି ସଂଖ୍ୟା ୧୫୭ ବଦଳରେ ୧୭୫ରେ ପହଞ୍ଚିଛି। ତେବେ ଏଥିରୁ ରଣପୁର ବ୍ଲକର ୨୯ ସୋସାଇଟି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ କାମ କରିବ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ




ଅତ୍ୟାଧୁନିକ ଶ୍ମଶାନକୁ ବିଧାୟକ ଅରୁଣ ସାହୁ ଉଦ୍‌ଘାଟନ କରୁଛନ୍ତି।

**ଓଡ଼ଗାଁ,୧୩।୫ (ସ୍ୱ.ପ୍ର.)**

ଶନିବାର ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି । ଜାମୁପାଟଣା ଦୃତିକେଶ୍ୱର ମନ୍ଦିରର ସର୍ବାଙ୍ଗୀନ ବିକାଶ ନିମନ୍ତେ ମଞ୍ଜୁରୀ ହୋଇଥିବା ପ୍ରାୟ ୧ କୋଟି ଟଙ୍କାର ବିନଯୋଗ ନିମନ୍ତେ ସେ ସ୍ଥାନୀୟ ଲୋକଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଏନଏସି ଅନ୍ତର୍ଗତ ଖଜୁରିଆ ରୋଡରେ ୧.୨ କୋଟି ଟଙ୍କାରେ ନିର୍ମାଣ କରାଯାଇଥିବା ଅତ୍ୟାଧୁନିକ ମଶାଣିକୁ ବିଧାୟକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଧାୟକ କହିଥିଲେ, ଆଉ ମଶାଣି ମଶାଣି ହୋଇ ରହିବ ନାହିଁ । ଏସବୁ ପାର୍କରେ ପରିଣତ ହୋଇଛି ବୋଲି ସେ କହିଥିଲେ। ସେଠାରେ ମଶାଣି,ଯେଉଁଠି ଲେଖାହୁଏ ମଣିଷର ଅନ୍ତିମ କାହାଣୀ ଲେଖାଥିବା ଏକ ଫଳକକୁ ବିଧାୟକ ଉନ୍ମୋଚନ କରିଥିଲେ । ସେହିପରି ଦଳକ ସାହିରେ ୭.୦୯ ଲକ୍ଷରେ ନିର୍ମାଣ କାରାଯାଇଥିବା ମିଶନ ଶକ୍ତି ଗୃହ, ୧୨.୩୯ ଲକ୍ଷରେ ନିର୍ମାଣ ହୋଇଥିବା ଚିଲଡ୍ରେନ ପାର୍କ ଏବଂ ୭ ଲକ୍ଷରେ ନିର୍ମାଣ କରାଯାଇଥିବା ଅଙ୍ଗନୱାଡି କେନ୍ଦ୍ରକୁ ବିଧାୟକ ଉଦଘାଟନ କରିବା ସହିତ ଲୋକାର୍ପଣ କରିଥିଲେ । ଏହି ଅବସରରେ ବିଧାୟକ ସ୍ଥାନୀୟ ଏନଏସି ଓ ଆଖପାଖ ସମସ୍ତ ପଞ୍ଚାୟତରେ ପ୍ରତିୱାର୍ଡର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରସ୍ତାବ ଦେବାକୁ ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ । ଏନଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଡିଓ ସନ୍ତୋଷ କୁମାର ଜେନା ଏନଏସି ଦ୍ୱାରା ନିର୍ମାଣ କରାଯାଇଥିବା ସମସ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ ଆମର ଦାୟିତ୍ୱ ହେବା ଦରକାର ବୋଲି କହିଥିଲେ । ଏହି ଅବସରରେ ଜିଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ଏବଂ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ଏନଏସି ସହକାରୀ ଯନ୍ତ୍ରୀ ସାର୍ଥକ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନୟାଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ



ନୟାଗଡ଼ରେ ଅନୁଷ୍ଠିତ ଲୋକ ଅଦାଲତରେ ବିଚାର ଚାଲିଛି।

- ୫୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ
- ୮୦ ଦେୱାନୀ ମାମଲାର ଫଇସଲା

**ନୟାଗଡ଼ ଅଫିସ,୧୩।୫**

ନୟାଗଡ଼ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୫୨ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ୮୦ଟି ଦେୱାନୀ ମାମଲା ଫଇସଲା କରାଯାଇଛି। ଅନ୍ୟପକ୍ଷେ ଏନ.ଆଇ. ଆକ୍ଟ କେସ ୬ ଟି ଏବଂ ବିବାହଜନିତ ୫ଟି ମାମଲା ଫଇସଲା କରାଯାଇଛି । ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରି ନ ଥିବା ୬୮ ଜଣ ଋଣ ଗ୍ରହୀତାଙ୍କଠାରୁ ୩୪,୪୧,୧୯୨.୦୦ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି । ୧୫୨୫ ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୮,୦୬,୬୪୮,୦୦ ଟଙ୍କା ଆଦାୟ କରାଯାଇଛି । ଅନ୍ୟାନ୍ୟ ଫୌଜଦାରୀ ୯୯ମାମଲା ଫଇସଲା କରାଯାଇ ୧୮୦୦ ଟଙ୍କା ଆଦାୟ ହୋଇଛି । ଏଥରେ ଜିଲା ଓ ଦୌରା ଜଜ ରୂପଶ୍ରୀ ଚୌଧୁରୀ, ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଓ ଦୌରା ଜଜ ଲିଲି ସେନାପତି, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ଅମିତାଭ ପଣ୍ଡା, ବରିଷ୍ଠ ଦେୱାନି ବିଚାରପତି (ଏଲ. ଆର. ଆଣ୍ଡ ଏଲ. ଟି. ଭି.) ପବିତ୍ରାନନ୍ଦ ପ୍ରଧାନ, ଉପଖଣ୍ଡ ଫୌଜଦାରୀ ବିଚାରପତି ସୌଭାଗ୍ୟ ରଞ୍ଜନ ପ୍ରଧାନ, ଜେଏମ୍ଏଫ୍‌ସି ସାବିତ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଜିଲା ଆଇନ ସେବା ପ୍ରାଧାକରଣ ସଚିବ ବିଶେଷ କୁମାର ସାହୁ, ମହିଳା ଅଦାଲତର ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ ରୀନତି ମିଶ୍ର ଉପସ୍ଥିତ ଥିଲେ। ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସେପ୍ଟେମ୍ବର ୯ ଦ୍ୱିତୀୟ ଶନିବାର ଅନୁଷ୍ଠିତ ହେବ ବୋଲି ପ୍ରାଧକରଣର ସଚିବ ବିଶେଷ କୁମାର ସାହୁ କହିଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ : ୭୨ ମାମଲା ଫଇସଲା

**ଆସିକା,୧୩।୫ (ଡି.ଏନ.ଏ)**

ଆସିକା ସ୍ଥିତ ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଅଦାଲତରେ ବିଚାର ଲାଗି ଆଗତ ୫୯୧ ମାମଲା ମଧ୍ୟରୁ ୭୨ଟି ମାମଲାର ଫଇସଲା କରାଯାଇ ୮୦ଲକ୍ଷ ୬୮ ହଜାର ୧୭୫ ଟଙ୍କା ଆଦାୟ କରାଯାଇଛି। ଫଇସଲା ହୋଇଥିବା ମାମଲା ମଧ୍ୟରେ ୧୪ଟି ମୋଟର ଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୭୧ଲକ୍ଷ ୨୭ହଜାର ଟଙ୍କା, ୩ଟି ବୈବାହିକ ବିବାଦ ମାମଲାର ସମାଧାନ କରାଯାଇ ୨ଲକ୍ଷ ୫୭ହଜାର ୯୧୬ ଟଙ୍କା, ୬ଟି ଦେୱାନୀ ମାମଲାରେ ୬ଲକ୍ଷ ୩୮ହଜାର ୩୧୯ ଟଙ୍କା ଓ ଅନ୍ୟଦୁଇଟି ଦେୱାନୀ ମାମଲାରେ ୪୪ ହଜାର ୯୪୦ ଟଙ୍କା ଆଦାୟ କରାଯାଇଛି ଆସିକା ତାଲୁକା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ପ୍ରବୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନି ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା ପ୍ରମୁଖ ମାମଲା ପରିଚାଳନା କରିଥିଲେ।

## ଚୋରି ମାମଲା ସହ ଅନ୍ୟ କେଶରେ ଫଁସିଲେ ଭଗବାନ

**ଅଟକ ଥାଇ ଫେରାର ମହଙ୍ଗା ପଡ଼ିଲା**

**ନୟାଗଡ଼ ଅଫିସ,୧୩।୫**

ନୟାଗଡ଼ ସଦର ଥାନା ପୋଲିସ କଞ୍ଚନବିଲି ଗାଁରେ ହୋଇଥିବା ସିରିଜ୍ ଚୋରି ଘଟଣାରେ ଅଟକ ରଖି ପଚରାଉଚୁରା କରୁଥିବା ରାୟପୁର ଗାଁର ଭଗବାନ ନାୟକ ଫେରାର ହୋଇଯିବା ଘଟଣା ମହଙ୍ଗା ପଡିଛି । ପୋଲିସ ଭଗବାନଙ୍କୁ କଞ୍ଚନବିଲି ଚୋରି ଘଟଣା ସହ ପୋଲିସ ହେପାଜତରୁ ଖସିଯିବା ଅଭିଯୋଗରେ ମାମଲା ରୁଜୁ କରି ଗିରଫ ପାଇଁ ଚେଷ୍ଟା ଜାରି ରଖିଛି । ଭଗବାନ ପୋଲିସକୁ ଚକମା ଦେଖାଇ ଗତ ୪ ତାରିଖ ରାତି ୧୦ଟାରେ ଖସି ଯାଇଥିଲେ। ଏନେଇ ସଦର ଥାନାର କନ୍‌ଷ୍ଟେବଲ ଉଦ୍ଧବ ଚରଣ ଜାନୀ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୫/୨୩) ରୁଜୁ କରି ତଦନ୍ତ କରୁଛି । ସେପଟେ କଞ୍ଚନ ବିଲି ଚୋରି ଘଟଣାରେ ନୟାଗଡ଼ ସଦର ଥାନା ପୋଲିସ ଭଗବାନଙ୍କୁ ଅନ୍ୟ ଏକ ମାମଲା(ନଂ.୬୯/୨୩) ମାମଲାରେ ଛନ୍ଦି ତଦନ୍ତ କରୁଛି ।

ସୂଚନା ଅନୁଯାୟୀ, କଞ୍ଚନବିଲି ଗାଁରେ ଗତ ୨୪ତାରିଖ ରାତିରେ ସିରିଜ ଚୋରି ହୋଇଥିଲା । ରଘୁନାଥ ଦାସଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ସହ ୯ ହଜାର ୫ ଶହ ଟଙ୍କା ଚୋରି ହୋଇଥିଲା । ମାଗୁଣି ଦାସଙ୍କ ଘରୁ ସୁନାର କାନ ଫୁଲ ସହ ୧ ହଜାର ଟଙ୍କା, ମଲ୍ଲି ସାହୁଙ୍କ ଘରୁ ସୁନାର କାନ ଫୁଲ ମର୍ଯ୍ୟାଦା ଦେବାକୁ ଆଣିଥିବା ୨୦ ଖଣ୍ଡ ଦାମି ଶାଢ଼ି, ୧୦ ହଳ ଲୁଙ୍ଗି ଗାମୁଛା ଓ ୧୨ ଶହ ଟଙ୍କା ଚୋରି ହୋଇଥିଲା । ତିଳ ବେହେରା. ଯୋଗୀ ସାମଲ ଓ ସୁମିତ୍ରା ବେହେରାଙ୍କ ଘରୁ କବାଟ ଭଙ୍ଗା ଯାଇଥିଲେ ମଧ୍ୟ ଚୋରି ହୋଇ ପାରି ନ ଥିଲା । ଏନେଇ ଅଭିଯୋଗ ପରେ ପୋଲିସ ୪୫୭, ୩୮୦, ୪୧୧,୩୪ ଆଇପିସି ଦଫାରେ ୬୯/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ଏହି ଘଟଣାରେ କଞ୍ଚନବିଲି କାଳିଆ ନାୟକ(୩୪), ଦୟାନିଧି ନାୟକ(୫୫) ଓ ନାରାୟଣ ନାୟକ(୩୦), ବାଲୁଗାଁର ପ୍ରଫୁଲ୍ଲ କୁମାର ସାହୁ(୪୫) ପ୍ରମୁଖ ୪ଜଣ ଗିରଫ ହୋଇ ଜେଲ ଯାଇଥିଲେ। ତେବେ ପୋଲିସକୁ ଚକମା ଦେଖାଇ ଅଟକ ଥିବା ରାୟପୁର ଗାଁର ଭଗବାନ ନାୟକ ଫେରାର ହୋଇ ଯାଇଥିଲା।

## ଯୁବକଙ୍କୁ ମାଡ଼ମାରି ଫଁସିଲେ ସବ୍ ଇନ୍ସପେକ୍ଟର

**ଜାତୀୟ ମାନବାଧିକାର କମିଶନରେ ମାମଲା**

**ନୟାଗଡ଼ ଅଫିସ,୧୩।୫**

ନୟାଗଡ ପୋଲିସ ଜିଲାର ଫତେଗଡ଼ ଥାନା ସବଇନ୍ସପେକ୍ଟର ଅରୂପ ନାୟକ ଭାପୁରର ସୁନିଲ କୁମାର ମହାନ୍ତିଙ୍କୁ ମାଡ଼ ମରି ଆହତ କରିବା ଘଟଣା ଜାତୀୟ ମାନବାଧିକାରର କମିଶନରେ ମାମଲା ହୋଇଛି । ଭଜମୋହନ ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ଜାତୀୟ ମାନବାଧିକାରର କମିଶନ ୭୮୬୧/ଇନ/୨୦୨୩ରେ ଡାଏରୀ କରି ଘଟଣାର ତଦନ୍ତ କରୁଛନ୍ତି । ଅଭିଯୋଗ ଅନୁସାରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ାର ସମାଧାନ ପାଇଁ ମଙ୍ଗଳବାର ସବ୍‌ଇନ୍ସପେକ୍ଟର ଅରୂପ ନାୟକ ଫୋନ ଯୋଗେ ଭାପୁରର ସୁନିଲ କୁମାର ମହାନ୍ତିଙ୍କୁ ଥାନାକୁ ଡକାଇଥିଲେ । ସୁନିଲ ପହଞ୍ଚି କେଶ କୋର୍ଟରେ ବିଚାରାଧୀନ ଥିବା ନିଜର ପକ୍ଷ ରଖିଥିଲେ। ସବ୍‌ଇନ୍ସପେକ୍ଟର କିଛି ନ ଶୁଣି ସ୍ୱାମୀ ସ୍ତ୍ରୀ ଭଲରେ ଚଳିବ କହିଥିଲେ। ଆଉ ବିବାଦ ନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଥାନା ପଛପଟକୁ ଡାକି ପ୍ଲାଷ୍ଟିକ ପାଇପରେ ମାଡ଼ ମାରିଥଲେ । ପ୍ରତିବାଦ କରିବାରୁ ମିଥ୍ୟା କେଶରେ ଥାନାରେ ପୁରାଇ ଦେବେ ବୋଲି ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା।

## ରଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ



ରଣପୁରରେ ଆୟୋଜିତ ଲୋକ ଅଦାଲତ।

**୧ଲକ୍ଷ ୮୫ ହଜାର ଟଙ୍କା ଆଦାୟ**

**ରଣପୁର,୧୩।୫ (ସ୍ୱ.ପ୍ର.)**

ରଣପୁର କୋର୍ଟ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରଣପୁର କୋର୍ଟର ବିଚାରପତି ଗୌରୀଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସରକାରୀ ଓକିଲ ଗିରିଜା ଶଙ୍କର ସାମନ୍ତରାୟଙ୍କ ସହ କୋର୍ଟର କର୍ମଚାରୀମାନେ ଉପସ୍ଥିତ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଣପୁର ବାର ଆସୋସିଏଶନ ସଭାପତି ଗିରିଜାକାନ୍ତ ମହାପାତ୍ର, ପୂର୍ବତନ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର, ସୁବାସ ଚନ୍ଦ୍ର ଜେନା, ବରିଷ୍ଠ ଆଇନଜିବୀ ବସନ୍ତ ରାୟ, ନରେଶ ପଟ୍ଟନାୟକ, ସୁଦର୍ଶନ ମାନସିଂହ, ହେମପ୍ରଭା ମିଶ୍ର, ଲିଡାଳି ସାହୁ, ଶ୍ରୀକାନ୍ତ ସାହୁ, ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରଣପୁର ଅଞ୍ଚଳର ସମସ୍ତ ବ୍ୟାଙ୍କ କର୍ମକର୍ତ୍ତା ଯୋଗ ଦେଇଥିଲେ। ଲୋକ ଅଦାଲତରେ ଋଣ ଆଦାୟ ବାବଦରେ ୪ ଟି କେସ୍‌ର ଫଇସଲା କରାଯାଇ ୧ ଲକ୍ଷ ୮୫ ହଜାର ଟଙ୍କା ଆଦାୟ କରାଯାଇଥିଲା। କ୍ରିମିନାଲ କମ୍ପାଉଣ୍ଡେବଲ୍ ଦଫାରେ ୧୦ ମାମଲାର ଫଇସଲା ପାଇଁ ସ୍ଥିର ହୋଇଥିଲା । ହେଲେ କୌଣସି ମାମଲାର ଫଇସଲା ହୋଇପାରିନାହିଁ । ସେହିଭଳି ଏନ୍‌ଆଇ ଆକ୍ଟରେ ୮ରୁ ୩ ମାମଲ ଫଇସଲା କରାଯାଇଥିଲା। ୨ଟି ସିଭିଲ୍ କେସ୍ ମଧ୍ୟରୁ ଗୋଟିକର ଫଇସଲା କରାଯାଇଥିଲା। ୬୦ଟି ଅନ୍ୟାନ୍ୟ କ୍ରିମିନାଲ କେସ୍ ମଧ୍ୟରୁ ୨୭ଟିର ଫଇସଲା କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା।

# ମନ୍ଦିର ପରିସରରେ ଠାକୁର ଚାପ ଖେଳିଲେ

**ନୀଳମାଧବଙ୍କ ଭଉଁରି ନୀତି**

**ଖଣ୍ଡପଡ଼ା,୧୩।୫(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରା ଅନନ୍ୟ । ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ପରି ନୀଳମାଧବଙ୍କ ଭଉଁରି ଯାତ୍ରା ଶନିବାର ଶେଷ ହୋଇଛି । ପ୍ରତିବର୍ଷ ଠାକୁର ଅକ୍ଷୟ ତୃତୀୟାଠାରୁ ୨୧ ଦିନ ପର୍ଯ୍ୟନ୍ତ ନିକଟସ୍ଥ ଚନ୍ଦନ ପୁଷ୍କରିଣୀକୁ ଚାପ ଖେଳିବା ପାଇଁ ବିଜେ ହୋଇଥାଆନ୍ତି । ଏହି ଅବସରରେ ନୌକା ବିହାର କରିବା ପରମ୍ପରା କାହିଁ କେଉଁ କାଳରୁ ପ୍ରଚଳିତ ହୋଇ ଆସିଛି । ତେବେ ଚଳିତ ବର୍ଷ ଚନ୍ଦନ ପୁଷ୍କରଣୀର ପୁନରୁଦ୍ଧାର କାମ ଚାଲି ଥିବାରୁ ଠାକୁରଙ୍କ ସମସ୍ତ ଚନ୍ଦନ ନୀତି ମନ୍ଦିର ପରିସରରେ ପାରମ୍ପରିକ ରୀତି ନୀତିରେ ସମ୍ପନ୍ନ ହୋଇଛି। ଏହି ଅବସରରେ ମନ୍ଦିର ନିକଟସ୍ଥ ଶ୍ରୀରଘୁନାଥ ଜୀଉଙ୍କ ସମ୍ମୁଖରେ ଥିବା ଅସ୍ଥାୟୀ ଜଳକୁଣ୍ଡରେ ଭିତର ଚାପ ନୀତି ପାରମ୍ପରିକ ରୀତି ଅନୁଯାୟୀ କରାଯାଇଛି । ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଲକ୍ଷ୍ମୀ,ସରସ୍ୱତୀ ଓ ଶିବ ପାର୍ବତୀଙ୍କୁ ବିଜେ କରାଯାଇ ଚନ୍ଦନ ନୀତି ଶେଷ କରାଯାଇଛି ।

ସେହିପରି ଖଳିସାହି ଗ୍ରାମରେ ପ୍ରଥମ କରି ଠାକୁରଙ୍କ ଚାପ ନୀତି ଗତ ଅକ୍ଷୟ ତୃତୀୟା ତିଥିଠାରୁ ଆରମ୍ଭ ହୋଇ ଶନିବାର ସମ୍ପନ୍ନ ହୋଇଛି । ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ସାହାର୍ଯ୍ୟ ଓ ସହଯୋଗରେ ଆୟୋଜିତ ଚନ୍ଦନ (ଭଉଁରି) ଯାତ୍ରାରେ ମଦନମୋହନଙ୍କୁ ବିଜେ କରାଯାଇ ନିକଟସ୍ଥ ନେଳିଆ ପୋଖରୀରେ ଚାପଖେଳ ନୀତି ଅନୁଷ୍ଠିତ ହୋଇଥିଲା । ଏକ ସୁସଜ୍ଜିତ ନୌକାରେ ମଦନମୋହନଙ୍କୁ ବିଜେ କରାଯାଇ ପୋଖରୀରେ ପରିକ୍ରମା କରାଯାଇଥିଲା। ବିଗ୍ରହଙ୍କ ସମସ୍ତ ନୀତିକାନ୍ତି ପାରମ୍ପରିକ ରୀତିନୀତି ଅନୁଯାୟୀ ଶେଷ ହୋଇଥିଲା। ଚାପଖେଳ ଦେଖିବା ପାଇଁ ପୋଖରୀ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।



ଖଳିସାହିରେ ଠାକୁରଙ୍କ ଚାପ ଖେଳ।

# ଜଙ୍ଗଲ ଜମି ମାଲଗୋଡ଼ାରୁ ଚାଲିଛି କଳାପଥର ଲୁଟ୍

## ତହସିଲ ପ୍ରଶାସନର ଦୋମୁହାଁ ନୀତି

- ଅଞ୍ଚଳବାସୀଙ୍କ ଅଭିଯୋଗକୁ ଅଣଦେଖା

ଯାଜପୁର ଅଫିସ,୧୩।୫

ଯାଜପୁର ଜିଲା ଧର୍ମଶାଳା ତହସିଲର କଳାପଥର ଖାଦାନ କେଲେଙ୍କାରୀକୁ ନେଇ ଏବେ ପ୍ରଶାସନ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଗୋଟିଏ ପଟେ ପ୍ରଶାସନିକ ଅନୁମତିଠାରୁ ବହୁ ଗୁଣରେ ଅଧିକ କଳାପଥର ଉତ୍ତୋଳନ କରୁଥିବା ସାଟେଲାଇଟ୍ ମାପଚୁପରେ ଜଣାପଡ଼ିବା ପରେ ସମ୍ପୃକ୍ତ ଲିଜ୍‌ଧାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ସହ ଜରିମାନା ଆଦାୟ ପାଇଁ ନୋଟିସ ଜାରି କରିଛି। ଅନ୍ୟ ପଟେ ସେହି ଖାଦାନଗୁଡିକରୁ ପୁଣି ବେଆଇନ ଉତ୍ତୋଳନ କରିବାକୁ ପରଦା ପଛରେ ରହି ସହାୟତା କରୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଧର୍ମଶାଳା ତହସିଲଦାରଙ୍କ ହ୍ୱାଟ୍ସଆପ୍‌କୁ କେତେଜଣ ସଚେତନ ନାଗରିକ ନିୟମିତ ଭାବେ ଜିପିଏସ୍ ଟ୍ରିଙ୍ଗ ଥିବା ଭିଡିଓ ଏବଂ ଫଟୋ ପଠାଇ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରୁଥିଲେ ହେଁ କିଛି ବି ସୁଫଳ ମିଳୁନାହିଁ।

ଯାଜପୁର ଜିଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଶିଳ୍ପାଞ୍ଚଳରେ ନୂତନ ନିର୍ମାଣ ସମ୍ପ୍ରସାରଣ କ୍ଷେତ୍ରରେ



ଆରୁହା ଖାଦାନରୁ କଳାପଥର ଲୁଟ୍ ହେଉଛି।

କଳାପଥରର ଚାହିଦା ବଢ଼ିଛି। ଏହିକ୍ରମରେ ପ୍ରଶାସନ ଅଧିକ କଳାପଥର ଖାଦାନଗୁଡିକୁ ଲିଜ୍ ଦେଇ ଚାହିଦା ପୂରଣ କରିବାରେ ବିଫଳ ହୋଇଛି। ପାଖାପାଖି ୮୫ ଖାଦାନ ମଧ୍ୟରୁ ମାତ୍ର ୩୭ ଖାଦାନକୁ ଉତ୍ତୋଳନ ପାଇଁ ସରକାରୀ ସ୍ୱୀକୃତି ମିଳିଛି। ଏହାବାଦ ଗୋଚର, ଅନାବାଦି ଓ ଜଙ୍ଗଲ କିସମ ଜମିରେ ପ୍ରାୟ ୧୫୦ ଖାଦାନ ରହିଛି। ଏହି ସୁଯୋଗରେ ଲିଜ୍‌ଧାରୀମାନେ ଜଙ୍ଗଲ କିସମ ଜମିକୁ ବି ଛାଡୁ ନାହାନ୍ତି। ଏଠାରେ ଜଙ୍ଗଲ କିସମ ଜମିରେ ଥିବା ମାଲଗୋଡ଼ା ପଥର ଖାଦାନକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ଖାଦାନରୁ ଜଣେ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀମାନେ ପ୍ରାୟ ୨୦ ମିଟର ଗର୍ତ୍ତ ଖୋଳି କଳାପଥର ଉତ୍ତୋଳନ ଜାରି ରଖିଛନ୍ତି। ବହୁ ବର୍ଷ ହେଲା ଏଠାରେ ଏଭଳି ଲୁଟ ଚାଲିଥିଲେ ହେଁ ପ୍ରଭାବଶାଳୀଙ୍କ ସମ୍ପୃକ୍ତି ଥିବାରୁ ତହସିଲ ପ୍ରଶାସନ ହାତ ମାରିବାକୁ ସାହସ ଜୁଟାଇ ପାରୁନାହିଁ। ଏହାବାଦ ନିକଟରେ ଆରୁହା କଳାପଥର ଖାଦାନରେ ଅଧିକ ଉତ୍ତୋଳନ କରିଥିବା ଅଭିଯୋଗରେ ମନୋଜ କୁମାର ସାମଲଙ୍କୁ ୮ କୋଟି ୬୩ ଲକ୍ଷ ୩୩ ହଜାର ୯୧୯ ଟଙ୍କାର ଜରିମାନା କରାଯାଇଛି। ସେହିପରି ସାହାଣିଡିହ ଖାଦାନର ଲିଜ୍‌ଧାରୀ ସଂସ୍ଥା ପିଆର୍‌ପିଏଲ୍‌କୁ ୪ କୋଟି ୭୬ ଲକ୍ଷ ୯୬ ହଜାର ୯୨୬ ଟଙ୍କା ଜରିମାନା ହୋଇଛି। ଏଯାଏ ଏହାକୁ ମିଶାଇ ବିଭିନ୍ନ ପର୍ଯ୍ୟାୟରେ ୨୨ ଜଣ ଲିଜ୍‌ଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ସେଥିରୁ କେତେଜଣ ଲିଜ୍‌ଧାରୀ ଏହି ଜରିମାନା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ତେଣୁ ଏଯାଏ ଟଙ୍କାଟିଏ ବି ଅସୁଲି ହୋଇ ନାହିଁ। ତେବେ ଆହୁରି ଠିକ୍ ଭାବେ ମାପଚୁପ ହୋଇଥିଲେ ୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ହୋଇ ପାରିଥାନ୍ତା ବୋଲି ମତପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ସରକାରଙ୍କ ଏହି ବିପୁଳ ପରିମାଣର ରାଜସ୍ୱ ଲୁଟ୍ କାରବାରରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ତହସିଲଦାର, ଜଙ୍ଗଲ ବିଭାଗ କର୍ମଚାରୀ ଓ ଅଧିକାରୀ ପ୍ରମୁଖଙ୍କ ସମ୍ପୃକ୍ତି ରହୁଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ହେଲେ ସେମାନଙ୍କୁ ପ୍ରଶାସନିକ ସୁରକ୍ଷା ଦିଆଯାଉଥିବାରୁ କେବଳ ଲିଜ୍‌ଧାରୀମାନେ ଏଥିରେ ବଳି ପଡୁଛନ୍ତି ବୋଲି ଅଭିଯୋଗ ଉଠିଛି।

ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି (ଏସିଡିସି) ବୈଠକରେ ଲଘୁ ଖଣିଜ ଲୁଟ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯେଉଁ ଦୃଢୋକ୍ତି ପ୍ରକାଶ ପାଇଥିଲା ତାହା ବି ଫସର ଫାଟିଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂହ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, କଳାପଥର ଖାଦାନ ଲୁଟ୍ ଅଭିଯୋଗକୁ ନେଇ କେହି ସାମ୍ନାକୁ ଆସୁନାହାନ୍ତି। ଫଳରେ ଲିଜ୍‌ଧାରୀ କିମ୍ବା କଳାପଥର ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଏଫ୍‌ଆଇଆର୍ ରୁଜୁ ହୋଇପାରୁନାହିଁ। କଳାପଥର ଲୁଟ୍ କାରବାରକୁ ରୋକିବାକୁ ହେଲେ ଅଞ୍ଚଳବାସୀଙ୍କ ସହଯୋଗ ଆବଶ୍ୟକ। ନିକଟରେ ଯେଉଁମାନେ ଧାରଣାରେ ବସିଥିଲେ ସେମାନଙ୍କ ମଧ୍ୟରୁ କେହି ବି ଲିଖିତ ଅଭିଯୋଗ କଲେ ନାହିଁ। ତଥାପି ପ୍ରଶାସନ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ବିପୁଳ ସଂଖ୍ୟାରେ ବେଆଇନ କଳାପଥର ବୋଝେଇ ଗାଡ଼ି ଜବତ କରାଯାଉଛି।

# ଜଳିଗଲା ପେଟ୍ରୋଲ ବୋଝେଇ ଟ୍ୟାଙ୍କର



ଜାତୀୟ ରାଜପଥ ବରଡ଼ା ପେଟ୍ରୋଲ ପମ୍ପ ପାଖରେ ଦୁର୍ଘଟଣାଗ୍ରସ୍ତ ତେଲ ଟ୍ୟାଙ୍କର।

ଚଢ଼େଇଧରା,୧୩।୫(ଡି.ଏନ.ଏ.):

## ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା

ବେଆଇନ ଗାଡ଼ି ପାର୍କିଂ ଯୋଗୁ ଯାଜପୁର ଜିଲା ଚଣ୍ଡିଖୋଲ-ଦୁବୁରୀ ୫୩ନଂ. ଜାତୀୟ ରାଜପଥର ବରଡ଼ା ପେଟ୍ରୋଲ ପମ୍ପଠାରୁ କିଛି ଦୂରରେ ଶୁକ୍ରବାର ଭୋର୍ ସମୟରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଏକ ପେଟ୍ରୋଲ ବୋଝେଇ ଟ୍ୟାଙ୍କର ଜଳିଯାଇଛି। ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁକୁ ଆୟତ୍ତ କରିଛନ୍ତି। କୌଣସି ମୃତାହତର ସୂଚନା ମିଳିନାହିଁ। ଜେନାପୁର ଥାନା ଅଧୀନରେ ଥିବା ବରଡ଼ା ଛକଠାରେ ବେଆଇନ ଭାବେ ଏକ ହାଇୱା ରାସ୍ତା କଡ଼ରେ ଛିଡା ହୋଇଥିଲା। ଏହି ସମୟରେ ରାସ୍ତା ନ ଜାଣି ପାରି ପେଟ୍ରୋଲ ବୋଝେଇ ଟ୍ୟାଙ୍କର ଆସି ପଛପଟୁ ହାଇୱାକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଟ୍ୟାଙ୍କରଟି ଜଳି ଉଠିଥିଲା। ଜେନାପୁର ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ଏଠାରେ ବେଆଇନ ଭାବେ ଗାଡ଼ି ଠିଆ ହେଉଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି। ପୋଲିସ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

# ଟଙ୍କା ପାଇଁ ଆଖି ଅସ୍ତ୍ରୋପଚାର ଅଧାରୁ ଛାଡ଼ିଦେଲେ

ଯାଜପୁରରୋଡ୍,୧୩।୫(ଡି.ଏନ.ଏ.):

## ଡାକ୍ତରଙ୍କ ଅମାନବୀୟ କାର୍ଯ୍ୟ



ଅବଦୁଲ ରେହମାନ

ଯାଜପୁର ଜିଲା ବ୍ୟାସନଗର ସହରରେ ଥିବା କିଛି ଘରୋଇ ନର୍ସିଂହୋମ ଓ ହସ୍ପିଟାଲରେ ଚିକିତ୍ସା ନାମରେ ଶୋଷଣ ଚାଲିଥିବା ଘଟଣା ସାମ୍ନାକୁ ଆସୁଛି। ଏହି କ୍ରମରେ ବ୍ୟାସନଗର ସହରସ୍ଥିତ କ୍ରିଷ୍ଣା ଆଇ ହସ୍ପିଟାଲରେ ଟଙ୍କା ପାଇଁ ଜଣେ ରୋଗୀଙ୍କୁ ଅଧା ଅସ୍ତ୍ରୋପଚାର କରାଯାଇ ଛାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଉକ୍ତ ହସ୍ପିଟାଲକୁ ଗୁରୁବାର କୋରେଇ ଅଞ୍ଚଳର ଅବଦୁଲ ରେହମାନ ନାମକ ବ୍ୟକ୍ତି ଆସିଥିଲେ। ସମ୍ପୃକ୍ତ ହସ୍ପିଟାଲର ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ଆଖି ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଅବଦୁଲ ଗରିବ ଶ୍ରେଣୀର ହୋଇଥିବାରୁ ଟଙ୍କା ଯୋଗାଡ଼ କରିବା କଷ୍ଟସାଧ୍ୟ ହୋଇଥିଲା। ତେଣୁ ଅବଦୁଲଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ନିଆଯାଇ ପ୍ରସ୍ତୁତି କରାଯାଇଥିଲା। ଅବଦୁଲଙ୍କୁ ଅସ୍ତ୍ରୋପଚାର ଗୃହକୁ ନିଆଯାଇ ଆଖି ପତାର ରୁଟି କଟାଯାଇଥିଲା। କିନ୍ତୁ ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା ଆଉ ୭,୫୦୦ ଟଙ୍କା ଲାଗିବ ଏବଂ ଜଲ୍‌ଦି ପୈଠ କରିବାକୁ କହିଥିଲେ। ଏଭଳି ପରିସ୍ଥିତିରେ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ତଥାପି ଟଙ୍କା ଯୋଗାଡ଼ କରି ଫୋନ ପେ' ମାଧ୍ୟମରେ ପୈଠ କରିବାକୁ କହିଥିଲେ। ହେଲେ ଡାକ୍ତର ରାଜି ହୋଇ ନ ଥିଲେ। ଟଙ୍କା ନ ପହଞ୍ଚିବାରୁ ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ଗୃହରୁ ବାହାର କରିଦେଇଥିଲେ। ପରେ ଅବଦୁଲ ଜାଣିବାକୁ ପାଇଥିଲେ ତାଙ୍କ ଆଖି ଅଧାଅସ୍ତ୍ରୋପଚାର କରାଯାଇଛି। ଯନ୍ତ୍ରଣା ହେବାରୁ ସେ ପରବର୍ତ୍ତୀ ସମୟରେ ହସ୍ପିଟାଲକୁ ଆସି ହୋହଲ୍ଲା କରିଥିଲେ। କଥା ଯାଜପୁରରୋଡ୍ ଥାନା ପର୍ଯ୍ୟନ୍ତ ଯାଇଥିଲା। ତେବେ ମାଗଣାରେ ଅସ୍ତ୍ରୋପଚାର କରିବାକୁ ଡାକ୍ତର ପ୍ରତିଶ୍ରୁତି ଦେବା ପରେ ଅବଦୁଲଙ୍କ ପରିବାର ଶାନ୍ତ ପଡ଼ିଥିଲେ। ଅବଦୁଲଙ୍କ ପରିବାର ହସ୍ପିଟାଲ ଉପରୁ ବିଶ୍ୱାସ ତୁଟାଇଥିବାରୁ ଅସ୍ତ୍ରୋପଚାର କରିବେନି ବୋଲି ନିଷ୍ପତ୍ତି ନେଇ ଫେରି ଯାଇଥିଲେ। ତାଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ ଟଙ୍କାକୁ ହସ୍ପିଟାଲ ତରଫରୁ ଫେରାଇ ଦିଆଯାଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଡାକ୍ତରଙ୍କୁ ପଚାରିବାରେ ସେ ଅସ୍ତ୍ରୋପଚାର କରିନାହାନ୍ତି ବୋଲି କହିଥିଲେ । ଏଥିସହ ଘଟଣା ସମ୍ପର୍କରେ କିଛି କହିବାକୁ ଅନିଚ୍ଛା ପ୍ରକାଶ କରିଥିଲେ।

# ଲୋକ ଅଦାଲତରେ ୩୮୬ ମାମଲା ଫଇସଲା

କେନ୍ଦ୍ରାପଡ଼ା ଅଫିସ, ୧୩।୫

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୮୬ଟି ମାମଲାର ଫଇସଲା ହୋଇ ୧,୬୨,୭୨,୨୫୧ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି। ଏହାବ୍ୟତୀତ ରାଷ୍ଟ୍ରୀୟ ବ୍ୟାଙ୍କ ଦ୍ୱାରା ୧୨,୯୬,୧୬୪ ଟଙ୍କା ଋଣ ଅର୍ଥ ଆଦାୟ ହୋଇଥିଲା। ସେହିପରି ୨୦ଟି ବୈବାହିକ ମାମଲା ମଧ୍ୟରୁ ୧୯ଟିର ଫଇସଲା ହୋଇଛି। ୩୮ଟି ଦେୱାନୀ ମାମଲା, ୩୧ଟି ଦୁର୍ଘଟଣାଜନିତ ମାମଲା ଫଇସଲା ହୋଇଥିଲା। ଏହାକୁ ଜିଲା ଜଜ୍ ବିଶ୍ୱଜିତ ମହାନ୍ତି, ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଏଡିଜେ ଅଜୟ କୁମାର ପ୍ରଧାନ, ସିଜେଏମ୍ ପୂଜା ଷଡ଼ଙ୍ଗୀ, ଡିଏଲ୍ଏ ସୁମିତ୍ରା ସାହୁ ପ୍ରମୁଖ ବିଚାର କରିଥିଲେ।

# ଲୁଣା,କରାଣ୍ଡିଆ ଦ୍ୱୀପାଞ୍ଚଳର ୧୩ ଗାଁ ଅବହେଳିତ

- କରାଣ୍ଡିଆ ଆଡ଼ିବନ୍ଧ ଅଧାରୁ ଅଟକିଛି
- ଲୁଣା ନଦୀର ଦକ୍ଷିଣପାର୍ଶ୍ୱ ବନ୍ଧ ବହୁ ସ୍ଥାନରେ ଦୁର୍ବଳ
- ବର୍ଷ ବର୍ଷ ଧରି ମୌଳିକ ସମସ୍ୟା ଲାଗିରହିଛି

କେନ୍ଦ୍ରାପଡ଼ା ଅଫିସ, ୧୩।୫

କେନ୍ଦ୍ରାପଡ଼ା ଜିଲାର ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳରେ ଥିବା ୧୩ ରାଜସ୍ୱ ଗ୍ରାମ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଅବହେଳିତ ଅବସ୍ଥାରେ ଅଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। କେନ୍ଦ୍ରାପଡ଼ା ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଯୋଗାଣ ଆଦି ମୌଳିକ ସମସ୍ୟା ଲାଗି ରହିଛି। ଦ୍ୱୀପାଞ୍ଚଳର ୧୩ ଗ୍ରାମ



ଦ୍ୱୀପାଞ୍ଚଳର ମାର୍ଶାଘଇ ବ୍ଲକ ଆଇତିପୁରଠାରେ ନଦୀ ପଠା ଧସୁଛି।

୩ ବ୍ଲକ ଅଧୀନସ୍ଥ ୫ ପଞ୍ଚାୟତରେ ଅଛି। ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଳିସିଂ, ଜଳପୋକ ପଞ୍ଚାୟତ ଅଧୀନରେ ଥିବା ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସପୁର ପଞ୍ଚାୟତ ଅଧୀନରେ ଥିବା ଡିହବସୁପୁର ଓ ଇନ୍ଦାଳୋ ପଞ୍ଚାୟତ ଅଛି। ସେହିପରି ଏଠାରେ ଗରଦପୁର ବ୍ଲକସ୍ଥ ବଙ୍ଗାଳପୁର ପଞ୍ଚାୟତର ସାନସଲାର, ଶିଶୁଆ ଓ ସଠିଲୋ ଗ୍ରାମ ରହିଛି। ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟ ପାର୍ଶ୍ୱରେ ଲୁଣା ନଦୀ ପ୍ରବାହିତ ହେଉଛି। ସଠିଲୋ ନିକଟରୁ ଏହି ଦ୍ୱୀପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି। ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ପନିପରିବା ଚାଷ ହୋଇଥିବା ବେଳେ ଜଳସେଚନ ଓ ଉଠା ଜଳସେଚନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ଶେଷ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ନଗେନ୍ଦ୍ର ଜେନା କହିଛନ୍ତି, କରାଣ୍ଡିଆ ନଦୀ ଉପରେ ଏକ ପଥର ଆଡ଼ିବନ୍ଧ ନିର୍ମାଣ ଅଧାରେ ଅଟକି ରହିଛି। ଲୁଣାନଦୀର ବାମପାର୍ଶ୍ୱ ସୁଦୃଢ଼ ହେଉଥିବା ବେଳେ ଦକ୍ଷିଣପାର୍ଶ୍ୱ ବନ୍ଧର ବହୁ ସ୍ଥାନ ଦୁର୍ବଳ ଅଛି। ମହାନଦୀ ସିଷ୍ଟମରେ ବନ୍ୟାଜଳ ପ୍ରବାହିତ ହେଲେ ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ବିପଦ ଘନେଇ ଆସୁଛି। ସେହିପରି ଡିହବଳରାମପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ କହିଛନ୍ତି, ଦ୍ୱୀପାଞ୍ଚଳରେ ଲୁଣାନଦୀ ବାମପାର୍ଶ୍ୱ ବନ୍ଧର ଲମ୍ୱ ୫ କିଲୋମିଟର। ଏଥିରୁ ପ୍ରଥମ ୨ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗରେ ଥିବା ବେଳେ ଅବଶିଷ୍ଟ ଜଳସମ୍ପଦ ବିଭାଗ ଅଧୀନରେ ଅଛି। ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ ପାଇଁ ଟେଣ୍ଡର ହେଉଥିଲେ ମଧ୍ୟ ପ୍ରକଳ୍ପ ଅଧାପନ୍ତରିଆ ରହୁଛି। ଅପରପକ୍ଷରେ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ଏହି ଦ୍ୱୀପାଞ୍ଚଳରେ ମୌଳିକ ସୁବିଧା ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ନଦୀବନ୍ଧ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଦ୍ୱୀପାଞ୍ଚଳର ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲିଟୁ



@ ଅମିତ



@ ନିଜାମୁଦ୍ଦିନ



@ ରେନି



@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନକଲି ଡାକ୍ତରଙ୍କୁ ଢେଙ୍କାନାଳରୁ ଉଠାଇ ନେଲା ପୋଲିସ

ବାଲିକୁଦା,୧୩।୫(ସ୍ୱ.ପ୍ର.)

## ଯୁବତୀମାନଙ୍କୁ ଅଶାଳୀନ, ଆପତ୍ତିଜନକ ଆକ୍ଷେପ କରିଥିଲେ

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ବ୍ରାହ୍ମଣଡ଼ିହିରେ ଅବକାରୀ ପୋଲିସ ଓ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ଆକ୍ରମଣକାରୀ ବାପପୁଅଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଘଟଣା ଦିନ ବ୍ରାଉନ୍‌ସୁଗାର ବ୍ୟବସାୟୀ ପ୍ରଶାନ୍ତ ସେଠ୍‌ଙ୍କୁ ଗିରଫ କରିଥିଲା। ବ୍ରାଉନ୍‌ସୁଗାର ଜବତ ସମୟରେ ଅବକାରୀ ପୋଲିସ ଓ କର୍ମଚାରୀଙ୍କୁ ପ୍ରଶାନ୍ତ, ଭାଇ ସୁଶାନ୍ତ, ବାପା ସୁଦାମ ଆକ୍ରମଣ କରିଥିଲେ। ଉକ୍ତ ଘଟଣାରେ ଗୁରୁବାର ବାପା ସୁଦାମଙ୍କୁ ପୋଲିସ ଗିରଫ କରିଥିଲା। ଶୁକ୍ରବାର ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ପ୍ରଶାନ୍ତଙ୍କ ଭାଇ ସୁଶାନ୍ତଙ୍କୁ ଗିରଫ କରିଥିଲା। ଉଭୟ ବାପପୁଅଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ବାଲିକୁଦା ଅବକାରୀ ଟିମ୍ ବ୍ରାହ୍ମଣଡ଼ିହିକୁ ବ୍ରାଉନ୍‌ସୁଗାର ଜବତ କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲା। ବାଲିକୁଦା ଅବକାରୀ ଟିମ୍‌କୁ ଆକ୍ରମଣକାରୀଙ୍କ ଆକ୍ରମଣରୁ ଉଦ୍ଧାର କରିବାକୁ ଆସିଥିବା ଜଗତ୍‌ସିଂହପୁର ଅବକାରୀ କର୍ମଚାରୀ ମଧ୍ୟ ଛାଡ଼ ପାଇ ନ ଥିଲେ। ବାଲିକୁଦା ଅବକାରୀ ଏସ୍‌ଆଇ ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରାହ୍ମଣଡ଼ିହିକୁ ଆସି ବ୍ରାଉନ୍‌ସୁଗାର ଜବତ କରିଥିଲା। ପ୍ରଶାନ୍ତ ଓ ଜଣେ ନିଶା ବେପାରୀଙ୍କୁ କାବୁ କରିଥିଲା। ପ୍ରଶାନ୍ତ ଓ ତାଙ୍କ ବାପା, ଭାଇ ମିଶି ଉକ୍ତ ଟିମ୍‌କୁ ଆକ୍ରମଣ କରିଥିଲେ। ପ୍ରଶାନ୍ତଙ୍କୁ ଖସେଇନେବାକୁ ଚେଷ୍ଟା କରିଥିଲେ। ଉକ୍ତ ଘଟଣା ସମ୍ପର୍କରେ ଏସ୍‌ଆଇ ମଲ୍ଲିକ ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୧୧/୨୩ରେ ମାମଲା ରୁଜୁ କରିଥିଲା।

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟରେ ପ୍ରତ୍ୟାଶା ରାଜ୍ୟ ଟପ୍ପର

**ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା**

**ନୟାଗଡ଼ ଅଫିସ,୧୩।୫:** ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ନୟାଗଡ଼ ବ୍ଲକର ନୋଓର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ଶତପଥୀ ୯୮ ପ୍ରତିଶତ ମାର୍କ ରଖି ରାଜ୍ୟର ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ସେ ମୋଟ ମାର୍କ ୫୦୦ରୁ ୪୯୦ ନମ୍ବର ରଖିଛନ୍ତି । ପ୍ରତ୍ୟାଶାଙ୍କ ସଫଳତାକୁ ନେଇ ପରିବାର, ବନ୍ଧୁବାନ୍ଧବ ଓ ଜିଲାରେ ଆନନ୍ଦର ଲହରୀ ଖେଳି ଯାଇଛି । ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଟୁଇଟ କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସମାଜ ପାଇଁ ପ୍ରତ୍ୟାଶା ଜଣେ ରୋଲ ମଡେଲ ବୋଲି ସେ ଦର୍ଶାଇଛନ୍ତି ।

### ୩୩ ମାମଲା ଫଇସଲା

**ଦଶପଲ୍ଲା,୧୩।୫(ଡି.ଏନ୍.ଏ.):** ଶନିବାର ଦଶପଲ୍ଲା ଅଦାଲତ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସମୁଦାୟ ୩୩ ମାମଲାର ଫଇସଲା କରାଯାଇଛି । ସେଥିମଧ୍ୟରୁ ୨୩୦ ବ୍ୟାଙ୍କ ଋଣ ଅର୍ଥ ଆଦାୟ ସମ୍ବନ୍ଧୀୟ ମାମଲାରୁ ୧୯ ଟିର ସମାଧାନ କରାଯାଇ ସମୁଦାୟ ୯ ଲକ୍ଷ ୭୪୦୦୦ ଟଙ୍କା ଆଦାୟ କରାଯାଇଛି । ଏଥି ସହିତ ୧୪ ଫୌଜଦାରୀ ମାମଲା ଫଇସଲା କରାଯାଇଛି । ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ବିଚାରପତି ସୌମ୍ୟ ରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତ ରେ ଦଶପଲ୍ଲାର ବିଭିନ୍ନ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଥିଲେ ।

### ଦୀପାଳିଙ୍କ ପାଇଁ ବିଜୟ ଉତ୍ସବ ନୟାଗଡ଼ରେ ପାଳିତ

**ନୟାଗଡ଼ ଅଫିସ,୧୩।୫:** ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀନୀ ଦୀପାଳି ଦାସଙ୍କର ବିଜୟୀ ପରେ ନୟାଗଡରେ ବିଜୟ ଉତ୍ସବ ପାଳନ କରାଯାଇଛି । ନୟାଗଡ ବସଷ୍ଟାଣ୍ଡଠାରେ ଦଳୀୟ କର୍ମୀ ମିଠା ଖାଇ ମିଠା ବାଣ୍ଟିଥିଲେ । ଅନ୍ୟପକ୍ଷେ ବାଣ ଫୁଟାଇ ମଜା ନେଇଥିଲେ । ଏପରି କି ନବୀନ ପଟ୍ଟନାୟକ ଜିନ୍ଦାବାଦ୍, ଦୀପାଳି ଦାସ ଜିନ୍ଦାବାଦ, ଅରୁଣ ସାହୁ ଜିନ୍ଦାବାଦ ନାରା ଦେଇଥିଲେ। ନୟାଗଡ଼ ବିଧାୟକ ଝାରସୁଗୁଡା ବ୍ଲକ ଦାୟିତ୍ୱରେ ଥିବାବେଳେ ଏଠାରେ ବିଜେଡି ଭଲ ରେଜଲ୍ଟ କରିଥିବାରୁ କର୍ମୀ ଅଧିକ ଖୁସି ହୋଇଥିଲେ । ଏଥିରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଜିଲା ପରିଷଦ ସଭ୍ୟ, କାଉନସିଲର ପ୍ରମୁଖ ସାମିଲ ହୋଇଥିଲେ ।

### ଷ୍ଟ୍ରିଟ୍ ଲାଇଟ ଚୋରି

**ନୟାଗଡ଼ ଅଫିସ,୧୩।୫:** ନୟାଗଡ଼ ମ୍ୟୁନିସିପାଲିଟିର ପୁରୁଣା ସହରର ରାଜବାଟି, ସାଗର ପୋଖରୀ କୂଳ, ଦିଅନବନ୍ଧ ସାହି, ହରପାର୍ବତୀ ଗଳି ପରି ଅଞ୍ଚଳରୁ ଷ୍ଟ୍ରିଟ ଲାଇଟ ଚୋରି ହୋଇଥିବାର ଜଣାପଡିଛି । କେତେଜଣ ବ୍ୟକ୍ତି ଷ୍ଟ୍ରିଟ ଲାଇଟକୁ ଟାର୍ଗେଟ କରି ଚୋରାଉ ନେଉଥିବା ଅଭିଯୋଗ ହୋଇଛି । ତେବେ ସହରରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଥିବାରୁ କେତେଜଣ ନିଶାଖୋର ଯୁବକ ଏପରି ବୃତ୍ତିକୁ ଆପଣେଇ ନେଇଥିବା ଚର୍ଚ୍ଚା ହେଉଛି ।

# ମା' ଏକ ଅକ୍ଷର ନୁହେଁ, ଅଭିଧାନ

*ମା' ଏକ ଅକ୍ଷର ନୁହେଁ, ଅଭିଧାନ । ମା' ଏକ ଉଚ୍ଚାରଣ ନୁହେଁ, ଆବେଗଭରା ନାଁ । ଯାହାର ପଣତ କାନି ସବୁ ଦୁଃଖକଷ୍ଟକୁ ହରିନିଏ, ସେ ହେଉଛି ମା' । ଝୁଣ୍ଟି ପଡ଼ିଲେ, ବାଟ ହୁଡ଼ିଲେ କିମ୍ବା ପାଦରେ କଣ୍ଟା ଫୁଟିଗଲେ ଆପେ ଆପେ ଯେଉଁ ଶବ୍ଦ ପାଟିରୁ ବାହାରି ପଡ଼େ ତାହା ହେଉଛି ମା' । ସେହି ଅକ୍ଷରରେ ଭରି ରହିଛି ମମତା, ଆସ୍ଥା, ବିଶ୍ୱାସ ଓ ସୁରକ୍ଷା । ରବିବାର ବିଶ୍ୱ ମାତୃତ୍ୱ ଦିବସ ଅବସରରେ ସେମିତି କେତେଜଣଙ୍କ ହୃଦୟ କଥାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।*



ମାଆ, ଯାହା ପାଖରେ ପୃଥିବୀର ସବୁ ଧୈର୍ଯ୍ୟ ସାଇତା ହୋଇ ରହିଛି। ଅଭିଧାନର ସାମର୍ଥ୍ୟ ବାହାରେ ବି ତା'ର ଥାଏ ସମ୍ପର୍କ। ଯିଏ ବୁକୁ ଚିରି ସଞ୍ଜିବନୀର ବାରିଧି ଢାଳି ଦେଇ ପାରେ । ନିମିଷକେ ଭୁଲି ପାରେ ଯନ୍ତ୍ରଣାସିକ୍ତ ଦିନରାତିର ଅବଧି, ସେ ହିଁ ମା' । ସେହି ମା'ଙ୍କୁ ମୋର ଆଜିର ଦିନରେ ଶତଶତ ପ୍ରଣାମ ।

**–ଶ୍ରଦ୍ଧାଞ୍ଜଳି ମହାନ୍ତି, ଛାତ୍ରୀ, ଦଶପଲ୍ଲା**



ସୁଖ–ଦୁଃଖ, ହସ–କାନ୍ଦ, ଶୋକ–ଯନ୍ତ୍ରଣାରେ ପ୍ରଥମେ ମନେପଡ଼ନ୍ତି ମା' । ମା'ଗୋଟିଏ ଅକ୍ଷର ବିଶିଷ୍ଟ ହେଲେ ବି, ଏହାର ଅର୍ଥ ଓ ପରିଭାଷା ଅସୀମ । କୁହାଯାଏ ମା'ହେଉଛି ଉଭୟ ସ୍ରଷ୍ଟା ଓ ସୃଷ୍ଟିର ଅନନ୍ୟ ସମାହାର। ସୂର୍ଯ୍ୟଙ୍କଠାରୁ ଆଲୋକ ପରିପ୍ରକାଶ ହେବା ଭଳି ମା'ଙ୍କଠାରୁ ଶ୍ରୀ, ଶୋଭା, ସ୍ନେହ, ପ୍ରେମ ପ୍ରବାହିତ ହୋଇଥାଏ ।

**–ରୁପାଲୀ ସାହୁ, ଛାତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିଜିପୁର**



ପୁରାଣଠାରୁ ଆରମ୍ଭ କରି ଆଧୁନିକ ସମାଜର ସ୍ଥିତି ମା'ଙ୍କ ଅନୁପସ୍ଥିତିରେ କଳ୍ପନା କରାଯାଇ ପାରେନାହିଁ। ମା'ହେଉଛନ୍ତି ସକଳ ଶକ୍ତିର ଆଧାର ଓ ଆମର ମାର୍ଗ ଦର୍ଶକ। ମାଆ ହେଉଛି ସୃଷ୍ଟିର ସର୍ବ ଶ୍ରେଷ୍ଠଦାତା। ତ୍ୟାଗ, ଯତ୍ନ, ସ୍ନେହ ଓ ଭଲ ପାଇବାର ପ୍ରତୀକ ହେଉଛନ୍ତି ମା' ।

**–ସଦାଶିବ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣିଆ**



ମା'ର ବିକଳ୍ପ ନାହିଁ। ସେ କୋଟିଏରେ ଗୋଟିଏ । ଯାହାର ପଣତ ଛୁଆ ମୁହଁରୁ ଦୁଃଖ ପୋଛି ଦିଏ, ଯାହାର ଆଶିଷ ଅମାପ ସୁଖ ଭରିଦିଏ। ମୁଁ କିଛି କହିବା ପୂର୍ବରୁ ସେ ମନର କଥା ବୁଝିପାରେ। ମାଗିବା ଆଗରୁ ସବୁ ଦେଇ ଦିଏ । ମୋ ଖୁସିରେ ସୁଖି ହୁଏ ଏବଂ ଦୁଃଖରେ ଲୁହ ଝରାଏ । ଆଜିର ଶୁଭଦିନରେ ତା'ପାଦ ତଳେ ମୋର କୋଟି ପ୍ରଣାମ ।

**–ଅଜିତ କୁମାର ବସନ୍ତରାୟ, ଅଧ୍ୟାପକ, ମହିଳା ମହାବିଦ୍ୟାଳୟ,ଖଣ୍ଡପଡ଼ା**



ମା' ବିଷୟରେ କିଛି କହିବାକୁ ଭାଷା ନାହିଁ। ତା'ର ଅନାବିଳ ସ୍ନେହ ଦୁନିଆର ସବୁ ବାଧା ବିଘ୍ନକୁ କାଟି ସଫଳତା ଦିଏ । ତା'ର ଆଶୀର୍ବାଦ ପିଲାମାନଙ୍କୁ ଶତସିଂହର ବଳ ଯୋଗାଏ। ମା' ହେଉଛି ଆବେଗ ଓ ମମତାର ପ୍ରତୀକ। ତା'ର ନିଃସ୍ୱାର୍ଥପର ଭଲ ପାଇବା ସ୍ୱତନ୍ତ୍ର। ସେ ହିଁ ମୋ ପାଇଁ ସବୁକିଛି।

**–ଡାକ୍ତର ଅଭିସାର ପଣ୍ଡା, ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**



ବୋଉ କୋଳରେ ଶୋଇ ମୁଁ ଦୁନିଆ ଦେଖିଛି, ବଞ୍ଚିବା ଶିଖିଛି। ନିଜ ସନ୍ତାନ ପାଇଁ ଯେ ଅନବରତ ମନ୍ଦିର ଯାଏ, ଠାକୁରଙ୍କ ପାଖରେ ଯିଏ ମୁଣ୍ଡ ପିଟି ପ୍ରାର୍ଥନା କରେ ସେ ମୋ ବୋଉ। ସେ ପାଖରେ ଥିଲେ ସବୁ ଅସମ୍ଭବ ସମ୍ଭବ ହୁଏ। ବହୁ ବାଧାବିଘ୍ନ ହଟିଯାଏ । ସବୁ ଦୁଃଖକୁ ନିଜ ଛାତି ଭିତରେ ଚାପି ଧରି ଯେ ହସେ ସେ ମୋ ବୋଉ ।

**–ରାଜେଶ କୁମାର ଦାସ, ବିଇଡି ଛାତ୍ର, ବାଣପୁର**



ମା'ର ମାତୃତ୍ୱ ପିଲାମାନଙ୍କ ପାଇଁ ସଦା ବ୍ୟାକୁଳ । ତାଙ୍କ ଆଶିଷ ପିଲାମାନଙ୍କ ପାଇଁ ସର୍ବସ୍ୱ । ହେଲେ ଆଜିର ପିଲାମାନେ ମା'ର ଦୁଃଖକୁ ହୃଦୟଙ୍ଗମ କରିପାରୁ ନାହାନ୍ତି। ଏକ ସୁସ୍ଥ ସମାଜ ଗଠନରେ ମା'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ମା'ର ତ୍ୟାଗ, ଭଲପାଇବା, ସ୍ନେହ, ଶ୍ରଦ୍ଧା ବଦଳରେ ଆମେ କିଛି ଦେଉ ପାରିନୁ ?

**–ସଂଯୁକ୍ତା ଦାଶ,ଶିକ୍ଷୟିତ୍ରୀ ଡିଏଭି ପବ୍ଲିକ ସ୍କୁଲ**

*ଉପସ୍ଥାପନା–ଅଜୟ କୁମାର ମହାରଣା*

# ଲଡୁ ବାବାଙ୍କ ଭଉଁରି ଯାତ୍ରା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼



ଲଡୁବାବାଙ୍କ ଭଉଁରି ଯାତ୍ରା ଅବସରରେ ଠାକୁରଙ୍କ ଜଳକ୍ରୀଡ଼ା ।

**ଶରଣକୁଳ,୧୩।୫(ଡି.ଏନ.ଏ.)**

## ୨୧ ଘେରା ଜଳକ୍ରୀଡ଼ା କଲେ ଠାକୁର

ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ମହାସମାରୋହରେ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨୧ ଦିନ ଚନ୍ଦନ ଯାତ୍ରାର ଶେଷ ଦିବସକୁ ଭଉଁରୀ ଯାତ୍ରା କୁହାଯାଏ । ଏଥିପାଇଁ ଶନିବାର ପୂର୍ବାହ୍ନରେ କ୍ଷୀରାଭିଷେକ ପରେ ଶିବପାର୍ବତୀ ବେଶ ହୋଇ ସୁଭାଷ ପଖାଳ(ଦହି,ଭାତ,ଡାଲି)ଗ୍ରହଣ କରିଥିଲେ। ଛତିଶାନିଯୋଗରେ ବଡ଼ପଣ୍ଡାଙ୍କ ହାତରେ ଥାଇ ଏହି ଭୋଗ ମହାପ୍ରଭୁ ଖାଇଥିଲେ। ଦକ୍ଷିଣଦ୍ୱାରେ ଆଳତୀ ହୋଇ ଗୋଟିଏ ଘେରା ବେଢ଼ାବୁଲି ଠାକୁର ଯାଇ ଡଙ୍ଗାରେ ବିଜେ ହୋଇଥିଲେ। ଲଡୁବାବାଙ୍କ ବିଜେ ପ୍ରତିମା ଚନ୍ଦ୍ର ଶେଖର, ମା' ପାର୍ବତୀ, ରାମକୃଷ୍ଣ, ଡଙ୍ଗାରେ ବିଜେ କରି ସରୋବରରେ ୩ ଘେରା ବୁଲି ଚନ୍ଦନ ଘରେ ପହଞ୍ଚି ଥିଲେ। ସେଠାରେ ଠାକୁରମାନେ ଚନ୍ଦନ ପାଣିରେ ବୁଡ଼ି ରହିଥିଲେ। ସନ୍ଧ୍ୟାରେ ବଡ଼ପଣ୍ଡା ଯାଇ ଠାକୁରଙ୍କୁ ପାଣିରୁ ବାହାର କରି ବେଶ କରିଥିଲେ। ଭୋଗ ଲଗାଇଥିଲେ। ମନ୍ଦିର ଭିତରେ ସନ୍ଧ୍ୟାଧୂପ ଓ ଚତୁସମ ନୀତି ଚାଲିଥିବା ସମୟରେ ଆଜି ଡଙ୍ଗାକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଥିଲା। ବିରାଟ ପଟୁଆରରେ ହରିହରପୁରଗ୍ରାମରୁ ଦଧିବାମନ ଆସି ମନ୍ଦିରରେ ପହଞ୍ଚିଲା ପରେ ଚନ୍ଦନ ଘରୁ ଠାକୁରମାନେ ନୌକାରେ ବିଜେ ହୋଇଥିଲେ। ତାଙ୍କ ସହ ଦଧିବାମନ ଯୋଗ ଦେଇଥିଲେ। ଦକ୍ଷିଣଦ୍ୱାରରେ ମଧ୍ୟ ଲକ୍ଷ୍ମୀନାରାୟଣ ଡଙ୍ଗାରେ ବିଜେ କରିଥିଲେ । ଏହାପରେ ସମସ୍ତେ ଡଙ୍ଗାରେ ବସି ୨୧ବେଢ଼ା ପରିକ୍ରମା କରିଥିଲେ। ନୌକା ବିହାର ସମୟରେ ସହସ୍ରାଧିକ ଶ୍ରଦ୍ଧାଳୁ ପୁଷ୍କରିଣୀ ହୁଡ଼ାରେ ବସି ମାନସିକ ବାଣସହ ବିଭିନ୍ନ ପ୍ରକାର ବାଣରୋଷଣୀର ମଜା ନେଇଥିଲେ। ନୌକାବିହାର ପରେ ଠାକୁରମାନେ ଚାଳିମଣ୍ଡପକୁ ଯାଇ ଚାଳି ଭୋଗ ଖାଇବା ପରେ ଗ୍ରାମ ପରିକ୍ରମା କରି ବିଳମ୍ବିତ ରାତିରେ ମନ୍ଦିରକୁ ଫେରିଥିଲେ। ଏହି ଯାତ୍ରାରେ ଶତାଧିକ ସେବାୟତଙ୍କ ସହିତ ବହୁ ସଂଖ୍ୟାକ ଭକ୍ତ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ ପରିଚାଳନା କରିଥିଲେ। ମନ୍ଦିର ପରିଚ୍ଛା ତୋଷବନ୍ତ କର, ସୁନିଲ କୁମାର ବଡ଼ପଣ୍ଡା, ଶିବ ପ୍ରସାଦ ପଶୁପାଳକ, ଧୀରେନ୍ଦ୍ର ମହାପାତ୍ର, ଟିଙ୍କିଲ ପ୍ରତିହାରୀ, ଟୁକୁ ମହାପାତ୍ର, ସେବାୟତ ସଞ୍ଜୟ ମହାପାତ୍ର, ଚିତ୍ତରଞ୍ଜନ ମହାପାତ୍ର, ଶିଖର ଗାଆଣ, ଦିଲ୍ଲୀପ ଡାକୁଆ, ପ୍ରଭାତ କୁମାର ବଡ଼ପଣ୍ଡା, ଭାଗୀରଥି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

### ଓଡ଼ଗାଁରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଓଡ଼ଗାଁ,୧୩।୫(ସ୍ୱ.ପ୍ର.)**

ସ୍ଥାନୀୟ ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଋଣ ବାବଦ ୨୯୪ ମାମଲାରୁ ୬ଟିର ଫଇସଲା କରାଯାଇ ୩ ଲକ୍ଷ ୨୭ ହଜାର ଟଙ୍କା ଆଦାୟ ହୋଇଛି । ସିନିୟର୍ ସିଭିଲ କୋର୍ଟରେ ୩୮ ସିଭିଲ ମାମଲା ସମାଧାନ ହୋଇଥିବା ବେଳେ ସିଭିଲ କମ ଜେଏମ୍ଏଫସି କୋର୍ଟରେ ୨୪ ସିଭିଲ ମାମଲା ସମାଧାନ ହୋଇଛି। ସେହିପରି ୩୭ ସିଭିଲ ମାମଲା ଏବଂ ଗ୍ରାମ ନ୍ୟାୟାଳୟରେ ୭ ମାମଲା ସମାଧାନ ହୋଇଛି । ଆଡିଶନାଲ ଡିଷ୍ଟ୍ରିକ ଆଣ୍ଡ ସେସନ ଜଜ ମାନସ ରଞ୍ଜନ ରଥ, ସିନିୟର ସିଭିଲ ଜଜ କମ୍ ଆସିଷ୍ଟାଣ୍ଟ ସେସନଜଜ୍ ଶିବାଶିଷ ଗିରି , ସିଭିଲଜଜ୍ ତାଲୁକ ଲିଗାଲ ସର୍ଭିସ କମିଟି ହରମୋହନ ଦାଶ, ଗ୍ରାମ୍ୟ ନ୍ୟାୟାଧିକାରୀ ସୁଧିବାଇ ଅଗ୍ରୱାଲ ମାମଲାଗୁଡ଼ିକର ସମାଧାନ କରିଥିଲେ ।

### ଦଶପଲ୍ଲା ଥାନା ପକ୍ଷରୁ ଖୋଲିଲା ଜଳଛତ୍ର

**ଦଶପଲ୍ଲା,୧୩।୫(ଡି.ଏନ୍.ଏ.)**

ଶନିବାର ଦଶପଲ୍ଲା ଥାନା ପକ୍ଷରୁ ଜଳଛତ୍ର ଖୋଲାଯାଇଛି । ଥାନା ସମ୍ମୁଖରେ ଖୋଲିଥିବା ଜଳଛତ୍ରକୁ ଆଇଆଇସି ସନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଦହିପାଣି ବଣ୍ଟନ କରାଯାଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ରାସ୍ତାରେ ଯାଉଥିବା ଲୋକେ ଓ ଥାନାକୁ ଆସୁଥିବା ଜନସାଧାରଣ ଏହାର ଫାଇଦା ନେଇ ପାରିବେ ବୋଲି ଆଇଆଇସି କହିଛନ୍ତି।

# ରାବଣ ବଧ ପରେ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ

**ଖଣ୍ଡପଡ଼ା,୧୩।୫ (ସ୍ୱ.ପ୍ର.)**



ଶ୍ରୀରାମଙ୍କ ଅଭିଷେକ ଉତ୍ସବ ଦୃଶ୍ୟରେ ଅଭିନୟ କରୁଥିବା କଳାକାର ।

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ କୃଷ୍ଣେଶ୍ୱର ପାଟଣା, ଥୋଡିଆସାହି ଗ୍ରାମର ଶ୍ରୀରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ଉତ୍ସବର ଶୁକ୍ରବାର ଥିଲା ଅନ୍ତିମ ଦିବସ । ସୀତାଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କରିଥିଲେ । ରାବଣଙ୍କ ବଂଶଧରଙ୍କ ମୃତ୍ୟୁ ସହଜ ନୁହେଁ ବୋଲି ରାମ ଲକ୍ଷ୍ମଣ ଜାଣିପାରିଥିଲେ । ତେଣୁ ରାବଣଙ୍କ ଭାଇ ବୀଭିଷଣଙ୍କ ନିକଟରୁ ମୃତ୍ୟୁର ଉପାୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରାବଣ ବଂଶର ବହୁ ଅସୁରଙ୍କୁ ନିପାତ କରିଥିଲେ । ରାମଲୀଳା ନାଟକର ଉଦ୍‌ଯାପନୀ ରାତିରେ ଲକ୍ଷ୍ମଣଙ୍କ ଦ୍ୱାରା ବଧ ହୋଇଥିବା ଇନ୍ଦ୍ରଜିତଙ୍କ ମୃତ୍ୟୁ ସମ୍ପର୍କରେ ରାବଣଙ୍କଠାରୁ ଜାଣିବା ପରେ ଇନ୍ଦ୍ରଜିତଙ୍କ ପୁଅ ମହିରାବଣ ରାମ ଓ ଲକ୍ଷ୍ମଣଙ୍କୁ କଳେବଳେ କୌଶଳରେ ବଧ କରିବାକୁ ସଂକଳ୍ପ କରିଥିଲେ । ମହିରାବଣ ମାୟା ବଳରେ ନିଜକୁ ଅଦୃଶ୍ୟ କରାଇ ସୁବଳୟା ପର୍ବତରେ ଅବସ୍ଥାନ କରିଥିବା ହନୁମାନଙ୍କ ଅଷ୍ଟସେନାରେ ସାମିଲ ହୋଇଥିଲେ । ଏହାପରେ ଅଷ୍ଟସେନା ସମେତ ରାମ ଲକ୍ଷ୍ମଣଙ୍କୁ ନିଦ୍ରାରେ ମୋହିତ କରାଇ ଦୁଇଭାଇଙ୍କୁ ସେଠାରୁ ଚୋରାଇ ଆଣି ପାତାଳପୁରୀର ଏକ ପଥର ଗୁମ୍ଫାରେ ନରବଳି ଦେବା ପାଇଁ ରଖିଥିଲେ। ତେବେ ସୀତାଙ୍କ ଅଶ୍ରୁରୁ ତାରା,ତାରେଣୀ ୨ ଦେବୀ ସୃଷ୍ଟି ହୋଇ ରାମ,ଲକ୍ଷ୍ମଣଙ୍କୁ ସୁରକ୍ଷା ଦେଇଥିଲେ। ଦେବୀଙ୍କ ପାଖରେ ରାମ,ଲକ୍ଷ୍ମଣଙ୍କୁ ନରବଳି ଦେବାକୁ ଉଦ୍ୟମ ହେଉଥିବା ବେଳେ ମାୟାବୀ ମହିରାବଣଙ୍କୁ ୨ଭାଇ ବଧ କରିଥିଲେ । ପରେ ରାବଣକୁ ବଧ କରି ଅଶୋକ ବାଟିକାରୁ ସୀତାଙ୍କୁ ଉଦ୍ଧାର କରିଥିଲେ । ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇ ସ୍ତ୍ରୀ ଓ ଭାଇଙ୍କ ସହ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସିଥିଲେ । ସେଠାରେ ରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା । ପ୍ରଭୂ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ହନୁମାନ, ବିଭୀଷଣ ସହିତ ଅଭିଷେକ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଅନ୍ତିମ ରାତିରେ ଆଳତି, ହୋମ ପୂର୍ବରୁ ବିଧି ପୂର୍ବକ ରତ୍ନବେଦୀ ଉପରେ ସିଂହାସନ ସ୍ଥାପନ କରାଯାଇ ଅଭିଷେକ କରାଯାଇଥିଲା । ଏହି ରାମଲୀଳା ନାଟକ ଉପଭୋଗ କରିବାକୁ ବହୁ ଦର୍ଶକ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।

### ଖଣ୍ଡପଡ଼ା ରାମଲୀଳା ଉଦ୍‌ଯାପିତ

ରାମ, ଲକ୍ଷ୍ମଣ, ସୀତା, ଭରତ ଓ ଶତ୍ରୁଘ୍ନ ଭୂମିକାରେ ଯଥାକ୍ରମେ ସନ୍ଦିପ, ରାଜା, ଚନ୍ଦ. ନିଖିଲ ଓ ଓମ୍ ପଣ୍ଡା ଅଭିନୟ କରିଥିବା ବେଳେ ହନୁମାନ, ବିଭୀଷଣ, ରାବଣ. ଠୁଳଜଘଂ ଓ ବୀରବାହୁ ଭୂମିକାରେ ଯଥାକ୍ରମେ ନିରଞ୍ଜନ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ସାହୁ, ପ୍ରଦୀପ କୁମାର ମହାରଣା, ତପନ ଓ ପ୍ରତାପ ମହାରଣା ପ୍ରମୁଖ ଅଭିନୟ କରିଥିଲେ । ସୂଚନାଯୋଗ୍ୟ, ନୟାଗଡ଼ ଜିଲା କଣ୍ଟିଲୋରେ ଦୀର୍ଘ ବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପରା ଏବେ ବୁଡି ଯିବାକୁ ବସିଛି । କେବଳ ପରମ୍ପରାକୁ ବଞ୍ଚାଇବାକୁ ବାଧ୍ୟ ବାଧ୍ୟକତାରେ ଏହି ରାମଲୀଳା ଚାଲିଛି ବୋଲି ବହୁ ବରିଷ୍ଠ ନାଗରିକ କହିଛନ୍ତି । ନାନା ଅବ୍ୟବସ୍ଥା, ସମସ୍ୟା ଓ ଅର୍ଥାଭାବ ଏହି ପରମ୍ପରାକୁ ବଞ୍ଚାଇ ରଖିବାରେ ବାଧକ ସାଜିଛି ବୋଲି ରଘୁନାଥ ନାଟ୍ୟ ସମିତିର ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା ଓ ଉପଦେଷ୍ଟା ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ପ୍ରକାଶ କରିଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଲିଟୁ



@ ଅମିତ



@ ନିଜାମୁଦ୍ଦିନ



@ ରେନି



@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଳିକା ଉଚ୍ଚ ବିଦ୍ୟାଳୟର ଭାଙ୍ଗିଲା ପ୍ରାଚୀର

**ନୟାଗଡ଼ ଅଫିସ,୧୩।୫**

## ନିର୍ମାଣ ହେଉଛି ପରିସ୍ରାଗାର

ନୟାଗଡ଼ ଜିଲା ସଦର ମହକୁମାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମ୍ମୁଖ ପ୍ରାଚୀରକୁ ଭାଙ୍ଗି ନଡିଆ ଗଛକୁ କାଟି ସାଧାରଣ ଲୋକଙ୍କ ପାଇଁ ପିଇବା ପାଣି ଓ ପରିଶ୍ରାଗାର ପ୍ରକଳ୍ପ ନିର୍ମାଣ ଚାଲିଛି । ପ୍ରଶ୍ନ ଉଠୁଛି ଏହା ଅନ୍ୟସ୍ଥାନରେ କରା ନ ଯାଇ କାହିଁକି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କରାଯାଉଛି। ପିଇବା ପାଣି ଓ ପରିଶ୍ରାଗାର ପ୍ରକଳ୍ପ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କରାଯିବା ପରେ ଏହା ଛାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଅଭିଯୋଗ ହେଉଛି । ହେଲେ ଏହାକୁ ଅଣଦେଖା କରି ପ୍ରାଚୀର ଭାଙ୍ଗି ନିର୍ମାଣ କାର୍ଯ୍ୟ କରାଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।



ସ୍କୁଲ ପ୍ରାଚୀର ଭଙ୍ଗାଯାଇ ପରିସ୍ରାଗାର ନିର୍ମାଣ କାମ ଚାଲିଛି ।

# ବିଏଏଫ୍‌ଟିଏ ବ୍ରେକ୍ ଥ୍ରୁ ପ୍ରତିଭା ଅନ୍ୱେଷଣ

**ଭୁବନେଶ୍ୱର,୧୩।୫**

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବିଏଏଫ୍‌ଟିଏ ବ୍ରେକ୍ ଥ୍ରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନେଟ୍‌ଫ୍ଲିକ୍ସ ସହ ବିଏଏଫ୍‌ଟିଏର ବୁଝାମଣା ହୋଇଥିବା ବେଳେ ନେଟ୍‌ଫ୍ଲିକ୍ସ ୩ୟ ବର୍ଷ ପାଇଁ ବିଏଏଫ୍‌ଟିଏକୁ ସମର୍ଥନ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ୨୦୨୧ ଏବଂ ୨୦୨୨ ରେ ବିଏଏଫ୍‌ଟିଏ ବ୍ରେକ୍ ଥ୍ରୁ ଇଣ୍ଡିଆ ବ୍ୟାପକ ସଫଳତା ଓ ଲୋକପ୍ରିୟତା ହାସଲ କରିଥିଲା। ଚଳିତ ବର୍ଷ ୩ୟ ଥର ପାଇଁ ବିଏଏଫ୍‌ଟିଏ ବ୍ରେକ୍ ଥ୍ରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଆଶାୟୀ ପ୍ରତିଯୋଗୀମାନେ ୨୦୨୩ ଜୁଲାଇ ୫ ମଧ୍ୟରେ ଆବେଦନ କରିପାରିବେ। ଏ ସମ୍ପର୍କରେ ବିଏଏଫ୍‌ଟିଏର ଏକଜିକ୍ୟୁଟିଭ ନିର୍ଦ୍ଦେଶକ ଲର୍ନିଂ, ଇନ୍‌କ୍ଲୁଜନ, ପଲିସି ଓ ମେମ୍ବରଶିପ ଟିମ୍ ହଣ୍ଟର କହିଛନ୍ତି, ବ୍ରିଟେନ ସଂସ୍କୃତିରେ ଦକ୍ଷିଣ ଏସୀୟ ଗୋଷ୍ଠୀର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ସେହିଭଳି ନେଟ୍‌ଫ୍ଲିକ୍ସ ଇଣ୍ଡିଆର ଉପସଭାପତି (କଣ୍ଟେଣ୍ଟ) ମୋନିକା ସେରଗିଲ୍ କହିଛନ୍ତି, ବିଏଏଫ୍‌ଟିଏ ସହିତ ସହଭାଗିତା କରିଥିବାରୁ ଆମେ ବହୁତ ଖୁସି ।

# ଅଜିତ ପିଏନ୍‌ବି ସମ୍ବଲପୁର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ

**ଭୁବନେଶ୍ୱର,୧୩।୫**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ସମ୍ବଲପୁର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ବରିଷ୍ଠ ବ୍ୟାଙ୍କର୍ସ ଅଜିତ କୁମାର ମେହେର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଅଜିତ ରାୟପୁର ଆଞ୍ଚଳିକ କାର୍ଯ୍ୟାଳୟରେ ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୫ରେ ଅଜିତ ପିଏନ୍‌ବିରେ ଯୋଗଦେବା ସହ ମଧ୍ୟପ୍ରଦେଶ, ଓଡ଼ିଶା, ଦିଲ୍ଲୀ ଓ ଛତିଶଗଡ଼ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏପରିକି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ସେହିଭଳି ଦୀର୍ଘ ୧୪ବର୍ଷରୁ ଅଧିକ ସମୟ ଧରି ସେ ପ୍ରଶାସନିକ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି। ସେହିପରି ସମ୍ବଲପୁର ମଣ୍ଡଳର ମୁଖ୍ୟ ଭାବେ ଅଜିତ ବ୍ୟାଙ୍କର ରିଟେଲ, କୃଷି, ଏମ୍‌ଏସ୍‌ଏମ୍‌ଇ ଓ ଡିଜିଟାଲ ବ୍ୟାଙ୍କିଙ୍ଗକୁ ଗୁରୁତ୍ୱ ଦେବା ସହ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ବିଶେଷ ଧ୍ୟାନ ଦେବେ ବୋଲି ଆଶା ପ୍ରକାଶ କରାଯାଉଛି।

---


## CHIEF DISTRICT MEDICAL & PUBLIC HEALTH OFFICER, KEONJHAR

**(ZILLA SWASTHYA SAMITI (ZSS), KEONJHAR)**

**Advt. Letter No. 512** **Date: 12.05.2023**

### TENDER CALL NOTICE

No. E-104: Sealed tenders are hereby invited from the intending manufacturers or their authorized stockiest/distributors for Printing and supply of Contingency item for MDA, 2023-24. The eligible bidders may submit their tender papers on or before 01.06.2023 by 1.00 P.M. through Registered Post/Speed Post/ Courier only to the undersigned. The Technical Bid documents & Financial Bid will be opened on **02.06.2023 at 11 A.M.** The details of tender document is available in the district website: **www.kendujhar.nic.in**.

The authority will not be responsible for any postal delay. The undersigned reserves the right to reject or cancel any or all the tender without assigning any reason thereof.

**Sd./- Chief District Medical & Public Health Officer, Keonjhar**

OIPR-10033/11/0008/2324

---

## GOVT. OF ODISHA
## DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK

**E-mail ID :- exengr.mnd@gmail.com**

**'e' Procurement Notice No- MND-04/2023-24**

**No. A-125:-** The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal **www.tendersorissa.gov.in**. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

1. Nature of Work : **River Embankment & Road Work**
2. Total No. of Works : 3 (Three) works
3. Bid Identification No : MND-04/2023-24
4. Tender Cost : Rs.55.17 Lakhs to Rs.68.01 Lakhs
5. Class of Contractor : "B" Class
6. Period of completion : 9 (Nine) Months
7. Other Details : As noted below
   - a) Procurement Officer : Superintending Engineer, Mahanadi North Division-I, Jagatpur, email: exengr.mnd@gmail.com Ph:- 0671-2491546
   - b) Availability of Tender On-line for bidding : 10.00 Hours of 15.05.2023 to 17.30 Hours of 29.05.2023
   - c) Last date & time of submission of bid document : 17.30 Hours of 29.05.2023
   - d) Date, time & place of opening of Technical bid : 30.05.2023 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
   - e) Date, time & place of opening of Financial bid : After evaluation of Technical Bid
   - f) Date of Lottery (if required) : Intimated Later on.

   Further details can be seen from the Govt. website "**https://tendersodisha.gov.in**"

**Sd./- Superintending Engineer, Mahanadi North Division-I, Jagatpur**

OIPR-32003/11/0003/2324

---

## GOVERNMENT OF ODISHA
### OFFICE OF THE SUPERINTENDING ENGINEER, BIDYADHARPUR CANAL DIVISION, BIDYADHARPUR

**(E-mail Id: eebcdivision@gmail.com)**

**No. A-133** **Bid Identification No. SEBCD - 01/01 of 2023-24**

| Name of the Procurement Office | Name of Work | Bid Id No. | Tender Cost in Lakhs (Appx.) | EMD Cost | Cost of Bid Document (Online) | Availability of Tender | | Date of Opening |
|---|---|---|---|---|---|---|---|---|
| | | | | | | From | To | |
| Superintending Engineer, Bidyadharpur Canal Division, Bidyadharpur | Providing man power services for security arrangement for Salandi Dam at Hadagarh and Salandi Barrage at Bidyadharpur on contract basis through service provider for the period from June 2023 to March 2024. | SEBCD-01/ 01 of 2023-24 | 23.68 | 24000/- | 6000/- | 15.05.23 11.30 hrs. | 25.05.23 17.00 hrs. | 26.05.23 11.30 hrs. |

Further details can be seen from the Govt. website **www.odisha.gov.in / www.dowrodisha.gov.in**. Addendum/Corrigendum/Cancellation if any required will be published in Govt. website only.

**OIPR-32240/11/0002/2324** **Sd./- Superintending Engineer, Bidyadharpur Canal Division, Bidyadharpur**

---

## Office of the Notified Area Council, Barpali

**No.871/Dt.12.05.2023**

### QUOTATION CALL NOTICE

**No.C-298:-** Sealed Quotations are invited in prescribed format from the registered /reputed firm/Manufactures having up to date GST clearance certificate /PAN card etc. for supply and Installation of **MO LOVE BARPALI** in front of Subala Sahu Park with required specification mentioned in the quotation. The Quotationer shall have to quote the price unit wise including all taxes. The rate quoted documents should be submitted to the undersigned on or before 22.05.2023 up to 11.30 am during office hour through registered post/ speed post or in person drop in tender box and the same will be opened on dated 22.05.2023 at 12.30pm in presence of quotationers or their authorized representative. Beyond the date and time or any postal delay no quotation shall be entertained. The detailed specification of quotation will also be available in district website of Bargarh i.e www.bargarh.nic.in and www.barpali.nic.in. The quotationer shall have to deposit Rs.2,000/- only towards paper cost (Non-Refundable) in shape of Demand Draft in favour of Executive Officer, Barpali NAC payable at Barpali from any Nationalized bank and EMD of Rs.10,000/-(Rupees Ten Thousand) only in shape of Fixed deposit receipt duly pledged in favour of Executive Officer, Barpali NAC which is refundable. The undersigned has the right to reject whole or part of the quotation without assign any reason thereof.

**By the Order of Chairperson**

OIPR-13127/11/0002/2324 **Sd./- Executive Officer, NAC, Barpali**

---

## TENDER NOTICE FOR MEDICINES, MEDICAL CONSUMABLE & BEDDING CLOTHING ITEMS OF FMMC&H, BALASORE (2023-24)

**Bid Ref. No. 1921/S/FMMCHB** **Date: 12.05.2023**

No. E-106: FMMC&H, Balasore invites sealed tender from registered firm/Agencies/Company for Medicines, Medical consumable & Bedding clothing items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, FMMCH, Balasore by Dt.13.06.2023 upto 5 P.M. through Registered Post/Speed Post/Courier only and the same will be opened on Dt.16.06.2023, 11 A.M. at Office Chamber of Superintendent, FMMCH, Balasore. Application form as well as other details will be available and downloaded from district website **www.baleswar.nic.in / www.blsmch.nic.in**. Authority reserves every rights to reject all or any of the tender without assign any reason thereof.

**Sd./- Superintendent FMMC&H, Balasore**

OIPR-10134/11/0002/2324

---

## DEOGARH MUNICIPAL COUNCIL, DEOGARH

**eo-deogarhmncp@gov.in**

**Notice No.: 1010** **Dated: 11.05.2023**

No.C-307:- Deogarh Municipality invites online tender from experienced, competent and eligible Bidders in two envelope system for Conducting Drone Survey, Hydrographic Survey of "Rejuvenation of Water bodies" Under Jurisdiction of Deogarh Municipality" as scheduled under:-

| | |
|---|---|
| Nature of the work | Conducting Drone Survey, Hydrographic Survey |
| No of works | 2nos |
| Cost of Tender document | As per NIT |
| Last Date of Selling Tender Document | Upto 17.00Hrs. on dated 18.05.2023 |
| Last date of offline submission of Technical and Financial Bid | Up to 17.00Hrs. on dated 18.05.2023 |
| Date & time of opening of Technical Bid | At. 11.00 Hrs. on dated 20.05.2023 at Council Hall of Deogarh Municipality |
| Date & time of opening of Financial Bid | At. 11.00 Hrs. on dated 20.05.2023 at Council Hall of Deogarh Municipality |

Further details can be seen from www.deogarh.nic.in

**Sd./- Executive Officer, Deogarh Municipality**

OIPR-13088/11/0003/2324

---

## OFFICE OF THE NOTIFIED AREA COUNCIL, RAMBHA

**Rambha, NAC, Ganjam, Odisha-761028**

**Tel:06810-278336, E-mail:rambhanac123@gmail.com**

**Letter No.1179/NAC** **Dated 12.05.2023**

### REQUEST FOR PROPOSAL (RFP) FOR CONDUCTING DRONE SURVEY, HYDROGRAPHIC SURVEY FOR "REJUVENATION OF WATERBODIES" UNDER JURISDICTION OF RAMBHA NAC

**No.C-296:**Proposals are invited to conduct the assignment & submit the deliveries from public sector undertakings/ Autonomous bodies/consulting registered architectural firms that have requisite experience in CONDUCTING DRONE SURVEY, HYDROGRAPHIC SURVEY FOR "REJUVENATION OF WATERBODIES". Details of the bid document can be obtained from the office of Rambha NAC by paying the bid processing fees Rs.1000/-(Rupees one thousand) only (non refundable) during office hours on or before due dates.

The completed application as per instructions in the RFP Document should reach the following address by hand/registered post/speed post/courier latest by 5.00 P.M of 23.05.2023. The undersigned reserves the sole right to accept or reject any or all proposals without assigning any reason thereof.

| | |
|---|---|
| Cost of Bid document | Rs.1000/- (Non-refundable) (Cash/Demand Draft from any scheduled bank should be in favour of Executive Officer, RAMBHA NAC payable at Rambha. |
| Date of Selling Tender Document | From 07.00 Hrs. of 15.05.2023 upto 13.00 Hrs. of date 23.05.2023 |
| Last date of offline submission of Technical Bid | Upto 17.00 Hrs. on dated 23.05.2023 |
| Date & Time of opening of + Technical Bid | At:11.00 Hrs. on dated 24.05.2023 at Council Hall of RAMBHA NAC |
| Date & Time of Opening of Financial Bid | At 11.00 Hrs. on dated 24.05.2023 at Council Hall of Rambha NAC |
| Validity of offer | 90 days after the last date fixed for submission of Bid |

**OIPR-13114/11/0005/2324**

---

## STATE FOREST HEADQUATERS, ODISHA
### OFFICE OF THE PRINCIPAL CHIEF CONSERVATOR OF FOREST & HOFF, ODISHA

**ARANYA BHAWAN, CHANDRASEKHARPUR, BHUBANESWAR - 23**

**NOTICE No. 467/1F (FU&FP) (FU) - 114/2023**

**Dated, Bhubaneswar the 11th May, 2023**

No. MM-26: In pursuance of G.A. Department Resolution No. 23750/Gen Dt.27.08.2014, applications are invited from intended retired Administrative Officers/Establishment Officers/ SOs personnel for engagement as "Consultant" (Level 11 to 14 under ORSP Rule, 2017) in Protection & Sustainable Management (P&SM) Wing of Office of the Principal Chief Conserator of Froests & Head of Forest Forece, Odisha, with consolidated remuneration as per Govt. of Odisha, Finance Department Office Memorandum No. 24533/F dated 29.09.2022. This engagement shall be initially for a period of One Year, renewable on annual basis depending on assessment of performance. The details of engagement are available in the website of Principal Chief Conservator of Forests & Head of Forest Forece, Odisha i.e. **www.odishaforest.in/forest.odisha.gov.in w.e.f. 16.05.2023**.

The authority reserves the right to accept or reject the applications without assigning any reason thereof.

The last date for receipt of application is 24.05.2023 upto 5.30 P.M.

**Sd./- Chief Conservator of Forests (Protection & Sustainable Management)**

OIPR-08002/11/0005/2324

---

## DIRECTORATE OF EMPLOYEES' STATE INSURANCE SCHEME, ODISHA, BHUBANESWAR

**Plot No. A/122, Unit - 8, Nayapalli, Bhubaneswar - 751012**

**Ph. No. : 0674-2392497 / E-mail id: directoresis@gmail.com**

**No. 5299/DESI, FE-II-75/2023** **Dated: 12.05.2023**

### ADVERTISEMENT

**RE-ENGAGEMENT OF RETIRED GOVERNMENT PHARMACIST, STAFF NURSE, LABORATORY TECHNICIAN & RADIOGRAPHER TO WORK UNDER DIFFERENT HOSPITALS/DISPENSARIES UNDER EMPLOYEES STATE INSURANCE SCHEME, ODISHA**

No. K-03: Application in the prescribed form is invited from willing and eligible retired Government Pharmacist, Staff Nurse, Laboratory Technician & Radiographer for engagement in different Hospitals/Dispensaries under Directorate of ESI Scheme, Odisha on contractual monthly remuneration basis. Interested applicants under the age 65 years shall submit their filled-in application with requisite self-attested documents, a passport size photograph through Registered Post/Speed Post only, which should reach this Directorate on the abvoe address on or before 30.05.2023 between 5 P.M. The interested persons may download the application form from the Government website **www.odisha.gov.in** from 15.05.2023 onwards.

The authroity reserves the right to accept or reject any or all the applications without assigning any reasons thereof.

**Sd./- Director, ESI Scheme Odisha, Bhubaneswar**

OIPR-17005/11/0002/2324

---

## Government of Odisha
### Department of Agriculture & Farmers Empowerment
### Directorate of Agriculture & Food Production, Odisha, Bhubaneswar

**Notice No. DE/AGR/ 1148 / Date 12.05.2023**

No. L-28:- **Expression of Interest for empanelment/approval of Manufacturers and Make & Model of improved Implements, Equipment and Machinery relating to Agriculture, Fisheries & Animal Resource Development sector including Kisan Drones (for Agriculture use) for 2023·24, 1st phase for popularization under different schemes of Government of Odisha**

**CORRIGENDUM NO.1 TO THE NOTICE NO. DE/AGR/1072 DTD. 26.04.2023 PUBLISHED IN DIFFERENT EDITIONS OF DHARITRI, SAMBAD & TIMES OF INDIA ON 27.04.2023 IS AS FOLLOWS:**

| | | |
|---|---|---|
| 1. | Offers can be submitted online through the link: | https://forms.gle/FfyrtkmaGdSBJoMA7 or https://forms.gle/6Knh8xUVzvBwv2Gc6. |
| 2. | Last date of submission of EOI in online mode: | 5:00 PM of 24.05.2023 |
| 3. | Last date of submission of hard copies of uploaded documents: | 5:00 PM of 29.05.2023 |
| 4. | Date of opening of EoI: | At 11 :00 A.M. on 30.05.2023 |

**All other terms and conditions of the EoI remain unchanged.**

**Sd./- Development Engineer, OFMRDC, Bhubaneswar**

OIPR-01051/11/0004/2324

---

## BHUBANESWAR MUNICIPAL CORPORATION

**Phone: 0674-2432081, Mail: cfo@bmc.gov.in**

**No. 22953** **Dated: 10.05.2023**

### TENDER CALL NOTICE

No. C-310: Sealed tenders in conformity to tender schedule are invited from intending authorized registered firms, Manufacturers, suppliers having eligibility criteria as noted below, for supply of office Stationeries for Bhubaneswar Municipal Corporations as to reach the undersigned through Registered Post/Speed Post only upto 4.00 P.M. on Dt.29.05.2023. The tender documents to be obtained from the Cashier, BMC on deposit of the non-refundable cost of the tender paper, in shape of cash by Dt.26.05.2023, subjects to the fulfillment of eligibility criteria. The tenders will be opened at 5.00 P.M. on Dt.29.05.2023 in presence of the bidders or their authorised representatives in the Officer Chamber of Deputy Commissioner (Store), 3rd Floor, BMC Main Building, Satyanagar, will in no way be responsible for any delay in receipt of the tender documents. The envelope should subscribe as "Tender for supply of Office Stationeries".

| Sl. No. | Name of the Work | Cost of Tender Documents | E.M.D. | List of Materials |
|---|---|---|---|---|
| 1 | Supply of Office Stationeries | Rs.1000/- | Rs.10000/- | Annexure - A |

The tender must be accompanied with the required EMD in shape of Bank Drafts/Pay Order/Bankers Cheque from any Nationalized/Scheduled Bank drawn in favour of Commissioner,BMC, failling which the tender shall be rejected outrightly. The tender should also be accompanied with Xerox copy of valid and up-to-date ITCC, PAN Card and GST Clearance Certificate issued by Taxing Officer without which the tender are liable for outright rejection. Mere Procurement of tender document does not guarantee for fulfillment of the eligibility criteria. The authority reserves right to accept or reject any tender without assigning any reason thereof.

By Order,

**Sd./- Deputy Commissioner Bhubaneswar Municipal Corporation**

OIPR-13002/11/0034/2324

---

## GOVERNMENT OF ORISSA
### OFFICE OF THE EXECUTIVE ENGINEER, RURAL WORKS DIVISION, RAYAGADA

No.O-134

**Email: rw_rayagada@yahoo.co.in; Phone No. 06856-222188**

**E-Procurement Notice** **Bid Identification No.: EERWRGD - Online - 01/2023-24**

**No.1272 Date: 12.5.2023**

**1. Name of the work:** Construction of Building works for the year 2023-24. **2. Total No. of works:** 1 No. (Percentage rate tender). **3. Estimated Cost:** 43.80 lakhs. **4. Class of Contractor:** "B". **5. Time of Completion:** Specified in DTCN. **6. Mode of Submission of Tender:** Tender should be submitted only in online https://www.tendersodisha.gov.in. **7. Other details:** Detailed tender condition specified in DTCN.

| Procurement Officer | Bid Identification No. | No. of Works | Availability of tender On-line for bidding | | Date & Time of opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | **EERWRGD Online-01/ 2023-24** | 01 (One) No. | 20.05.2023 at 11.00 A.M. | 29.05.2023 upto 5.00 P.M. | 30.05.2023 at 11.00 A.M. |

Further details can be seen from the website **www.tendersorissa.gov.in**

OIPR-25072/11/0001/2324 **Sd./- Executive Engineer, R.W. Division, Rayagada**

---

Classified Display on Every Tuesday and Friday

---

## MADHUSUDAN DAS REGIONAL ACADEMY OF FINANCIAL MANAGEMENT

**CHANDRASEKHARPUR, BHUBANESWAR – 23,**
**TELE PHONE (0674) – 2300394**
**Website – madhusudanacademy.odisha.gov.in**
**E-Mail: mdrafm@odisha.gov.in**

### TENDER CALL NOTICE

No. S-09:- Sealed quotations are invited from interested Travel Agencies / Tour Operators / Private individuals for providing two vehicles as detailed below on hire basis in accordance with F.D. OM No.30464/F dt.06.09.2019 & No.29819/F., dt.30.11.2022 for official use in Madhusudan Das Regional Academy of Financial Management, Bhubaneswar, Odisha.

**Vehicles Details**

| Sl. No. | Type of vehicle | No. of vehicle required | Maximum Hire charges per month (excluding Fuel cost and GST) | Minimum Average Mileage in KMs per litre |
|---|---|---|---|---|
| 1. | Zest/Tigor/Swift Dzire/ Xcent/ Etios **(Its equivalent, preferably a Cuttack based vehicle & AC Petrol vehicle)** | 1(one) | Rs.26,000.00 (Twenty six thousand) | 17 (Seventeen) |
| 2. | Tiago/Bolt/Celerio (Its equivalent, preferably AC Petrol vehicle) | 1(one) | Rs.20,000.00 (Twenty thousand) | 17 (Seventeen) |

The details of terms and conditions for hiring & bidding and the bid document have been enumerated in the office website: **https://madhusudanacademy.odisha.gov.in** along with the tender call notice. The Sealed quotations completed in all respect are required to reach the undersigned by dt. 27.05.2023 by 5.00 P.M. and the received quotations will be opened on dt. 28.05.2023 at 11.00 A.M. in presence of the interested bidders. The undersigned reserves the right to reject or cancel the tender without any reason thereof.

OIPR-05004/11/0001/2324 **DIRECTOR**

---

## Office of the Notified Area Council, Barpali

**No. 775/Dt. 03.05.2023**

### SHORT QUOTATION CALL NOTICE

No.C-294:- Sealed quotations are invited from the reputed firm /organization/ agency for Hydrographic survey for restoration of the water bodies below mentioned under NAC Barpali of Bargarh District.

**1. Khajuri Bandha, 2. Kuka Bandha, 3. Karamunda Bandha, 4. Kadli Bandha, 5. Jugimunda Bandha**

The details of the requirements are given below:-

The Bid documents along with detailed specifications and eligibility criteria of the above works can be downloaded in district website of Bargarh i.e. www.bargarh.nic.in and NAC, Barpali website i.e. www.nacbarpali.in.The bidders are required to submit the Quotation in a sealed envelope superscribed as **"Tender for Hydrographic survey of water bodies"** complete in all respect which should reach at the NAC Barpali of Bargarh District on or before Dtd. 17.05.2023 by 11.30 AM either by hand or by post. The Bid documents will be **opened on Dtd 17.05.2023 at 12.30 PM** in the Office Chamber of Executive Officer, NAC Barpali. All the bidders are requested to remain present personally during Bid opening or send their authorised representative.

The following documents are to be attached without which the document will be treated as non-responsive and rejected:-

- g. **Copy of GST certificate**
- h. **PAN/TAN CARD**
- i. **Address proof**

**Award of contract:-**

The NAC, Barpali will award the contract to the successful bidder whose quotation will be determined to be substantially responsive and who will offer the lowest quotation price.

- u) The successful bidder should make Hydrographic Survey of existing water bodies in NAC, Barpali area for restoration work of water bodies.
- v) The Successful bidder should make the Bathymetric survey and submit the details of longitude, latitude of under clay level and water level, inlet and outlet etc along with 3D map of the existing water bodies.
- w) The selected bidder will bear all the cost of both the survey and submission of report along with the 3D map.
- x) The payment will be made to the successful bidder after submission of details report as per point "b" & "c" along with the bill after certification of concerned nodal officer.
- y) In case more than one bidder quoted with same lowest price for the same item & then the bid accepting authority will finalize the bid through transparent lottery system in presence of bidder or their authorized representative.
- z) The selected bidder will complete the assignment within 7(seven) days from the issue of work order.
- aa) Work order to the successful bidder will be provided by NAC, Barpali.
- bb) In case the service delivered is not satisfactory, penalty up to 25 % shall be levied from the bill amount.
- cc) The weightage will be given to the bidder who has similar type of experience.
- dd) The undersigned reserves the right to accept or reject any or all the bids without assigning reason thereof.

All the bidders are requested to specify the nature of works as mentioned above on the top of the envelope containing the bid documents.

**By the Order of Chairperson**

OIPR-13127/11/0001/2324 **Sd./- Executive Officer, NAC, Barpali**



# ୨୦୨୪ ପାଇଁ କର୍ନାଟକର ସନ୍ଦେଶ

## ମୋଦି ଅପରାଜେୟ ନୁହନ୍ତି

**ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୧୩।୫**

ଭାଜପା ଶାସିତ କର୍ନାଟକରେ କଂଗ୍ରେସର ବିପୁଳ ବିଜୟ ଗୈରିକ ଦଳ ପାଇଁ ଲଜ୍ଜାକର ସ୍ଥିତି ସୃଷ୍ଟି କରିଛି। କର୍ନାଟକ ଏପିସୋଡ୍‌ର ପ୍ରଭାବ କେବଳ ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ସୀମିତ ହୋଇ ରହିବ ନାହିଁ। ବରଂ ଆଗକୁ ହେବାକୁ ଥିବା ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ୨୦୨୪ ଲୋକ ସଭା ନିର୍ବାଚନ ଉପରେ ପଡ଼ିବ ବୋଲି ରାଜନୈତିକ ପଣ୍ଡିତମାନେ କହିବା ଆରମ୍ଭ କଲେଣି।

କଂଗ୍ରେସ ହାସଲ କରିଥିବା ଏହି ଆଶାତୀତ ସଫଳତା ପାଇଁ ଦଳକୁ ବିଗତ ଦଶନ୍ଧିରେ ବହୁ ସଂଘର୍ଷ କରିବାକୁ ପଡ଼ିଛି। ଏଥର କଂଗ୍ରେସ ଏକ ଶୃଙ୍ଖଳିତ ପ୍ରଚାର ଆରମ୍ଭ କରିଥିଲା। ସାଙ୍ଗଠନିକ ବଳକୁ ବୃଦ୍ଧି କରିବା ଲାଗି ପ୍ରତି ସ୍ତରରେ ଜୋର୍ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ସରକାର ଅମଳରେ ହୋଇଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ପାଇଁ କଂଗ୍ରେସ ସ୍ଥାନୀୟ ନେତାଙ୍କୁ ଗୁରୁତ୍ୱ ଦେଇଥିଲା। ଦଳର କେନ୍ଦ୍ରୀୟ ନେତାମାନେ ପରେ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ, କିନ୍ତୁ ସେମାନେ କ୍ୟାମ୍ପେନ୍‌କୁ ହାଇଜ୍ୟାକ୍ କରି ନ ଥିଲେ। ଏହାବାଦ୍ ବାରମ୍ବାର ସରକାର ବଦଳୁଥିବା ରାଜ୍ୟରେ ସ୍ଥିର ଶାସନ ପ୍ରଦାନ ଭଳି ଉପଯୁକ୍ତ ଓ ବାସ୍ତବବାଦୀ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ମନ ଜିଣିଥିଲା କଂଗ୍ରେସ। ଅନ୍ୟପକ୍ଷେ ୨୦୧୯ରେ ସରକାର ଗଢ଼ିବା ପାଇଁ ଭାଜପା ଦଳବଦଳକାରୀଙ୍କୁ ପ୍ରଲୋଭିତ କରିଥିଲା। ଏଥର ନିର୍ବାଚନ ବେଳେ ବୋମାଇ ସରକାର ଲୋକପ୍ରିୟତା ହରାଇସାରିଥିଲେ। ଫଳରେ ଭାଜପା ସାମ୍ପ୍ରଦାୟିକ ଧ୍ରୁବୀକରଣ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଥିଲା। ବିଶ୍ୱସନୀୟତା ଥିବା ଭଳି କୌଣସି ନେତାଙ୍କୁ ଉପସ୍ଥାପିତ କରିବାରେ ଭାଜପା ବିଫଳ ହୋଇଥିଲା।

ଅନ୍ୟପକ୍ଷେ କଂଗ୍ରେସର ବିଜୟ ପାଇଁ ସିଦ୍ଧାରାମାୟା ଏବଂ ଡି.କେ. ଶିବକୁମାରଙ୍କୁ ଶ୍ରେୟ ଦିଆଯାଉଥିବାବେଳେ ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା'ର ମଧ୍ୟ ଏହି ସଫଳତା ପାଇଁ ଅନେକାଂଶରେ ଅବଦାନ ରହିଛି। ଛତିଶଗଡ଼, ରାଜସ୍ଥାନ ଓ ହିମାଚଳ ପ୍ରଦେଶରେ ପୂର୍ବରୁ କଂଗ୍ରେସ ସରକାର ଚାଲିଥିବାବେଳେ କର୍ନାଟକର ବିଜୟ ଦଳୀୟ କର୍ମୀଙ୍କ ମନରେ ନୂଆ ଉତ୍ସାହ ଭରିଦେଇଛି। ଆଗାମୀ ଦିନରେ ଏହା ବଜାୟ ରହିଲେ ପ୍ରଧାନମନ୍ତ୍ରୀ ମୋଦି ଅପରାଜେୟ ହୋଇ ରହିବେ ନାହିଁ ଏବଂ ୨୦୨୪ ଲୋକ ସଭା ନିର୍ବାଚନ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି କୁହାଯାଉଛି।

# ମୁଖ୍ୟମନ୍ତ୍ରୀ ଦୌଡ଼ରେ ଶିବକୁମାର, ସିଦ୍ଧାରାମାୟା

**ବେଙ୍ଗାଲୁରୁ, ୧୩।୫**

କର୍ନାଟକ ବିଧାନସଭା ନିର୍ବାଚନରେ ଆଶାତୀତ ସଫଳତା ହାସଲ କରି ସରକାର ଗଠନ ପାଇଁ ଅଣ୍ଟା ଭିଡ଼ିଲାଣି କଂଗ୍ରେସ। ତେବେ ଦଳର ଦୁଇ ଷ୍ଟଲୱାର୍ଟ ଡି.କେ. ଶିବକୁମାର ଏବଂ ସିଦ୍ଧାରାମାୟାଙ୍କ ମଧ୍ୟରୁ କିଏ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବେ ତା' ଉପରେ ଏବେ ସମସ୍ତଙ୍କ ନଜର।

ମୁଖ୍ୟମନ୍ତ୍ରୀ ଚୌକି ଉପରେ ଦୃଷ୍ଟି ରଖିଥିବା କର୍ନାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଏବଂ ବିରୋଧୀ ଦଳ ନେତା ସିଦ୍ଧାରାମାୟା ବର୍ତ୍ତମାନ ଦଳୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସିଦ୍ଧାରାମାୟା କହିଛନ୍ତି, ହାଇକମାଣ୍ଡ ପର୍ଯ୍ୟବେକ୍ଷକମାନଙ୍କୁ ପଠାଇ ନବନିର୍ବାଚିତ ବିଧାୟକମାନଙ୍କ ମତାମତ ନେବା ପରେ ଏହା ଉପରେ ବିଚାରବିମର୍ଶ କରି ନିଷ୍ପତ୍ତି ନେବେ। ଶିବକୁମାର ମଧ୍ୟ ନିଷ୍ପତ୍ତି ହାଇକମାଣ୍ଡଙ୍କ ଉପରେ ଛାଡ଼ିଦେଇଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ଦୁଇ ପୁରୁଖା ନେତାଙ୍କ ପାଇଁ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ୫୦:୫୦ ସୂତ୍ର ଆପଣାଇବେ। ଆଗକୁ ୨୦୨୪ ଲୋକ ସଭା ନିର୍ବାଚନ ଥିବାରୁ ଦୁହିଁଙ୍କ ମଧ୍ୟରୁ କାହାକୁ ଦଳ ଅସନ୍ତୁଷ୍ଟ କରିବାକୁ ଚାହିଁବ ନାହିଁ।



ଡି.କେ. ଶିବକୁମାର

ଅହିନ୍ଦ (ଅଳ୍ପସଂଖ୍ୟକ, ହିନ୍ଦୁଳିଦା ଓ ଦଳିତ)ଙ୍କ ନେତା ଭାବେ ପରିଚିତ ସିଦ୍ଧାରାମାୟା ଦଳ ପାଇଁ ନୀତି ନିର୍ଦ୍ଧାରଣ ଏବଂ ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବଡ଼ ସମାଲୋଚକ ଭାବେ ମଧ୍ୟ ସିଦ୍ଧାରାମାୟା ଜଣାଶୁଣା।

ରାଜ୍ୟରେ ଭାଜପା ପକ୍ଷରୁ ଅପରେଶନ କମଳ ଜରିଆରେ ବିଧାୟକ ଶିକାର ଚାଲିଥିବାବେଳେ କଂଗ୍ରେସକୁ ସଙ୍କଟ ସମୟରେ ରକ୍ଷା କରିଥିଲେ ଶିବକୁମାର। ସେ ଦଳକୁ ସଙ୍ଗଠିତ କରିବା ସହ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିଥିଲେ। ଭୋକାଲିଙ୍ଗା ନେତା ଶିବକୁମାର ନିଜ ସମ୍ପ୍ରଦାୟର ଭୋଟରଙ୍କୁ କଂଗ୍ରେସ ପଟକୁ ଟାଣିବାରେ ସଫଳ ହୋଇଛନ୍ତି।

## ୨୦୨୪ରେ କଂଗ୍ରେସର ବିଜୟ ପାଇଁ କର୍ନାଟକ ଫଳାଫଳ ଆଧାର ସୋପାନ: ସିଦ୍ଧାରାମାୟା

କର୍ନାଟକ ବିଧାନସଭା ନିର୍ବାଚନ ଫଳାଫଳ ୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ବିଜୟ ପାଇଁ ଆଧାର ସୋପାନ ବୋଲି ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା କହିଛନ୍ତି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି। କର୍ନାଟକ ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଜନାଦେଶ ବୋଲି ସିଦ୍ଧାରାମାୟା କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ବରୁଣ ଆସନରେ ଭାଜପା ମନ୍ତ୍ରୀ ଭି. ସୋମନ୍ନାଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି।



## ପରିବର୍ତ୍ତନ ପାଇଁ ଜନାଦେଶ



"କର୍ନାଟକ ଜନସାଧାରଣ ସାମ୍ପ୍ରଦାୟିକ ରାଜନୀତି ପରିବର୍ତ୍ତେ ବିକାଶର ରାଜନୀତିକୁ ବାଛିଛନ୍ତି। ଆଗକୁ ହେବାକୁ ଥିବା ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଏହାର ପୁନରାବୃତ୍ତି ହେବ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ନିର୍ବାଚନକୁ ପ୍ରଭାବିତ କରିଛି।

**- ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



"କର୍ନାଟକ ଜନାଦେଶ ପରିବର୍ତ୍ତନ ସପକ୍ଷରେ ଆସିଥିବାରୁ ରାଜ୍ୟବାସୀଙ୍କୁ ସାଲ୍ୟୁଟ୍ କରୁଛି। କ୍ରୁର କର୍ତ୍ତୃତ୍ୱ ଏବଂ ବହୁସଂଖ୍ୟକବାଦୀ ରାଜନୀତିର ପରାଜୟ ହୋଇଛି। ଜନସାଧାରଣ ବହୁଳବାଦ ଓ ଗଣତାନ୍ତ୍ରିକ ଶକ୍ତିର ବିଜୟ ଚାହିଁଛନ୍ତି। ଏହା ଆସନ୍ତାକାଲି ପାଇଁ ଶିକ୍ଷା।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"କର୍ନାଟକ ନିର୍ବାଚନରେ ବିଫଳତା ପରେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଲାଗି ଅନୁମତି ଦେବାକୁ ସାହସ ଜୁଟାଇବାକୁ ଭାଜପା ପାଖରେ ଉପାୟ ନାହିଁ।

**-ଓମାର ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ନେତା**



"କର୍ନାଟକ ଫଳାଫଳ ଆଶାର କିରଣ। ଅବଶିଷ୍ଟ ରାଜ୍ୟ ସାମ୍ପ୍ରଦାୟିକ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ବିକାଶ ଓ ସମୃଦ୍ଧି ପାଇଁ ଭୋଟ ଦେବେ ବୋଲି ଆଶା କରୁଛି।

**- ମେହବୁବା ମୁଫ୍‌ତି, ପିଡିପି ଅଧ୍ୟକ୍ଷା**



"କର୍ନାଟକ ଜନସାଧାରଣ ଭାଜପାକୁ ବହୁ ବର୍ଷ ସେବା କରିବାର ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା କର୍ନାଟକ ଓ ଏହାର ଜନସାଧାରଣଙ୍କ କଲ୍ୟାଣ ପାଇଁ କାର୍ଯ୍ୟ ଜାରି ରଖିବ।

**- ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



କର୍ନାଟକରେ କଂଗ୍ରେସର ସଫଳତା ପରେ ପାଟନାସ୍ଥିତ ଦଳୀୟ ମୁଖ୍ୟାଳୟରେ କର୍ମୀମାନେ ଉତ୍ସବ ମନାଉଛନ୍ତି।

# ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରାର ପ୍ରଭାବ

## ୨୦ରୁ ୧୫ ଆସନରେ କଂଗ୍ରେସ

କର୍ନାଟକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' (ବିଜେୱାଇ) ବେଳେ ପଦଯାତ୍ରା କରିଥିବା ୨୦ ଆସନ ମଧ୍ୟରୁ ୧୫ଟିରେ ଦଳକୁ ସଫଳତା ମିଳିଛି। ଗତବର୍ଷ ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ 'ଭାରତ ଯୋଡ଼ୋ ଯାତ୍ରା' ଆରମ୍ଭ ହୋଇଥିଲା। କେରଳ ପରେ ସେପ୍ଟେମ୍ବର ୩୦ରେ ଏହି ପଦଯାତ୍ରା କର୍ନାଟକରେ ପ୍ରବେଶ କରିଥିଲା। ଅକ୍ଟୋବର ୧୯ ସୁଦ୍ଧା ଏହା ୭ ଜିଲାର ୫୧୧ କି.ମି. ଅତିକ୍ରମ କରିଥିଲା। ଅକ୍ଟୋବର ୬ରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇଥିଲେ। ତେଣୁ ୧୫ ଆସନରେ ଏହାର ପ୍ରଭାବ ପଡ଼ିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।



## ଘୃଣାର ବଜାର ବନ୍ଦ, ପ୍ରେମର ଦୋକାନ ଖୋଲିଲା: ରାହୁଲ

କର୍ନାଟକରେ କଂଗ୍ରେସକୁ ମିଳିଥିବା ଅଭୂତପୂର୍ବ ସଫଳତାକୁ ନେତା ରାହୁଲ ଗାନ୍ଧୀ ପ୍ରଶଂସା କରିଛନ୍ତି। ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ସନ୍ତୋଷଜନକ। ଏହା ହେଉଛି ଘୃଣା ଉପରେ ପ୍ରେମର ବିଜୟ। ଘୃଣାର ବଜାର ବନ୍ଦ ହୋଇଗଲା। ଏବେ ପ୍ରେମର ଦୋକାନ ଖୋଲିଲା। ଗରିବଙ୍କ ଶକ୍ତି ଆଗରେ ପୁଞ୍ଜିପତିଙ୍କ କ୍ଷମତା ତୁଚ୍ଛ ହୋଇଯାଇଛି। ଆଗକୁ ମଧ୍ୟ ସମସ୍ତ ରାଜ୍ୟରେ ଏହାର ପୁନରାବୃତ୍ତି ହେବାକୁ ଯାଉଛି ବୋଲି ରାହୁଲ କହିଛନ୍ତି। ଏହି ଅବସରରେ ସେ କର୍ନାଟକ ଜନସାଧାରଣ, ନେତା ଓ କର୍ମୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ମୋଦିଙ୍କୁ ପ୍ରତ୍ୟାଖ୍ୟାନ କରିଛି କର୍ନାଟକ: ପାୱାର

କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କରିଥିବାରୁ ଏହା ୨୦୨୪ ଲୋକ ସଭା ନିର୍ବାଚନ ସ୍ଥିତିର ସଙ୍କେତ ବହନ କରୁଛି ବୋଲି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି। କର୍ନାଟକ ନିର୍ବାଚନ ଫଳାଫଳର ଧାରା ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଜାରି ରହିବ। ଭାଜପାକୁ ପରାଜିତ କରିବା ଆମର ଲକ୍ଷ୍ୟ। ଗୈରିକ ଦଳ କେରଳ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଝାଡ଼ଖଣ୍ଡ, ପଞ୍ଜାବ, ପଶ୍ଚିମବଙ୍ଗରେ କ୍ଷମତାରେ ନାହିଁ ବୋଲି ପାୱାର କହିଥିଲେ। 'ମୋଦି ହୈ ତୋ ମୁମ୍‌କିନ୍ ହୈ' ସ୍ଲୋଗାନକୁ କର୍ନାଟକ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା କର୍ନାଟକ ନିର୍ବାଚନକୁ ପ୍ରଭାବିତ କରିଛି। ଜଣେ ବ୍ୟକ୍ତି ସବୁ କ୍ଷମତା ଡୋରିକୁ ଧରି ରଖିବା ତାଙ୍କୁ ଲୋକେ ଗ୍ରହଣ କରି ନ ଥିବା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଥିବା ଏନ୍‌ସିପି ଅଧ୍ୟକ୍ଷ କହିଛନ୍ତି।



ଶରଦ ପାୱାର

# ଭାଜପାର କୁଶାସନ ବିରୋଧରେ ଜନାଦେଶ: ଖାର୍ଗେ

କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ଶ୍ରେଷ୍ଠ ପ୍ରଦର୍ଶନ ଜନତା ଜନାର୍ଦ୍ଦନଙ୍କ ବିଜୟ ବୋଲି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ରାଜ୍ୟରେ ଭାଜପାର କୁଶାସନ ବିରୋଧରେ ଜନସାଧାରଣ ଭୋଟ ଦେଇଛନ୍ତି। କର୍ନାଟକରେ କଂଗ୍ରେସକୁ କ୍ଷମତାକୁ ଫେରାଇ ଆଣିବାର ଶ୍ରେୟ ଖାର୍ଗେ ରାଜ୍ୟବାସୀଙ୍କୁ ଦେଇଛନ୍ତି। ଜନସାଧାରଣ ସ୍ୱତଃ ଆଗେଇଆସି ଆମକୁ ସମର୍ଥନ କରିଛନ୍ତି। କୁଶାସନ ବିରୋଧରେ ସେମାନେ ଭୋଟ ଦେଇଛନ୍ତି। ଏଥିରୁ କର୍ନାଟକ ଭୋଟର ସଚେତନ ଥିବା ସ୍ପଷ୍ଟ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଅନେକ କେନ୍ଦ୍ରମନ୍ତ୍ରୀ ଓ ଭାଜପା ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ପ୍ରଚାର, ଅର୍ଥବଳ, ବାହୁବଳ ସତ୍ତ୍ୱେ ଜନସାଧାରଣ ଏକ ହୋଇ କଂଗ୍ରେସକୁ ଭୋଟ ଦେଇଛନ୍ତି। କଂଗ୍ରେସ ଦେଇଥିବା ସମସ୍ତ ନିର୍ବାଚନୀ ପ୍ରତିଶ୍ରୁତି ନିଶ୍ଚୟ ପାଳନ କରାଯିବ ବୋଲି ସେ କହିଛନ୍ତି।



# 'ଭାରତକୁ ଯୋଡ଼ିବା ରାଜନୀତିର ବିଜୟ'

କଂଗ୍ରେସର ସଫଳତା ପାଇଁ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାଜ୍ୟବାସୀଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଭାରତକୁ ଯୋଡ଼ିବା ରାଜନୀତିର ବିଜୟ ବୋଲି ସେ କହିଛନ୍ତି। ଏହା ଜନସାଧାରଣଙ୍କ ପ୍ରସଙ୍ଗର ବିଜୟ ଏବଂ କର୍ନାଟକ ବିକାଶର ପ୍ରାଥମିକତା। ଦଳୀୟ ନେତା ଓ କର୍ମୀମାନଙ୍କ କଠିନ ପରିଶ୍ରମ ପାଇଁ ସର୍ବଶ୍ରେଷ୍ଠ ଫଳାଫଳ ମିଳିଲା ବୋଲି ପ୍ରିୟଙ୍କା କହିଛନ୍ତି।



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

# ନୋଟାକୁ ୨.୬ ଲକ୍ଷ ଭୋଟ

କର୍ନାଟକ ବିଧାନସଭା ନିର୍ବାଚନରେ ନୋଟା (ନନ୍ ଅଫ୍ ଦି ଏବଭ)କୁ ୨.୬ ଲକ୍ଷରୁ ଅଧିକ ଭୋଟ ମିଳିଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଶନିବାର ଅପରାହ୍ନ ୩ଟା ୩୦ ସୁଦ୍ଧା ହୋଇଥିବା ଗଣତି ଅନୁଯାୟୀ ନୋଟାକୁ ୨,୫୯,୨୭୮ ଖଣ୍ଡ ଭୋଟ ମିଳିଛି, ଯାହା ମୋଟ ଭୋଟ୍‌ର ୦.୭ ପ୍ରତିଶତ। ୨୦୧୩ରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ନୋଟାକୁ ଏକ ବିକଳ୍ପ ଭାବେ ଆରମ୍ଭ କରାଯାଇଥିଲା। ଭୋଟରଙ୍କର କୌଣସି ପ୍ରାର୍ଥୀ ପସନ୍ଦ ନ ଥିଲେ ସେମାନେ ନୋଟା ବଟନ୍ ଟିପି ପାରିବେ।

# ଉପନିର୍ବାଚନ: ଜଳନ୍ଧରରେ ଏଏପି ବିଜୟୀ

## ୟୁପିରେ ଅପ୍‌ନା ଦଳ-ଏସ୍, ମେଘାଳୟରେ ୟୁଡିପି ଜିତିଲା

**ନୂଆଦିଲ୍ଲୀ, ୧୩।୫**

ପଞ୍ଜାବର ଜଳନ୍ଧର ଲୋକ ସଭା ଆସନ ସମେତ ଓଡ଼ିଶାର ଝାରସୁଗୁଡ଼ା, ଉତ୍ତରପ୍ରଦେଶର ଛାନ୍‌ବି ଏବଂ ସୁଆର ଏବଂ ମେଘାଳୟର ସୋହିଓଙ୍ଗ୍ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଛି। ଜଳନ୍ଧର ଲୋକ ସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପ୍ରାର୍ଥୀ ସୁଶୀଲ କୁମାର ରିଙ୍କୁ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ୫୮,୬୯୧ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ୩,୦୨,୨୭୯ ଖଣ୍ଡ ଭୋଟ ମିଳିଥିବାବେଳେ କଂଗ୍ରେସ ପ୍ରାର୍ଥୀ କରମଜିତ୍ କୌର ଚୌଧରୀଙ୍କୁ ୨,୪୩,୫୮୮ ଖଣ୍ଡ ଭୋଟ ମିଳିଛି। ଶିରୋମଣି ଅକାଳୀ ଦଳ-ବହୁଜନ ସମାଜ ପାର୍ଟିର ମିଳିତ ପ୍ରାର୍ଥୀ ୧,୫୮,୪୪୫ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିବାବେଳେ ଭାଜପା ପ୍ରାର୍ଥୀ ଇନ୍ଦର ଇକ୍‌ବାଲ ସିଂଙ୍କୁ ୧,୩୪,୮୦୦ ଭୋଟ ମିଳିଛି। ଉପନିର୍ବାଚନରେ ଏଏପିର ବିଜୟ କଂଗ୍ରେସକୁ ବଡ଼ ଝଟ୍‌କା ହୋଇଛି। କାରଣ ୫ ଦଶନ୍ଧି ମଧ୍ୟରେ ଏହି ଦଳ ମାତ୍ର ୪ ଥର ପରାଜିତ ହୋଇଥିଲା। କଂଗ୍ରେସ ଏମ୍‌ପି ସନ୍ତୋଖ ସିଂ ଚୌଧରୀଙ୍କ ପରଲୋକ ଯୋଗୁ ଜଳନ୍ଧର ଆସନ ଲାଗି ଉପନିର୍ବାଚନ ଆବଶ୍ୟକ ହୋଇଥିଲା। ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ କୁମାର ଗତ ଏପ୍ରିଲ ୫ରେ ଏଏପିରେ ସାମିଲ ହୋଇ ପ୍ରାର୍ଥୀ ହୋଇଥିଲେ।

ଓଡ଼ିଶାର ଝାରସୁଗୁଡ଼ା ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଟଙ୍କଧର ତ୍ରିପାଠୀଙ୍କଠାରୁ ୪୮ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଦୀପାଳିଙ୍କୁ ୧,୦୭,୧୯୮ ଭୋଟ ମିଳିଥିବାବେଳେ ଟଙ୍କଧରଙ୍କୁ ୫୮,୪୭୭ ଏବଂ କଂଗ୍ରେସ ପ୍ରାର୍ଥୀଙ୍କୁ ୪,୪୯୬ ଖଣ୍ଡ ଭୋଟ ମିଳିଛି।

ଉତ୍ତରପ୍ରଦେଶର ମିର୍ଜାପୁର ଜିଲା ଅନ୍ତର୍ଗତ ଛାନ୍‌ବି ଆସନରେ ଭାଜପା ସହଯୋଗୀ ଅପ୍‌ନା ଦଳ-ଏସ୍ ବିଜୟୀ ହୋଇଛି। ଏହି ଦଳର ପ୍ରାର୍ଥୀ ରିଙ୍କି କୋଲ୍ ସମାଜବାଦୀ ପାର୍ଟି ପ୍ରାର୍ଥୀ କୀର୍ତ୍ତି କୋଲ୍‌ଙ୍କୁ ୯,୫୮୯ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଅପ୍‌ନା ଦଳ ବିଧାୟକ ରାହୁଲ କୋଲ୍‌ଙ୍କ ପରଲୋକ ଯୋଗୁ ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ସୁଅର ବିଧାନସଭା ଆସନରେ ଅନୁଷ୍ଠିତ ଉପନିର୍ବାଚନରେ ଅପ୍‌ନା ଦଳ-ଏସ୍ ପ୍ରାର୍ଥୀ ଶଫିକ୍ ଅହମଦ ଅନସାରୀ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟିର ଅନୁରାଧା ଚୌହାନଙ୍କୁ ୮,୭୨୪ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଶଫିକ୍‌ଙ୍କୁ ୬୮,୬୩୦ ଭୋଟ ମିଳିଥିବାବେଳେ ଅନୁରାଧା ୫୯,୯୦୬ ଖଣ୍ଡ ଭୋଟ ପାଇଛନ୍ତି। ୧୫ ବର୍ଷ ପୁରୁଣା ଏକ ମାମଲାରେ ଆଜମ ଖାନ୍‌ଙ୍କ ପୁଅ ଅବଦୁଲ୍ଲା ଆଜମ ଖାନ୍ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କ ସଭ୍ୟ ପଦ ରଦ୍ଦ ହେବାରୁ ସେଠାରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା।

ମେଘାଳୟର ସୋହିଓଙ୍ଗ ବିଧାନସଭା ଆସନରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି) ପ୍ରାର୍ଥୀ ସିନ୍‌ଶାର କୁପାର ରାୟ ଥାବାହ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତଦ୍ୱନ୍ଦ୍ୱୀ ଏନ୍‌ପିପି ପ୍ରାର୍ଥୀଙ୍କୁ ୩,୪୦୦ରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। ଗତ ଫେବୃୟାରୀରେ ୨୭ରେ ମେଘାଳୟ ବିଧାନସଭା ନିର୍ବାଚନ ପୂର୍ବରୁ ୟୁଡିପି ପ୍ରାର୍ଥୀ ଏଚ୍‌ଡିଆର୍ ଲିଙ୍ଗଡୋଙ୍କ ପରଲୋକ ଘଟିବାରୁ ସେଠାରେ ମତଦାନ ବନ୍ଦ ରହିଥିଲା। ସେଥିପାଇଁ ଉକ୍ତ ଆସନରେ ମେ' ୧୦ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଆସନ ସହ ୬୦ ଆସନ ବିଶିଷ୍ଟ ମେଘାଳୟ ବିଧାନସଭାରେ ୟୁଡିପି ବିଧାୟକଙ୍କ ସଂଖ୍ୟା ୧୨ରେ ପହଞ୍ଚିଥିବାବେଳେ ଏନ୍‌ପିପି ବିଧାୟକଙ୍କ ସଂଖ୍ୟା ୨୮ ରହିଛି।



ଜଳନ୍ଧର ଲୋକ ସଭା ଆସନରେ ବିଜୟୀ ଏଏପି ପ୍ରାର୍ଥୀ ସୁଶୀଲ କୁମାର ରିଙ୍କୁ।

## ବେଲୁଚିସ୍ତାନରେ ୬ ଆତଙ୍କବାଦୀ ନିହତ

ବେଲୁଚିସ୍ତାନର ମୁସ୍‌ଲିମ ବାଘ୍ ଟାଉନ୍‌ରେ ସେନା ଗୁଳିରେ ୬ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଶନିବାର ସକାଳେ ମୁସଲିମ ବାଘ୍‌ରେ ଥିବା କ୍ୟାମ୍ପ ଉପରକୁ ଆତଙ୍କବାଦୀ ଆକ୍ରମଣ କରିଥିଲେ। ପରବର୍ତ୍ତୀ ସମୟରେ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଏଥିରେ ୬ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ଆତଙ୍କବାଦୀଙ୍କ ଆକ୍ରମଣରେ ୨ ସେନା ଅଧିକାରୀ ପ୍ରାଣ ହରାଇଛନ୍ତି।

## ସଂକ୍ଷେପରେ

### କାନାଡାରେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ଟରୋଣ୍ଟୋ, ୧୩।୫:** କାନାଡାର ଟରୋଣ୍ଟୋରେ ଭାରତୀୟ ଛାତ୍ର ଆୟୁଷ ଧନକରଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ତାଙ୍କ ମୃତଦେହ ଗୁଜରାଟରେ ପହଞ୍ଚିଛି। ଗତ ୫ ତାରିଖରୁ ସେ ନିଖୋଜ ଥିଲେ। ପରେ ୭ ତାରିଖରେ ଏକ ବ୍ରିଜ୍ ତଳୁ ତାଙ୍କ ମୃତଦେହ ମିଳିଥିଲା। ଆୟୁଷ ଗୁଜରାଟ ପୋଲିସ ଡିଏନ୍‌ପି ରମେଶ ଧନକରଙ୍କ ପୁଅ। ଆୟୁଷ ୟର୍କ ୟୁନିଭର୍ସିଟିରେ ପାଠ ପଢୁଥିଲେ।

### ଅଭିନେତ୍ରୀ ତୁନିଶା ଶର୍ମା ଆତ୍ମହତ୍ୟା କରିଥିବା ଷ୍ଟୁଡିଓ ଜଳିଗଲା

**ମୁମ୍ବାଇ, ୧୩।୫:** ମହାରାଷ୍ଟ୍ର ପାଲଘର ଜିଲା କାମନରେ ଥିବା ଭଜନଲାଲ ଷ୍ଟୁଡିଓ ଜଳିଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଷ୍ଟୁଡିଓରେ ନିଆଁ ଲାଗିଥିବାବେଳେ ଏହାର କାରଣ ଜଣାପଡ଼ି ନ ଥିବା ଅଗ୍ନିଶମ ବିଭାଗ କହିଛି। ସୂଚନାଯୋଗ୍ୟ ଏହି ଷ୍ଟୁଡିଓରେ ସିରିଏଲ୍ ଅଲି ବାବା: ଦାସ୍ତାଏ କବୁଲ ଅଭିନେତ୍ରୀ ତୁନିଶା ଶର୍ମା ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ନେଇ ଅଭିନେତ୍ରୀଙ୍କ ପୂର୍ବତନ ବୟଫ୍ରେଣ୍ଡ ଶୀଜାନଙ୍କୁ ପୋଲିସ ଗିରଫ କରିଥିଲା। ମାର୍ଚ୍ଚ ୫ରେ ସେ ଜାମିନରେ ମୁକୁଳିଛନ୍ତି।

### ପାକ୍ ଜେଲରୁ ମୁକୁଳିଲେ ୧୯୮ ଭାରତୀୟ ମତ୍ସ୍ୟଜୀବୀ

**କରାଚୀ, ୧୩।୫:** ୧୯୮ ଭାରତୀୟ ମତ୍ସ୍ୟଜୀବୀ ପାକିସ୍ତାନ ଜେଲରୁ ମୁକ୍ତ ହୋଇଛନ୍ତି। ଗୁରୁବାର କରାଚୀସ୍ଥିତ ମାଲିର ଜେଲରୁ ସେମାନଙ୍କୁ ଛଡ଼ାଯାଇଛି। ମତ୍ସ୍ୟଜୀବୀଙ୍କୁ ୱାଘା ବର୍ଡରରେ ଭାରତୀୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ମାଛ ଧରିବାକୁ ନେଇ ପାକ୍ ପ୍ରଶାସନ ସେମାନଙ୍କୁ ଗିରଫ କରିଥିଲା। ଜୁନ୍ ଓ ଜୁଲାଇରେ ପାକ୍ ଜେଲରେ ବନ୍ଦଥିବା ଅନ୍ୟ ମତ୍ସ୍ୟଜୀବୀଙ୍କୁ ଭାରତ ପଠାଯିବ ବୋଲି ଜେଲ ସୁପରିଟେଣ୍ଡେଣ୍ଟ ନାଜିର ଟୁନିଓ ସୂଚନା ଦେଇଛନ୍ତି।

# ବାଂଲାଦେଶରେ ହାଇଆଲର୍ଟ

## ଆଜି ଲ୍ୟାଣ୍ଡଫଲ୍ କରିବ ମୋଚା

ଢାକା, ୧୩।୫

ବାତ୍ୟା ମୋଚାକୁ ନେଇ ପଡ଼ୋଶୀ ଦେଶ ବାଂଲାଦେଶରେ ହାଇଆଲର୍ଟ ଜାରି କରାଯାଇଛି। ରବିବାର ସକାଳେ ବାଂଲାଦେଶର ସର୍ଦ୍ଦନ ତଟରେ ବାତ୍ୟା ମୋଚା ଲ୍ୟାଣ୍ଡଫଲ୍ କରିବାକୁ ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଖପାଖ ଅଞ୍ଚଳରେ ବିପଦ ଆଶଙ୍କା କରି ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ

### ସ୍ଥାନାନ୍ତର ହେଲେଣି ୫ ଲକ୍ଷ ଲୋକ

ସ୍ଥାନକୁ ନିଆଯାଇଛି। ବିପଦ ଆଶଙ୍କା କରି ରୋହିଙ୍ଗ୍ୟା ଶରଣାର୍ଥୀ ଶିବିରକୁ ମଧ୍ୟ ଖାଲି କରିଦିଆଯାଇଛି। ଶନିବାର ପାଖାପାଖି ୫ ଲକ୍ଷ ଲୋକ ସ୍ଥାନାନ୍ତର ହୋଇଛନ୍ତି। ବାଂଲାଦେଶରେ ଗତ ୨୦ ବର୍ଷ ମଧ୍ୟରେ ହୋଇଥିବା ବାତ୍ୟା ମଧ୍ୟରୁ ମୋଚା ସବୁଠୁ ଶକ୍ତିଶାଳୀ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଲ୍ୟାଣ୍ଡଫଲ୍ ପରେ ଏହା ବାଂଲାଦେଶ- ମ୍ୟାନ୍‌ମାର ସୀମା ଆଡ଼କୁ



ବାତ୍ୟା ମୋଚା ଲ୍ୟାଣ୍ଡଫଲ୍ କରିବା ପୂର୍ବରୁ ବାଂଲାଦେଶର ଟେକ୍‌ନାଫରେ ଶନିବାର ମତ୍ସ୍ୟଜୀବୀମାନେ ଏକ ବୋଟ୍‌କୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି।

ଗତି କରିବ। ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଥିବା ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି। ପାଣିପାଗ ଅଧିକାରୀଙ୍କ ଆକଳନ ଅନୁସାରେ ବାଂଲାଦେଶର କୋକ୍ସସ୍ ବଜାର ମୋଚା ପ୍ରଭାବରେ ଅଧିକ କ୍ଷତିଗ୍ରସ୍ତ ହେବ। ଏଠାରେ ପାଖାପାଖି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ରୋହିଙ୍ଗ୍ୟା ଶରଣାର୍ଥୀ ବସବାସ କରନ୍ତି। ଭାସନ ଚାର ଦ୍ୱୀପରେ ସରକାରଙ୍କ ପକ୍ଷରୁ ୫୫ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି। ବାତ୍ୟା ମୋଚା ଲ୍ୟାଣ୍ଡଫଲ୍ ପରେ ଘଣ୍ଟା ପ୍ରତି ୧୭୫ କି.ମି. ବେଗରେ ଉତ୍ତର-ପଶ୍ଚିମ ଆଡ଼କୁ କ୍ରମାଂଶ ଗତି କରିବ। ବାତ୍ୟା ଦ୍ୱାରା ତଟବର୍ତ୍ତୀ ଅଞ୍ଚଳରେ ଇଲେକ୍ଟ୍ରିସିଟି, ଜଳ ଏବଂ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ରହିଥିବା ପ୍ରଧାନମନ୍ତ୍ରୀ ସତର୍କ କରାଇଛନ୍ତି।

## ପରିଣୀତି-ରାଘବଙ୍କ ନିର୍ବନ୍ଧ ଶେଷ

ନୂଆଦିଲ୍ଲୀ, ୧୩।୫

ଏଏପି ରାଜ୍ୟ ସଭା ସଦସ୍ୟ ରାଘବ ଚଡ୍ଢା ଓ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ନିର୍ବନ୍ଧ ଶନିବାର ଶେଷ ହୋଇଛି। ଦିଲ୍ଲୀର କପୁରଥାଲାସ୍ଥିତ ପରିଣୀତିଙ୍କ ଘରେ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ବନ୍ଧର ଫଟୋ ସୋସିଆଲ ମିଡିଆରେ ଶେୟାର ହୋଇଛି। ନିର୍ବନ୍ଧରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ସିଂ ମାନ୍, ପ୍ରିୟଙ୍କା ଚୋପ୍ରା, ମନିଷ ମାଲହୋତ୍ରାଙ୍କ ସମେତ ଉଭୟଙ୍କ ପରିବାର ଓ ତେକେଜଣ ଖାସ୍ ବନ୍ଧୁ ସାମିଲ ହୋଇଥିଲେ। ତେବେ ନିର୍ବନ୍ଧ ନେଇ ଦୁହେଁ



ଗଣମାଧ୍ୟକୁ କୌଣସି ସୂଚନା ଦେଇ ନ ଥିଲେ। ପୂର୍ବରୁ ଦୁହେଁ ଅନେକ ସ୍ଥାନରେ ଏକାଠି ସ୍ପଟ୍ ହୋଇଥିବାବେଳେ ସମ୍ପର୍କକୁ ନେଇ କେବେ ଗଣମାଧ୍ୟମରେ ମୁହଁ ଖୋଲି ନ ଥିଲେ।

## ଅଲଗା ରାଜ୍ୟ ଗଠନ ପାଇଁ ୧୦ କୁକି ବିଧାୟକଙ୍କ ଦାବି

ଇମ୍ଫାଲ, ୧୩।୫

ମଣିପୁରର କୁକି ସମ୍ପ୍ରଦାୟର ୧୦ ବିଧାୟକ ଅଲଗା ରାଜ୍ୟ ଗଠନ ପାଇଁ ଶନିବାର କେନ୍ଦ୍ର ନିକଟରେ ଦାବି ଜଣାଇଛନ୍ତି। ଏହି ବିଧାୟକମାନଙ୍କ ମଧ୍ୟରେ ଶାସକ ଭାଜପାର ୮ ବିଧାୟକ ସାମିଲ ଅଛନ୍ତି। ରାଜ୍ୟର ଦୁଇ ମନ୍ତ୍ରୀ ମଧ୍ୟ ସାମିଲ ହୋଇଛନ୍ତି। ଚିନ-କୁକି-ଜୋମି ଜନଜାତିକୁ ସୁରକ୍ଷା ଦେବାରେ ରାଜ୍ୟ ବିଫଳ ହୋଇଥିବା ବିଧାୟକମାନେ କହିଛନ୍ତି। ଅନ୍ୟପକ୍ଷେ ଭାରତୀୟ ସମ୍ବିଧାନ ଅଧୀନରେ ଅଲଗା ରାଜ୍ୟ ଗଠନ କରି ଶାନ୍ତିରେ ମଣିପୁରର ପଡ଼ୋଶୀ ରାଜ୍ୟ ଭାବେ ସେମାନେ ରହିବାକୁ ଆଗ୍ରହ ପ୍ରକାଶ କରିଥିବା କହିଛନ୍ତି। କୁକି ଓ ମେତେଇ ସମ୍ପ୍ରଦାୟ ମଧ୍ୟରେ ଗତ ୩ ତାରିଖରେ ସଂଘର୍ଷ ହେବା ପରେ ବିଧାୟକମାନେ ନିଜର ଦାବି ରଖିଛନ୍ତି। ଏ ନେଇ ମଣିପୁରରେ ହୋଇଥିବା ହିଂସାରେ ୭୦ ଜଣଙ୍କ ପ୍ରାଣହାନି ଘଟିଛି।

## ଲାହୋରସ୍ଥିତ ବାସଭବନକୁ ଫେରିଲେ ଇମ୍ରାନ୍

ଇସ୍‌ଲାମାବାଦ୍, ୧୩।୫

ଅଲ୍-କାଦିର ଟ୍ରଷ୍ଟ ମାମଲାରେ ଗିରଫ ହୋଇଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶନିବାର ସକାଳେ ଲାହୋରସ୍ଥିତି ନିଜ ବାସଭବନକୁ ଫେରିଛନ୍ତି। ଘରକୁ ଫେରିବା ବାଟରେ ତେହରିକ୍ ଇ-ଇନ୍‌ସାଫ (ପିଟିଆଇ) ପାର୍ଟି ସମର୍ଥକ ଇମ୍ରାନ୍‌ଙ୍କ ଗାଡ଼ି ଉପରକୁ ଫୁଲ ପକାଇ ତାଙ୍କୁ ସ୍ୱାଗତ କରିଥିଲେ। ଇମ୍ରାନ୍‌ଙ୍କ ଘର ବାହୁଡ଼ାର ଏକ ଭିଡିଓ ପିଟିଆଇ ଶେୟାର କରିଛି, ଯେଉଁଥିରେ ଇମ୍ରାନ୍‌ଙ୍କ ପରିବାର ଲୋକେ ତାଙ୍କୁ ଘରକୁ ଫାଛୋଟି ନେଉଥିବାର



ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଇମ୍ରାନ୍ ମୁକୁଳିବା ନେଇ ତାଙ୍କ ପୂର୍ବତନ ସ୍ତ୍ରୀ ଜେମିମା ଗୋଲ୍ଡସ୍ମିଥ୍ ସୋସିଆଲ

### ଖୁସି ଜାହିର କଲେ ପୂର୍ବତନ ସ୍ତ୍ରୀ ଜେମିମା

ମିଡିଆରେ ଏକ ପୋଷ୍ଟ ଶେୟାର କରି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶରେ ଖୁସିଥିବା କହିଛନ୍ତି। ଇସ୍‌ଲାମାବାଦ୍ ହାଇକୋର୍ଟ ଇମ୍ରାନ୍‌ଙ୍କ ଜାମିନ ମଞ୍ଜୁର କରିଛନ୍ତି। ଦେଶରେ ଖୁବ୍‌ଶୀଘ୍ର ସାଧାରଣ ନିର୍ବାଚନ କରାଯିବା ନେଇ ଦାବି କରୁଥିବା ଇମ୍ରାନ୍‌ଙ୍କ ବିରୋଧରେ ୧୨୦ ମାମଲା ରହିଛି। ନିଜ ଗିରଫଦାରି ପାଇଁ ଇମ୍ରାନ୍ ପାକିସ୍ତାନ ଆର୍ମି ମୁଖ୍ୟଙ୍କୁ ଦାୟି କରିଛନ୍ତି।

## ପୋପ୍‌ଙ୍କୁ ଭେଟିଲେ ଜେଲେନ୍‌ସ୍କି

**ରୋମ୍, ୧୩।୫:** ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶନିବାର ରୋମ୍‌ରେ ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭେଟିଛନ୍ତି। ଦୁହିଁଙ୍କ ମଧ୍ୟରେ ଆଲୋଚନା ପ୍ରାୟ ୪୦ ମିନିଟ୍ ଧରି ଚାଲିଥିବା ଭାଟିକାନ ପକ୍ଷରୁ କୁହାଯାଇଛି। ତେବେ ପୋପ୍‌ଙ୍କୁ ଭେଟିବା ନେଇ ଜେଲେନ୍‌ସ୍କି ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ରୋମ୍ ଗସ୍ତରେ ଥିବା ଜେଲେନ୍‌ସ୍କି ଇଟାଲି ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ରାଷ୍ଟ୍ରପତି ସେର୍ଜିଓ ମାଟରେଲାଙ୍କୁ ମଧ୍ୟ ଭେଟିଛନ୍ତି। ଜେଲେନ୍‌ସ୍କିଙ୍କ ଗସ୍ତ ନେଇ ଇଟାଲିରେ ସୁରକ୍ଷା



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପୋପ୍ ଫ୍ରାନ୍ସିସ୍‌ଙ୍କୁ ଭେଟିବାବେଳର ଦୃଶ୍ୟ।

ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଥିଲା। ହଜାରେରୁ ଅଧିକ ପୋଲିସ ମୁତୟନ କରାଯାଇଥିବାବେଳେ ରୋମ୍‌ରେ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିଲା।

## ଫୁର୍‌ସତ୍

## ୯୮ ବର୍ଷୀୟା ମା'ଙ୍କ ସମ୍ମୁଖରେ ୭୮ ବର୍ଷୀୟ ପୁଅକୁ ଗ୍ରାଜୁଏଶନ ଡିଗ୍ରୀ

ଟିବିଲିସି

ପାଠ ପଢିବାରେ କୌଣସି ବୟସ ସୀମା ନ ଥାଏ। ଜଣେ ୭୮ ବର୍ଷୀୟ ଏହାକୁ ପ୍ରମାଣ କରି ଦେଖାଇଛନ୍ତି। ସେହି ବ୍ୟକ୍ତି ତାଙ୍କର ଏହି ପରିଣତ ବୟସରେ ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଛନ୍ତି। ଖାସ୍ କଥା ହେଉଛି, ବ୍ୟକ୍ତି ଜଣଙ୍କୁ ତାଙ୍କ ମା'ଙ୍କ ସମ୍ମୁଖରେ ଏହି ଗ୍ରାଜୁଏଶନ ଡିଗ୍ରୀ ମିଳିଛି। ଜର୍ଜିଆର ସୌମ କେପଲନ ନାମକ ବ୍ୟକ୍ତି ତାଙ୍କର ଏହି ଗ୍ରାଜୁଏଶନ ଡିଗ୍ରୀକୁ ନେଇ ତାଙ୍କ ଅନୁଭବ ବ୍ୟକ୍ତ କରିଛନ୍ତି। ତାଙ୍କର ଏହି ଅନୁଭବ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ସୌମ ୧୯୬୯ ମସିହାରେ ପାଠପଢା ଛାଡ଼ିଦେଇଥିଲେ। ତା'ର ୫୦ ବର୍ଷ ପରେ ସେ ପୁଣି କଲେଜରେ ଆଡ୍‌ମିଶନ ନେଇଥିଲେ। ସେ ଦିନେ କାର୍ ଚଲାଇବାବେଳେ



ରେଡିଓରେ ଶୁଣିଥିଲେ ଯେ ଗୋଟେ ୟୁନିଭର୍ସିଟି ଏମିତି ଖାଲିରେ ଗ୍ରାଜୁଏଶନ ଡିଗ୍ରୀ ଦେଉଛି, ଯାହାକୁ ନେବାକୁ କୌଣସି ବୟସସୀମା ନାହିଁ। ଏହାପରେ ସେ ଗ୍ରାଜୁଏଶନ କରିବାକୁ ନିଷ୍ପତ୍ତି ନେଲେ। ସୌମଙ୍କ ଘରେ କେହି କି ଗ୍ରାଜୁଏଟ ନ ଥିଲେ। ସେଥିପାଇଁ ସେ ୨୦୧୯ରେ ଗ୍ରିନେଟ୍ କଲେଜରେ ଆଡ୍‌ମିଶନ ନେଲେ। ୪ ବର୍ଷ ପରେ ସେ ଗ୍ରାଜୁଏଶନ ଶେଷ କରିଦେଲେ। ଗତ ଗୁରୁବାର ତାଙ୍କୁ ଗ୍ରାଜୁଏଶନ ଡିଗ୍ରୀ ମିଳିଛି। ଏହି ସମୟରେ ସେ ଭାବପ୍ରବଣ ହୋଇଯାଇଥିଲେ। କାରଣ ସେ ସମୟରେ ତାଙ୍କର ୯୮ ବର୍ଷୀୟା ମା' ସେଠାରେ ଉପସ୍ଥିତ ଥିଲେ। ସୌମ ତାଙ୍କ ମା'ଙ୍କ ସ୍ୱପ୍ନ ପୂରଣ କରି ଗର୍ବ ଅନୁଭବ କରୁଛନ୍ତି। ସେ ଜଣେ ଷ୍ଟୋରି ରାଇଟର ହେବାକୁ ଚାହୁଁଛନ୍ତି। ବର୍ତ୍ତମାନ ସେ ସିନେମା ଏବଂ ମିଡିଆ ଆର୍ଟରେ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ସେ ପଢାକୁ ନେଇ ଡରି ଯାଇଥିଲେ। ହେଲେ ପରେ ସେ ପାଠପଢାର ମଜା ଉଠାଇଥିବା କହିଛନ୍ତି।

## ଦୀପିକାଙ୍କ ଡ୍ରେସ୍ କପି କରି ଆଲିଆ ଟ୍ରୋଲ୍

ମୁମ୍ବାଇ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ନିକଟରେ ବହୁ ଚର୍ଚ୍ଚାରେ ରହିଛନ୍ତି। ସେ ଦୁଇ ଦୁଇ ଥର ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଥିବାବେଳେ ଏବେ ତାଙ୍କ ଡ୍ରେସ୍‌କୁ ନେଇ ଟ୍ରୋଲ ହେବାକୁ ପଡିଛି। ଆଲିଆ ଏକ ମାଗାଜିନ୍ ପାଇଁ ନିକଟରେ ଫଟୋଶୁଟ କରାଇଛନ୍ତି। ହେଲେ ସେହି ଫଟୋଶୁଟରେ ପିନ୍ଧିଥିବା ଡ୍ରେସ୍‌ଟି ସେ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କଠାରୁ କପି କରିଥିବା ଜଣାପଡିଛି, ଯାହାକୁ ଦୀପିକା ୨୦୧୯ କାନ୍‌ସ ଫେଷ୍ଟିଭାଲରେ ପିନ୍ଧିଥିଲେ। ଦୀପିକାଙ୍କ ପ୍ରଶଂସକ ଆଲିଆଙ୍କ ଏହି ଫଟୋଶୁଟ୍‌କୁ ଦୀପିକାଙ୍କ କପି ବୋଲି କହି ଟ୍ରୋଲ କରିଛନ୍ତି। ଏଥିରେ ପ୍ରଶଂସକ ଆଲିଆ ଦୀପିକା ପାଦୁକୋନ ହେବାକୁ ଚେଷ୍ଟା କରୁଥିବା କହିଛନ୍ତି। ଏଥିସହ ଅନେକ ମଧ୍ୟ ଏଥିରେ ଭଲ କମେଣ୍ଟ କରିଛନ୍ତି। ଆଲିଆ ଏବଂ ଦୀପିକା ତାଙ୍କ ଲୁକ୍‌ରେ ବହୁତ ସୁନ୍ଦର ବୋଲି ଅନ୍ୟଜଣେ କହିଛନ୍ତି। ତେବେ ଆଲିଆ ଶେଷ ଥର ପାଇଁ ଚଳଚ୍ଚିତ୍ର 'ବ୍ରହ୍ମାସ୍ତ୍ର'ରେ ସ୍ୱାମୀ ରଣବୀର କପୁରଙ୍କ ସହ ଦେଖିବାକୁ ମିଳିଥିଲେ। ଆଗକୁ ତାଙ୍କ ହାତରେ ଆଉ ୨ ଫିଲ୍ମ ମଧ୍ୟ ରହିଛି, ଯାହା ପାଇଁ ସେ ତାଙ୍କ ପ୍ରସ୍ତୁତି ଚଳାଇଛନ୍ତି।



## କ୍ୟାନ୍ସର ପୀଡ଼ିତା ମା'ଙ୍କ ପାଇଁ ଲଣ୍ଡା ହେଲେ ପୁଅ

ନୂଆଦିଲ୍ଲୀ

କ୍ୟାନ୍ସର ଏପରି ଏକ ରୋଗ, ଯାହା ରୋଗୀଙ୍କ ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗିଦିଏ। କେମୋଥେରାପିର କଷ୍ଟ ଏବଂ ମରିବାର ଡର ଆତ୍ମବିଶ୍ୱାସକୁ ନଷ୍ଟ କରିଦିଏ। ଏହି ସମୟରେ ଯେତେ ମାନସିକ ସହାୟତା ଦିଆଗଲେ ମଧ୍ୟ ତାହା କମ୍ ପଡିଥାଏ। ନିକଟରେ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ କ୍ୟାନ୍ସର ପୀଡ଼ିତ ମା' ପାଇଁ ତାଙ୍କ ପୁଅ ଏବଂ ତାଙ୍କ ସାଙ୍ଗମାନେ ଯାହା କଲେ ତାହା ସେହି ମା'ଙ୍କ ଆଖିରେ ଖୁସିର ଲୁହ ଆଣିଦେଇଛି। ପ୍ରକୃତରେ ଏହି ଭିଡିଓଟି ଏକ ସେଲୁନ ଦୋକାନର।



ସେଠାରେ ଜଣେ ପୁଅ ତାଙ୍କ କ୍ୟାନ୍ସର ପୀଡିତା ମା'ଙ୍କ ଚୁଟି କାଟୁଛନ୍ତି। ତାଙ୍କର ସମସ୍ତ ଚୁଟି କଟାଯାଉଥିବା ଦେଖି ମହିଳାଙ୍କୁ ବହୁତ କଷ୍ଟ ହେଉଥିଲା। ସେହି ସମୟରେ ତାଙ୍କ ପୁଅ ମଧ୍ୟ ନିଜ ମୁଣ୍ଡରେ ରେଜର ଚଳାଇ ଲଣ୍ଡା ହୋଇଯାଇଥିଲେ। ସାଙ୍ଗର ମା'ଙ୍କୁ ସାହସ ଦେବାକୁ ସେଠାରେ ଉପସ୍ଥିତ ୨ ଜଣ ମଧ୍ୟ ଲଣ୍ଡା ହୋଇଥିଲେ। ନିଜ ପୁଅ ଏବଂ ତା' ସାଙ୍ଗମାନଙ୍କ ଏପରି ଭଲ ପାଇବା ଦେଖି ମହିଳା ଜଣକ ଭାବୁକ ହୋଇଯାଇଥିଲେ। ଏହି ଭିଡିଓକୁ ସୋସିଆଲ ମିଡିଆରେ ବହୁ ଲୋକ ପସନ୍ଦ କରିଥିବା ଦେଖିବାକୁ ମିଳିଛି। ଏଥିସହ ଭିଡିଓରେ ଅନେକ ଲୋକ ଭଲ ଭଲ କମେଣ୍ଟ ଦେଇ ମହିଳା ଖୁବ୍‌ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

## ଖଟିଆର ମୂଲ୍ୟ ୧.୧୨ ଲକ୍ଷ ଟଙ୍କା



**ନୂଆଦିଲ୍ଲୀ:** ଭାରତର ଘରଗୁଡ଼ିକରେ ବ୍ୟବହୃତ ହେଉଥିବା ଖଟିଆ ସାଧାରଣତଃ ରାସ୍ତା କଡ଼ରେ ମିଳିଯାଏ, ଯାହାର ମୂଲ୍ୟ ୨ ହଜାରରୁ ଆରମ୍ଭ କରି ୧୦ ହଜାର ପର୍ଯ୍ୟନ୍ତ ରହିଥାଏ। ଏହା ଝୋଟରେ ପ୍ରସ୍ତୁତ କରାଯାଇଥାଏ। ହେଲେ ବର୍ତ୍ତମାନ ଘରଗୁଡ଼ିକରେ ଏହା ଖୁବ୍ କମ୍ ମାତ୍ରାରେ ଦେଖିବାକୁ ମିଳିବ। ତେବେ ଏକ ବିଦେଶୀ ୱେବ୍‌ସାଇଟ୍‌ରେ ଏହି ଖଟିଆ ଖୁବ୍ ଚର୍ଚ୍ଚାରେ ରହିଛି। ଆମେରିକାର ଇ-କମର୍ସ କମ୍ପାନୀ ଇଟିଏସ୍‌ୟାଇ ଡଟ୍ ଇନ୍ ଖାସ୍ କରି ସବୁ ୱେଷ୍ଟେଜ ଜିନିଷ ବିକ୍ରି କରିଥାଏ। ଏହି ଜିନିଷ ମଧ୍ୟରେ ଖଟିଆ ମଧ୍ୟ ରହିଛି। ସେଥିରେ ସେହି ଖଟିଆ ବାବଦରେ ସମସ୍ତ ତଥ୍ୟ ଉଲ୍ଲେଖ ରହିଛି। ଆମେରିକାର ଲୋକ ମଧ୍ୟ ସେହି ଖଟିଆକୁ କିଣୁଥିବା ଦେଖିବାକୁ ମିଳୁଛି। ଏଠାରେ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ୩୬ ଇଞ୍ଚ ଚଉଡ଼ା, ୭୨ ଇଞ୍ଚ ଉଚ୍ଚତା ଏବଂ ୧୮ ଇଞ୍ଚ ଗଭୀରତା ବିଶିଷ୍ଟ ଖଟିଆ, ଯାହାର ଦାମ୍ ରହିଛି ୧.୧୨ ଲକ୍ଷ ଟଙ୍କା। ଅନ୍‌ଲାଇନରେ ଏପରି ଉଚ୍ଚ ଦାମ୍ ବିଶିଷ୍ଟ ଜିନିଷ ଅନେକ ରହିଛି, ହେଲେ ୱେଷ୍ଟେଜ ଜିନିଷରେ ଏକ ଖଟିଆର ଦାମ୍ ଏତେ ଯାହା ଆଶ୍ଚର୍ଯ୍ୟକର।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରେଭ୍‌ନାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶା ଏଫ୍‌ସି କ୍ୱାର୍ଟର ଫାଇନାଲରେ


ଓଡ଼ିଶା ଏଫ୍‌ସି ମହିଳା ଦଳ।

**ଭୁବନେଶ୍ୱର,୧୩।୫(ସ୍ପୋର୍ଟ୍ସ ବ୍ୟୁରୋ):** ଗୁଜରାଟରେ ଅନୁଷ୍ଠିତ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଶନିବାର ମ୍ୟାଚ୍‌ରେ ପଏଣ୍ଟ ବାଣ୍ଟି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଏଫ୍‌ସି ଟେବଲ୍ ଟପର୍ ସେଥୁ ଏଫ୍‌ସି ସହିତ ଶନିବାର ୦-୦ରେ ମ୍ୟାଚ୍‌କୁ ଅମୀମାଂସିତ ରଖିଛି। ଏହା ସହିତ ୭ ମ୍ୟାଚ୍‌ରୁ ଓଏଫ୍‌ସି ୫ ବିଜୟ ହାସଲ କରିଥିବା ବେଳେ ଗୋଟିଏ ଲେଖାଏ ମ୍ୟାଚ ଅମୀମାଂସିତ ଓ ପରାଜୟରେ ଶେଷ ହୋଇଛି। ଓଏଫ୍‌ସି ୧୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ପ୍ରଥମ ସ୍ଥାନରେ ରହିଥିବା ସେଥୁ ୭ ମ୍ୟାଚରୁ ୫ ବିଜୟ ଓ ୨ ଡ୍ର ସହିତ ୧୭ ପଏଣ୍ଟ ଅର୍ଜନ କରିଛି। ଉଭୟ ଗ୍ରୁପ୍‌ରୁ ଶ୍ରେଷ୍ଠ ୪ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଗ୍ରୁପ୍ ବି ରୁ ସେଥୁ, ଓଏଫ୍‌ସି, କିକ୍‌ଷ୍ଟାର୍ଟ ଏଫସି ଓ ଇଷ୍ଟର୍ଣ୍ଣ ୟୁନିୟନ୍ ସ୍ପୋର୍ଟିଂ ଓ ଗ୍ରୁପ୍ ଏରୁ ଗୋକୁଲମ୍ କେରଳ, ସ୍ପୋର୍ଟ୍ସ ଓଡ଼ିଶା, ଇଷ୍ଟବେଙ୍ଗଲ ଏଫ୍‌ସି ଓ ହପ୍‌ସ ଫୁଟବଲ୍ କ୍ଲବ କ୍ୱାର୍ଟର ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ରେଭ୍‌ନାସ ସାମଲ**

"ଯେବେ ଠୁ ଆସିଲୁ ଘର ଅଗଣାକୁ
ହସ ଝରେ ବାର ମାସୀ
ତୋ ଜନମ ଦିନେ ଦବା ପାଇଁ ତତେ
କିଛି ନାହିଁ ପାଖେ ମୋର
ପ୍ରାର୍ଥନା କରୁଛି ଜଗନ୍ନାଥ ପାଖେ
ମୋ ଆୟୁଷ ହେଉ ତୋର"।

ଜନ୍ମଦିନର ଶୁଭେଚ୍ଛାରେ ସାମଲ ପରିବାରବର୍ଗ

ଧ-୦୩୫୨

## ସାହାଣୀ କପ୍ ଫୁଟ୍‌ବଲ

# ବରଗଡ଼କୁ ତୃତୀୟ ସ୍ଥାନ


ଅତିଥି, ମ୍ୟାଚ୍ ଅଫିସିଆଲଙ୍କ ସହ ବରଗଡ଼ ଓ ସୁନ୍ଦରଗଡ଼ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୧୩।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ୬୨ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର ୩ୟ ଓ ୪ର୍ଥ ସ୍ଥାନ ପାଇଁ ମ୍ୟାଚ ଶନିବାର କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ୨-୦ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ଦଳ ପକ୍ଷରୁ ଅନ୍ତର୍ଯାମୀ ନାୟକ ଖେଳର ୩ୟ ଓ ୮୭ତମ ମିନିଟ୍‌ରେ ସ୍କୋର କରିଛନ୍ତି। ଶଶିକାନ୍ତ ଦାସିଆ, ସଞ୍ଜୀବ ଦାଶ, ଦେବାଶିଷ ବାଗ୍ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ମ୍ୟାଚ ଅଫିସିଆଲ ରହିଥିବା ବେଳେ ସୁଜିତ କୁମାର ପାତ୍ରୋ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ବିଜୟ ଦାସ ଓ ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ଫାଓ ସଦସ୍ୟ ତଡିତ୍ କୁମାର ରାଉତ, ବୀରେନ୍ଦ୍ର ବେହେରା ଏବଂ ଫାଓ ମହିଳା କମିଟି ଚେୟାରମ୍ୟାନ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ସ୍ଥାନ ଅଧିକାର କରିଥିବାରୁ ବରଗଡ଼ ପୁରସ୍କାର ବାବଦରେ ୨୫ ହଜାର ଟଙ୍କା ଏବଂ ଚତୁର୍ଥ ହୋଇଥିବା ସୁନ୍ଦରଗଡ଼ ଦଳକୁ ୧୫ହଜାର ଟଙ୍କା ପୁରସ୍କାର ମିଳିବ। ଅନ୍ୟପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଫାଇନାଲ କଟକ ଓ କନ୍ଧମାଳ ମଧ୍ୟରେ ହେବ। ପ୍ରଥମ ଫାଇନାଲ ମ୍ୟାଚ କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ରବିବାର ଏବଂ ଦ୍ୱିତୀୟଟି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୧୭ରେ ଖେଳାଯିବ।

# ବିଶ୍ୱ ରେକର୍ଡ ସତ୍ତ୍ୱେ ପଦକ ଜିତିପାରିଲେନି ରିଦିମ



**ବାକୁ, ୧୩।୫ (ପି.ଟି.):** ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍‌ର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟ ଭାରତୀୟ ଶୁଟର ରିଦିମ ସାଙ୍ଗୱାନ କ୍ୱାଲିଫିକେଶନ ରାଉଣ୍ଡରେ ୨୯ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଥିଲେ ସୁଦ୍ଧା ପରେ ୮ମ ସ୍ଥାନ ଅଧିକାର କରି ପଦକ ହାସଲ କରିପାରି ନାହାନ୍ତି। ୨୫ ମିଟର ପିସ୍ତଲ କ୍ୱାଲିଫିକେଶନରେ ରିଦିମ ଚମକପ୍ରଦ ୫୯୫ ଶଟ୍ କରି ୧୯୯୪ରେ ମିଲାନରେ ବୁଲ୍‌ଗାରିଆର ଡାଏନା ଲୋରଗୋଭାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଇତିମଧ୍ୟରେ ଏହି ରେକର୍ଡ ସହ ଦୁଇଥର ସମକକ୍ଷ ହେବା ସମ୍ଭବ ହୋଇ ପାରିଛି। ତନ୍ମଧ୍ୟରେ ନିକଟରେ ଚଳିତବର୍ଷ ମାର୍ଚ୍ଚରେ ଭୋପାଳ ବିଶ୍ୱକପ୍‌ରେ ଜର୍ମାନୀର ଡୋରିନ୍ ଭେନେକାମ୍ପ ଅନ୍ୟତମ। ଏଠାରେ ଡୋରିନ୍ ବ୍ରୋଞ୍ଜ ଜିତିଥିବା ବେଳେ ଚାଇନାର ଫେଙ୍ଗ୍ ସିଜୁଆନ ଇଭେଣ୍ଟର ଫାଇନାଲରେ ୩୮ ହିଟ୍ କରି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱକପ୍ ସ୍ୱର୍ଣ୍ଣ ଜିତିଛନ୍ତି। ଇରାନର ହାନିୟେ ରୋସ୍ତାମିୟାଁ (୩୩)ଙ୍କୁ ରୌପ୍ୟ ପଦକ ମିଳିଛି। ରିଦିମ ବୁଧବାର ମହିଳା ୧୦ମିଟର ଏୟାର ପିସ୍ତଲରେ ଏକ ବ୍ରୋଞ୍ଜ ଜିତିସାରିଛନ୍ତି। ଏହା ଥିଲା ତାଙ୍କର ସିନିୟର ସ୍ତରରେ ପ୍ରଥମ ପଦକ। ରିଦିମ ଆହୁରି ମଧ୍ୟ ଜୁନିୟର ମହିଳାରେ ୨୫ ମିଟର ପିସ୍ତଲରେ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବରୁ ୩୪ ବର୍ଷ ପୂର୍ବେ ଜାଗ୍ରେବ୍‌ଠାରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ରୁଷିଆର ନିନୋ ସାଲୁକ୍‌ଭାଦେଜ୍ ୫୯୩ ଶଟ୍ ସହ ଏହି ରେକର୍ଡର ଅଧିକାରୀ ଥିଲେ। ପରେ ଭାରତର ମନୁ ଭାକର ୨୦୧୮ ଜାକର୍ତ୍ତା ଏସିଆନ୍ ଗେମ୍ସରେ ଏହି ରେକର୍ଡର ସମକକ୍ଷ ହୋଇପାରିଥିଲେ। ଚଳିତ ଚାମ୍ପିୟନଶିପ୍‌ରେ ଭାରତ ପ୍ରଥମ ଥର ଗୋଟିଏ ଦିନ ପଦକ ହାସଲ କରିବାରେ ବିଫଳ ହୋଇଛି। କ୍ୱାଲିଫିକେଶନ ରାଉଣ୍ଡରେ ରିଦିମ ଯଦିଓ ୫୯୫ ଶଟ୍ ସହ ଶୀର୍ଷରେ ରହିଥିଲେ। ଇଶା ଓ ମନୁ ଯଥାକ୍ରମେ ୫୮୨ ଓ ୫୭୮ ଶଟ୍ ସହ ଯଥାକ୍ରମେ ୧୩ତମ ଓ ୨୭ ତମ ସ୍ଥାନରେ ରହିଥିଲେ।

# ଆଡ୍‌ହକ କମିଟି ହାତରେ ପୂର୍ଣ୍ଣ କ୍ଷମତା

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ଭାରତୀୟ ରେସଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଧାରଣା ୨୦ ଦିନରେ ପହଞ୍ଚିଛି। ଶନିବାର ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ) ପକ୍ଷରୁ ନିଯୁକ୍ତ ଆଡ୍‌ହକ କମିଟିକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି। ଏହା ସହ ଡବ୍ଲ୍ୟୁଏଫ୍‌ଆଇ ମହାସଚିବଙ୍କୁ ସମସ୍ତ ଅଫିସିଆଲ ଡକ୍ୟୁମେଣ୍ଟ ଆଡ୍‌ହକ କମିଟିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ଡବ୍ଲ୍ୟୁଏଫ୍‌ଆଇ ପରିଚାଳନାରେ ଏହାର ଅଧିକାରୀଙ୍କ କୌଣସି ଭୂମିକା ରହିବ ନାହିଁ। ଆଇଓଏର ନିର୍ଦ୍ଦେଶ ପାଳନ କରିବାରେ କୌଣସି ଅସୁବିଧା ନାହିଁ ବୋଲି ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ କୁହାଯାଇଛି। କ୍ରୀଡା ମନ୍ତ୍ରଣାଳୟ ନିର୍ଦ୍ଦେଶରେ ଆଇଓଏ ପକ୍ଷରୁ ଏହି କମିଟି ଗଠନ କରାଯାଇଥିଲା। ଏହା ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ କାର୍ଯ୍ୟଭାର ପରିଚାଳନା କରିବ। ଏହା ସହିତ ଡବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ପ୍ରକ୍ରିୟା ମଧ୍ୟ ଆଡ୍ କମିଟି ବୁଝିବ। ରେସ୍‌ଲରମାନଙ୍କ ହିତ ପାଇଁ କୌଣସି ଡବ୍ଲ୍ୟୁଏଫ୍‌ଆଇ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ନାହିଁ। ଯେଉଁ ଅଧିକାରୀମାନଙ୍କୁ ଦାୟିତ୍ୱରୁ ଅପସାରଣ କରାଯାଉଛି ସେମାନେ ତୁରନ୍ତ ସମସ୍ତ ଜରୁରୀ ଡକ୍ୟୁମେଣ୍ଟ, ୱେବ୍‌ସାଇଟ୍ ଲଗ୍ ଇନ୍ ଓ ରେସଲରଙ୍କ ଅଂଶଗ୍ରହଣ ତାଲିକା ହସ୍ତାନ୍ତର କରନ୍ତୁ ବୋଲି ଶନିବାର ଆଇଓଏ ପକ୍ଷରୁ ମିଳିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଡବ୍ଲ୍ୟୁଏଫ୍‌ଆଇ ମହାସଚିବ ଭି. ଏନ୍. ପ୍ରସୁଦ୍ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଏହା ଏକ ସାଧାରଣ ପ୍ରକ୍ରିୟା। ପୂର୍ବରୁ ଓଭରସାଇଟ୍ ଗଠନ ହୋଇଥିବା ବେଳେ ଆମେ ସମସ୍ତ ଜରୁରୀ ନଥିପତ୍ର ହସ୍ତାନ୍ତର କରିଥିଲୁ। ବର୍ତ୍ତମାନ ଯେହେତୁ ଆମର କାର୍ଯ୍ୟକାଳ ଶେଷ ହେଉଛି ତେଣୁ ଡକ୍ୟୁମେଣ୍ଟ ହସ୍ତାନ୍ତର କରିବାରେ କୌଣସି ଅସୁବିଧା ନାହିଁ।


# Classified Everyday

**0674-2580101, 2549949**


MATRIMONIAL

**BRIDE WANTED**

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। ବୟସ-34, କନ୍‌ଷ୍ଟ୍ରକ୍‌ସନ୍ Company ମ୍ୟାନେଜର୍ ଏବଂ ମ୍ୟାନେଜ୍‌ମେଣ୍ଟ କରନ୍ତି। ଦରମା- 30, 000/-, Mob- 7788888901. D-0306

51 ବୟସ୍କ ନିଃସନ୍ତାନ Central Govt. ଚାକିରିଆ ଏକାକୀ ରହୁଥିବା Cuttack ବାସିନ୍ଦା ଖଣ୍ଡାୟତ ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371586968. D-0349

**GROOM WANTED**

ASHRIBAD WEDDING- ବୟସ 41 ଅବିବାହିତ ବ୍ରାହ୍ମଣ ମହିଳା ପାଇଁ ଯେକୌଣସି ଜାତିର ଉପଯୁକ୍ତ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-0309


REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0332

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

Sumhospital ନିକଟବର୍ତ୍ତୀ Mount leterza school ପାଖରେ plot କିଣନ୍ତୁ। 9853333043, 9438859527. D-74860

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି । ଯୋଗାଯୋଗ: **9438620034.** D-0346

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

**ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.-** D-74855

For sale 2BHK, 2Bath flat in Bhabani Enclave, Saheed Nagar, BBSR. Covered 1100sqft. built-up area Club house, Gym, Children's Park, 24/7 security, CCTV, Power backup. 95lakhs. Call- 8763747394. D-71561

**4 Bedroom under construction individual duplex house sale at Gita Engineering College, NH-5 Goharia Chhak, Bhubaneswar cost @85lac. Mob-9938867397.** D-0338

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74679

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842


FOR RENT

**Office space 2175sqft. fully furnished office alongwith at 5, Janpath, Unit-3, Kharabela nagar behind Kalsi Petrolpump, Bhubaneswar -751001. Facilities available 12 split AC, 36 workstations, toilet, pantry, server room, lift, parking for 2wheelers. Security deposite for 6months rent at 4th floor. Contact- 9437001845.** D-73378

My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74682




Newly open health benefits SPA special offer @ 799 Jaydev Vihar. 8018429809. D-75106

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

All types of professional body massage by professional therapy. Contact: 9556924059, 7077933109. D-0332

Newly open SPA Positively health benefit with expert. Contact: 7749976301. D-74543

Asribad Panchakarma herbal SPA Kesharimall, Bhubaneswar. Contact: 8926173473. D-74680

Full body massage in homely atmosphere in all therapy. Mob: 8114881641. D-73429

**LOST**

By the virtue of an affidavit sworn before the Notary Public, Barbil , I Mrs. Sneha Satpathy D/o Paramananda Satpathy Joda west lower camp , Joda Keonjhar, Odisha declare that, I have lost my original pass certificate & Marksheet of ICSE 10th class Board Exam. bearing unique Id No. 5790457 and passed in the year of 2014. If found kindly contact Sneha @ 9348798402. D-0353

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

CLASSIFIED DISPLAY — ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଗୋଲକ ବିହାରୀ ଦାସ**
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ: ୦୫।୦୪।୧୯୪୫
ତିରୋଧାନ: ୦୪।୦୫।୨୦୨୩

ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଯିବାର ୧୦ ଦିନ ହୋଇଗଲା। ତୁମର ସ୍ନେହ, ଆଶିଷ, ମମତା ଓ ପରୋପକାରିତା ଆମ୍ଭର ପଥ ପ୍ରଦର୍ଶକ ହେଉ । ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ବନ୍ଧୁ ପରିବାର ଓ ଆତ୍ମୀୟ ସ୍ୱଜନ

ଧ-୦୩୧୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଏ ସପ୍ତାହର ପ୍ରଶ୍ନ

୧– ସତ୍ୟ ଶୋଧକ ସମାଜର ପ୍ରତିଷ୍ଠାତା ............. ?
୨– ଇନ୍‌କିଲାବ୍ ଜିନ୍ଦାବାଦ ସ୍ଲୋଗାନ .............ଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ?
୩– ୧୯୦୮ରେ .............ଙ୍କ ଦ୍ୱାରା ଲଣ୍ଡନ ମୁସ୍‌ଲିମ୍ ଲିଗ୍ ପ୍ରତିଷ୍ଠା ହୋଇଥିଲା ?
୪– .................................. ସମ୍ବନ୍ଧିତ ପାଠକୁ ଓଫିଓଲୋଜି କୁହାଯାଏ ?
୫– .................................................. ପାରାଗୁଏର ନୂଆ ରାଷ୍ଟ୍ରପତି ?

## ଗତ ଥରର ଉତ୍ତର

୧ ନ୍ୟୁଜିଲାଣ୍ଡ
୨ ସାଉଦି ଆରବ
୩ ଗୃହ ବ୍ୟାପାର ମନ୍ତ୍ରଣାଳୟ
୪ ୨୦୦୫
୫ ଭାରତ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


କଳ୍ପନା ବେହେରା, ଭୁବନେଶ୍ୱର


ଛବିଲାଲ୍ ଭଞ୍ଜି, କଳାହାଣ୍ଡି

## ଟପ୍ ୧୦

### ପୃଥିବୀର ଲୋକପ୍ରିୟ ଏସି ବ୍ରାଣ୍ଡ–୨୦୨୩




୧ ........................ ଡାଇକିନ
୨ ........................ ହିଟାଚି
୩ ........................ ବ୍ଲୁ ଷ୍ଟାର୍
୪ ........................ କ୍ୟାରିୟର୍
୫ ........................ ୱର୍‌ପୁଲ୍
୬ ........................ ଭୋଲ୍ଟାସ୍
୭ ........................ ପାନାସୋନିକ୍
୮ ........................ ଏଲ୍‌ଜି
୯ ........................ ସାମ୍‌ସଙ୍ଗ
୧୦ ........................ ଇଲେକ୍ଟ୍ରୋଲକ୍ସ

## ହ୍ୟୁଥ୍ ଆଲର୍ଟ

# ଏସି ବ୍ୟବହାର କରୁଥିଲେ

ବର୍ତ୍ତମାନ ଅସହ୍ୟ ଖରା ଓ ଗରମରେ ସମସ୍ତେ ଅତିଷ୍ଠ। ଏମିତିରେ ଆରାମ ଲାଗି ଅଫିସ୍‌ଠୁ ଆରମ୍ଭ କରି ଗାଡ଼ି, ଘର ପର୍ଯ୍ୟନ୍ତ ପ୍ରାୟ ସବୁ ସ୍ଥାନରେ ଏୟାର କଣ୍ଡିଶନର(ଏସି)ର ବ୍ୟବହାର ବଢ଼ିଯାଇଛି। ହେଲେ ଆପଣ ଜାଣନ୍ତିକି ଏସି ବ୍ୟବହାର କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...



❖ଅତ୍ୟଧିକ ଗରମ ବେଳେ ଏସିର ଥଣ୍ଡା ପରିବେଶରେ ରହିବାକୁ କାହାକୁ ବା ଭଲ ନ ଲାଗେ ! ହେଲେ ଦୀର୍ଘ ସମୟ ଏସି ରୁମ୍‌ରେ ରହିବା ଦ୍ୱାରା ଶରୀରରୁ ଜଳୀୟାଂଶ ଖୁବ୍‌ଶୀଘ୍ର କମିଥାଏ। ଫଳରେ ଡିହାଇଡ୍ରେଶନ୍ ସମସ୍ୟା ଉପୁଜିପାରେ। ତେଣୁ ଏହି ସମସ୍ୟା ନ ହେବା ଲାଗି ଏସିର ଟେମ୍ପରେଚର ବହୁତ କମ୍ ନ କରି ନର୍ମାଲ ରଖନ୍ତୁ ଏବଂ ମଝିରେ ମଝିରେ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

❖ଅଧିକ ସମୟ ଏସିରେ ରହିବା ଦ୍ୱାରା ଡ୍ରାଏ ଆଇ ବା ଆଖି ଶୁଷ୍କ ହେବା ସମସ୍ୟା ଦେଖାଦିଏ। ଫଳରେ ଆଖି କୁଣ୍ଡେଇ ହୋଇ ଲାଲ୍ ପଡ଼ିଥାଏ। ଯେଉଁମାନଙ୍କଠାରେ ପୂର୍ବରୁ ଏଭଳି ସମସ୍ୟା ଥାଏ, ସେମାନେ ଏସିରେ ଅଧିକ ସମୟ ଆଦୌ ରହିବା ଠିକ୍ ନୁହେଁ, ନଚେତ୍ ସମସ୍ୟା ବଢ଼ିପାରେ।

❖ସେହିପରି ଏସିରେ ଦୀର୍ଘ ସମୟ ରହିବା ଦ୍ୱାରା ମଶ୍ଚରାଇଜର କମିଯିବା ଦ୍ୱାରା ସ୍କିନ୍ ଡ୍ରାଏ ହୋଇଯାଏ। ଏଥିପାଇଁ ମଧ୍ୟ କାହା କାହାଠାରେ ତ୍ୱଚା କୁଣ୍ଡେଇ ହେବା ଭଳି ବିଭିନ୍ନ ଲକ୍ଷଣ ଦେଖାଦିଏ।

❖ଏସି ବ୍ୟବହାର କେତେକଙ୍କଠାରେ ନାକ ଶୁଖିବା, ପୋଡ଼ିବା, ବ୍ଲକ୍ ହେବା, ଗଳାରେ ଯନ୍ତ୍ରଣା ହେବା ଭଳି ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏହା ଏକ ପ୍ରକାରର ଆଲର୍ଜିକ୍ ରିଆକ୍ସନ୍। ଏହା ଶ୍ୱାସ ସମସ୍ୟାର କାରଣ ସାଜିପାରେ। ବିଶେଷକରି ପୂର୍ବରୁ କୌଣସି ଥଣ୍ଡା ଆଲର୍ଜି କିମ୍ବା ଶ୍ୱାସ ବା ଆଜ୍‌ମା ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ।

❖କେବଳ ଏତିକି ନୁହେଁ, କାହା କାହାଠାରେ ଏସି ଯୋଗୁ ମୁଣ୍ଡବିନ୍ଧା, ମାଇଗ୍ରେନ୍ ଆଦି ସମସ୍ୟା ବି ଦେଖାଦେଇଥାଏ। ତେଣୁ ଏଭଳି ଅସୁବିଧା ଦୂର କରିବା ଲାଗି ଏସି ବ୍ୟବହାର କମ୍ କରନ୍ତୁ।

❖ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧିକ ସମୟ ଏସିରେ ରହିବା ଦ୍ୱାରା ବାହାରକୁ ଗରମରେ ବାହାରିଲେ ହଠାତ୍ ତାପମାତ୍ରା ପରିବର୍ତ୍ତନ ଅନେକଙ୍କ ଶରୀର ସମ୍ଭାଳି ପାରି ନ ଥାଏ। ତାପମାତ୍ରାର ଅସନ୍ତୁଳନ ଯୋଗୁ ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।



# ମା' ପରି...

ସନ୍ତାନର ପ୍ରଥମ ଗୁରୁ ମା'। ତା' ଶିକ୍ଷା ଓ ଆକଟ ସନ୍ତାନକୁ ଭଲ ମଣିଷ କରି ଗଢ଼ି ତୋଳେ। ତା' ପ୍ରେରଣା ଓ ମାର୍ଗଦର୍ଶନ ସନ୍ତାନ ପାଇଁ କଢ଼ାଏ ସଫଳତାର ମାର୍ଗ । ଆଉ ଯେଉଁ ସନ୍ତାନ ନିଜ ମା'ଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ତାଙ୍କୁ ଆଦର୍ଶ ମାନି ସେହି କ୍ଷେତ୍ରରେ ସଫଳ ହେବାକୁ ଲକ୍ଷ୍ୟ ରଖେ, ତା'ପାଇଁ ସଫଳତାର ମାର୍ଗ ହୋଇଯାଏ ଆହୁରି ସହଜ ଓ ସରଳ। ଆଜି ମଦର୍ସ ଡେ' ଉପଲକ୍ଷେ ନିଜ ମା'ଙ୍କୁ ଆଦର୍ଶ ମାନି ଏକା କ୍ଷେତ୍ରରେ କାର୍ଯ୍ୟ କରୁଥିବା କେତେଜଣ ଯୁବତୀ ଯୁବକଙ୍କୁ ନେଇ ବିଶେଷ ଉପସ୍ଥାପନା...


ମା' ରାଜଲକ୍ଷ୍ମୀଙ୍କ ସହ ସ୍ମୃତିରଞ୍ଜନ

### ମାମାଙ୍କ ସେବା ଗୁଣ ଅନୁପ୍ରାଣିତ କରିଥିଲା

**ସ୍ମୃତିରଞ୍ଜନ ପରିମାଣିକ** (ଡାକ୍ତର, ମ.ରାମପୁର, କଳାହାଣ୍ଡି)– ଯାହାଙ୍କ ହାତତିଆରି ଟେଷ୍ଟି ଟେଷ୍ଟି ଜଳଖିଆରୁ ଆରମ୍ଭ ହୁଏ ମୋର ଦିନ, ଯିଏ ମୋର ପଢ଼ିବାଠାରୁ ଆରମ୍ଭ କରି ଚାକିରି କରିବା ପର୍ଯ୍ୟନ୍ତ ସବୁ ସମୟରେ ସାଜିଛନ୍ତି ଗାଇଡ୍, ଆଉ ଯାହାଙ୍କ ପ୍ରତିଟି କଥାରେ ରହିଛି ମୋ ପାଇଁ ଉପଦେଶ; ସିଏ ଆଉ କେହି ନୁହନ୍ତି ମୋର ଅତି ଆପଣାର ମାମା (ରାଜଲକ୍ଷ୍ମୀ ବେହେରା)। ପେସାରେ ସେ ଜଣେ ଡାକ୍ତର। ପରିବାରରେ ଯେପରି ଆମ ସମସ୍ତଙ୍କ ପ୍ରତିଟି ଛୋଟ ଛୋଟ କଥା ପ୍ରତି ସେ ଗୁରୁତ୍ୱ ଦିଅନ୍ତି ଏବଂ ଯତ୍ନ ନିଅନ୍ତି, ଡାକ୍ତରଖାନାରେ ମଧ୍ୟ ସେହିଭଳି ସମ୍ପୂର୍ଣ୍ଣ ନିଷ୍ଠାର ସହିତ ରୋଗୀ ଚିକିତ୍ସା କରନ୍ତି। ଆଉ ତାଙ୍କର ଏହି ସେବା ମନୋଭାବ ମୋତେ ଅନୁପ୍ରାଣିତ କରିଥିଲା ଜଣେ ଡାକ୍ତର ହେବା ପାଇଁ। ମାଟ୍ରିକ୍ ସରିବା ପରେ ସାଇନ୍ସ ପଢ଼ି ଡାକ୍ତର ହେବା ଲାଗି ଯେତେବେଳେ ଇଚ୍ଛା ପ୍ରକାଶ କରିଥିଲି, ସେ ବହୁତ ଖୁସି ହୋଇଥିଲେ। ବାପା (ମହେନ୍ଦ୍ର କୁମାର ପରିମାଣିକ) ମଧ୍ୟ ଜଣେ ଡାକ୍ତର। ତେଣୁ ଏହି ଦିଗରେ କ୍ୟାରିୟର ଗଢ଼ିବା ଲାଗି ଉଭୟ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ସତ କହିବାକୁ ଗଲେ ଆଜି ଏହି ସ୍ଥାନରେ ପହଞ୍ଚିବା ଲାଗି ମୋଠୁ ମୋ ମାମାଙ୍କ ପରିଶ୍ରମ ଅଧିକ। ମୋତେ ସକାଳୁ ଉଠାଇ ପଢ଼ାଇବା, ପରୀକ୍ଷା ବେଳେ ରାତି ରାତି ଅନିଦ୍ରା ହୋଇ ପାଖରେ ଜଗି ବସିବା ଯୋଗୁ ଆଜି ସଫଳ ହୋଇପାରିଛି। ଆଜି ମଦର୍ସ ଡେ' ଅବସରରେ ଏତିକି କହିବି, ତା'ଙ୍କ କୋଳରୁ ଜନ୍ମ ନେଇ ତାଙ୍କ ପରି ଏକା ପ୍ରଫେଶନ ବାଛି ମୁଁ ଗର୍ବିତ।

### ସଫଳତାର ଶ୍ରେୟ ମାମାଙ୍କୁ ଦେବି

**ଶ୍ରେୟା ମହାନ୍ତି** (ନୃତ୍ୟଶିଳ୍ପୀ, ଭୁବନେଶ୍ୱର) – ଚାଲି ଶିଖିବା ଦିନଠୁ ନୃତ୍ୟ ପ୍ରତି ମୋର ଆଗ୍ରହ। ଏ କ୍ଷେତ୍ରରେ ଆଗକୁ ବଢ଼ିବା ଓ ଜଣେ ସଫଳ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ନିଜର ପରିଚୟ ସୃଷ୍ଟି କରିବା ଲାଗି ଯିଏ ସାଜିଥିଲେ ମୋର ପ୍ରଥମ ଗୁରୁ, ସେ ହେଉଛନ୍ତି ମୋ ମା' (ସୁଦେଷ୍ଣା ମହାନ୍ତି)। ସେ ଜଣେ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ। ପିଲାଦିନୁ ତା'ଙ୍କୁ ଦେଖି ଏଥିପ୍ରତି ଆଗ୍ରହ ବଢ଼ିଥିଲା। ଆଉ ମୋ ରୁଚି ସମ୍ପର୍କରେ ଜାଣିବା ପରେ ମାମା ଓ ବାପା(କୀର୍ତ୍ତି ସୁନ୍ଦର ମହାନ୍ତି) ମୋତେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ମାତ୍ର ୩ ବର୍ଷ ବୟସରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀରେ ମୋର ଆଡ୍‌ମିଶନ୍ କରାଇଥିଲେ। ସେଠାରେ ସପ୍ତାହକୁ ଦୁଇ ଦିନ କ୍ଲାସ ପରେ ଅନ୍ୟ ୫ଦିନ ମାମା ଘରେ ମୋତେ ନୃତ୍ୟ ଶିଖାଉଥିଲେ। ଆରମ୍ଭରୁ ହିଁ ଜଣେ ଡ୍ୟାନ୍ସର କ'ଣ ଖାଇଲେ ଫିଟ୍‌ନେସ୍ ଠିକ୍ ରହିବ, କେତେ ସମୟ ଅଭ୍ୟାସ କରିବା ଦରକାର ଆଦି ପ୍ରତିଟି ଦିଗରେ ମାମା ମୋ ପାଇଁ ବେଶ୍ ଯତ୍ନଶୀଳ। ତା'ଙ୍କ ପ୍ରେରଣା ଓ ସହଯୋଗ ଯୋଗୁ ଷ୍ଟାଣ୍ଡାର୍ଡ ୩ରେ ପଢ଼ିବା ସମୟରେ ଅନ୍ତର୍ଜାତୀୟ ସ୍ତରରେ ନୃତ୍ୟ ପ୍ରଦର୍ଶନର ସୁଯୋଗ ପାଇସାରିବା ପରେ ସେଣ୍ଟର ଫର୍ କଲ୍‌ଚରାଲ ରିସୋର୍ସେସ୍ ଆଣ୍ଡ ଟ୍ରେନିଂ (ସିସିଆର୍‌ଟି) ପକ୍ଷରୁ ଜୁନିଅର ସ୍କଲାରଶିପ୍ ମଧ୍ୟ ପାଇଛି। ତେବେ ମୋ ରୁଚି ସହିତ ପାଠପଢ଼ାରେ କିପରି ଭଲ ପ୍ରଦର୍ଶନ କରିବି, ସେଥିପ୍ରତି ମଧ୍ୟ ମାମା ବିଶେଷ ଗୁରୁତ୍ୱ ଦେଇଥା'ନ୍ତି। ମାମାଙ୍କ ପ୍ରୋତ୍ସାହନରେ ୧୨ ବର୍ଷ ହେବ ଓଡ଼ିଶୀ ନୃତ୍ୟ କରିଆସୁଛି। ତେଣୁ ନିଜ ସଫଳତାର ସମସ୍ତ ଶ୍ରେୟ ତାଙ୍କୁ ହିଁ ଦେବି।


ମା' କ୍ରିଷ୍ଣାଙ୍କ ସହ ଅତ୍‌ମନ୍

ମା' ଅନୁରାଧାଙ୍କ ସହ ଆଂଶିକା

### ମଦର୍ସ ଡେ': କେବେଠୁ

ଆଜି ମଦର୍ସ ଡେ'। ମା'ଙ୍କ ପ୍ରତି ଥିବା ଗଭୀର ସ୍ନେହ ଶ୍ରଦ୍ଧା ଦର୍ଶାଇବା ପାଇଁ ଏହି ଦିବସଟିର ପରିକଳ୍ପନା। ତେବେ ଫିଲାଡେଲ୍‌ଫିଆର ଆନ୍ନା ଜାର୍ଭିସ୍ ୧୯୦୭ ମସିହା ମେ' ୧୨ ତାରିଖରେ ସର୍ବପ୍ରଥମେ ନିଜ ମା'ଙ୍କ ସ୍ମୃତିରେ ଏହି ଦିବସ ପାଳନ କରିଥିଲେ। ଧିରେ ଧିରେ ଆମେରିକାର ଅନ୍ୟ ରାଜ୍ୟ ଗୁଡିକରେ ଏହି ଦିବସ ପଳାନ କରାଗଲା। ୧୯୧୪ ମସିହା ମେ' ୯ ତାରିଖରେ ଆମେରିକା ରାଷ୍ଟ୍ରପତି ଉଡ୍ରୋ ୱିଲ୍‌ସନ୍ ମେ ମାସର ଦ୍ୱିତୀୟ ରବିବାରକୁ ମଦର୍ସ ଡେ' ଭାବେ ପାଳନ କରାଯିବ ବୋଲି ଏକ ବିଲ୍ ପାସ୍ କରିଥିଲେ ଏବଂ ଏହାକୁ ନାଶନାଲ୍ ହଲିଡେ ଭାବେ ଘୋଷଣା କରିଥିଲେ। ସେବେଠୁ ଆମେରିକା, ଭାରତ, ଆଙ୍ଗୁଇଲା, ଆଣ୍ଟିଗୁଆ ଆଣ୍ଡ ବରବୁଡା, ଆରୁବା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବାହାମାସ, ବାଂଲାଦେଶ ଆଦି ବହୁ ଦେଶରେ ମେ' ଦ୍ୱିତୀୟ ରବିବାରକୁ ମଦର୍ସ ଡେ' ଭାବେ ପାଳନ କରାଯାଉଛି। ଏହା ବ୍ୟତୀତ ଅନ୍ୟ ଦେଶଗୁଡ଼ିକରେ ଏହି ଦିବସ ଭିନ୍ନ ଭିନ୍ନ ତାରିଖରେ ପାଳନ କରାଯାଇଥାଏ।

### ମା' ହିଁ ମୋ ପ୍ରେରଣାର ଉତ୍ସ

**ଆଂଶିକା ରାଉତରାୟ** (କ୍ରୀଡ଼ାବିତ୍, ନାଲ୍‌କୋ ନଗର)– ଆଜି ମଦର୍ସ ଡେ'ରେ ସର୍ବପ୍ରଥମେ ଏତିକି କହିବି ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ଭାବେ ମୁଁ ଗର୍ବିତ। ଆଜି ଯଦି ଜଣେ କ୍ରୀଡ଼ାବିତ୍ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛି, ଏହା କେବଳ ମା'ଙ୍କ ଯୋଗୁ ସମ୍ଭବ ହୋଇପାରିଛି। ମନେପଡୁଛି ଯେତେବେଳେ ମୁଁ ଛୋଟ ଥିଲି ଏବଂ ତାଙ୍କୁ ମୋର ସମସ୍ତ ଦାୟିତ୍ୱ ନେବା ପରେ ଷ୍ଟାଡିଅମ୍‌ରେ ଖେଳୁଥିବାର ଦେଖୁଥିଲି, ତାଙ୍କର ଝାଳବୁହା ପରିଶ୍ରମ ଆଉ ଦର୍ଶକଙ୍କ ତାଳି ମୋତେ ବେଶ୍ ଖୁସି ଦେଉଥିଲା। ସେବେଠୁ ସେ ପାଲଟି ଥିଲେ ମୋ ପ୍ରେରଣାର ଉତ୍ସ। ନିଜେ ବି ତାଙ୍କ ଭଳି କ୍ରୀଡ଼ା କ୍ଷେତ୍ରରେ ସଫଳ ହେବାକୁ ଚାହୁଁଥିଲି। ଆଉ ସ୍କୁଲ୍‌ରେ ଯେବେ କ୍ରୀଡ଼ାରେ ଭଲ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲି, ମୋ ଅନ୍ତର୍ନିହିତ ପ୍ରତିଭାକୁ ପ୍ରକାଶ କରିବା ଲାଗି ସର୍ବପ୍ରଥମେ ସେ ହିଁ ଉତ୍ସାହିତ କରିଥିଲେ। ନିଜେ ହର୍ଡଲ୍ସ ଖେଳୁଥିଲେ ମଧ୍ୟ ଶର୍ଟପୁଟ୍ ଓ ଡିସ୍‌କସ୍ ଥ୍ରୋରେ ମୋର କୋଚ୍ ସାଜିଥିଲେ। ଯେଉଁଥିପାଇଁ ୧୪ ବର୍ଷରୁ କମ୍ ବିଭାଗରେ ଶର୍ଟପୁଟ୍ ଥ୍ରୋରେ ନ୍ୟାଶନାଲ୍ ରେକର୍ଡ କରିବାର ସୁଯୋଗ ପାଇପାରିଛି। କେବଳ କ୍ରୀଡ଼ା ନୁହେଁ, ପାଠଠୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ସେ ମୋତେ ସପୋର୍ଟ କରନ୍ତି। ସତ କହିବାକୁ ଗଲେ ମା'ଠୁ ଅଧିକ ସେ ମୋ ବେଷ୍ଟ ଫ୍ରେଣ୍ଡ। ଆମେ ପରସ୍ପରକୁ ସବୁ କଥା ଶେୟାର କରୁ। ଆଉ ଆମ ଦୁହିଁଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାରେ ବାପା (ପରମାନନ୍ଦ ରାଉତରାୟ)ଙ୍କର ସମର୍ଥନ ରହିଛି। ତେବେ ଭବିଷ୍ୟତରେ ମା'ଙ୍କ ପରି ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେଇ ଓଡ଼ିଶା ପାଇଁ ଗୌରବ ଆଣିଦେବା ମୋର ଲକ୍ଷ୍ୟ। ତାଙ୍କୁ ନିଜ ମା' ଭାବେ ପାଇ ଭଗବାନ୍‌ଙ୍କ ନିକଟରେ ସର୍ବଦା କୃତଜ୍ଞ।

### ମା'ଙ୍କ ଗୁଣ ମୋତେ ପ୍ରଭାବିତ କରିଛି

**ଡ. ଅତ୍‌ମନ୍ ନନ୍ଦ** (ଡାଇରେକ୍ଟର, ବଚ୍‌ପନ୍, କଳିଙ୍ଗ ବିହାର, ଭୁବନେଶ୍ୱର)– ପ୍ରତିଟି ସନ୍ତାନ ଜୀବନରେ ମା'ଙ୍କ ଭୂମିକା କ'ଣ ତାହା ଅବର୍ଣ୍ଣନୀୟ। ନିଜ ମା' (କ୍ରୀଷ୍ଣା ଦାଶ)ଙ୍କ ବିଷୟରେ କହିବି। ସେ ମୋ ଆଦର୍ଶ, ଆଉ ତା'ଙ୍କୁ ମୁଁ ଅନ୍ଧ ଭାବେ ବିଶ୍ୱାସ କରେ। ପେସାରେ ଜଣେ ଶିକ୍ଷୟିତ୍ରୀ ଭାବେ ସେ କେବଳ ମୋତେ ପାଠ ଶିକ୍ଷା ଦେଇନାହାନ୍ତି ବରଂ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ କଥା ତାଙ୍କଠାରୁ ଶିଖିଛି। ତାଙ୍କର ଧୈର୍ଯ୍ୟ, ସହନଶୀଳତା, ତ୍ୟାଗ, କର୍ମନିଷ୍ଠା ଓ ସର୍ବୋପରି ଆତ୍ମବିଶ୍ୱାସର ସହ ନିଜ କର୍ମ କରିବାର ଗୁଣ ମୋତେ ପ୍ରଭାବିତ କରିଛି। ଯେଉଁଥିପାଇଁ ତାଙ୍କ ଭଳି ଜଣେ ସତ୍ୟନିଷ୍ଠ ଶିକ୍ଷୟିତ୍ରୀ ହେବାକୁ ଏହି ପେସାକୁ ଆପଣେଇଛି। ମୋ ଜୀବନରେ ପ୍ରତିଟି କାର୍ଯ୍ୟ ଓ ସଫଳତାରେ ତାଙ୍କ ଅବଦାନ ରହିଛି। ତେଣୁ ଆଜିର ଏହି ମଦର୍ସ ଡେ' ଅବସରରେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାକୁ ମୋ ପାଖେ ଭାଷା ନିଅଣ୍ଟ। ସେ ସର୍ବଦା ଖୁସିରେ ରୁହନ୍ତୁ ଓ ତାଙ୍କ ଆଶୀର୍ବାଦ ସବୁବେଳେ ମୋତେ ମିଳୁ ଏତିକି କାମନା।

### ମା'ଙ୍କୁ ନେଇ ଗର୍ବକରେ

**ଜ୍ୟୋତିର୍ମୟୀ ମିଶ୍ର** (ନର୍ସ, ବୁର୍ଲା ସରକାରୀ ଡାକ୍ତରଖାନା, ସମ୍ବଲପୁର)– କୁହାଯାଏ ପରିବାରରୁ ପ୍ରଥମ ଶିକ୍ଷା ମିଳିଥାଏ। ମୋ ମା'(କୁସୁମ ପାତ୍ର)ଙ୍କଠାରୁ ମୁଁ ସେ ଶିକ୍ଷା ପାଇଥିଲି। ଜୀବନରେ କ'ଣ ହେବା ଗୋଟିଏ ବିରାଟ ପ୍ରଶ୍ନ। ଏହି ପ୍ରଶ୍ନ ଛୋଟବେଳୁ ସମସ୍ତଙ୍କୁ ସାମ୍ନା କରିବାକୁ ପଡ଼ିଥାଏ। ମୋ ପାଇଁ ସେ ପ୍ରଶ୍ନର ସମାଧାନ କରିଥିଲେ ମୋ ମା'। ଅନ୍ତର୍ଜାତୀୟ ମାତୃ ଦିବସ ଅବସରରେ ତାଙ୍କ ଦୀର୍ଘ ଆୟୁଷ କାମନା କରୁଛି। ସେ ଜଣେ ନର୍ସ ଭାବରେ ଦୀର୍ଘ ୪୦ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ତାଙ୍କଠାରୁ ହିଁ ମୋତେ ରୋଗୀମାନଙ୍କ ସେବା କରିବାର ଇଚ୍ଛା ଜାଗ୍ରତ ହୋଇଥିଲା। ସେ ଯେବେ ପରିବାର ସଦସ୍ୟ ଭଳି ନିଷ୍ଠାର ସହ ରୋଗୀଙ୍କ ଯତ୍ନ ନିଅନ୍ତି, ସେବା କରନ୍ତି ମୋତେ ଆନନ୍ଦ ଲାଗେ। ତାଙ୍କ ଭଳି ଜଣେ ମମତାମୟୀ ମା' କୋଳରୁ ଜନ୍ମ ନେଇଥିବାରୁ ନିଜକୁ ଧନ୍ୟ ମନେକରେ। ତେଣୁ ତାଙ୍କ ପଦ ଅନୁସରଣ କରି ମୁଁ ମଧ୍ୟ ୧୦ବର୍ଷ ହେବ ଏହି ବୃତ୍ତିରେ ନିୟୋଜିତ ଅଛି। ମା'ଙ୍କ ସେବାରେ ଯେମିତି ସମସ୍ତେ ଉପକୃତ ହୁଅନ୍ତି, ମୁଁ ମଧ୍ୟ ତାଙ୍କ ଭଳି ହୋଇ 'ଯେମିତି ମା'କୁ ସେମିତି ଝିଅ' କଥାକୁ କାର୍ଯ୍ୟରେ କରି ଦେଖାବାକୁ ସର୍ବଦା ପ୍ରୟାସ କରିଛି। କେବଳ ବୃତ୍ତିଗତ କ୍ଷେତ୍ରରେ ନୁହେଁ, ଅନ୍ୟ ସବୁ କ୍ଷେତ୍ରରେ ତାଙ୍କୁ ନେଇ ଗର୍ବ କରେ।

### ମା' ମୋ ଆଦର୍ଶ

**ଆଦିଶା ଅମ୍ରିତା** (ମଡେଲ, ରାଉରକେଲା) – ମା'ଠୁ ଭଲ ଏ ଦୁନିଆରେ କିଏ ବା ହୋଇପାରେ ! ପିଲାର ପ୍ରତିଟି କାର୍ଯ୍ୟରେ ଓ ସଫଳତାରେ ତାଙ୍କ ଅବଦାନ ଅତୁଳନୀୟ। ମୋ ପାଇଁ ମୋ ମା' (ଅମ୍ରିତ୍ ନିଲମ୍) ହେଉଛନ୍ତି ଆଦର୍ଶ। ଜଣେ ମଡେଲ ଭାବରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ। ୨୦୨୧ରେ ମହାରାଷ୍ଟ୍ର ନାଗପୁରରେ ଆୟୋଜିତ ପ୍ରତିଯୋଗିତାରେ ସେ ଯେବେ ମିସେସ୍ ଇଣ୍ଡିଆ ମୁକୁଟ ଜିତିଥିଲେ ଓ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଥିଲା, ମୋର ଖୁସିର ସୀମା ରହି ନ ଥିଲା। ଏହା ପରବର୍ଷ ସେ ପୁନର୍ବାର ମିସେସ୍ ଓଡ଼ିଶା ହୋଇପାରିଥିଲେ। ପିଲାବେଳୁ ତା'ଙ୍କୁ ମଡେଲିଂ କରୁଥିବାର ଦେଖିଆସୁଛି। କାହା କଥାରେ ବ୍ୟସ୍ତ ହେବା କିମ୍ବା ମନ ଊଣାକରିବା ପରିବର୍ତ୍ତେ ସବୁବେଳେ ଦୃଢ଼ ମନୋବଳ ରଖି ନିଜ ଉଦ୍ୟମରେ ସଫଳତା ମାର୍ଗରେ ଆଗେଇ ଯିବାର କଳା ମୁଁ ତାଙ୍କଠାରୁ ହିଁ ଶିଖିଛି। ଏବେ ତାଙ୍କରି ପଥ ଅନୁସରଣ କରୁଛି। ତାଙ୍କ ମାର୍ଗଦର୍ଶନରେ ଏବେ ଅନେକ ମଡେଲ ଶୋ'ରେ ଅଂଶ ଗ୍ରହଣ କରିବା ସହ ଏକାଧିକ ଥର ବିଜୟ ମୁକୁଟ ପିନ୍ଧିବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିପାରିଛି। ମା' ମୋତେ ଆକଟ କରିବା ପରିବର୍ତ୍ତେ ମୋ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତି। ତେଣୁ ନିଜର ସବୁ ଇଚ୍ଛା ଅନିଚ୍ଛା ତାଙ୍କ ଆଗରେ ପ୍ରକାଶ କରିପାରେ ଏବଂ ସେ ଭୁଲ ଠିକ୍‌ର ପରାମର୍ଶ ଦିଅନ୍ତି। ଜଣେ ମଡେଲ୍ ହିସାବରେ ମୋର ଡ୍ରେସ୍, ମେକ୍‌ଅପ୍‌ଠାରୁ ଆରମ୍ଭ କରି ଖାଦ୍ୟପେୟ ଏମିତକି ପାଠପଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସେ ଗାଇଡ୍ କରନ୍ତି। ଯେତେବେଳେ ଆମେ ଦୁହେଁ ଏକାଠି ଏକାପ୍ରକାର ଡ୍ରେସ୍ ପିନ୍ଧୁ ଏବଂ ସମସ୍ତେ ଆମକୁ ମା'ଝିଅ ପୂରା ଏକାପରି ବୋଲି କୁହନ୍ତି ସେ ଖୁସି ଅବର୍ଣ୍ଣନୀୟ। ତା'ଙ୍କୁ ନିଜ ମା' ଭାବେ ପାଇ ମୁଁ ବହୁତ ଖୁସି। ଭବିଷ୍ୟତରେ ତା'ଙ୍କ ଭଳି ସଫଳ ମଡେଲ ହେବା ମୋର ଲକ୍ଷ୍ୟ।

– ପୌର୍ଣ୍ଣମାସୀ

**ସହାୟତା:** ଅନୁରାଧା ମହାରଣା, ଶର୍ମିଷ୍ଠା ପାଣିଗ୍ରାହୀ


ମା' ସୁଦେଷ୍ଣାଙ୍କ ସହ ଶ୍ରେୟା


ମା' କୁସୁମଙ୍କ ସହ ଜ୍ୟୋତିର୍ମୟୀ


ମା' ଅମ୍ରିତ୍ ନିଲମ୍‌ଙ୍କ ସହ ଆଦିଶା



ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ମେ ୧୪/୨୦୨୩ | Bhubaneswar, Sunday, May 14/ 2023

# ସୁପର ଜାଏଣ୍ଟ୍ସର ଷଷ୍ଠ ବିଜୟ

**ହାଇଦ୍ରାବାଦ, ୧୩।୫**

ଆଇପିଏଲ୍‌ର ୫୮ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ୭ ଉଇକେଟରେ ପରାସ୍ତ କରି ଷଷ୍ଠ ବିଜୟ ହାସଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ମ୍ୟାଚ୍‌ର ୭୦ ପ୍ରତିଶତ ସମୟ ଖେଳ ହାଇଦ୍ରାବାଦ ନିୟନ୍ତ୍ରଣରେ ରହିଥିଲେ ହେଁ ନିକୋଲାସ ପୁରନ୍‌ଙ୍କ ଧୂଆଁଧାର ବ୍ୟାଟିଂ ଓ ପ୍ରେରକ ମଙ୍କଡଙ୍କ ଅର୍ଦ୍ଧଶତକ ବଳରେ ମ୍ୟାଚ୍‌କୁ ଜିତି ନେଇଥିଲା ଲକ୍ଷ୍ନୌ। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୬ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଜବାବରେ ୪ ବଲ୍ ବାକି ଥାଇ ୩ ଉଇକେଟ ହରାଇ ଲକ୍ଷ୍ନୌ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ପହଞ୍ଚିଛି।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ପକ୍ଷରୁ ଜଣେ ହେଲେ ଅର୍ଦ୍ଧଶତକ କରିପାରି ନ ଥିଲେ। ହେନରିଚ୍ କ୍ଲାସେନ୍ ସର୍ବାଧିକ ୪୭ ରନ୍, ଅନମୋଲପ୍ରୀତ୍ ସିଂ ୩୬, ରାହୁଲ ତ୍ରିପାଠୀ ୨୦, ଏଡେନ୍ ମାରକ୍ରମ ୨୮ ଓ ଅବଦୁଲ ସମଦ ୩୭* ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ।



ନିକୋଲାସ୍ ପୁରନ୍

କ୍ଲାସେନ୍ ୨୯ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଲକ୍ଷ୍ନୌ ଅଧିନାୟକ କୃନାଲ ପାଣ୍ଡ୍ୟା ୨୪ ରନ୍‌ରେ ୨ ଉଇକେଟ ନେଇଥିବାବେଳେ ଯୁଧବୀର ସିଂ ଚରକ, ଆଭେଶ ଖାନ୍, ଅମିତ ମିଶ୍ର ଓ ଯଶ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୩ ରନ୍‌ର ପିଛା କରି ଲକ୍ଷ୍ନୌ ଆରମ୍ଭରୁ ଅତ୍ୟନ୍ତ ଧିମା ବ୍ୟାଟିଂ କରିଥିଲା। କାଇଲ୍ ମେୟର୍ସ ୧୪ ବଲ୍‌ରୁ ମାତ୍ର ୨ ରନ୍ କରି ଆଉଟ ହୋଇଥିଲେ। କ୍ୱିଣ୍ଟନ୍ ଡି କକ୍ ୧୯ ବଲ୍‌ରୁ ୨୯ ରନ୍ କରି ଆଉଟ ହେବା ବେଳକୁ ୯ ଓଭରରେ ଦଳ ମାତ୍ର ୬୦ ରନ୍ କରିଥିଲା। ଓଭର ପିଛା ୧୨ରୁ ଅଧିକ ରନ୍ ଆବଶ୍ୟକ ଥିବାବେଳେ ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ପ୍ରେରକ୍ ମଙ୍କଡ ହାସଲ କରିଥିଲେ ଅପରାଜିତ ଅର୍ଦ୍ଧଶତକ। ୪୫ ବଲ୍ ଖେଳି ୭ ଚୌକା ଓ ୨ ଛକା ମାରିଥିଲେ। ଦଳୀୟ ସ୍କୋର ୧୨୭ରେ ୨୫ ବଲ୍‌ରୁ ୪୦ ରନ୍ କରି ମାର୍କସ୍ ଷ୍ଟୋଇନିସ ଆଉଟ ହୋଇଥିଲେ। ୨୭ ବଲ୍‌ରୁ ୫୩ ରନ୍ ଆବଶ୍ୟକ ଥିବାବେଳେ କ୍ରିଜ୍‌କୁ ଆସିଥିଲେ ନିକୋଲାସ ପୁରନ୍। ଅଭିଷେକ ଶର୍ମାଙ୍କୁ ହ୍ୟାଟ୍ରିକ୍ ଛକା ମାରି ସେ ଇନିଂସ ଆରମ୍ଭ କରିଥିଲେ। ୧୩ ବଲ୍ ଖେଳି ସେ ୪୪ ରନ୍ କରିଥିବାବେଳେ ତାଙ୍କ ଇନିଂସରେ ୩ ଚୌକା ଓ ୪ ଛକା ସାମିଲ ଥିଲା।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୨/୬ (ହେନରିଚ୍ କ୍ଲାସେନ୍-୪୭, ଅବଦୁଲ୍ ସମଦ-୩୭*, ଅନମୋଲପ୍ରୀତ ସିଂ-୩୬, କୃନାଲ ପାଣ୍ଡ୍ୟା-୨/୨୪, ଯୁଧବୀର ସିଂ ଚରକ-୧/୨୪, ଯଶ ଠାକୁର-୧/୨୮)।

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୨ ଓଭରରେ ୧୮୫/୩ (ପ୍ରେରକ ମଙ୍କଡ-୬୪*, ନିକୋଲାସ୍ ପୁରନ୍-୪୪*, ମାର୍କସ୍ ଷ୍ଟୋଇନିସ୍-୪୦, ଗ୍ଲେନ୍ ଫିଲିପ୍ସ-୧/୧୦, ମୟଙ୍କ ମାର୍କଣ୍ଡେ-୧/୩୯, ଅଭିଷେକ ଶର୍ମା-୧/୪୨)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ବାଙ୍ଗାଲୋର**
ସ୍ଥାନ: ଜୟପୁର,
ସମୟ: ଅପରାହ୍ନ ୩.୩୦

**ଚେନ୍ନାଇ ବନାମ କୋଲକାତା**
ସ୍ଥାନ: ଚେନ୍ନାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ହାଇଦ୍ରାବାଦ ଦର୍ଶକଙ୍କ ଆକ୍ରୋଶ

**ହାଇଦ୍ରାବାଦ, ୧୩।୫(ପି.ଟି.):** ସନରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମ୍ୟାଚରେ ଦର୍ଶକଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଥିଲା। ଏକ ନୋ ବଲ୍‌କୁ ନେଇ ଏହି ବିବାଦ ଦେଖାଦେଇଥିଲା। ଆଭେଶ୍ ଖାନ୍ ବୋଲିଂ କରିଥିବା ଏକ ବିମରକୁ ଅନ୍ ଫିଲ୍ଡ ଅମ୍ପାୟର ନୋ ବଲ୍ ଦେଇ ନ ଥିଲେ। ଟିଭି ଅମ୍ପାୟର ମଧ୍ୟ ଏହି ବଲ୍‌କୁ ବୈଧ ବୋଲି ଘୋଷଣା କରିଥିଲେ। ଏହାପରେ ଦର୍ଶକ ଷ୍ଟାଣ୍ଡରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଲକ୍ଷ୍ନୌ ଡଗ୍ ଆଉଟ ପଛରେ ଥିବା ଷ୍ଟାଣ୍ଡରୁ ଦର୍ଶକ କୋହଲି, କୋହଲି ଚିତ୍କାର କରିଥିଲେ। ପରେ ଅମ୍ପାୟରଙ୍କ ହସ୍ତକ୍ଷେପ ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

# ପ୍ରଭସିମ୍‌ରନଙ୍କ ଶତକରେ ପଞ୍ଜାବ ବିଜୟୀ

**ନୂଆଦିଲ୍ଲୀ, ୧୩।୫**

ପ୍ରଭସିମରନ୍ ସିଂଙ୍କ ପ୍ରଥମ ଆଇପିଏଲ୍ ଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୩୧ ରନ୍‌ରେ ପରାସ୍ତ କରିଛି ପଞ୍ଜାବ କିଙ୍ଗ୍ସ। ୧୨ତମ ମ୍ୟାଚରୁ ଷଷ୍ଠ ବିଜୟ ସହ ପଞ୍ଜାବ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନକୁ ଉଠିଛି। ପଞ୍ଜାବ ୨୦ ଓଭରରେ ୭ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୨୦ ଓଭରରେ ୮ ଉଇକେଟ ହରାଇ ୧୩୬ ରନ୍ କରିଥିଲା। ଗୋଟିଏ ପଟରୁ ନିୟମିତ ବ୍ୟବଧାନରେ ଉଇକେଟ ପତନ ଘଟୁଥିବା ବେଳେ ପ୍ରଭସିମରନ୍ ୧୯ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ୧୬୭ ରନ୍‌ରୁ ସେ ଏକାକୀ ୧୦୩ ରନ୍ କରିଥିଲେ। ତାଙ୍କ ବ୍ୟତୀତ ସାମ୍ କୁରାନ୍ ୨୦ ରନ୍ କରିଥିବା ବେଳେ ସିକନ୍ଦର ରାଜା ୧୧ କେବଳ ଦୁଇ ଅଙ୍କ ସ୍କୋରରେ ପହଞ୍ଚି ପାରିଥିଲେ। ୬୫ ବଲ୍ ଖେଳିଥିବା ପ୍ରଭସିମରନ୍ ୧୦ ଚୌକା ଓ ୬ ଛକା ମାରିଥିଲେ। ଦିଲ୍ଲୀ ପକ୍ଷରୁ ଇଶାନ୍ତ ଶର୍ମା ପ୍ରଭାବୀ ବୋଲିଂ କରି ଦୁଇଟି ଉଇକେଟ ନେଇଥିଲେ। ଅକ୍ଷର ପଟେଲ, ପ୍ରବୀଣ ଦୁବେ, କୁଲଦୀପ ଯାଦବ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୮ ରନ୍‌ର ପିଛା କରୁଥିବା ଦିଲ୍ଲୀ ପକ୍ଷରୁ ଡେଭିଡ୍ ୱାର୍ନର(୫୪) ଓ ଫିଲ ସଲ୍ଟ(୨୧) ପ୍ରଥମ ଉଇକେଟରେ ୬୯ ରନ୍ ଯୋଡ଼ିଥିଲେ। ଏହାପରେ ହରପ୍ରୀତ୍ ବ୍ରାର୍ ଓ ରାହୁଲ ଚହର ନିଜ ମଧ୍ୟରେ ୬ ଉଇକେଟ ବାଣ୍ଟି ନେବାରୁ ପଞ୍ଜାବ ୧୯ ରନ୍‌ରେ ପରବର୍ତ୍ତୀ ୬ ଉଇକେଟ ହରାଇଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର୍ ୪ ଉଇକେଟ ନେଇଥିବା ବେଳେ ନାଥାନ ଏଲିସ ଓ ରାହୁଲ ଚହର ଦୁଇ ଉଇକେଟ ନେଇଥିଲେ।



ଶତକୀୟ ଇନିଂସ ଅବସରରେ ପ୍ରଭସିମ୍‌ରନ୍ ସିଂ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୬୭/୭ (ପ୍ରଭସିମ୍‌ରନ୍ ସିଂ-୧୦୩, ସାମ୍ କୁରାନ୍-୨୦, ସିକନ୍ଦର ରାଜା-୧୧, ଇଶାନ୍ତ ଶର୍ମା-୨/୨୭, ମୁକେଶ କୁମାର-୧/୩, ପ୍ରବୀଣ ଦୁବେ-୧/୧୯)।

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୩୬/୮(ଡେଭିଡ୍ ୱାର୍ନର-୫୪, ଫିଲ୍ ସଲ୍ଟ-୨୧, ଅମନ୍ ଖାନ୍-୧୬, ହରପ୍ରୀତ ବ୍ରାର-୪/୩୦, ରାହୁଲ ଚହର-୨/୧୬, ନାଥନ ଏଲିସ୍-୨/୨୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୮ | ୪ | ୧୬ | +୦.୭୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୭ | ୪ | ୧୫ | +୦.୪୯୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | -୦.୧୧୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୫ | ୧୩ | +୦.୩୦୯ |
| ରାଜସ୍ଥାନ ରୟାଲ୍ସ | ୧୨ | ୬ | ୬ | ୧୨ | +୦.୬୩୩ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | -୦.୨୬୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୫ | ୬ | ୧୦ | -୦.୩୪୫ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୩୫୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୪ | ୭ | ୮ | -୦.୪୭୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୪ | ୮ | ୮ | -୦.୬୮୬ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।




# ଝାଡ଼ଖଣ୍ଡ-ହରିୟାଣା ଫାଇନାଲ ମୁକାବିଲା

## ଜାତୀୟ ସବ୍‌ଜୁନିୟର ହକି

**ରାଉରକେଲା ଅଫିସ, ୧୩।୫:** ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ୧୩ ତମ ଜାତୀୟ ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ଅଷ୍ଟମ ଦିନରେ ୨ଟି ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଝାଡଖଣ୍ଡ ଓ ହରିୟାଣା ନିଜ ନିଜ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୨-୧ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା। ଝାଡ଼ଖଣ୍ଡ ଦଳ ପକ୍ଷରୁ ରସନି ଆଇଣ୍ଡ ପ୍ରଥମ କ୍ୱାର୍ଟରର ଦ୍ୱିତୀୟ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିବାବେଳେ ଜମୁନା କୁମାରୀ ୨୮ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ବନ୍ଦନା ପଟେଲ ୨୫ ମିନିଟ୍‌ରେ ୟୁପି ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଝାଡ଼ଖଣ୍ଡର ଗୋଲକିପର ଗାଙ୍ଗି ବାର୍ଲା ୫ଟି ପେନାଲ୍‌ଟି କର୍ଣ୍ଣରରୁ ୪ଟି ସେଭ୍ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆୟୋଜକ ଓଡିଶା ଓ ହରିୟାଣା ମଧ୍ୟରେ ଖେଳାଯାଇଥିଲା। ଏଥିରେ ହରିୟାଣା ଦଳ ୩-୧ ଗୋଲରେ ଓଡିଶାକୁ ପରାସ୍ତ କରିଥିଲା। ହରିୟାଣା ଦଳ ପକ୍ଷରୁ ଅଧିନାୟିକା ପୂଜା ୧୫ ମିନିଟ୍‌ରେ ପ୍ରଥମ ଗୋଲ କରିଥିଲେ। ଓଡିଶା ପକ୍ଷରୁ ଜ୍ୟୋତି ଖେସ ୪୨ ମିନିଟ୍‌ରେ ଏକ ଗାଲ ପରିଶୋଧ କରିଥିଲେ। ପରେ ହରିୟାଣା ପକ୍ଷରୁ ଶଶି ଖାସା ଓ ବୈଭବୀ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ୩-୧ ଗୋଲରେ ବିଜୟୀ କରି ଫାଇନାଲରେ ପ୍ରବେଶ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ